ନାଗ କନ୍ୟା



ବିଜୟ କୁମାର ରଣା

Digitized by
Deb's Library Corner

ମୀରା ପକେଟ୍ ବୁକ୍ସ

୧୯୬

ନାଗ କନ୍ୟା

(ପୁରୁଷ ଓ ନାରୀ ମନର ଭିନ୍ନ ଭିନ୍ନ ମନସ୍ତତ୍ୱ ଉପରେ ଆଧାରିତ ଏକ ଅଲୌକିକ ରହସ୍ୟ ଉପନ୍ୟାସ)

ଶ୍ରୀ ବିଜୟ କୁମାର ରଣା (ରହସ୍ୟ କୁମାର)

।। ମୀରା ପକେଟ୍ ବୁକ୍ସ ।।

ନାଗ କନ୍ୟା

ଲେଖକ :
ଶ୍ରୀ ବିଜୟ କୁମାର ରଣା (ରହସ୍ୟ କୁମାର)

ପ୍ରକାଶକ :
ଜନପ୍ରିୟ ପ୍ରକାଶନ, ବାଙ୍କିସାହି, କଟକ-୯
ଫୋନ୍ : ୨୪୧୭୯୮୧

ପ୍ରଥମ ସଂସ୍କରଣ : ଅଗଷ୍ଟ-୨୦୦୬

ଅକ୍ଷରସଜ୍ଜା :
ସନ୍ତୋଷ ଡି.ଟି.ପି., ବାଙ୍କିସାହି, କଟକ-୯

ମୁଦ୍ରଣ :
ରେଖା ପ୍ରେସ୍, ବାଙ୍କିସାହି, କଟକ-୯

ମୂଲ୍ୟ : ପନ୍ଦର ଟଙ୍କା ମାତ୍ର

NAGA KANYA

By

BIJAY KUMAR RANA (Rahashya Kumar)

Digitized by
Deb's Library Corner

Price : Rs. 15/-

ପଦେ ଅଧେ...

ଜଣେ ପୁରୁଷ, ଆଉ ଜଣେ ନାରୀ । ସେମାନେ ପରସ୍ପରକୁ ପ୍ରେମ କରନ୍ତି । ଏ, ପ୍ରେମ ଦିନେ ଓଳିଏର ନୁହେଁ । ଧୂଳିଖେଳର··· ବୟସ କ'ଣ ଜାଣିବା ପୂର୍ବର । ଦୀର୍ଘ କୋଡ଼ିଏ ବର୍ଷର । କିନ୍ତୁ; ସେମାନଙ୍କ ଭିତରେ ଥିଲା ଏକ ଅଦୃଶ୍ୟ ବ୍ୟବଧାନ । ସ୍ୱାର୍ଥ, ଲୋଭ, ଆସକ୍ତି ଭରପୁର ହୋଇ ରହିଥିଲା । କିନ୍ତୁ ପ୍ରେମିକାର ମନଥିଲା ଗୋଟାଏ ସରୀସୃପର । ଗୋଟାଏ ନାଗୁଣୀର । ଯେଉଁ ମନରେ ପ୍ରେମିକ ମନର ଉପରୋକ୍ତ ଦୁର୍ବଳତା ନଥିଲା । ପ୍ରେମର ପରିଭାଷା କହିଲେ ସେ ଜାଣୁଥିଲା, ବିଶ୍ୱାସ ଏବଂ ଭରସା ।

ଏହି ଭଳି, ଦୁଇଟି ବିପରୀତ ଧର୍ମୀ, ମନର କ'ଣ ମିଳନ ହୋଇ ପାରିଲା ? ଜାଣିବାକୁ ପାଠ କରନ୍ତୁ, ରହସ୍ୟ କୁମାରଙ୍କର ସଂପୂର୍ଣ୍ଣ ଭିନ୍ନ ସ୍ୱାଦର ଏକ ରହସ୍ୟମୟ, ଆଲୌକିକ ମନସ୍ତାତ୍ତ୍ୱିକ ଉପନ୍ୟାସ, "ନାଗକନ୍ୟା" ।

—ପ୍ରକାଶକ—

Digitized by
Deb's Library Corner

ସର୍ପିଳ ଗତିରେ ବହି ଯାଉଥିବା ଗିରି ଝରଣାର ସ୍ୱଚ୍ଛ ପିଠି ଉପରେ ନାଚି ଉଠିଲା ପୀତାମ୍ବରର ପ୍ରତିବିମ୍ବ । ଅଦୂରରୁ ଭାସି ଆସୁଥିଲା କୌଣସି ଏକ ଗୋପାଳର ବେଣୁତାନ । ବିଦାୟୀ ଗୋଧୂଳୀର ଅଙ୍ଗେ ଅଙ୍ଗେ ବୋଳି ଦେଉଥିଲା ଅସରନ୍ତି ଶିହରଣ ।

ଅନ୍ଧକାର ଗ୍ରାସିବା ପୂର୍ବରୁ ଶାବକଗଣ, ସ୍ୱ, ସ୍ୱ ନୀଡ଼ରେ ପହଞ୍ଚିଯିବା ପାଇଁ ପ୍ରତିଯୋଗିତା ଆରମ୍ଭ କରି ଦେଇଥିଲେ । ନିର୍ଜନ ପରିବେଶରେ ଝରଣାର ମଧୁ କଲ୍ଲୋଳ ନୃତ୍ୟରତା ନର୍ତ୍ତକୀର ନୂପୁର ନିକ୍ୱଣ ପରି ଗୁଞ୍ଜରୀ ଉଠୁଥିଲା ।

ଏକ ବଣଚମ୍ପା ବୃକ୍ଷର ନିମ୍ନଦେଶରେ ଉପବେଶନ କରି ଧ୍ୟାନମଗ୍ନ ଋଷି ପରି ଝରଣାର ବକ୍ଷଦେଶକୁ ଚାହିଁଥିଲା ପୀତାମ୍ବର । କିନ୍ତୁ ମନ ଚଢ଼େଇ ଉଡ଼ି ଯାଇଥିଲା ବହୁ ଦୂରକୁ । ମାନସ ଚକ୍ଷୁରେ ଦେଖି ପାରୁଥିଲା, ଅନ୍ୟ ଏକ ଜଗତର ଚିତ୍ରପଟ୍ଟ ।

ସେ ଏକ ସୁନ୍ଦର ଜଗତ···

ଯେଉଁଠି, ଜରାନାହିଁ, ବ୍ୟାଧିନାହିଁ, ମୃତ୍ୟୁ ବି ନାହିଁ । ଯେଉଁଠି କ୍ଷୁଧା ଲାଗେନା, ତୃଷା ଆସେନା··· କ୍ଳାନ୍ତି ବୋଧ ହୁଏନା··· କିନ୍ତୁ !!

ହଠାତ୍ କ'ଣ ଗୋଟାଏ ସର୍ପପରି ତା'ଗଳାରେ ଲମ୍ବିଗଲା । କ୍ଷଣକ ପାଇଁ ଚମକି ଉଠିଲା ପୀତାମ୍ବର । କିନ୍ତୁ; ପରକ୍ଷଣରେ ତା' ଭ୍ରମ ଦୂର ହେଲା ।

ତାହା ସର୍ପ ନୁହେଁ । ଗୋଟାଏ ହାର···

ବାସ୍ନା ଫୁଲର ହାର ।

ଝରଣା ଜଳ ଉପରେ ପ୍ରତିଫଳିତ ହୋଇଉଠିଲା ଦୁଇଟି ଅସ୍ପଷ୍ଟ ଚିତ୍ରପଟ୍ଟ । ଗୋଟିଏ ପୀତାମ୍ବରର, ଅନ୍ୟଟିଏକ ସର୍ପାକୃତି କଳାବେଣୀର । ଝରଣାର ଲହରୀ ସହିତ ସେ କଳାବେଣୀ ପହଁରି ଖେଳୁଥିଲା । ଆଉ ଗୋଟିଏ ନାଗୁଣୀ ପରି ପୀତାମ୍ବରର ଅସ୍ପଷ୍ଟ ପ୍ରତିବିମ୍ବକୁ ବାରମ୍ବାର ଦଂଶନ କରୁଥିଲା ।

ପୀତାମ୍ବରର ଶରୀରରେ ଏକ ଶିହରଣ ଖେଳି ଗଲା···

ଭିନ୍ନ ସ୍ୱାଦର ଶିହରଣ··· । ସେ, ସ୍ୱାଦ ଉତ୍ତେଜନାର ଅଥବା ଭୟର, ତାହା ନିର୍ଣ୍ଣୟ କରିବା ଶକ୍ତି ତା'ର ନଥିଲା ।

ସେ, କେବଳ ଏତିକି ଜାଣିଥିଲା, ପ୍ରତ୍ୟେକଟି ଗୋଧୂଳି ବେଳାରେ ତା' ଶରୀରରେ ଏହିପରି ଅହେତୁକ ସ୍ପନ୍ଦନ ଜାଗ୍ରତ ହୁଏ । ସେ ସ୍ପନ୍ଦନର ସ୍ପର୍ଶ ଏକ ବିଷାକ୍ତ ନାଗୁଣୀର ଦଂଶନଠାରୁ ଆହୁରି ତୀବ୍ର ହେଲେ ବି, ତା'ର

ଧ୍ୱନି ଅତି ମଧୁର । ଆଉ ସେ ସ୍ୱାଦ ପୃଥିବୀର ପ୍ରତ୍ୟେକ ସ୍ୱାଦଠାରୁ ସ୍ୱତନ୍ତ, ଭିନ୍ନ । ଏଣୁ ଶତଚେଷ୍ଟା କରି ସୁଦ୍ଧା, ତାକୁ ଉପେକ୍ଷା କରିପାରି ନାହିଁ ପୀତାମ୍ବର, ପାରିବ କି ନାହିଁ ତାହା ମଧ୍ୟ ସନ୍ଦେହ ।

ଛୋଟ ପଥରଖଣ୍ଡ ଉଠାଇ ଯୁଗଳ ପ୍ରତିବିମ୍ବକୁ ନିକ୍ଷେପ କଲା ସେ ।

ପ୍ରତିବିମ୍ବ ଚହଲୀ ଗଲା । ଛୋଟ ଝରଣାର ଛୋଟ ଛୋଟ ଢେଉ ଦେହରେ ସଂପୂର୍ଣ୍ଣ ବିକ୍ଷିପ୍ତ ହୋଇଗଲା, ଆଉ ଠିକ୍ ସେତିକି ବେଳେ ଦୁଇଟି ଲମ୍ବ, ପତଳା, ହଳଦୀ ବୋଳା ହାତ ପୀତାମ୍ବରର ଗଳା ଦୁଇ ପାଖରେ ଲମ୍ବି ଆସିଲା ।

ଅଧୋମୁଖ ହୋଇ ପୀତାମ୍ବର ସେ ସୁନ୍ଦର କୋମଳ ହାତ ଦୁଇଟିକୁ ଚାହିଁ ରହିଲା । ଲକ୍ଷ୍ୟ କଲା, ସେ ହାତର ଚମ୍ପକ ଆଙ୍ଗୁଳୀଗୁଡ଼ିକୁ । ଅନୁଭବ କଲା ତା'ର ମୃଦୁ ସଂଚାଳନକୁ ।

ମସୃଣ··· ମୁଲାୟମ···, ଲମ୍ବା ଲମ୍ବା ଅଙ୍ଗୁଳୀ । ପଲିସ୍ ଦିଆ··· ସାଇଜ୍ କରା ନଖ, ପାପୁଲୀ ଏବଂ ତା ପିଠି ଉପରେ ମେହେନ୍ଦୀର ଅପୂର୍ବ ବର୍ଣ୍ଣାବଳୀ ଶତଦଳ ଚକ୍ରର ଗୋଲ ଗୋଲ ବିନ୍ଥା, ଚକ୍ରତଳକୁ ପରାଗ ରେଣୁ ଭଳି ଅନେକ ଛୋଟ ଛୋଟ ବିନ୍ଦୁ । ଆରକ୍ତ ଏବଂ ଗୋଚିନା ଉଭୟ ନାଗରେ ରଞ୍ଜିତ ।

ସେ ମେହେନ୍ଦୀ ବୋଳା ପାପୁଲୀ ଦୁଇଟି ଅର୍ଦ୍ଧ ଉନ୍ମୀଳତ ହୋଇ ପୀତାମ୍ବର ଚକ୍ଷୁ ସମ୍ମୁଖରେ ଏପାଖ ସେପାଖ ହୋଇ ଝୁଲିବାରେ ଲାଗିଥିଲେ ।

କୌତୁକ ପୂର୍ଣ୍ଣ ନେତ୍ରରେ ପୀତାମ୍ବର ଚାହିଁ ରହିଲା କିଛି ସମୟ; କିନ୍ତୁ ହଠାତ୍ ତା' ଧାରଣା ବଦଳିଗଲା ।

ଦେଖାଦେଲା ଏକ ଆଶଂକା··· ଏକ ସନ୍ଦେହ···

ତାକୁ ଜଣାଗଲା, ସେ ଦୁଇଟି ହାତର ପାପୁଲି ନୁହେ, ବରଂ ଦୁଇଟି ନାଗ, ନାଗୁଣୀ ଫଣା ଉତ୍ତୋଳନ କରି ବେଶ୍ ଆରାମରେ ଖେଳୁଛନ୍ତି··· କୌତୁକ ହେଉଛନ୍ତି··· ।

ଆଉ ସେ ନିଜେ ଗୋଟାଏ ସାପୁଆ କେଳା । ତା' ଅନ୍ତରର ସେହି ଭିନ୍ନ ସ୍ୱାଦର ଶିହରଣ, ନାଗେଶ୍ୱର ବାଜା ପରି ବାଜି ଉଠୁଛି, ଯାହାର ଧ୍ୱନି ଆଉ କେହି ନଶୁଣନ୍ତି, ଏଇ ମେହେନ୍ଦୀ ବୋଳା ହାତ ଦୁଇଟି ବେଶ୍ ଶୁଣି ପାରୁଛନ୍ତି··· ଏବଂ, ସମତାଳରେ ନାଚି ଉଠୁଛନ୍ତି ।

ନିଜର ସମସ୍ତ ଶକ୍ତି ଖଟାଇ, ଗଳାରେ ଝୁଲୁଥିବା ହାତ ଦୁଇଟିକୁ ଟାଣି ଧରିଲା ପିତାମ୍ବର । ତା'ପରେ ଆସ୍ତେ ଆସ୍ତେ ଗଳାରୁ ବାହାର କରି, ଟାଣି ଆଣିଲା ସାମନାକୁ ।

ସେ ସୁନ୍ଦର ହାତ ଦୁଇଟା ଥିଲା, ତା ପ୍ରିୟତମା ପଦ୍ମଗନ୍ଧାର···

ପଦ୍ମଗନ୍ଧା ଲଥ୍‌କିନା ତା' ପାଖରେ ବସିଗଲା ।

ଝରଣାର ଜଳଉପରେ ପୁଣିଥରେ ଝଲସି ଉଠିଲା ପ୍ରତିବିମ୍ବ । ପୂର୍ବର ସେ ଅବୁଝା ପ୍ରେମିକ ଓ ପ୍ରେମିକାର ଯୁଗଳ ପ୍ରତିବିମ୍ବ ।

: ତୁମର ଆଜି କ'ଣ ହୋଇଛି··· ?

ରସୋତୀର୍ଣ୍ଣ କଣ୍ଠରେ ପଚାରିଲା ପଦ୍ମଗନ୍ଧା···

ହସିବାକୁ ଚେଷ୍ଟାକଲା ପୀତାମ୍ବର···

: କାହିଁ··· ! କିଛି ନାହିଁ ତ !···

: ଦେଖିଲ ମୋ ହାତ ଦୁଇଟାକୁ, କେତେ ଯତ୍ନରେ ମୁଁ ମେହେନ୍ଦୀ ମାଖିଛି··· ଚିତା କୁଟେଇଛି···। ତୁମକୁ ସୁନ୍ଦର ଦେଖାଯାଉଛି ନା··· ?

ଚମକି ଉଠିଲା ପୀତାମ୍ବର···

: ସୁନ୍ଦର··· ଅତିସୁନ୍ଦର··· ।

: ଆଉ, ମୋର ଏ କୃଷ୍ଣ କବରୀ ? ଜାଣିଛ ନା··· ମୋ ଧାଈ ମାଆକୁ ଏ କବରୀ ସଜାଡ଼ିବା ପାଇଁ ପୂରା ଘଣ୍ଟାଏ ଲାଗିଲା ।

ସହଜ ହେବାକୁ ଚେଷ୍ଟା କଲା ପୀତାମ୍ବର···

: ଧାଈ ମା' ତା' ହାତର ସମସ୍ତ କୌଶଳ ତୁମର ଏ କବରୀ ବନ୍ଧାରେ ସାରି ଦେଇଛି ବୋଧ ହୁଏ··· ସୁନ୍ଦର ନହେବ କିପରି ?

: ଫୁଲ ହାରଟି, ମୁଁ ନିଜ ହାତରେ ଗୁନ୍ଥିଛି । କେବଳ ତୁମରି ପାଇଁ । ଆମ ବଗିଚାରେ ଯେତେ ସୁନ୍ଦର ଆଉ ବାସ୍ନା ଫୁଲ ଥିଲା, ସବୁ ତୋଳି ଆଣିଥିଲି ।

: ହୁଁ··· ।

: କ'ଣ ହୁଁ ? ମୋର ଏତେ ସ୍ନେହ, ସରାଗ, ସବୁ ଖାଲି ଗୋଟିଏ 'ହୁଁ'ରେ ସରିଗଲା··· ?

ନୀରବ ରହିଲା ପୀତାମ୍ବର···

ବୋଧହୁଏ ଉତ୍ତର ଖୋଜୁଥିଲା; କିନ୍ତୁ ପାଉନଥିଲା ।

ଆଉ ଟିକିଏ ଝୁଙ୍କି ପଡ଼ିଲା ପଦ୍ମଗନ୍ଧା···

: ତୁମେ ନିଶ୍ଚୟ କିଛି ଭାବୁଛ । ସେ ଭାବନାଟା ଅତି ଗୁରୁତ୍ୱ ପୂର୍ଣ୍ଣ ହୋଇଥିବ କ'ଣ ଠିକ୍ କହିଛି ନା ? ମତେ କହିବନି, କ'ଣ ଭାବୁଛ ?

ଦୀର୍ଘ ନିଶ୍ୱାସ ତ୍ୟାଗ କଲା ପୀତାମ୍ବର ।

: ପଦ୍ମା, ଶୟନେ, ସ୍ୱପନେ ଅଥବା ଜାଗରଣେ, ମୁଁ କେବଳ ଜଣକ କଥା ଭାବେ । ଆଉ, ସେ ଜଣକ ହେଉଛ ତୁମେ । ତୁମକୁ ବାଦ୍ ଦେଇ ମୁଁ କ'ଣ କେବେ କିଛି ଚିନ୍ତା କରିପାରେ ? କିନ୍ତୁ···

: କିଛି ସନ୍ଦେହ ରହିଯାଇଛି··· ?

: ନା··· ନା··· ପଦ୍ମା··· । ସନ୍ଦେହ ନୁହେଁ··· ଅବିଶ୍ୱାସ ମଧ୍ୟ ନୁହେଁ··· କିନ୍ତୁ ବେଳେ ବେଳେ ମୋର ଭୟ ହୁଏ···

: ଭୟ !

: ହଁ, ଆମର ସ୍ୱପ୍ନ ଯଦି କେବେ ଭାଙ୍ଗିଯାଏ··· !

ପାଖରୁ ଉଠିଗଲା ପଦ୍ମଗନ୍ଧା । ଆଘାତ ପ୍ରାପ୍ତ କଣ୍ଠରେ କହିଲା···

: ତୁମେ ଭୀରୁ, କା' ପୁରୁଷ । ତୁମର ମନସ୍ଥିର ନୁହେଁ, ଚଞ୍ଚଳ । ନିଜ ଉପରେ ତମର ଆସ୍ଥା ନାହିଁ । ଯିଏ ଦିବା ସ୍ୱପ୍ନ ଦେଖେ, ତା' ସ୍ୱପ୍ନ ଭାଙ୍ଗିଯାଏ । କିନ୍ତୁ

ମନେ ରଖ ମୋ ସ୍ୱପ୍ନ ଦିବାସ୍ୱପ୍ନ ପରି କ୍ଷଣସ୍ଥାୟୀ ନୁହେଁ ବରଂ ସୂର୍ଯ୍ୟାଲୋକ ପରି ଉଜ୍ଜ୍ୱଳ... ସତ୍ୟ... ଶକ୍ତିମୟ ।

ପୀତାମ୍ବର ପଦ୍ମଗନ୍ଧାର ହାତକୁ ଟାଣି ଧରି କୋମଳ କଣ୍ଠରେ କହିଲା...

: ଗନ୍ଧା, କଥା କଥାକେ ତୁମର ଅଭିମାନ, ମୋ, ଭୟର କାରଣ ଠିକ୍ ଏଇଆ ନୁହେଁ । କୌଣସି ଉପାୟରେ, ହୃଦୟକୁ ଯଦି ଦେଖାଇ ହୁଅନ୍ତା, ତେବେ, ମୁଁ ତୁମକୁ ଦେଖାଇ ଦିଅନ୍ତି, ଏ, ହୃଦୟରେ, ତୁମ ପ୍ରତିଛବି, ଏତେ ନିଖୁଣ ଭାବରେ ଅଙ୍କିତ ହୋଇ ସାରିଛି, ଯେ ଶତଚେଷ୍ଟା କଲେ ସୁଦ୍ଧା ତାହା ଲିଭିବ ନାହିଁ । ସେ ଏକ ଅଲିଭା ଚିତ୍ରପଟ ଗନ୍ଧା... ।

: କୌଣସି କାବ୍ୟର ଭାଷା ପଢୁ ନାହିଁ ତ !!

: ବିଶ୍ୱାସ କର...

: ଅବିଶ୍ୱାସ କରିବାର ଅବକାଶ ଆସିଲା କେଉଁଠୁ ? ତୁମେ ତୁମ ଅନ୍ତରର ଭାଷାକୁହ, ଅଥବା ମେଘଦୂତ, କୁମାର ସମ୍ଭବର ପଂକ୍ତି ପାଠ କର । ତୁମର ଏଇ ମିଠାକଥା ମତେ ପାଗଳୀ କରି ଦେଇଛି । ତୁମ ଭାଷାର ଅର୍ଥ ବୁଝିବା ମୋ ପରି ଏକ ଅପାଠୋଇ ଝିଅ ପାଖରେ ଆଦୌ ସମ୍ଭବ ନୁହେଁ । ତଥାପି ତୁମର ଏ ମଧୁବୋଲା କଥା କେଇ ପଦରେ କି ଯାଦୁ ଅଛି କେଜାଣି, ଥରେ ନ ଶୁଣିଲେ ମୁଁ ପାଗଳୀ ହୋଇଯାଏ । ତୁମର ଏ ଶାନ୍ତ ପ୍ରଶାନ୍ତ ସୁନ୍ଦର ମୁଖଶ୍ରୀ, ଦିନଟିଏ ଦର୍ଶନ କଲେ ମୋ ମୁଖର ସମସ୍ତ ଜ୍ୟୋତି ମଉଳି ଆସିଲା ପରି

ଲାଗେ । ତୁମେ ମୋର ଏକାନ୍ତ ମଣିଷ ପୀତାମ୍ବର; କିନ୍ତୁ ତୁମର ଏ ଉଦାସୀନତା, ଅନ୍ୟମନସ୍କତା, ବେଳେ ବେଳେ ମୋ ମନରେ ସନ୍ଦେହ ଆଣିଦିଏ । ମନେ ହୁଏ ତୁମେ ଶକ୍ତିହୀନ··· ଭୀରୁ··· କା ପୁରୁଷ··· ।

ଅସ୍ପଷ୍ଟ ଚିତ୍କାର କଲା ପୀତାମ୍ବର···

: ପଦ୍ମଗନ୍ଧା !!

: ନା, ମୋ ପ୍ରିୟତମ ଭୀରୁ ନୁହଁନ୍ତି··· ଦୁର୍ବଳ ନୁହଁନ୍ତି··· । ମତେ କ୍ଷମା କରି ଦିଅ ପ୍ରିୟ । ମୁଁ ତୁମକୁ ଆକ୍ଷେପ କରିଛି··· ଅବିଶ୍ୱାସ କରିଛି··· ।

ବନଲତାଟିଏ ପରି ପୀତାମ୍ବର ବିଶାଳ ବକ୍ଷରେ ଲୋଟିଗଲା ପଦ୍ମଗନ୍ଧା । ପିତାମ୍ବର ତାକୁ ଖୁବ୍ ଜୋରରେ ଜାବୁଡ଼ି ଧରିଲା···

ଝରଣାର ଫିକା ଫିକା ଦର୍ପଣରେ ଝଲସି ଉଠିଲା କେବଳ ଦୁଇଟି ରେଖାକୃତି ଛାୟାକୃତି ।

ସତେ ଯେପରି ଦୁଇଟି କଳା ସର୍ପ ପରସ୍ପର ଦେହରେ ଛନ୍ଦି ହୋଇ ଅଳସ ଭାଙ୍ଗିବାରେ ଲାଗିଛନ୍ତି··· ।

ମନ୍ଦିରର ଘଣ୍ଟା ଧ୍ୱନି ସେମାନଙ୍କର ଧ୍ୟାନ ଭଙ୍ଗକଲା । ଶାଢ଼ୀକୁ ସଜାଡୁ ସଜାଡୁ ଗନ୍ଧା କହିଲା··· ଆରତୀର ସମୟ ଗଡ଼ି ଯାଉଛି । ପୂଜାରୀ ବାବା ଘଣ୍ଟା ବଜାଇ ସଂକେତ ଦେଲେ ବୋଧ ହୁଏ । ଆସ, ମନ୍ଦିରକୁ ଯିବା ।

ପୀତାମ୍ବର କଣ୍ଠରେ ନକାରାତ୍ମକ ଶବ୍ଦ ଶୁଣାଗଲା···

: ସନ୍ଧ୍ୟା ନଇଁଲାଣି । ଆରତୀରେ ଯୋଗଦେଲେ ବିଳମ୍ବ ହୋଇପାରେ । ତୁମ ଘରେ ବିରକ୍ତ ହେବେ ନାହିଁ ତ !!

ହସି ଉଠିଲା ପଦ୍ମଗନ୍ଧା…

: ତୁମେ ଖୁବ୍ ପିଲା । ଶିଶୁ… ଅବୋଧ… ବାଳକ… । ସେଇଥି ପାଇଁ ମୁଁ ତୁମକୁ ଏତେ ଶୀଘ୍ର ଆପଣାର କରି ନେଲି…

: ମାନେ… ?

: ଆଜି ମନ୍ଦିର ପାଖକୁ ଆସିବା ପାଇଁ, ମୁଁ କାହିଁକି ଖ୍ବର ପଠାଇଥିଲି ଜାଣି ପାରିଲ ନାହିଁ… ?

: ସତେତ !! ମୁଁ ଭୁଲି ଯାଇଥିଲି କୁହ କାହିଁକି ଖବର ପଠାଇଥିଲି ଜାଣି ପାରିଲ ନାହିଁ… ?

: ମନ୍ଦିରକୁ ଗଲେ, ଆପେ ଆପେ ସବୁ ଜାଣିଯିବ ।

ଚିନ୍ତାନ୍ୱିତ ହୋଇ ଉଠିଲା ପୀତାମ୍ବର… ।

ମନେ ମେନ ଭାବିଲା, ପଦ୍ମ କ'ଣ ଏତେ ଶୀଘ୍ର କିଛି ଗୋଟାଏ ସିଦ୍ଧାନ୍ତ ନେଇ ଗଲା ? ଆଉ କିଛି ଦିନ ଅପେକ୍ଷା କରି ପାରିଲା ନାହିଁ ?

ତା' ଭାରାକ୍ରାନ୍ତ ମୁଖ ମଣ୍ଡଳକୁ ଦେଖି ପଦ୍ମଗନ୍ଧ ଦାନ୍ତ ଚିପି ହସିଲା…

: କାରଣଟା ଖୋଜି ପାଉ ନାହଁ ତ ? କେମିତି ପାଇବ ? ଟାହାଲୀରେ ପିଲାଙ୍କୁ ପାଠସିନା ପଢ଼ାଉଛ; ହେଲେ ଏ ଦୁନିଆଁ ସଂପର୍କରେ ତୁମର ଟିକିଏ ସୁଦ୍ଧ

ଧାରଣା ନାହିଁ । ତୁମକୁ ନେଇ ମୁଁ କେମିତି ଘର କରିବି କେଜାଣି ? ମନ୍ଦିରକୁ ଚାଲ ଡକାଇବାର କାରଣଟା ମୁଁ ରାସ୍ତାରେ କହିଦେବି ।

: ହଉ··· ଚାଲ··· ।

ଦ୍ୱନ୍ଦ୍ୱତା ଭିତରେ ପଦ୍ମଗନ୍ଧାର ହାତଧରି ମନ୍ଦିର ଆଡ଼କୁ ଧୀରେ ଧୀରେ ଆଗେଇଲା ପୀତାମ୍ବର ।

ତାଳ ତମାଳ କ୍ରୋଡ଼ରେ ଅନ୍ଧକାର ଗାଢ଼ ହୋଇ ଆସୁଥିଲା ସେତେବେଳେ ।

ଆଜି ତିଥି କ'ଣ ଜାଣିଛ ?

: ଇଂରାଜୀ କ୍ୟାଲେଣ୍ଡର ବାହାରିବାଠାରୁ ତିଥି, ନକ୍ଷତ୍ର ହିସାବ କିଏ ରଖୁଛି ? ଆଜି ଅକ୍ଟୋବର ସତେଇଶ ତାରିଖ··· । ବାସ୍···

ଖିଲି ଖିଲି ହୋଇ ହସି ଉଠିଲା ଗନ୍ଧା···

: ତୁମକୁ ଚାହାଳୀରେ ଅବଧାନ କିଏ କଲା କେଜାଣି ? ଆଜି ହେଉଛି କାର୍ତ୍ତିକ କୃଷ୍ଣପକ୍ଷ ତୃତୀୟା ନାଗଚତୁର୍ଥୀ···

: ଓ···! ଏବେ ବୁଝି ପାରିଲି । ବର୍ଷକରେ ତୁମେ ମାତ୍ର ଗୋଟିଏ ବ୍ରତ ପାଳନ କର, ଆଉ ସେ

ବ୍ରତ ହେଉଛି ନାଗଚତୁର୍ଥୀ । ନାଗ ଦେବତାଙ୍କ ଉପରେ ତୁମର ଅଖଣ୍ଡ ବିଶ୍ୱାସ କି ନା··· ।

ଗନ୍ଧା ଗମ୍ଭୀର ହୋଇ ଉଠିଲା···

: କେମିତି ବିଶ୍ୱାସ ନ ହେବ ପୀତାମ୍ବର ? ପିଲାଦିନ କଥା କ'ଣ ଭୁଲିଗଲ··· ?

ପ୍ରକୃତିସ୍ଥ ହେଲା ପିତାମ୍ବର ।

: ଯାହା କେବେ ଭୁଲିବାର ନୁହେଁ, ଭୁଲିବି କେମିତି ? ଅତୀତର ସେ ସ୍ମୃତି ଭୟାବହ ହେଲେବି, ଆମ ଦୁହିଁଙ୍କ ଜୀବନର ପ୍ରଥମ ସ୍ମାରକୀ । ଏବେ ମଧ୍ୟ ମନ ଭିତରେ ସତେଜ ହୋଇ ରହିଛି । ମତେ ହୋଇଥିଲା ଦଶବର୍ଷ, ଆଉ ତୁମକୁ ଆଠବର୍ଷ । ଚାହାଳୀରୁ ଫେରିବା ରାସ୍ତାରେ ଆମେ ଦୁହେଁ ଏଇ ମଣିନାଗଙ୍କ ମନ୍ଦିରରେ କିଛି ସମୟ···

: ବସୁଥିଲେ··· ଝରଣାର ଥଣ୍ଡାଜଳ ଆକଣ୍ଠ ପାନ କରୁଥିଲେ । ବନଫୁଲ ତୋଳି ମଣିନାଥଙ୍କ ଫଣା ଉପରେ ରଖି ମୁଣ୍ଡିଆ ମାରୁ ଥିଲେ । ନିଜ ନିଜର ମନ କଥା ଜଣାଉଥିଲେ ।

ଅତୀତକୁ ଘୁଞ୍ଚି ଗଲା ପଦ୍ମଗନ୍ଧା··· ।

ଭାବ ବିହ୍ୱୋଳା ହୋଇ କହିଲା···

: ପୀତାମ୍ବର···, ଆଠ ବର୍ଷ ବୟସରୁ ମୋ ମନରେ ସେଇ ଗୋଟିଏ ଅଭିଳାଷ ଥିଲା ତୁମର ସାନିଧ୍ୟ ଲାଭ କରିବା । ମଣିନାଥ ଦେବତାଙ୍କୁ ମୁଁ ମୋ ବିଷୟରେ କମ୍ କୁହେଁ, ଯାହା କହେ, ତୁମ ପାଇଁ, ଯାହା ମାଗେ କେବଳ ତୁମ ମଙ୍ଗଳ ପାଇଁ ।

: ସତରେ !!

: ହଁ, ଏକଦମ୍ ସତ୍ୟ । କ'ଣ ମାଗେ ଜାଣିଛ ? ମାଗେ, "ହେ, ନାଗଦେବତା, ମୋ ପୀତାମ୍ବରଙ୍କୁ ବୁଦ୍ଧି ଦିଅ, ଶକ୍ତିଦିଅ, ଜୀବନର ଚଲାପଥରେ ସେ ହାରି ନଯାଆନ୍ତୁ । ମୋ ହାତକୁ ଦୃଢ଼ ଭାବରେ ଧରି ବାଟ ଚାଲନ୍ତୁ । କୌଣସି ପ୍ରଲୋଭନ ତାଙ୍କୁ ପଥଭ୍ରଷ୍ଟ ନକରୁ, କୌଣସି ବିପଦ ଧୈର୍ଯ୍ୟହରା ନକରୁ...

ସ୍ନେହର ମାତ୍ରା ମାତ୍ରାଧିକ ହୋଇଗଲା ।

ପଦ୍ମଗନ୍ଧାର ଭାବନା ସହିତ, ନିଜ ଭାବନାକୁ ସଂଯୋଗ କରି ଦେଲା ପୀତାମ୍ବର ।

: କେବଳ ତୁମରି ବିଶ୍ୱାସ ମତେ ବଞ୍ଚାଇ ରଖିଛି ପଦ୍ମା । ମରିଥିଲେ ଆଜକୁ ଗୋଟାଏ ଯୁଗ ଅତିବାହିତ ହୋଇ ସାରନ୍ତାଣି ।

ଚମକି ଉଠି, ପୀତାମ୍ବର ପାଟିକୁ ଚାପି ଧରିଲା ପଦ୍ମଗନ୍ଧା...

: ନା, ଗୋ ନା' ସେମିତି କୁହନା, ହୁଏତ ମୁଁ ମରି ଯାଇପାରେ, କିନ୍ତୁ ତୁମ ଦେହରେ କେହି ଚିପ ଦେଇ ପାରିବେ ନାହିଁ । ମୋର ଏତେ ପୂଜା, ଏତେ ଆରାଧନା ତା'ର କ'ଣ କିଛି ମୂଲ୍ୟ ନାହିଁ ?

ସ୍ମିତ ହସିଲା ପୀତାମ୍ବର...

: ତଥାପି ପନ୍ଦର ବର୍ଷ ତଳର ସେଇ ଦୁର୍ଘଟଣାକୁ ଉପେକ୍ଷା କରି ହେବ ନାହିଁ ପଦ୍ମା । ମାତ୍ର ଆଠ ବର୍ଷ ବୟସରେ ତୁମେ ଯେଉଁ ସାହାସର ପରାକାଷ୍ଠା ଦେଖାଇ ଥିଲ...

କ୍ଷଣିକ ପାଇଁ ଦୁହେଁ ଖସି ଚାଲିଗଲେ ପନ୍ଦର ବର୍ଷ ତଳକୁ ।

ଦୁହେଁ ଥିଲେ ବାଲ୍ୟ ସାଥୀ । ଦୁହିଁଙ୍କ ପରିବାର ଭିତରେ ଥିଲା ଆତ୍ମୀୟତା, ଘନିଷ୍ଠତା । ପଦ୍ମାର ପିତାଥିଲେ ଜମିଦାର, ଆଉ ପୀତାମ୍ବରର ପିତାଥିଲେ ତାଙ୍କର ବିଶ୍ୱସ୍ତ ଗୁମାସ୍ତା । କିନ୍ତୁ; ଅବୋଧ ବାଳକ ବାଳିକା ଦ୍ୱୟ ଜାଣିନଥିଲେ ମାଲିକ ଆଉ ନୌକରର ପରିଭାଷା କ'ଣ । ଅପର ପାର୍ଶ୍ୱରେ ଜନନୀ ଦ୍ୱୟଙ୍କ ହୃଦୟ ଥିଲା ଅତି କୋମଳ । ସେଇ ଜନନୀ ଦ୍ୱୟଙ୍କ ସ୍ନେହ ଆଶୀର୍ବାଦକୁ ପାଥେୟ କରି ଦୁଇଟି ମନୁଷ୍ୟ ଶିଶୁ ପକ୍ଷୀ ଶାବକ ଭଳି ପ୍ରକୃତି କ୍ରୋଡ଼ରେ ହସି, ଖେଳି, ସାନରୁ ବଡ଼ ହୋଇଥିଲେ ।

ହସିବା ଆଉ ଖେଳିବା ଥିଲା ସେ ଦୁହିଁଙ୍କର ପ୍ରଧାନ କାମ । ଏକାଠି ତାହାଙ୍କୀ ଯାଆନ୍ତି । ଫେରିବା ବାଟରେ ମଣିନାଗ ଦେବତାଙ୍କ ମନ୍ଦିର ପଡ଼େ । ବେଶ୍ ସୁନ୍ଦର ପ୍ରାକୃତିକ ମନଲୋଭା ପରିବେଶ ।

ପାର୍ଶ୍ୱଦେଶରେ ଗିରି, ଝରଣା । ଚତୁଃପାର୍ଶ୍ୱରେ ଜାତି ଜାତିକା ବଣୁଆ ଫୁଲ । ପଛ ପାଖରେ ସବୁଜ ପାହାଡ଼ । ମନ୍ଦିର ବେଢ଼ା ଭିତରେ ଗୁଆ, ନାରିକେଳ, ପୁନ୍ନାଗ, ଚମ୍ପା ଓ ଗଙ୍ଗ ଶିଉଳୀ ବୃକ୍ଷର ଅପୂର୍ବ ସମାବେଶ ।

ବନ ଉପବନରେ କୋକିଳର ମଧୁ କୁହୁତାନ । ରଙ୍ଗ ବେରଙ୍ଗ ପ୍ରଜାପତିର ସୁଗନ୍ଧିତ ପୁଷ୍ପ ସହିତ ତୋରା

ପ୍ରୀତିଦାନ, ମଧୁମକ୍ଷିର ମଧୁର ଗୁଞ୍ଜନ, ତା' ସହିତ ପାହାଡ଼ୀ କନ୍ୟା ଝରଣାର ମନ ଖୋଲା ହସ...

ଦୁହେଁ ଘଡ଼ିଏ ବସନ୍ତି । ବନ ଫୁଲ ତୋଳି ମଣିନାଗଙ୍କୁ ପୁଷ୍ପାଞ୍ଜଳୀ ଦିଅନ୍ତି । ସମୟଥିଲେ, ମଧୁମାଳତୀ କୁଞ୍ଜରେ ବାଲିଘର ତୋଳନ୍ତି ।

ମନେ ପଡ଼େ ସେଦିନର କଥା...

ଅବଧାନଙ୍କ ଦେହ ଅସୁସ୍ଥ ଥିବା ହେତୁ ଚାହାଳୀରୁ ଚଞ୍ଚଳ ଛୁଟି ମିଳିଗଲା । ହାତରେ ବହୁତ ସମୟ । ଘରକୁ ଯାଇ କରିବେ ବା କ'ଣ ? ଏଇ ବୟସରେ ସମୟ ମିଳିଲେ, ସିଧାସଳଖ ଆଖି ଚାଲିଯାଏ । ଖେଳର ଦୁନିଆଁ ଭିତରକୁ ।

ପୁନଶ୍ଚ ଖେଳିବା ପାଇଁ ଖୋଲାସ୍ଥାନ, ଉପଯୁକ୍ତ ପରିବେଶ ଦରକାର । ସେଭଳି ସ୍ଥାନ ଥିଲା ନାଗଦେବତାଙ୍କ ମନ୍ଦିରବେଢ଼ା । ତାହା ପ୍ରଶସ୍ତ ଏବଂ ସୁରକ୍ଷିତ । ଦୁହେଁ, ବସ୍ତାନୀ ଦୁଇଟିକୁ ଦେବଦାରୁ ଗଛରେ ଝୁଲାଇ ଦେଇ ଖେଳରେ ଲାଗିଯାଆନ୍ତି ।

ଖେଳୁଥିବା ସମୟରେ ହଠାତ୍ ପଦ୍ମଗନ୍ଧାର ଦୃଷ୍ଟି ଆକର୍ଷଣ କଲା, ନେନ୍ଥି ନେନ୍ଥି ହୋଇ ଫୁଟିଥିବା ମଧୁମାଳତୀ ଫୁଲଗୁଡ଼ାକ ଉପରେ । ଫୁଲ ପ୍ରତି ପଦ୍ମଗନ୍ଧାର ଅନେକ ଦୁର୍ବଳତା । ସେ ଜିଦ୍ ଧରି ବସିଲା ଗୁଡ଼ାଏ ଫୁଲ ତୋଳି ଆଣିବା ପାଇଁ ।

ସେ ଫୁଲରେ ସେ ମାଳ କରିବ । ତା' ଛୋଟିଆ ବେଣୀକୁ ସଜାଇବ । ମଣିବାବାଙ୍କ ଫଣାରେ ଚଢ଼ାଇବ । ପୀତାମ୍ବର ଗଳାରେ ମାଳା ଦେବ ।

ସଖୀର ଅନୁରୋଧ ରକ୍ଷାକରି, ଫୁଲ ତୋଳିବା ପାଇଁ ଧାଇଁ ଗଲା ପିତାମ୍ବର । ଗହଳି ମଧୁମାଳତୀ କୁଞ୍ଜ । ନେହୁଁ ନେହୁଁ ହୋଇ ଫୁଲଡାଳ ଓହଳୀ ଆସିଥିଲା ତଳକୁ । ଅତି ଯତ୍ନରେ ହାତ ବଢ଼ାଇ ଗୋଟି ଗୋଟି କରି ଫୁଲ ତୋଳୁଥିଲା ପୀତାମ୍ବର । ହାତ ନପାଇଲେ ଡେଇଁ ଡେଇଁ ଡାଳଗୁଡ଼ିକୁ ଟାଣି ଆଣୁଥିଲା । ପଦ୍ମାକୁ ଚାହିଁ ପଚାରୁଥିଲା "କେଉଁ ନେହୁଟା ତୋଳିବି ।" କାରଣ, ସେ ମଧୁମାଳତୀ ଲତାରେ ଅନେକ ରଙ୍ଗର ଫୁଲ ଫୁଟିଥିଲା··· ।

ଧଳା··· ନାଲି··· ଧଳା ମିଶା ନାଲି··· ପାଖୁଡ଼ା ଧଳା··· ଡେମ୍ଫ ନାଲି··· ଏମିତି··· କେତେ ରକମର···

ଖଣ୍ଡେ ଦୂରରେ ଠିଆ ହୋଇ, ନିଜ ପସନ୍ଦର ଫୁଲ ନେହୁଗୁଡ଼ାକୁ ଚିହ୍ନାଇ ଦେଉଥିଲା ପଦ୍ମଗନ୍ଧା । ପୀତାମ୍ବର ଡେଇଁ ଡେଇଁ ଫୁଲଡାଳଗୁଡ଼ିକୁ ନିଜ ଅକ୍ତିଆରକୁ ଆଣିଲାବେଳେ ତାଳି ମାରି ନାଚୁଥିଲା । ତାକୁ ଉତ୍ସାହିତ କରୁଥିଲା ।

ଭାଗ୍ୟର ବିଡ଼ମ୍ବନା···

ପଦ୍ମଗନ୍ଧା ସହିତ, ପୀତାମ୍ବରର ଏ ଢ଼ିଆଁ ନୃତ୍ୟକୁ ଏକ ବିଷାକ୍ତ ନାଗ ଦେଖୁଥିଲା– ଏ କଥା, ସେ ଦୁହେଁ ଜାଣି ପାରିନଥିଲେ ।

ଦୁର୍ଭାଗ୍ୟ ବଶତଃ ଡେଇଁ ଡେଇଁ ଅନ୍ୟମନସ୍କତା ବଶତଃ ପୀତାମ୍ବରର ପାଦ ସେ କାଳ ସର୍ପ ଉପରେ ପଡ଼ିଗଲା । ସର୍ପ ଜାଣେନା, ଠିକ୍ କେଉଁଟା, ଭୁଲ

କେଉଁଟା । ତାକୁ ବିପଦର ଆଭାସ୍ ମିଳିଲେ ସେ ଆତ୍ମରକ୍ଷା ପାଇଁ ଦଂଶନ କରେ । ଦଂଶନ କରିବା ତା'ର ଧର୍ମ । ଏଣୁ ନାଗସର୍ପ ହଠାତ୍ ଉତ୍କ୍ଷିପ୍ତ ହୋଇ ପୀତାମ୍ବରର ପାଦ ଉପରେ ଚୋଟ ମାରିଲା ।

ପର ମୁହୂର୍ତ୍ତରେ ଚିତ୍କାର କରି ପୀତାମ୍ବର ଢ଼ଳି ପଡ଼ିଲା ମଧୁମାଳତୀ କୁଞ୍ଜ ଭିତରେ ।

ହଠାତ ଅତୀତ ରାଜ୍ୟରୁ ଫେରି ଆସିଲା ପୀତାମ୍ବର··· । ସେ, ଅଙ୍ଗୁଳୀ ନିର୍ଦ୍ଦେଶ କରି ପଦ୍ମାକୁ ପଚାରିଲା···

: ଏଇଠି ସେ, ମଧୁମାଳତୀ କୁଞ୍ଜ ଥିଲା ନା ?

ନିଜ ଭାବନା ରାଜ୍ୟରୁ ପଦ୍ମା ମଧ୍ୟ ଫେରି ଆସିଲା ।

: ହଁ, ଠିକ୍ ଏଇଠି । ଏଇ ସ୍ଥାନରେ ତୁମକୁ ସର୍ପଦଂଶନ କରିଥିଲା । ମୁଖ ବିକୃତ କଲା ପୀତାମ୍ବର···

: ଓଃ, କି ଭୟଙ୍କର ଯନ୍ତ୍ରଣା··· । ଏବେ ମଧ୍ୟ ମନେ ପଡ଼ିଗଲେ ଲୋମସବୁ ମୋର ଟାଙ୍କୁରି ଉଠୁଛି··· । ସତରେ ପଦ୍ମ, ତୁମେ ପାଖରେ ନଥିଲେ, ମୋ ଅବସ୍ଥା ସେଦିନ ଯେ କ'ଣ ହୋଇଥାନ୍ତା !!

ପଦ୍ମଗନ୍ଧାର ଅଧରରେ ଏକ ରହସ୍ୟମୟ ହସ ଖେଳିଗଲା··· ।

ବାସ୍ତବିକ୍, ମାତ୍ର ଆଠ ବର୍ଷ ବୟସରେ ଅସମ୍ଭବ ସାହାସ ପ୍ରଦର୍ଶନ କରିଥିଲା ପଦ୍ମଗନ୍ଧା । ପୀତାମ୍ବରକୁ ଦର୍ପଦଂଶନ କରିବା ମାତ୍ରେ ସେ କୌଣସି ପ୍ରକାରେ

ତାକୁ ମଧୁମାଳତୀ କୁଞ୍ଜ ଭିତରୁ ମନ୍ଦିର ବେଢ଼ା ପର୍ଯ୍ୟନ୍ତ ଟାଣି ନେଇ ଆସିଥିଲା ।

ସେଦିନ ଥିଲା ନାଗଚତୁର୍ଥୀ ।

ମନ୍ଦିରରେ ପୂଜକ ମଣିନାଗ ପାଖରେ ପୂଜାର୍ଚ୍ଚନା କରୁଥିଲେ ।

ପଦ୍ମାର ଚିତ୍କାର ଶୁଣି ଧାଇଁ ଆସି ପୂଜାରୀ ବାବା ପୀତାମ୍ବରକୁ ଦୁଇହାତରେ ଟେକି ନେଇ ମଣିନାଗଙ୍କ ସମ୍ମୁଖରେ ଶୁଆଇ ଦେଲେ ।

ପୀତାମ୍ବରର ଚକ୍ଷୁ ମୁଦ୍ରିତ ଅବସ୍ଥାରେ ଥିଲା ।

ପାଟିରୁ ବାହାରି ଆସୁଥିଲା ଫେଣ ମିଶା ଗରଳ । ତମ୍ବା ଫଳକ ପରି ଗୋରା ତକ୍ ତକ୍ ଦେହଟା ତା'ର ନୀଳ ପଡ଼ି ଯାଇଥିଲା··· ।

ପୂଜାରୀ ବାବାଙ୍କ ପାଦ ଦୁଇଟାକୁ ଜାବୁଡ଼ି ଧରି, ଅତି କାତର କଣ୍ଠରେ ପଦ୍ମା ସେଦିନ କହିଥିଲା– ବାବା ! ମୋ ପୀତାମ୍ବରକୁ ବଞ୍ଚାଇ ଦିଅ । ତାକୁ ଛାଡ଼ି ମୁଁ ଏକୁଟିଆ ଘରକୁ ଯାଇ ପାରିବି ନାହିଁ । ସେ ଯଦି ମରିଯାଏ, ମୁଁ ମଧ୍ୟ ମରିଯିବି ।

ପଦ୍ମଗନ୍ଧାର ଆତୁର ନିବେଦନ, ପୂଜାରୀ ବାବାଙ୍କ ହୃଦୟକୁ ଚହଲାଇ ଦେଲା । ସେ, ତା' ମଥାରେ ହାତ ବୁଲାଇ ଆଣି କହିଲେ– ମା' ! ପୀତାମ୍ବରକୁ କାଳକୂଟ ଦଂଶନ କରିଛି । ଆଜି ନାଗଚତୁର୍ଥୀ । ପୂର୍ବ ଜନ୍ମର ଅଭିଶାପ ନଥିଲେ, ଆଜିପରା ଦିନରେ ତାକୁ ସର୍ପ ଦଂଶନ କରି ନଥାନ୍ତା । ତଥାପି, ମୋର ବିଶ୍ୱାସ, ତୋ

ନିଷ୍ପାପ ହୃଦୟର କରୁଣ ପ୍ରାର୍ଥନା, ମଣିବାବାଙ୍କ ହୃଦୟକୁ ତରଳାଇ ଦେବ । ତୁ, ତାଙ୍କୁ, ପ୍ରାର୍ଥନା କର ମାଆ··· । ତା' ଛଡ଼ା ଦ୍ୱିତୀୟ ପନ୍ଥା ଆଉ କିଛି ନାହିଁ । ତେଣିକି, ତା ଭାଗ୍ୟ··· ତୋ'ନିଷ୍ଠା···

ମଣିନାଗଙ୍କ ବିଶାଳ ତାମ୍ର ମୂର୍ତ୍ତି ସମ୍ମୁଖରେ ନତଜାନୁ ହୋଇ ଅଶ୍ରୁ ଅଂଜଳୀରେ ଅର୍ଘ୍ୟ ବାଢ଼ିଲା ପଦ୍ମଗନ୍ଧା । ପୀତାମ୍ବରକୁ ବଞ୍ଚାଇ ଦେବା ପାଇଁ ଅନେକ ଆକୁଳ ନିବେଦନ କଲା ।

ମାତ୍ର ଆଠବର୍ଷ ବୟସରେ, ସେ ଜାଣିନଥିଲା ପୂଜା କ'ଣ, ମନ୍ତ୍ର କ'ଣ । ପୁଷ୍ପାଞ୍ଜଳୀ କିପରି ଦିଆଯାଏ । ସେ କେବଳ କାନ୍ଦିଥିଲା, ଅଶ୍ରୁ ସଜଳ ଚକ୍ଷୁରେ । ଆବେଗ ଭରା କଣ୍ଠରେ କହିଥିଲା– "ହେ ନାଗଦେବତା, ମୋ, ପୀତାମ୍ବରକୁ ବଞ୍ଚାଇ ଦିଅ । ଆଜି ପରା ଦିନରେ, ତୁମ ମନ୍ଦିର ପ୍ରାଙ୍ଗଣରେ ସେ ଯଦି ମୃତ୍ୟୁବରଣ କରେ, ତେବେ ତୁମ ନାଁରେ କଳଙ୍କ ଲାଗିବ । ତୁମେ ଅସତ୍ୟ, ଅପବିତ୍ର, ମିଥ୍ୟା ପ୍ରହସନ ନାମରେ ନାମିତ ହେବ । ତୁମକୁ ଆଉ କେହି ନାଗ ଦେବତା କହି ପୂଜା କରିବେ ନାହିଁ ।

ତୁମେ ତାଙ୍କୁ ଏଇଥରକ ପାଇଁ କ୍ଷମା କରିଦିଅ ଦେବତା । ମୁଁ କଥା ଦେଉଛି, ସାରା ଜୀବନ ତୁମର ପୂଜାର୍ଚ୍ଚନା କରିବି । ତୁମ ବାନା ବିଖ୍ୟାତ କରିବି ।

ପୂଜାରୀ ବାବାଙ୍କ ମନ୍ତ୍ରଶକ୍ତିର ପ୍ରଭାବରେ ହେଉ, ଅଥବା ପଦ୍ମାଗନ୍ଧାର ନିଛକ ଆରାଧନାରେ ହେଉ ଅଥବା

ଏକ ସଂଯୋଗ ବଶତଃ ହେଉ, ପଦ୍ମା ଜୀବନରେ ଏକ ଅଲୌକିକ ଘଟଣା ଘଟିଥିଲା ସେହିଦିନ ।

ସତେ କ'ଣ ନାଗ ଦେବତା, ବାଳିକାର କରୁଣ ନିବେଦନରେ ତରଳି ଗଲେ··· ? ଚହଲି ଉଠିଲା, ତାଙ୍କ ଦୟା ଆଉ ଅନୁକମ୍ପାର ଭଣ୍ଡାର ଘରଟା !!

ସହସା ଦେଖିବାକୁ ମିଳିଲା ଏକ ଅଲୌକିକ ଦୃଶ୍ୟ···

ପୂଜା ପାଇଁ ସଜ୍ଜା ହୋଇ ରହିଥିବା ପୁଷ୍ପଗୁଚ୍ଛ ଭିତରୁ ହଠାତ୍ ଆତ୍ମପ୍ରକାଶ କଲା ସେହି ଭୟଙ୍କର କଳା ସର୍ପ, ଯିଏ, ଅଳ୍ପ ସମୟ ଆଗରୁ ମଧୁମାଳତୀ କୁଞ୍ଜ ଭିତରେ ପୀତାମ୍ବରକୁ ଦଂଶନ କରି ବେଶ୍ ଆରାମରେ ଚାଲି ଯାଇଥିଲା ।

ପୂଜାରୀ ବାବୁ, ପଦ୍ମାସନରେ ବସି, ଆଖି ବୁଜି ଗୁଣୁ ଗୁଣୁ ହୋଇ କିଛି ମନ୍ତ୍ରପାଠ କରୁଥିଲେ ।

କୁଣ୍ଡଳୀମାରି ଫଣୀନ୍ଦ୍ର ତାଙ୍କ ସମ୍ମୁଖରେ ବସିଲା । ଚାହିଁଲା ପୀତାମ୍ବରକୁ । ପାର୍ଶ୍ୱ ଦେଶରେ ପୀତାମ୍ବରର ସଜ୍ଞାହୀନ ଶରୀର ପଡ଼ିଥିଲା । ଲୁହ ଝରି ଆସୁଥିଲା ପଦ୍ମଗନ୍ଧାର କଜ୍ଜଳଭିଜା ଚକ୍ଷୁଦ୍ୱୟରୁ ।

ଏକ ବିଚିତ୍ର ପରିବେଶ··· ।

ଫଣୀନ୍ଦ୍ର ତା ଭୟଙ୍କର କଳା ଡୋଳାକୁ ଏପାଖ ସେପାଖ କରି ଚାହିଁଲା । ଲହ ଲହ କଲା ତା'ର ରକ୍ତମିଶା ଦୁଇ ଫାଳିଆ ତୀକ୍ଷ୍ଣ ଜିହ୍ୱାକୁ । ଏପାଖ ସେପାଖ ଦୃଷ୍ଟି ନିକ୍ଷେପ କରି, ସ୍ଥିର ହେଲା ପଦ୍ମଗନ୍ଧା ଉପରେ ।

ଗୋଟିଏ ଛୋଟ ବାଳିକା ମନରେ ସେଦିନ ଏତେ ଦମ୍ଭ, ଏତେ ସାହାସ କୋଉଠୁ ଆସିଲା କେଜାଣି, ଭୟ ପାଇବା ବଦଳରେ ଘୁଞ୍ଚି ଆସିଲା ସେ ବିଷଧର ସର୍ପ ନିକଟକୁ । ଚଟାଣ ଉପରେ ମଥା ପିଟି କାନ୍ଦି କାନ୍ଦି କହିଲା...

: କି, ଦୋଷ କରିଥିଲା ସେ ତୁମର... ? ପିଲା ଲୋକ, ଅଜ୍ଞାତବଶତଃ ଗୋଡ଼ଟା ପଡ଼ିଗଲା, ତା' ବୋଲି ତାକୁ ଦଂଶନ କରିଦେଲ ? ଏଇ କ'ଣ ତୁମ୍ ସର୍ପ ସମାଜର ଅନୁଶାସନ ? ତୁମ ସମାଜରେ କ'ଣ ଦୟା, ମାୟା, କ୍ଷମା କିଛି ନାହିଁ ?... ଠିକ୍ ଅଛି, ତାକୁ ଯଦି ଦଂଶନ କଲ, ତେବେ ମତେ ଛାଡ଼ି ଦେଲ କାହିଁକି ? ପ୍ରକୃତରେ ଦୋଷଟା ମୋର, ତା'ର ନୁହେଁ । ମୁଁ ତାକୁ ଫୁଲ ତୋଳିବା ପାଇଁ କହିଥିଲି । ମତେ ମଧ୍ୟ ଦଂଶନ କର । ଏ, କଳି ଯୁଗରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେଉ । ଆମ ଦୁହିଁଙ୍କ କାହାଣୀ, କେଦାର ଗୌରୀ ଭଳି ଲୋକ ମୁଖରେ ପ୍ରଚାରିତ ହେଉ... ।

ଅତୀତର ରୋମାଞ୍ଚ ଭରା ଘଟଣା ସମୁହକୁ ଦୁହେଁ କଳ୍ପନା କରି ଚାଲିଥିଲେ । ସେ ଘଟଣାର ଆଲୌକିକ ଦୃଶ୍ୟାବଳୀ, ଦୁହିଁଙ୍କ ମାନସପଟରେ ଚଳଚିତ୍ର ଭଳି ଭାଷି ଚାଲିଥିଲା... ।

ହଠାତ୍ ପୀତାମ୍ବର କହିଲା...

: ପଦ୍ମା, ତୁମେ ସେଇ ଦେଶର ନାରୀ, ଯେଉଁ ଦେଶର ସତୀ ସାବିତ୍ରୀଙ୍କ କାହାଣୀ ଅମରାକ୍ଷରେ ଲିପିବଦ୍ଧ

ହୋଇ ରହିଛି । ନାରୀର ନିଷ୍ଠା ଏବଂ ମନୋବଳ ସମ୍ମୁଖରେ, ଦେବତାମାନେ ମଧ୍ୟ ପରାସ୍ତ ହୋଇଛନ୍ତି । ବାଳିକା ହେଲେବି, ତୁମର ଆତ୍ମବିଶ୍ୱାସ ପାଖରେ ସେ ଭୟଙ୍କର କାଳକୂଟ ମସ୍ତକ ଅବନତ କରିବାକୁ ବାଧ୍ୟ ହେଲା । ମୋ ପାଦର ଯେଉଁ ସ୍ଥାନକୁ ଦଂଶନ କରିଥିଲା, ସେହି ସ୍ଥାନରେ ମୁହଁ ଲଗାଇ ପୁଣି ସମସ୍ତ ବିଷ ହରଣ କରି ନେଲା । ଆଖି ଖୋଲିବା ମାତ୍ରେ ଦେଖିଲି, ତୁମେ ମତେ କୋଳରେ ଧରି ବସିଛ, ଆଉ ସେ ଯମରୂପୀ କାଳସର୍ପ ଅଦୃଶ୍ୟ ହୋଇ ଯାଇଛି ।

ପଦ୍ମଗନ୍ଧା ନୀରବ ରହିଲା ।

ପୀତାମ୍ବରର ହାତ ଧରି ମନ୍ଦିର ବେଢ଼ା ଭିତରେ ପ୍ରବେଶ କଲା ।

ପୂଜାରୀ ବାବା ଦ୍ୱାର ଦେଶରେ ଠିଆ ହୋଇଥିଲେ । ପଦ ଶବ୍ଦ ଶୁଣି ଘୁରି ଚାହିଁଲେ ।

ଉଚ୍ଚ ସ୍ୱରରେ କହିଲେ...

: ଆସ... ବିଳମ୍ବ ହୋଇ ଗଲାଣି । ସନ୍ଧ୍ୟା ପୂର୍ବରୁ ପୂଜା ଶେଷ ହେବା ବିଧି ।

ତୁମେ ଦୁହେଁ ନାଗ ଦେବତାଙ୍କ ସମ୍ମୁଖରେ ବସ । ମୁଁ ପୂଜା ଆରମ୍ଭ କରିବି ।

ଦୁହେଁ, ଗମ୍ଭୀରା ଭିତରେ ପ୍ରବେଶ କଲେ...

ମନ୍ଦିରଟି ଛୋଟ ହେଲେବି ସୁନ୍ଦର । କାରୁ ଶିଳ୍ପ ଓ ଚାରୁ ଶିଳ୍ପର ମିଶ୍ରଣ ଘଟିଛି ଏଇଠି । ମନ୍ଦିର ଗାତ୍ରରେ ଲେଖାଥିବା ଶୀଳାଲିପିରୁ ଜଣାଯାଏ, ତାହା କେଶରୀ ବଂଶର ରାଜାମାନଙ୍କ ରାଜତ୍ୱ କାଳର ।

Digitized by
Deb's Library Corner

ସୋମବଂଶର ରାଜତ୍ୱ କାଳରେ ଓଡ଼ିଶାରେ ତନ୍ତ୍ରପୂଜାର ବହୁଳ ପ୍ରସାର ହୋଇଥିଲା । ଶୈବ ପୂଜା ସହିତ, ନାଗ, ନାଗୁଣୀ, ଚଣ୍ଡୀ, ଭୈରବୀ ଇତ୍ୟାଦି ଶକ୍ତିମାନଙ୍କ ପୂଜାପାଇଁ ମଧ୍ୟ, ମନ୍ଦିରମାନ ନିର୍ମାଣ କରାଯାଇଥିଲା ।

ଉକ୍ତ ମନ୍ଦିରଟି ମଣିନାଗ ମନ୍ଦିର ନାମରେ ଖ୍ୟାତ । କାହିଁକେତେ ଯୁଗଧରି ନିଘଞ୍ଚ ଜଙ୍ଗଲରେ ଗଛଲତା ଆଢୁଆରେ ତାହା ଲୁକ୍‌କାୟିତ ହୋଇ ରହିଥିଲା । ପଦ୍ମଗନ୍ଧାର ପିତା ଏ ମନ୍ଦିର ପୁନର୍ଦ୍ଧାର କରିଥିଲେ ।

ତାମ୍ର ଫଳକରେ ନିର୍ମିତ, ପ୍ରାୟ ପାଞ୍ଚ ହାତ ଉଚ୍ଚତା ବିଶିଷ୍ଟ ପ୍ରକାଣ୍ଡ ନାଗମୂର୍ତ୍ତି ତମ୍ବାରେ ନିର୍ମିତ ହୋଇଥିଲେ ବି, ମୂର୍ତ୍ତିର ଗଠନ, ପରିପାଟି, ମନରେ ଭୟ ଏବଂ ଭକ୍ତି ଉଭୟ ସଂଚାରିତ କରେ ।

ମୂଳ ମୂର୍ତ୍ତିକୁ ଛାଡ଼ି ଦେଲେ ଚାରିପାଖରେ ଛୋଟ ଛୋଟ ଅନେକ ସର୍ପ । ସେଗୁଡ଼ିକ ତମ୍ବା, ପିତ୍ତଳ ଏବଂ ବ୍ରୋଞ୍ଜରେ ନିର୍ମିତ ହୋଇଥିଲା । ଏହି ଛୋଟ ମୂର୍ତ୍ତିଗୁଡ଼ିକ ପ୍ରଥମ ଅବସ୍ଥାରେ ମନ୍ଦିରରେ ନଥିଲା । ମଣିବାବା ପ୍ରସିଦ୍ଧି ଲାଭ କରିବା ପରେ ସେଗୁଡ଼ିକୁ ଭକ୍ତମାନେ ପ୍ରତିଷ୍ଠା କରିଥିଲେ ।

ପିତଳ ଦୀପାଳୀ ମନ୍ଥର ଗତିରେ ଜଳୁଥିଲା ।

ମଣିବାବାଙ୍କ ସମ୍ମୁଖରେ ଉପବେଶନ କଲେ ପୂଜାରୀ । ତାଙ୍କ ପାର୍ଶ୍ୱରେ ପୀତାମ୍ବର ଏବଂ ପଦ୍ମଗନ୍ଧା ।

ପୂଜାରୀ ବାବା, ଏ ମନ୍ଦିରର ସବୁ କିଛି । ରକ୍ଷକ, ତତ୍ତ୍ୱାବଧାରକ, ପୂଜକ, ପରିଚାଳକ । ତା' ସହିତ ତାଙ୍କର

ବିଶେଷ ପରିଚୟ ଥିଲା ଯେ, ସେ ଜଣେ ସାଧକ, ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ର ବିଶାରଦ ।

ପୂଜାରୀ ବାବା ପୂଜା ଆରମ୍ଭ କଲେ···

ତାଙ୍କ ଚକ୍ଷୁ ପଲ୍ଲବ ମୁଦ୍ରିତ ହୋଇ ଆସିଲା । କଣ୍ଠରୁ ଶୁଣାଗଲା ମନ୍ତ୍ରୋଚ୍ଚାରଣ । ସେ କ'ଣ ମନ୍ତ୍ର ପଢୁଥିଲେ ସେହି ଏକା ଜାଣନ୍ତି । କେବଳ ଏତିକି ଜଣା ଯାଉଥିଲା ଯେ, ମନ୍ତ୍ର ଶେଷରେ ସ୍ୱାହା··· ସ୍ୱାହା··· ଫଟ୍ ଫଟ୍ କରି ମୂର୍ତ୍ତି ଉପରକୁ ପୁଷ୍ପ ନିକ୍ଷେପ କରିବାଟା··· ।

ସଂଯୋଗ ବଶତଃ ହେଉ ଅଥବା ପୂଜାରୀ ବାବାଙ୍କ ମନ୍ତ୍ର ଶକ୍ତିର କରାମତି ଯୋଗୁ ହେଉ, ଯେଉଁଦିନ ପୀତାମ୍ବରକୁ ସର୍ପ ଦଂଶନ କରିଥିଲା, ସେହି ଦିନଠାରୁ ପଦ୍ମଗନ୍ଧା ମନରେ ସର୍ପତନ୍ତ୍ର ପ୍ରତି ଗଭୀର ବିଶ୍ୱାସ ଆସି ଯାଇଥିଲା । ଖାଲି ମଣିବାବାଙ୍କ ମୂର୍ତ୍ତିକୁ ଯେ ଭକ୍ତି କରୁଥିଲା ତା' ନୁହେଁ, ଜୀବନ୍ତ ସର୍ପମାନଙ୍କ ପ୍ରତି ମଧ୍ୟ ତା' ମନରେ ଶ୍ରଦ୍ଧା ଏବଂ ଭକ୍ତି ଜାଗ୍ରତ ହୋଇଥିଲା ।

ସେ ସରୀସୃପମାନଙ୍କୁ ନିଜର ବନ୍ଧୁ ବୋଲି ମନେ କରୁଥିଲା ।

କିନ୍ତୁ ମନୁଷ୍ୟର ପ୍ରକୃତି ଅତି ବିଚିତ୍ର···

ସର୍ପମାନଙ୍କ ପ୍ରତି ପଦ୍ମଗନ୍ଧା ମନରେ ଯେଉଁ ଧାରଣା ସୃଷ୍ଟି ହୋଇଥିଲା ତା'ର ଠିକ୍ ଓଲଟା ଧାରଣା ସୃଷ୍ଟି ହୋଇଥିଲା ପୀତାମ୍ବର ମନରେ ।

ବାଲ୍ୟ କାଳରୁ ସର୍ପାଘାତ ହୋଇଥିବା ଯୋଗୁଁ, ସର୍ପ ତଥା ଅନ୍ୟାନ୍ୟ ସରୀସୃପମାନଙ୍କ ପ୍ରତି ତା' ମନରେ

ରହିଥିଲା ଅହେତୁକ ଭୟ ଏବଂ ଆଶଙ୍କା । ପିଲା ଦିନର ସେ ଘଟଣା ତାକୁ ଏତେ ମାତ୍ରାରେ ପ୍ରଭାବିତ କରିଥିଲା ଯେ, ଖାଲି ସର୍ପ ନୁହେଁ, ସର୍ପାକୃତି ପଦାର୍ଥ ଦେଖିଲେ ମଧ୍ୟ ସେ ଚମକି ଉଠୁଥିଲା । ତା' ଅବଚେତନ ମନ ଉପରେ ସେ ଘଟଣା ଏତେ ପ୍ରଭାବ ପକାଇ ଥିଲା ଯେ, ସେ ଅନେକ ସମୟରେ ସର୍ପ ସ୍ୱପ୍ନ ଦେଖୁଥିଲା ।

ଏଣୁ, ମଣିବାବାଙ୍କ ପ୍ରତି ତା' ମନରେ ଭକ୍ତି ଅପେକ୍ଷା, ଭୟର ଭୂମିକା ଥିଲା ଅଧିକ ।

କେବଳ ପଦ୍ମଗନ୍ଧାର ଅନୁରୋଧ ଭାଙ୍ଗି ନପାରି ବାଧ୍ୟ ହୋଇ ବେଳେ ବେଳେ ମନ୍ଦିର ପ୍ରାଙ୍ଗଣକୁ ଚାଲି ଆସେ ସିନା; କିନ୍ତୁ ଆସିବା ପାଇଁ ତା' ମନରେ ତିଳେ ମାତ୍ର ସ୍ପୃହା ନଥାଏ, ଆଗ୍ରହ ନଥାଏ । ବରଂ ଥାଏ ଭୟ··· ଆଶଙ୍କା··· କାଳେ ପୁଣି ତାକୁ କୌଣସି ସର୍ପ ଦଂଶନ କରି ଦେବ କି !!

ବାସ୍ତବିକତାର ଦୃଷ୍ଟି କୋଣରୁ ଚିନ୍ତା କରାଗଲେ ପୀତାମ୍ବର ଜଣେ ଅର୍ଦ୍ଧଶିକ୍ଷିତ ଯୁବକ । ଗାଁ' ଚାହାଳୀରେ ଅବଧାନ । ବିଶେଷ ଶିକ୍ଷାଗତ ଯୋଗ୍ୟତା ନଥିଲେ ବି, ତା'ର ଯେତିକି ଜ୍ଞାନ ଥିଲା, ତାହା ଗ୍ରାମର ଅନ୍ୟ ଯୁବକମାନଙ୍କଠାରୁ ମାର୍ଜିତ । ସେ ଆଧୁନିକ ଚିନ୍ତାଧାରା, ସଭ୍ୟତା ଭିତରେ ସଂପୂର୍ଣ୍ଣ ବୁଡ଼ି ଯାଇନଥିଲେବି କିଛିଟା ପ୍ରଭାବିତ ହୋଇଥିଲା । ଅପର ପାର୍ଶ୍ୱରେ ଉପେକ୍ଷା କରି ପାରୁ ନଥିଲା ସମାଜର ପ୍ରଚଳିତ ଅନ୍ଧବିଶ୍ୱାସକୁ, ତନ୍ତ୍ର, ମନ୍ତ୍ର, ଦେବଦେବୀ ଓ ପୂଜା ପାର୍ବଣକୁ ।

ଏହି ପରି ଦୁଇଟି ବିପରୀତ ଧର୍ମୀ ଚିନ୍ତାଧାରାର ମଧ୍ୟବର୍ତ୍ତୀ ସ୍ଥାନରେ ରହି ପୀତାମ୍ବର ପ୍ରେମ କରୁଥିଲା ଗ୍ରାମର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ କନ୍ୟା ପଦ୍ମଗନ୍ଧାକୁ ।

ପଦ୍ମାଗନ୍ଧା ଥିଲା ସେଇ ଚିନ୍ତାଧାରାର ନାରୀ, ଯିଏ, ନିଜ ବିଶ୍ୱାସ ବଳରେ ମୃତ ସ୍ୱାମୀକୁ ଯମହାତରୁ ଫେରାଇ ଆଣିପାରେ । ତପସ୍ୟା କରି ଦେବତାମାନଙ୍କୁ ମଧ୍ୟ ନିଜ ଜୀବନ ସଂଗୀ କରିପାରେ ।

ଏହି ଭଳି ଚରିତ୍ରର ଆଦର୍ଶ ଥିଲେ, ମହାସତୀ ସାବିତ୍ରୀ, ସୀତା ଅଥବା ପାର୍ବତୀ । ସେମାନେ ସଚ୍ଚରିତ୍ରା, ବୁଦ୍ଧିମତୀ, ସ୍ୱାମୀ ସୋହାଗିନୀ; କିନ୍ତୁ ଜିଦ୍‌ଖୋରା, ଆତ୍ମଭିମାନୀ । ସାବିତ୍ରୀଙ୍କ ପାଇଁ ବରପାତ୍ରର ଅଭାବ ନଥିଲେ; କିନ୍ତୁ ସେ ଜିଦ୍ ଧରି ବସିଲେ ଅଳ୍ପାୟୁସୀ ସତ୍ୟବାନଙ୍କୁ ବିବାହ କରିବା ପାଇଁ । କାରଣ ପ୍ରଥମ ଦେଖାରେ ସେ ତାଙ୍କୁ ଭଲ ପାଇ ସ୍ୱାମୀ ରୂପରେ ବରଣ କରି ନେଇଥିଲେ । ପରେ, ଯେତେବେଳେ ଜାଣିଲେ, ସତ୍ୟବାନଙ୍କ ଆୟୁସ ଖୁବ୍ ଅଳ୍ପ, ଆଉ କେତେଟା ଦିନ ପରେ ସେ ଯମଲୋକକୁ ଚାଲିଯିବେ । ଅନ୍ୟ କୌଣସି ନାରୀ ହୋଇଥିଲେ, ସତ୍ୟବାନଙ୍କୁ ବିବାହ କରିବାର ଆଶା ହୁଏତ ପରିତ୍ୟାଗ କରି ଦେଇଥାଆନ୍ତେ; କିନ୍ତୁ ସାବିତ୍ରୀ ଜିଦ୍‌ଧରି ବସିଲେ, ଯାହାଙ୍କୁ ସ୍ୱାମୀ ପଦପରେ ଥରେ ବରଣ କରି ସାରିଛନ୍ତି, ତାଙ୍କୁହିଁ ବିବାହ କରିବେ । ତାଙ୍କ ମନରେ ଅଖଣ୍ଡ ବିଶ୍ୱାସ ଥିଲା, ସେ ଯଦି ପ୍ରକୃତରେ

ସତ୍ୟବାନଙ୍କୁ ପ୍ରେମ କରୁଥା'ନ୍ତି, ତାଙ୍କ ପ୍ରେମ ଯଦି ସତ୍ୟ ଏବଂ ଐଶ୍ୱରୀକ ହୋଇଥାଏ, ତେବେ ସତ୍ୟବାନଙ୍କୁ ତାଙ୍କଠାରୁ କେହି ଛଡ଼ାଇ ନେଇ ପାରିବେ ନାହିଁ । ପ୍ରେମ ଉପରେ ତାଙ୍କ ବିଶ୍ୱାସ ହିଁ, ତାଙ୍କ ଶଙ୍ଖା, ସିନ୍ଦୁରକୁ ଅମ୍ଳାନ ରଖିବ ।

ନିଜ ଜିଦ୍‌ରେ ଅଟଳ ରିହବାରୁ ତାଙ୍କ ପ୍ରେମ, ପତିଭକ୍ତି ଏବଂ ଆତ୍ମବିଶ୍ୱାସ ଆଗରେ ସ୍ୱୟଂ ମୃତ୍ୟୁ ମଧ୍ୟ ହାର ମାନିଥିଲା ।

ଆମ ପୁରାଣ କେବଳେ ସାବିତ୍ରୀଙ୍କ ଚରିତ୍ର ଚିତ୍ରଣ କରିଛି । କାହିଁ, ସତ୍ୟବାନଙ୍କ ସଂପର୍କରେ ପଦୁଟିଏ ତ କହି ନାହିଁ ? କାରଣ ସାବିତ୍ରୀ ଦେବୀ ହୋଇ ପାରନ୍ତି, ସତୀ ହୋଇ ପାରନ୍ତି; କିନ୍ତୁ ସତ୍ୟବାନ ଜଣେ ସାଧାରଣ ପତ୍ନୀପ୍ରିୟ ମନୁଷ୍ୟ । ଚରିତ୍ରବାନ, ସରଳ, କିନ୍ତୁ ଦୁର୍ବଳ ଏବଂ ଅସଃହାୟ ।

ସେ ନିଜ ଭାଗ୍ୟକୁ ନିଜ ପତ୍ନୀ ଉପରେ ଛାଡ଼ି ଦେଇଥିଲେ । ଏ ଭଳି ପୁରୁଷର ଭାଗ୍ୟ କେବଳ ନାରୀଦ୍ୱାରା ହିଁ ବିକଶିତ ହୁଏ ।

ଅନ୍ୟ ପକ୍ଷରେ, ସାବିତ୍ରୀ, ସତ୍ୟବାନଙ୍କ ନିର୍ବିକାର ମୁଖଶ୍ରୀ ଦେଖି, ହଠାତ୍ ବିଶ୍ୱାସ କରି ନେଇଥିଲେ, ଏଇ ପୁରୁଷ ମୋର ଅନୁଗତ ହେବ । ମୋର ସମସ୍ତ ଅହଂକାର, ବିଶ୍ୱାସ ଏବଂ ଜିଦ୍‌କୁ ସମ୍ମାନ ଦେବ ।

ତେଣୁ, ସତ୍ୟବାନ ଆୟୁଷହୀନ ଜାଣି ମଧ୍ୟ ସାବିତ୍ରୀ ତାଙ୍କୁ ବିବାହ କରିବା ପାଇଁ ଜିଦ୍ ଧରିଥିଲେ ।

ବିବାହ କଲେ । ଖାଲି ସେତିକି ନୁହେଁ, ସତ୍ୟବାନଙ୍କ ଜୀବନର ସ୍ଥାୟିତ୍ୱର ଦାଇତ୍ୱ ମଧ୍ୟ ନେଲେ ।

ଠିକ୍ ସେହିଭଳି ଏକ ନାରୀ ଥିଲା ପଦ୍ମଗନ୍ଧା ।

ବାଲ୍ୟକାଳରୁ ସେ ନିଜର ଆତ୍ମବିଶ୍ୱାସ, ଜିଦ୍ ଏବଂ ଅହଂକାରକୁ, ପିତାମ୍ବର ଉପରେ ପ୍ରୟୋଗ କରି ଆସୁଥିଲା । ତା' ପାଇଁ ପୀତାମ୍ବର ଥିଲା ଏକ ମାଧ୍ୟମ, ଏକ ସହଜ ଉପଲବ୍ଧି ।

ତା'ର କାରଣ ପୀତାମ୍ବର ଥିଲା ସୁଶ୍ରୀ, ସଚ୍ଚରିତ୍ର, ଶିକ୍ଷିତ ଏବଂ ସରଳ । ବାଲ୍ୟକାଳରେ ସର୍ପଦଂଶନ ଘଟଣା ପଦ୍ମଗନ୍ଧାର ଆତ୍ମବିଶ୍ୱାସକୁ ଯଥେଷ୍ଟ ବୃଦ୍ଧି କରାଇବାରେ ସାହାଯ୍ୟ କରିଥିଲା ।

ସାବିତ୍ରୀଙ୍କ ପରି ସେହି ଘଟଣାର ପରମୁହୂର୍ତ୍ତରେ ସେ, ପିତାମ୍ବରକୁ ମନେ ମନେ ସ୍ୱାମୀ ରୂପରେ ବରଣ କରି ନେଇଥିଲା । ତା'ର ବିଶ୍ୱାସ ଥିଲା, ଯାହାକୁ ସେ ଥରେ ମୃତ୍ୟୁମୁଖରୁ ଫେରାଇ ଆଣିଛି, ତାକୁ ତା'ଠାରୁ କେହି ଛଡ଼ାଇ ନେଇ ପାରିବେ ନାହିଁ । ଏପରିକି ଯମ ଦେବତା ଆସିଲେ ମଧ୍ୟ ।

ମଣିନାଗ ପୀତାମ୍ବରକୁ ନୂଆ ଜୀବନ ଦେଇଛନ୍ତି । ଆଉ ଟେକି ଦେଇଛନ୍ତି ତା' ହାତରେ । ପଦ୍ମଗନ୍ଧା ପାଇଁ ପୀତାମ୍ବର ହେଉଛି ମଣିନାଗଙ୍କ ଦାନ । ଏ ଅମୂଲ୍ୟ ଦାନର ଅମର୍ଯ୍ୟାଦା ସେ କେବେ କରି ପାରିବ ନାହିଁ ।

ପୂଜା ସମାପ୍ତ ହେଲା··· ।

ପୂଜାରୀ ବାବା ପ୍ରସାଦ ସମର୍ପଣ କରିବାକୁ ଉଦ୍ୟତ ହେଉଥିଲା ବେଳେ ହଠାତ୍ ଦଲକାଏ ପବନ ଗମ୍ଭୀରା ଭିତରକୁ ପଶି ଆସିଲା ।

ଜଳୁଥିବା ପ୍ରଦୀପଟି ଚେଷ୍ଟା କଲା ନିଜକୁ ରକ୍ଷା କରିବା ପାଇଁ; କିନ୍ତୁ ପାରିଲାନି । ଧକ୍ ଧକ୍ ହୋଇ ଲିଭିଗଲା ।

ଏକ ସଙ୍ଗରେ ତିନିଜଣ ଯାକ ଚମକି ଉଠିଲେ ।

ପୀତାମ୍ବର, ପଦ୍ମଗନ୍ଧା ଓ ପୂଜାରୀ ବାବା···

କିନ୍ତୁ, ପ୍ରତ୍ୟେକଙ୍କ ଭାବନା ଅଲଗା, ଅଲଗା ଥିଲା···

ପୂଜାରୀ ବାବା ଚମକି ଉଠିଲେ ଏଇଥି ପାଇଁ···

ବାହାରେ ଭୀଷଣ ଝଡ଼ ଉଠେଇଛି । ଅନ୍ଧାର ଗାଢ଼ ହୋଇ ଆସିଲାଣି । ପିଲା ଦୁଇଟା ଏତେ ସମୟ ମନ୍ଦିରରେ ରହିବା ଉଚିତ ହେଲାନାହିଁ । ପଦ୍ମଗନ୍ଧାର ପିତା, ଜମିଦାର ହରଗୋବିନ୍ଦ ମାନଧାତା ବିରକ୍ତ ହୋଇ ପାରନ୍ତି ।

ପଦ୍ମା ଆଉ ଆଠବର୍ଷର ସେହି ଚପଳ ବାଳିକା ହୋଇ ରହିନାହିଁ । ମନ୍ଦିରର ପୂଜକ ଭାବରେ ତାଙ୍କର ମଧ୍ୟ ହିତାହିତ ଜ୍ଞାନ ରହିବା ଦରକାର ।

ପଦ୍ମଗନ୍ଧା ଚମକି ଉଠିବାର କାରଣ···

ଆଠବର୍ଷ ବୟସରେ ସେ ନାଗଚତୁର୍ଥୀ ପୂଜା ଆରମ୍ଭ କରିଥିଲା । ଆଜି ହେଲା ସେ ପୂଜାର ଦଶମ ବର୍ଷ । କାହିଁ କେବେତ ପୂଜା ସମୟରେ ଏମିତି ଦୀପ

ଲିଭି ନଥିଲା । ଆଜି ତା'ର ବ୍ୟତିକ୍ରମ ହେଲା କାହିଁକି ? ସେ କ'ଣ ଜିଦ୍ ରଖି ପାରିବ ନାହିଁ ? ପୀତାମ୍ବରଙ୍କୁ ସ୍ୱାମୀ ରୂପରେ ପାଇ ପାରିବ ନାହିଁ ?

ସେ, ଜମିଦାରଙ୍କ କନ୍ୟା । ତା' ପାଇଁ ସୁନ୍ଦର, ଶିକ୍ଷିତ, ଜମିଦାର ପୁତ୍ର ମିଳିବା କଷ୍ଟକର ନୁହେଁ । ପିତା ତା' ବିବାହର ଆୟୋଜନରେ ଲାଗି ପଡ଼ିଲେଣି । କିନ୍ତୁ ସେ ଚାହେଁ କେବଳ ପୀତାମ୍ବରଙ୍କୁ । ପୀତାମ୍ବର ତା'ର ପୂଜା, ଆରାଧନା, ଜିଦ୍ ଏବଂ ଅହଂକାର । ପୀତାମ୍ବରଙ୍କୁ ବାଦ୍‌ଦେଇ ସେ ଆଉ କାହାକୁ ଚିନ୍ତା କରିପାରି ନାହିଁ । ପୀତାମ୍ବରଙ୍କୁ ବିବାହ ନକଲେ ତା' ଅହଂକାର ଭାଙ୍ଗିଯିବ, ଜିଦ୍‌ର କୌଣସି ମୂଲ୍ୟ ରହିବ ନାହିଁ ।

ପୀତାମ୍ବର ଝଡ଼ ତୋଫାନ ପାଇଁ ଚିନ୍ତିତ ନଥିଲା । ଦୀପଟା ଲିଭିଗଲା ବୋଲି ତା' ମନରେ କୌଣସି ସନ୍ଦେହ ନଥିଲା । ପବନର ପ୍ରଭାବରେ ଦୀପ ଲିଭିଯିବା ସ୍ୱାଭାବିକ ।

ସେ ଚିନ୍ତିତ ଥିଲା ଏକ ଅଲୌକିକ ଦୃଶ୍ୟାବଳୀ ପାଇଁ···

ଦୀପଟା ଲିଭିବା ମାତ୍ରେ ତା'ର ଉତ୍ତପ୍ତ ଧୂଆଁଗୁଡ଼ାକ ଟିକିଏ ଉପରକୁ ଉଠି ମାତ୍ର ଗୋଟାଏ ସେକେଣ୍ଡ ପରେ ମଉଳି ଗଲା । କିନ୍ତୁ ମଉଳି ଯିବା ପୂର୍ବରୁ ଧୂଆଁ ଗୁଡ଼ାକ ଗୁଡ଼ାଏ ଛୋଟ ଛୋଟ କୁଣ୍ଡଳୀରେ ବିଭକ୍ତ ହୋଇ ପ୍ରତ୍ୟେକ କୁଣ୍ଡଳୀ ଗୋଟିଏ ଗୋଟିଏ ଛୋଟିଆ ସର୍ପର ଆକୃତି ଧାରଣ କରିଥିଲା ।

ଧୂଆଁଗୁଡ଼ାକ ପ୍ରକୃତିରେ ସର୍ପର ଆକୃତି ଧାରଣ କରିଥିଲା, ନା, ତାହା ତା' ଚକ୍ଷୁର ଭ୍ରମ, କିଛି ନିର୍ଣ୍ଣୟ କରି ପାରିଲା ନାହିଁ ପୀତାମ୍ବର । ଏହାଥିଲା ତା' ଚିନ୍ତାର କାରଣ... ।

ପୂଜାରୀ ବାବାଙ୍କ କଣ୍ଠସ୍ୱର, ମନ୍ଦିରରେ ପୁଣି ସ୍ୱାଭାବିକ ଅବସ୍ଥା ଫେରାଇ ଆଣିଲା ।

ମନ୍ଦ୍ର ମଧୁର କଣ୍ଠରେ କହିଲେ: ପିଲାମାନେ, ପୂଜା ମୋର ଶେଷ ହୋଇଛି, କୌଣସି ଅଶୁଦ୍ଧି ଜନିତ ଦ୍ୱିଧା ମନଭିତରକୁ ଆଣ ନାହିଁ । ପବନ ଯୋଗୁଁ ଦୀପ ଲିଭିଗଲା । ଲିଭିଯିବା ସ୍ୱାଭାବିକ । ଏହା କୌଣସି ଅଶୁଭ ସଙ୍କେତ ନୁହେଁ । କାରଣ ତା' ପୂର୍ବରୁ ମୋ ପୂଜା ସରିଯାଇଥିଲା । ତୁମେ ଦୁହେଁ ପ୍ରସାଦ ସେବନ କରି ଘରକୁ ଫେରି ଯାଅ । ଅଦିନିଆ ବର୍ଷାର ପ୍ରଭାବରେ ସରୀସୃପମାନେ ପଦାକୁ ବାହାରି ପାରନ୍ତି । ପୁଣି ଘରେ ଅଭିଭାବକମାନେ ବ୍ୟସ୍ତ ହେଉଥିବେ । ଆଉ ବେଶୀ ସମୟ ଏଠାରେ ରହିବା ଉଚିତ ନୁହେଁ ।

ପୂଜାରୀ ବାବାଙ୍କ ଉପଦେଶ ବୋଧ ହୁଏ ଗନ୍ଧାକୁ ପସନ୍ଦ ହେଲା ନାହିଁ । ସେ କହିଲା...

: ବାବା ! ଆମେ ତ କିଛି ପାପ କରିନାହୁଁ । ଭୟ କରିବୁ କାହାକୁ ? ସେ, ମନୁଷ୍ୟ ହେଉ ଅଥବା ସରୀସୃପ ହେଉ ବିନା କାରଣରେ ଆମକୁ କେହି ଦଣ୍ଡ ଦେଇପାରିବେ ନାହିଁ ।

ପ୍ରତିବାଦ କଲା ପୀତାମ୍ବର...

: ପଦ୍ମା ତୁମର ସେଇ ଚପଳାମୀ ଗଲା ନାହିଁ । ପୂଜାରୀ ବାବା ଠିକ୍ କହିଛନ୍ତି । ଯାହାହେଲେ ବି, ଆମେ ରକ୍ତ ମାଂସଧାରୀ ମନୁଷ୍ୟ । ଏତେଟା ଅହଂକାର ଆମକୁ ଶୋଭା ପାଏନା । ପ୍ରସାଦ ପାଇ ଶୀଘ୍ର ଘରକୁ ଫେରିଯାଅ । ବରଂ ପୂଜାରୀ ବାବା ସାଥୀରେ ଯାଆନ୍ତୁ ଘରେ ଛାଡ଼ି ଦେଇ ଆସିବେ ।

ନିଜ ମତାମତ ଦେଇ ପୀତାମ୍ବର ଚାହିଁଲା ପୂଜାରୀଙ୍କ ମୁହଁକୁ ।

ପୂଜାରୀ କିଛି କହିବା ପୂର୍ବରୁ ନାଗୁଣୀ ଭଳି ସଁ, ସଁ ହୋଇ ପୂଜାଥାଳୀ ଧରି ଠିଆ ହେଲା ପଦ୍ମଗନ୍ଧା ।

: କେହି ମୋ ସାଥୀରେ ଯିବା ଆବଶ୍ୟକ ନାହିଁ । ମୁଁ ନାଗକନ୍ୟା, ମୁଁ କୌଣସି ସରୀସୃପ କି ମନୁଷ୍ୟକୁ ଭୟ କରେ ନାହିଁ । ତୁମେ ଭୀରୁ । ମୃତ୍ୟୁର ଭୟ ତୁମକୁ ଗ୍ରାସ କରି ରଖିଛି । ତୁମେ ମଣିଷକୁ ଭୟକର··· ସରୀସୃପକୁ ମଧ୍ୟ··· । ତଥାପି··· ମୁଁ ତୁମକୁ···

କଥାକୁ ଅଧୁରା ଛାଡ଼ିଦେଇ ଝଡ଼ ଭଳି ଅନ୍ଧାରରେ ମିଶିଗଲା ପଦ୍ମଗନ୍ଧା ।

ଚିତ୍କାର କଲା ପୀତାମ୍ବର···

: ଗନ୍ଧା··· ଶୁଣ··· ଆରେ ରହିଯାଅ···

ଧ୍ୟାନ ଭଙ୍ଗ କଲେ ପୂଜାରୀ···

: ଆଜି, ତମ ଡାକ ସେ ଶୁଣିବ ନାହିଁ ବାବା···। କିନ୍ତୁ ତୁମର ଭୟ କରିବାର କିଛି ନାହିଁ । ସେ ବିନା ବାଧାରେ, ନିର୍ବିଘ୍ନରେ ଘରେ ପହଞ୍ଚିଯିବ ।

ପୂଜାରୀ ଲିଭି ଯାଇଥିବା ପ୍ରଦୀପରେ ପୁଣିଥରେ ଅଗ୍ନି ସଂଯୋଗ କଲେ ।

ପୀତାମ୍ବର ଚାହିଁଲା ତାଙ୍କ ମୁହଁକୁ...

କେମିତି ଅଡୁଆ ଅଡୁଆ ଲାଗିଲା ପୂଜାରୀଙ୍କ ମୁଖମଣ୍ଡଳ ।

ରୁକ୍ଷ... ଉଦାସ... ବିବର୍ଣ୍ଣ...

ଆଶଙ୍କା ଦେଖାଦେଲା ପୀତାମ୍ବର ମନରେ...

: ବାବା ! ମୁଁ କ'ଣ କିଛି ଭୁଲ କରି ଦେଇଛି ?

ସ୍ମିତ ହସିଲେ ପୂଜାରୀ...

: ନା, ପୀତାମ୍ବର । ଜଣେ ମନୁଷ୍ୟ ଭାବରେ ତୁମେ ଆଜି ପର୍ଯ୍ୟନ୍ତ କୌଣସି ଭୁଲ କରିନାହଁ । ଏତେ ବଡ଼ ଗ୍ରାମରେ ତୁମେ ଏକମାତ୍ର ପ୍ରତିଭାବାନ ଯୁବକ, ସେଇଥି ପାଇଁ ପଦ୍ମଗନ୍ଧା ତୁମକୁ ଅଧିକ ସମ୍ମାନ ଦିଏ । ମୁଁ ମଧ୍ୟ ତୁମକୁ ଶ୍ରଦ୍ଧା କରେ । କିନ୍ତୁ !!

: କିନ୍ତୁ କ'ଣ ବାବା ?

ଗମ୍ଭୀର ହୋଇ ଉଠିଲା ପୂଜାରୀଙ୍କ ବ୍ୟକ୍ତିତ୍ୱ...

: ପଦ୍ମଗନ୍ଧା ଏକ ସାଧାରଣ ଯୁବତୀ । କିନ୍ତୁ; ତା'ର ମନ ଅସାଧାରଣ । ସେ ଏକ ବ୍ୟତିକ୍ରମ । ତାକୁ, ତା' ମନକୁ, ତା' କାର୍ଯ୍ୟକଳାପକୁ ବୁଝିବାକୁ ହେଲେ ଠିକ୍ ତା' ଭଳି ଚିନ୍ତା କରିବାକୁ ହେବ । କିନ୍ତୁ ସେ ଭଳି ଚିନ୍ତା ସାଧାରଣ ମନୁଷ୍ୟ ମନକୁ ଆସିବା ସହଜ ନୁହେଁ । ସ୍ୱାଭାବିକ ନୁହେଁ ।

ପୀତାମ୍ବର କ'ଣ ବୁଝିଲା କେଜାଣି, କହିଲା...

: ବିନା କାରଣରେ, କେମିତି ଅଭିମାନ କରି ଚାଲିଗଲା, ଦେଖିଲେତ ବାବା ?

: ବିନା କାରଣରେ ନୁହେଁ ପୀତାମ୍ବର, ତା' ଅଭିମାନର କାରଣ ଅଛି । ତୁମେ ଯଦି ତାକୁ ସୁଖୀ କରାଇବାକୁ ଚାହଁ, ତା' ଅହଂକାରକୁ ସମ୍ମାନ ଦେବାପାଇଁ ଚାହଁ, ତେବେ ନିଜ ମନର କାରଣଗୁଡ଼ିକ ଭୁଲି ତା' ମନର କାରଣଗୁଡ଼ିକ ସହିତ ଏକମତ ହେବାକୁ ପଡ଼ିବ । ତା' କହିବା ଅନୁସାରେ "ନାରୀଟିଏ ହୋଇ ମୁଁ ଜିଦ୍ କରିପାରୁଛି, ଅହଂକାର କରି ପାରୁଛି, ନିଜ ବିଶ୍ୱାସକୁ ସାକାର କରିବା ପାଇଁ ଦେବଦେବୀମାନଙ୍କ ସହିତ ପ୍ରତିଯୋଗିତା କରି ପାରୁଛି, ମୃତ୍ୟୁ ସହିତ ସଂଗ୍ରାମ କରି ପାରୁଛି, ଅଥଚ ପୁରୁଷଟିଏ ହୋଇ ତୁମେ ଏତେ ଦୁର୍ବଳ କାହିଁକି ?"

ଆଘାତ ପାଇଲା ପୀତାମ୍ବର...

: ବାବା ! ଆପଣ କ'ଣ ଭାବୁଛନ୍ତି ମୁଁ ଦୁର୍ବଳ... ଭୀରୁ... କାପୁରୁଷ... ?

: ନା, ପୀତାମ୍ବର... ନା । ମାନବ ଧର୍ମ ପାଳନ କରିବାରେ ତୁମେ କେବେ ପଛେଇ ଯାଇନାହଁ, ତଥାପି !!

: କୁହନ୍ତୁ ବାବା... ଅଟକି ଗଲେ କାହିଁକି ?

: ସ୍ୱାଭାବିକ ମାନବ ଜୀବନ ପାଇଁ ତୁମ ଚିନ୍ତାଧାରା ଯୁକ୍ତିଯୁକ୍ତ । କିନ୍ତୁ ପଦ୍ମାର ଚିନ୍ତାଧାରା, ସାଧାରଣ

ମାନବର ଚିନ୍ତାଧାରାଠାରୁ କିଛିଟା ଉର୍ଦ୍ଧ୍ୱରେ । ଯେଉଁ ଚିନ୍ତାଧାରାକୁ ଆଜିର ସଭ୍ୟତା କହେ ଉଦ୍ଭଟ, ଅନ୍ଧବିଶ୍ୱାସ, କୁ-ସଂସ୍କାର । କିନ୍ତୁ ତୁମେ ବିଶ୍ୱାସ କରିପାରିବ ନାହିଁ ପୀତାମ୍ବର, ଅନେକ ଗୁଡ଼ାଏ ଅନ୍ଧବିଶ୍ୱାସ ବେଳେ ବେଳେ ସତ୍ୟ ପାଲଟି ଯିବା ଦୃଷ୍ଟାନ୍ତ ଆମ ସମାଜରେ ରହିଛି । ଯେମିତି ପ୍ରେତାତ୍ମାମାନଙ୍କୁ କେହି କେହି ସ୍ୱ-ଚକ୍ଷୁରେ ଦେଖିଛନ୍ତି, ଆଳାପ କରିଛନ୍ତି । ଗୁଡ଼ିଏ ଦୁର୍ଘଟଣା ଏବଂ ମୃତ୍ୟୁର ପୂର୍ବାଭାସ ସ୍ୱପ୍ନ ମାଧ୍ୟରେ ମିଳିଛି । ସ୍ୱପ୍ନ ମଧ୍ୟରେ କେହି କେହି ଗୁପ୍ତଧନ ପାଇଛନ୍ତି ।

ଅପଲକ ନେତ୍ରରେ ଚାହିଁ, ପୂଜାରୀଙ୍କ ଶାସ୍ତ୍ର ଉପାଖ୍ୟାନ ଶୁଣିବାକୁ ଚେଷ୍ଟାକଲା ପୀତାମ୍ବର··· । ଗୁଡ଼ାଏ ଅଲୌକିକ ଘଟଣାର ଦୃଷ୍ଟାନ୍ତ ଦେଲେ ପୂଜାରୀ ବାବା··· ।

: ତନ୍ତ୍ର ଶାସ୍ତ୍ର ଏବଂ ଗୁପ୍ତ ପୁରାଣ ଅନୁସାରେ, ନିଶାର୍ଦ୍ଧରେ ପଶୁପକ୍ଷୀମାନେ ନିଜ ନିଜ ଭିତରେ ଆଳାପ କରିନ୍ତି, କଥାବାର୍ତ୍ତା ହୁଅନ୍ତି । ସେ ଭାଷା ଅବୋଧ୍ୟ, କିନ୍ତୁ ଯେଉଁ ମନୁଷ୍ୟ ସେ ଭାଷାର ଅର୍ଥ ବୁଝିପାରେ ତାକୁ ମୃତ୍ୟୁ ମୁଖରେ ପଡ଼ିବାକୁ ହୁଏ । ସେ ସଂସାରରେ ବେଶି ଦିନ ରହିପାରେ ନାହିଁ ।

ପଣ୍ଡିତମାନେ କହନ୍ତି– ସାଧାରଣ ପଶୁମାନଙ୍କ ଭିତରେ ସ୍ୱତନ୍ତ୍ର ପଶୁ କେତେଟା ଅଛନ୍ତି । ଯେଉଁମାନଙ୍କ କାର୍ଯ୍ୟକଳାପ ସହିତ ମନୁଷ୍ୟମାନଙ୍କ କାର୍ଯ୍ୟକଳାପର ସାମଞ୍ଜସ୍ୟ ଥାଏ । ଗୁଡ଼ାଏ ସରୀସୃପଙ୍କ ଭିତରେ ବେଳେ ବେଳେ ଏମିତି ଯୋଡ଼ା ଦେଖାଯାଏ । ଯେଉଁମାନେ

ମନୁଷ୍ୟଭଳି ପ୍ରେମ କରନ୍ତି, ପ୍ରତୀକ୍ଷା କରନ୍ତି । ସେମାନଙ୍କ ପ୍ରେମରେ କେହି ବାଧା ସୃଷ୍ଟି କରିବାକୁ ଚେଷ୍ଟା କଲେ, ଭୟଙ୍କର ପ୍ରତିଶୋଧ ମଧ୍ୟ ନେଇଥା'ନ୍ତି । ଯୋଡ଼ା ଭିତରୁ ଗୋଟିଏ ଯଦି ମରିଯାଏ, ଅନ୍ୟଟି ତାକୁ ଝୁରି ଝୁରି, ନଖାଇ ନପିଇ ପ୍ରାଣବଳୀ ଦେବାର ଦୃଷ୍ଟାନ୍ତ ମଧ୍ୟ ରହିଛି ।

ଚକ୍ରବାକ, ଚକ୍ରବାକୀ, ନାଗ, ନାଗୁଣୀ, ଶୁଆଶାରୀ ଏମାନଙ୍କ କାହାଣୀ ତୁମେ ନିଶ୍ଚୟ ଶୁଣିଥିବ ପିତାମ୍ବର । ସେ କାହାଣୀଗୁଡ଼ିକ ପୂର୍ଣ୍ଣମାତ୍ରାରେ ବିଶ୍ୱାସ ଯୋଗ୍ୟ ହୋଇନପାରେ; କିନ୍ତୁ ତା' ଭିତରେ କିଛିଟା ସତ୍ୟତା ରହିଛି, ଏହାକୁ ଅବିଶ୍ୱାସ କରାଯାଇ ପାରିବ ନାହିଁ ।

ଏକ ଅଲୌକିକ ସଂସାର ଭିତରକୁ ଧୀରେ ଧୀରେ ଚାଲି ଯାଉଥିଲା ପୀତାମ୍ବର···

ପୂଜାରୀ ବାବା ସ୍ୱପ୍ନାବିଷ୍ଟ ହେଲାପରି କହି ଚାଲିଥିଲେ···

: ଏକାନ୍ତ ସ୍ଥାନରେ ନାଗନାଗୁଣୀର ଶୃଙ୍ଗାର ରତ ଦୃଶ୍ୟ ପ୍ରାୟ ଅନେକ ଦେଖିଥିବେ । ଆଉ ଅନେକ ମଧ୍ୟ ବିଶ୍ୱାସ କରନ୍ତି । ସେହି ସମୟରେ କେହି ଯଦି ନାଗ କିମ୍ବା ନାଗୁଣୀ ଭିତରୁ କୌଣସି ଏକକୁ ଆଘାତ କରେ ଅନ୍ୟଟି ଭୟଙ୍କର ହୋଇ ଉଠେ । ଆଘାତକାରୀ ଠାରୁ ପ୍ରତିଶୋଧ ନନେଲା ପର୍ଯ୍ୟନ୍ତ ସେ ସ୍ଥିର ହୋଇ ରହିପାରେ ନାହିଁ । କାହାକୁ ଆଘାତ କରନ୍ତି ନାହିଁ ।

ପ୍ରେତାତ୍ମାର ଅସ୍ତିତ୍ୱ, ସ୍ୱପ୍ନ, ଆତ୍ମା, ପରମାତ୍ମା, ଦେବଦେବୀ, କଥାକୁହା ପଶୁ, ପକ୍ଷୀ, ନାଗ ନାଗୁଣୀର ପ୍ରେମ, ଏ ସବୁ ଅନ୍ଧବିଶ୍ୱାସ ହେଲେବି ଘଟଣାମାନ ଘଟୁଛି । ଯାହାର ସିଦ୍ଧାନ୍ତ ବୈଜ୍ଞାନିକମାନେ ମଧ୍ୟ ସ୍ଥିର କରିପାରୁ ନାହାଁନ୍ତି । ହୁଏତ ଏହି ଅନ୍ଧବିଶ୍ୱାସଗୁଡ଼ିକ ପଛରେ କିଛିଟା ସତ୍ୟତା ରହିଛି ଏବଂ ସେ ସତ୍ୟକୁ ଖୁବ୍ କମ୍ ଲୋକ ପରୀକ୍ଷା କରିଛନ୍ତି । ସେହି କମ୍ ଲୋକ ଭିତରୁ ପଦ୍ମଗନ୍ଧା ଜଣେ ।

କହୁ କହୁ ହଠାତ୍ ଅଟକି ଗଲେ ପୂଜାରୀ ବାବା···

ସେ ଜାଣିପାରିଲେ ନାହିଁ ପୀତାମ୍ବର ତାଙ୍କ କଥା ଶୁଣୁଛି ଅଥବା କୌଣସି ଏକ ଅଜଣା ରାଜ୍ୟକୁ ଚାଲି ଯାଇଛି । ସେ ଡାକିଲେ··· ପୀତାମ୍ବର··· ପୀତାମ୍ବର··· କେତେଥର ଡାକିବା ପରେ ପୀତାମ୍ବର ପ୍ରକୃତିସ୍ଥ ହେଲା···

: ଆପଣ ମତେ କିଛି କହିଲେ କି ପୂଜାରୀ ବାବା !!

: ବର୍ତ୍ତମାନ ପାଇଁ କିଛି କହୁନାହିଁ । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଯାହା କହୁଥିଲି ତାହା ତୁମେ ଶୁଣୁଥିଲ ନା ଅନ୍ୟ କେଉଁ ଭାବନାରେ ହଜି ଯାଇଥିଲ··· ?

: ନା, ବାବା ଶୁଣୁଥିଲି । ଧ୍ୟାନ ଦେଇ ଶୁଣୁଥିଲି । ତେବେ ଟିକିଏ ଅନ୍ୟମନସ୍କ ହୋଇ ପଡ଼ିଲି । ଏଇଥି ପାଇଁ ଯେ, ଆପଣ ଯାହା ସବୁ କହିଗଲେ ତାହା କ'ଣ ସତ୍ୟ··· ?

ସ୍ମିତ ହସିଲେ ପୂଜାରୀ ବାବା···

Digitized by
Deb's Library Corner

: ସତ୍ୟ... ନିରାଟ ସତ୍ୟ । କିନ୍ତୁ ମୁଁ ଜାଣିଥିଲି ତୁମ୍ଭେ ସେ ସତ୍ୟକୁ ସହଜ ଭାବରେ ଗ୍ରହଣ କରିପାରିବ ନାହିଁ । ଖାଲି ତୁମେ କାହିଁକି, ଆଜିର ଏ ସମାଜ ପଦ୍ମଗନ୍ଧାର ଚିନ୍ତାଧାରାକୁ ଠିକ୍‌ଭାବେ ମୂଲ୍ୟାୟନ କରି ପାରିବ ନାହିଁ । କିନ୍ତୁ, ଗନ୍ଧା ତା' ବିଶ୍ୱାସରେ ଅଟଳ । ସେ ଚାହେଁ ତା' ବିଶ୍ୱାସକୁ ସାକାର କରି ଦେବା ପାଇଁ । ସେ ଚାହେଁ ନାରୀ ଜାତିର ଇତିହାସରେ ଏକ ନୂତନ ଇତିହାସ ସୃଷ୍ଟି କରିବା ପାଇଁ । ଏଣୁ ସେ ତୁମକୁ ତା'ର ମାଧ୍ୟମ ରୂପେ ବାଛି ନେଇଛି । ତୁମେ ତା'ର ସତ୍ୟବାନ, ସେ ତୁମର ସାବିତ୍ରୀ । ସତ୍ୟବାନଙ୍କ ଭଳି, ତୁମେ ଯଦି ତା' ବିଶ୍ୱାସକୁ ମୂଲ୍ୟଦିଅ, ତେବେ ତା' ବିଶ୍ୱାସ ସତ୍ୟରେ ପରିଣତ ହେବ । ନାରୀ ଜାତିର ଇତିହାସରେ ସେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିପାରିବ ।

ଉପଦେଶ ଛଳରେ ଗୁଡ଼ାଏ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଗଲେ ପୂଜାରୀ ବାବା । ସେ ସବୁ, ସୃଷ୍ଟିର ବିଚିତ୍ର ରହସ୍ୟ ହେଲେ ବି କିଛିଟା ହୃଦୟଙ୍ଗମ କରି ପାରିଥିଲା ପୀତାମ୍ବର ।

ମନେ ମନେ ବିଶ୍ଳେଷଣ କହିବାରେ ଲାଗିଥିଲା ପୀତାମ୍ବର...

ଧ୍ୟାନ ଭଙ୍ଗ କଲେ ପୂଜାରୀ...

: କ'ଣ ଭାବୁଛ ପୀତାମ୍ବର... ?

ପୀତାମ୍ବର ଫେରି ଆସିଲା ପ୍ରକୃତ ଅବସ୍ଥାକୁ...

: ବାବା ! ମୋ ବିଶ୍ୱାସ, ଏବଂ ପଦ୍ମଗନ୍ଧାର ବିଶ୍ୱାସ, ଏ ଦୁହେଁ କ'ଣ ଏକାଠି ହୋଇ ପାରିବେ ?

ଏକ ଅସଜଡ଼ା ପ୍ରଶ୍ନ...

ଚିନ୍ତା କରିବାକୁ ବାଧ୍ୟ ହେଲେ ପୂଜାରୀ...

କିଛି ସମୟ ଅତିକ୍ରାନ୍ତ ହେବାରୁ ଅତିଷ୍ଠ ହୋଇ ଉଠିଲା ପୀତାମ୍ବର୍ ।

: ବାବା!, କିଛି କହିଲେ ନହିଁ ଯେ !!

: ମୁଁ ଜ୍ୟୋତିଷ ନୁହେଁ, ପୀତାମ୍ବର । ଜଣେ ପୂଜାରୀ । ଧର୍ମପରାୟଣ ମନୁଷ୍ୟ ଏଠାକୁ ଯେଉଁମାନେ ଆସନ୍ତି ମୁଁ କେବେଳ ସେମାନଙ୍କ ଆଚରଣକୁ ଲକ୍ଷ୍ୟ କରେ । ସେମାନଙ୍କ ଭଳି ଧର୍ମବଳ ଏବଂ ବିଶ୍ୱାସକୁ ପରୀକ୍ଷା କରେ । ତୁମେ ଏବଂ ପଦ୍ମା ମତେ ମହାପରୀକ୍ଷାରେ ପକାଇ ଦେଇଛ । ମୁଁ ଜାଣେନା ତୁମ ଦୁହିଁଙ୍କ ଭବିଷ୍ୟତ କ'ଣ । ମୋ ପାଖରେ ବର୍ତ୍ତମାନ ସୁଦ୍ଧା ତୁମେ ଦୁହେଁ ଶିଶୁ, ଅବୋଧ । ତୁମେ ଦୁହେଁ ନିଜ ନିଜର ପ୍ରକୃତି ନେଇ ଜନ୍ମ ହୋଇଛ । ନିଜ ନିଜ ପ୍ରକୃତି ଅନୁସାରେ ଆଗେଇ ଚାଲ । ତୁମ ପାଖେ ପାଖେ ମୁଁ ଅଛି । ଯଥା ସମୟରେ ମାର୍ଗ ଦର୍ଶାଇ ଦେବି ।

ଟିକିଏ ଅମିଯାଇ ଆକାଶକୁ ଚାହିଁଲେ ପୂଜାରୀ ବାବା । ତା'ପରେ ପୁଣି କହିଲେ : ଝଡ଼ ସାମାନ୍ୟ କମିଛି ! ତୁମେ ବର୍ତ୍ତମାନ ଗୃହକୁ ଫେରିଯାଅ ପୀତାମ୍ବର । ଈଶ୍ୱର ନିଶ୍ଚୟ ମଙ୍ଗଳ କରିବେ ।

ପୂଜାରୀ ବାବାଙ୍କୁ ପ୍ରଣାମ କରି, ଭାରାକ୍ରାନ୍ତ ମନ ନେଇ ଫେରି ଆସିଲା ପୀତାମ୍ବର ।

ଉପବନରେ ଅନ୍ଧକାର ସଂପୂର୍ଣ୍ଣ ଗାଢ଼ ହୋଇ ଆସିଥିଲା । ବର୍ଷା ଛାଡ଼ି ଯାଇ ଥିଲେ ମଧ୍ୟ ରାସ୍ତା କିଛିଟା କଦମାକ୍ତ ହୋଇଥିଲା ।

ସେଇ କାଦୁଅ ରାସ୍ତାରେ ପାଦ ଟିପି ଟିପି ଆଗେଇ ଚାଲିଲା ପୀତାମ୍ବର ।

ତା'ର ଭୟଥିଲା, କାଳେ କୌଣସି ସରୀସୃପ ଦ୍ୱାରା ସେ ଆକ୍ରାନ୍ତ ହୋଇପାରେ । ଏଣୁ କିଛି ରାସ୍ତା ଏପାଖ ସେପାଖ ଚାହିଁ ସେ ସତର୍କରେ ଚାଲିଲା, ତା'ପରେ ଧାଇଁଲା ଖୁବ୍ ଜୋରରେ । ମନ୍ଥର ହେଲା ଠିକ୍ ଗାଁ ମୁଣ୍ଡରେ ।

ମନେ ମନେ ଈଶ୍ୱରଙ୍କୁ ଧନ୍ୟବାଦ ଜଣାଇଲା, ଯାହା ହେଉ, ସରୀସୃପ ଆଘାତ ଜନିତ କୌଣସି ଦୁର୍ଘଟଣାର ସମ୍ମୁଖୀନ ସେ ହୋଇନାହିଁ...

ଜମିଦାର ହରଗୋବିନ୍ଦ ମାନଧାତା, ଗୁମାସ୍ତା ଗଣନାଥ ରାଉତଙ୍କ ସହିତ କେତେଗୁଡ଼ାଏ ଅନାବାଦୀ ଜମିଜମା ସଂକର୍ପରେ ଆଲୋଚନା ମଗ୍ନ ଥିଲେ ।

କକ୍ଷ ମଧ୍ୟକୁ ପାନସୁପାରୀ ଧରି ପଶି ଆସିଲେ ଜମିଦାରଙ୍କ ଅଳ୍ପ ବୟସ୍କା ଦ୍ୱିତୀୟ ପକ୍ଷ ସୁନ୍ଦର ପତ୍ନୀ

ଅନୁପମା ଦେବୀ । ରୌପ୍ୟ ନିର୍ମିତ ପାନ ପାତ୍ରଟିକୁ ପୁରୁଣା ମେଜ ଉପରେ କଚାଡ଼ି ଦେଇ ଖଣ୍ଡେ ଦୂରରେ ସେ ମୁହଁ ବୁଲାଇ ଠିଆ ହେଲେ ।

ଅନୁପମାଙ୍କ ପ୍ରକୃତି ଅତି ବିଚିତ୍ର । ଯେତିକି ସୁନ୍ଦରୀ, ସେତିକି କୁଟୀଳା, ରହସ୍ୟମୟୀ ଏବଂ ଜିଦ୍‌ଖୋର ।

ପତ୍ନୀଙ୍କ ଭାବ ମୁଦ୍ରାଦେଖି, ଆଳାପ ବନ୍ଦକରି ଦୃଷ୍ଟି ନିକ୍ଷେପ କଲେ ହରଗୋବିନ୍ଦ ମାନଧାତା । ଲକ୍ଷ୍ୟ କଲେ ଶ୍ରୀମତୀ କିଛିଟା ଉତ୍ୟକ୍ତ ହେଲାପରି ମନେ ହେଉଛନ୍ତି । ଅଧରକୁ ଦାନ୍ତରେ କାମୁଡ଼ି ଧରିଛନ୍ତି ।

ଲକ୍ଷଣ କିଛି ଭଲ ନୁହେଁ । ନାରୀ ଯଦି ନିଜ ଓଠକୁ ନିଜ ଦାନ୍ତରେ ଦଂଶନ କରିବା ଆରମ୍ଭ କରେ ତେବେ ଜାଣିବାକୁ ହେବ ଯେ ନିକଟ ଭବିଷ୍ୟତରେ ଏକ ଖଣ୍ଡପ୍ରଳୟ ହେବାକୁ ଯାଉଛି ।

ନିଜ ପତ୍ନୀଙ୍କର ପ୍ରତ୍ୟେକଟି ମୁଦ୍ରା ସହିତ ପରିଚିତଥିଲେ ଜମିଦାର । ସଂକୁଚିତ ହୋଇ ମସ୍ତକ ଅବନତ କରି ବସି ରହିଥିଲେ ଗୁମାସ୍ତା ଗଣନାଥ ।

ଶୁଣାଗଲା ଜମିଦାରଙ୍କ ଗମ୍ଭୀର କଣ୍ଠ ସ୍ୱର···

: କିଛି କହିବ ବୋଧ ହୁଏ ?

ସ୍ୱାମୀଙ୍କ କଥାକୁ ଉପେକ୍ଷା କଲାଭଳି ବେପରୁଆ କଣ୍ଠରେ ଅନୁପମା ଉତ୍ତର ଦେଲେ : ଗୁମାସ୍ତା ବାବୁ ! ଆପଣ ଟିକିଏ ବାହାରକୁ ଗଲେ, ଜମିଦାରଙ୍କ ସହିତ ମୋର ଦୁଇପଦ ଜରୁରୀ ଆଲୋଚନା ଅଛି ।

ଜମିଦାର ମାନଧାତା ଜାଣନ୍ତି ଅନୁପମାନଙ୍କ ଜରୁରୀ କଥାଗୁଡ଼ାକ କେଉଁ ପ୍ରକାରର । ତଥାପି ସେ ପ୍ରତିବାଦ କରି ପାରିଲେ ନାହିଁ । କାରଣ ବୃଦ୍ଧକାଳେ ଯୁବତୀ ପତ୍ନୀର ପାଣି ଗ୍ରହଣ କରି ସେ ନିଜର ଆତ୍ମବଳ, ବ୍ୟକ୍ତିତ୍ୱ ସବୁ କିଛି ହରାଇ ସାରିଛନ୍ତି ।

ଅନୁପମାଙ୍କୁ ଶାସନ କରିବା ଶକ୍ତି ତାଙ୍କ ପାଖରେ ନଥିଲା ।

ମାଲିକଙ୍କ ଦୁର୍ବଳତା ସ୍ପଷ୍ଟ ଅନୁଭବ କରିପାରି ଗୁମାସ୍ତା ଗଣନାଥ ଚୁପଚାପ୍ ବାହାରକୁ ଚାଲିଗଲେ । ତାଙ୍କୁ ଲକ୍ଷ୍ୟ କରି ଜମିଦାରଙ୍କ ମୁହଁରେ ବିରକ୍ତି ଭାବ ଫୁଟି ଉଠିଲା ।

: ଯାହା ଅଭିଯୋଗ ଥିଲା ଅନ୍ୟ ସମୟରେ କହିଥିଲେ ହୋଇ ନଥା'ନ୍ତା ? ଗୋଟାଏ ଜରୁରୀ ଆଲୋଚନା ଚାଲିଥିଲା ବେଳେ, ଗଣନାଥଙ୍କୁ ଏପରି ଭାବେ ବାହାରକୁ ପଠାଇ ଦେବାଟା !!

: ଥାଉ ! ସେ, ନୀତି ଶାସ୍ତ୍ରଗୁଡ଼ାକ ମତେ ଶୁଣାଅନା । ଗଣନାଥ ତୁମର ଖାଲି ଗୁମାସ୍ତା ନୁହେଁ, ପୁରୁଣା ମୁଷା ମଧ୍ୟ । ବିଲେଇ ଆଖି ବୁଜି ଦୁଧ ପିଉଛି । ତୁମେ ଅନ୍ଧ ବୋଲି ତୁମକୁ ଦେଖାଯାଉ ନାହିଁ । ହେଲେ ଅନ୍ୟମାନେ କ'ଣ ଜାଣିପାରୁ ନାହାଁନ୍ତି ?

ବିସ୍ମିତ ନେତ୍ରରେ ମାନଧାତା ଚାହିଁଲେ···

: ଯାହା କହିବାକୁ ଚାହୁଁଛ, ପରିଷ୍କାରକରି କହୁନାହଁ କାହିଁକି ?

: କମଳ ସାରାତ ବାଳ, ବାଛିବି କେତେ ? ହଁ... ବାପ ଯେତେବେଳେ ଗୁମାସ୍ତା ପ୍ରେମରେ ଭୋଳ, ଝିଅ ସେତେବେଳେ ଗୁମାସ୍ତାର ପୁଅକୁ ଗଳାମାଳୀ କଲେ ଅସୁବିଧା କ'ଣ ? କିହୋ, ଲୋକ କ'ଣ ସେ କଥା ବୁଝୁଛନ୍ତି ? ତାଙ୍କ ମୁହଁରେ ବାଡ଼ବତା ଦେବ କିଏ ? ତୁମକୁ ଏ ସବୁ ଶୁଣିବା ପାଇଁ ସମୟ କାହିଁ ? ନିନ୍ଦା ଅପବାଦ ସବୁ ଆସି ମୋ କାନରେ ପଡୁଛି । ଲୋକଙ୍କୁ କହିବା ପାଇଁ ସୁବିଧା ମଧ୍ୟ ହୋଇ ଯାଇଛି, ମୁଁ ପରା ସାବତ ମାଆ... ।

ଗମ୍ଭୀର ହୋଇ ଉଠିଲା ମାନଧାତାଙ୍କ ବ୍ୟକ୍ତିତ୍ୱ...

ସେ ଜାଣିପାରିଲେ, ପତ୍ନୀଙ୍କ ଅଭିଯୋଗ କାହା ବିରୁଦ୍ଧରେ । କିନ୍ତୁ ଅଭିଯୋଗ ଅକ୍ଷେପ ମୂଳକ ଅଟେ । ସେ ଭଲ ଭାବରେ ଜାଣନ୍ତି ଗୁମାସ୍ତା ଗଣନାଥଙ୍କ ଭଳି, ତାଙ୍କ ପୁଅ ସଚ୍ଚରିତ୍ର... ଭଦ୍ର... ।

ଅନୁପମାଙ୍କ ମନରେ କେହି ବିଷଭରି ଦେଇଛି । ସେ ବିଷକୁ ବାହାର କରି ଦିଆନଗଲେ, ଭବିଷ୍ୟତରେ ତାହା ଦାବାନଳ ସଦୃଶ ସମସ୍ତ ପରିବାରକୁ ଧ୍ୱଂସ କରିଦେବ ।

ଅହଂକାର ମିଶା କଣ୍ଠରେ ସେ କହିଲେ...

: କିଏ କ'ଣ କହୁଛି ଶୁଣେ ? ମତେ କିମ୍ବା ମୋ ପରିବାରକୁ ସମାଲୋଚନା କଲାଭଳି ଲୋକ ଏ ଗାଁରେ ଥିଲାପରି ମୋର ମନେ ହୁଏନା । ଯଦି କେହି ସେ ଭଳି ଦୁଃସାହାସ କରିଥାଏ ତା' ନାଁ ପକାଶ କର ଅନୁରାଧା ଦେଖିବ, ମୁଁ କେମିତି ଉଚିତ ଶିକ୍ଷା ଦେଉଛି ।

କଥାର ମୋଡ଼ ବଦଳାଇଲେ ଅନୁପମା ।

: ସେ ବାହାଦୁରୀ ଗୁଡ଼ାକ ଥାଉ । ଝିଅ ତୁମର ଆଉ ପିଲା ହୋଇ ରହିନି । ହସିବା ଖେଳିବା ବୟସ ତା'ର ଯାଇଛି । ଏ ବୟସରେ ରାତି ଅଧକୁ ଘରକୁ ଫେରିବ, ଏଇଟା କ'ଣ ସୁନ୍ଦର ହେଉଛି ? ଅଲାଜୁକି, ନିଲ୍ଲଜୀ, ଯେତେବେଳେ ଦେଖ ସେ ଟୋକାଟା ସାଥିରେ ହେଁ... ହେଁ... ଫେଁ... ଫେଁ... । ଜନ୍ମ ନକଲେ ବି, ମୁଁ ତା'ର ମାଆ, ତୁମ ସ୍ତ୍ରୀ... ଏ ଘରର ବୋହୂ । ମାଆ ଥିଲେ ଆଜି ପର୍ଯ୍ୟନ୍ତ ସେ କ'ଣ ଏମିତି ଅଭିଆଡ଼ୀ ହୋଇ ଚଣ୍ଡୀଙ୍କ ଭଳି ଘରଘର ବୁଲୁଥାଆନ୍ତା ?

ମନେ ମନେ ହସି ଉଠିଲେ ଜମିଦାର... ।

ଅନୁପମାଙ୍କ ଅଭିଯୋଗ ପଦ୍ମଗନ୍ଧା ବିରୁଦ୍ଧରେ । ପ୍ରଥମ ପତ୍ନୀଙ୍କର ଏକମାତ୍ର ଜୀବନ୍ତ ସ୍ମୃତି ସେ । ପରିବାରରେ ତା'ର ମହତ୍ତ୍ୱ, ତା'ର ଆଦର ସବୁଠାରୁ ଅଧିକ । ମାତୃ ସ୍ଥାନୀୟା ହେଲେ ମଧ୍ୟ ଅନୁପମା ତାହା ସହି ପାରନ୍ତି ନାହିଁ ।

ଇର୍ଷା କରିବାର ନାରୀର ସହଜାତ ପ୍ରବୃତ୍ତି । ସେ ମାତା ହୋଇପାରେ, କନ୍ୟା ହୋଇପାରେ ଅଥବା ଭଗ୍ନୀ...

: କ'ଣ ଭାବି ଚାଲିଛ ଯେ !! ଧ୍ୟାନ ଭଙ୍ଗ କଲେ ଅନୁପମା... ମୁଁ... ଜାଣେ ପରା ତୁମ ଅଲିଅଳୀ ଝିଅ ସଂପର୍କରେ କୌଣସି କଥା ଶୁଣିବାକୁ ତୁମେ ଆଦୌ ପ୍ରସ୍ତୁତ ହେବ ନାହିଁ ।

ସ୍ମିତ ହସିଲେ ଜମିଦାର...

: ନା, ଅନୁପମା, ତୁମ ଅଭିଯୋଗ ଯଥାର୍ଥତା ମୁଁ ଅନୁଭବ କରି ପାରୁଛି । ପଦ୍ମଗନ୍ଧାକୁ ସତର ପୁରି ଅଠର ଚାଲିଲା । ସେ ବିବାହ ଯୋଗ୍ୟା ହୋଇ ସାରିଛି । ତା' ପାଇଁ ମୁଁ ଉପଯୁକ୍ତ ବରପାତ୍ରର ସନ୍ଧାନ ନେଉଛି । ହୁଏତ ଖୁବ୍ ଶୀଘ୍ର ସେ ଆମକୁ ଛାଡ଼ି ପର ଘରକୁ ଚାଲିଯିବ । ତୁମର ବ୍ୟସ୍ତତା କେବଳ ତା' ଚରିତ୍ର ପାଇଁ, ତା' ହସ ଖୁସୀ ପାଇଁ । ଯେଉଁଟା ଏ ବୟସରେ ଶୋଭନୀୟ ନୁହେଁ । ଏଇଆତ !!

ଅନୁପମା ଭ୍ରୂ-କୁଞ୍ଚିତ କଲେ...

: ଶୋଭନୀୟ କି ଅଶୋଭନୀୟ, ତୁମେ ଜାଣି ପାରୁନ କି ?

: ଜାଣିଛି, ଭଲଭାବରେ ଜାଣିଛି । ମୁଁ ଜାଣେ, ସେ କ'ଣ ଆଉ ତା' ଚରିତ୍ର କ'ଣ ? ବାକି ରହିଲା ପୀତାମ୍ବର କଥା । ପୀତାମ୍ବର ସହିତ ସେ ପିଲାଦିନୁ ହସିଖେଳି ଆସିଛି । ଏଣୁ ତା'ପ୍ରତି ତା'ର ଆନ୍ତରୀକତା ରହିବା ସ୍ୱାଭାବିକ, ସେ ଆନ୍ତରିକତାକୁ ତୁମେ ବିକୃତ ରୂପ ଦେଉଛ କାହିଁକି ? ପୀତାମ୍ବର, ଗଣନାଥର ପୁତ୍ର । ଉପଯୁକ୍ତ ପିତାର ଉପଯୁକ୍ତ ଦାୟାଦ । ମୋ କର୍ମଚାରୀର ପୁତ୍ର ହେଲେ କ'ଣ ହେଲା, ମୁଁ ଯୋରଦେଇ କହିପାରେ, ଆଖପାଖ ଦଶଖଣ୍ଡ ମୌଜାରେ ତା'ଭଳି ସଚ୍ଚରିତ୍ର ଯୁବକ ଆଉ କେହି ନାହାଁନ୍ତି । ତୁମେ ଅଯଥାରେ ତାକୁ ସନ୍ଦେହ କରୁଛ ।

ଆଘାତ ପାଇଲେ ଅନୁପମା···

ନାକ ସୁଁ ସୁଁ କରି କହିଲେ : ଜାଣେ ପରା, ମୁଁ ଯେତେ ଭଲ କହିଲେ ସେଇଟା ତୁମକୁ ଅଭଲ ଲାଗିବ । କାରଣ, ମୁଁ ମାଆ ନୁହେଁ ସାବତ ମାଆ । ତା' ପ୍ରତି ମୋର ସ୍ନେହ, ମମତା ନାହିଁ ।

: ଅନୁ !!

: ଆଉ··· । ଯଦି ସେମିତି ଭାବୁଛ, ପୀତାମ୍ବର ସାଥୀରେ ତା' ବାହାଘର କରି ଦେଉନ ? ଅଠର ବର୍ଷତ ହେଲାଣି, ଆଉ କେତେ ଦିନ ଘରେ ରଖିବ ? ଗଣନାଥ ମଧ୍ୟ କିଛି କମ୍‌ରେ ନାହାଁନ୍ତି । ତମ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ଯେତେ ମାରିବା କଥା ମାରି ସାରିଛନ୍ତି । ଯଦି ନିଅଣ୍ଟ ହୁଏ, ତୁମ ଜମିଦାରୀରୁ ତା' ନାଁରେ କିଛି କରିଦେବ । ବାକି ରହିଲା, ଜାତିଗୋତ୍ର କଥା, ଆଜିକାଲି ସବୁ ଚାଲୁଛି··· ।

ଉତ୍ତେଜିତ ହୋଇ ଉଠିଲେ ଜମିଦାର···

: ଓହୋ ! ତୁମେ ବୁଝନାହଁ କାହିଁକି ? ସବୁ କଥାରେ ଗୋଟାଏ ସୀମା ଥାଏ, ତୁମେ ସୀମା ଟପି ଯାଉଛ । ବରପାତ୍ର କ'ଣ ବଜାରରେ ମିଳୁଛି ଯେ, କିଣି ଆଣିବି ? ଚାରିଆଡ଼େ ଲୋକ ଲଗାଇଛି । ପାଞ୍ଚ ସାତ ପ୍ରସ୍ତାବ ଦେଖି ଯେଉଁଠି ମନ ପାଇବ କରିବି । ଗୋଟିଏ ବୋଲି ଝିଅ, ଏମିତି ବ୍ୟସ୍ତ ହେଲେ ଚଳିବ ?

: ଝିଅ ଖାଲି ତୁମର ନୁହଁ, ମୋର ମଧ୍ୟ । ତା' ଅପେକ୍ଷା ମୁଁ ଅଧିକ ଚିନ୍ତା କରୁଛି । ଭଲ ବରପାତଟିଏ

ଯୋଗାଡ଼ିବି ବୋଲି ମତେ ରାତି ଦିନ ନିଦ ଲାଗୁନି । ଯିଏ ହେଲେ କହିବତ, ସାବତ ମାଆ ହେଲେ କ'ଣ ହେଲା, ଗନ୍ଧା ପାଇଁ ଠିକ୍ ବରଟିଏ ଖୋଜି ଦେଇଛି ।

ଅବିଶ୍ୱାସ ନେତ୍ରରେ ମାନଧାତା ଚାହିଁଲେ···

: ସତ କହୁଛ ?

: ସତମିଛ ଖୁବ୍ ଶୀଘ୍ର ପରୀକ୍ଷା ହୋଇଯିବ । ବରପାତ୍ର ମୁଁ ଖୋଜି ସାରିଛି, ଖାଲି ତୁମେ ହଁ ମାରିଲେ ହେଲା ।

: ଭଲକଥା, କିଏ ମନା କରୁଛି ? ପ୍ରସ୍ତାବ ଉପଯୁକ୍ତ ହେଲେ ହେଲା··· । ଅନୁପମାଙ୍କ ଭାବ ଭଙ୍ଗୀ ବଦଳିଗଲା···

ସେ ସ୍ୱାମୀଙ୍କ ପାଖରେ ଆସି ବସିଲେ ।

: ଗର୍ଭରେ ସିନା ଧରିନାହିଁ, ହେଲେ ସଂପର୍କଟା ହେଉଛି ମାଆ, ଝିଅର, ସେ ସଂପର୍କକୁ କେହି କାଟି ଦେଇ ପାରିବେ ନାହିଁ । ତୁମ ଅପେକ୍ଷା ତା'ପାଇଁ ମୋ ଚିନ୍ତା ଅଧିକ । ତା' ନହେଲେ ଲୋକ ମତେ ନିନ୍ଦା କରିବେ ନାହିଁ ? ତୁମେ ବାହାଘର ଆୟୋଜନ କର, ମୁଁ ଏଇ ଦଶ ପନ୍ଦର ଦିନ ଭିତରେ ବରପାତ୍ର ଆଣି ତୁମ ପାଖରେ ହାଜର କରୁଛି ।

ଟିକିଏ ଅଡୁଆ ଅଡୁଆ ଲାଗିଲା ଜମିଦାର ମାନଧାତାଙ୍କୁ ।

ପାପୀ ମୁହଁରେ ରାମ ନାମ··· !!

ସେ, ବୁଝି ପାରିଲେ ନାହିଁ, ଅନୁପମା ମାଆର କର୍ତ୍ତବ୍ୟ କରିବାକୁ ଯାଉଛନ୍ତି, ନା, ତା' ଭିତରେ କିଛି

ଦୂରଭିସନ୍ଧି ଅଛି । ବୁଢ଼ା ଶୁଆ ହଠାତ୍ ରାମନାମ ଗାଇ ଉଠେ ତାହା ଆଦୌ ବିଶ୍ୱାସ ଯୋଗ୍ୟ ନୁହେଁ ।

ବାସ୍ତବିକ ପଦ୍ମଗନ୍ଧା ବିବାହଯୋଗ୍ୟ ହୋଇ ସାରିଛି । ସ୍ନେହର ଆତିଶଯ୍ୟରେ ବାନ୍ଧିହୋଇ ସେ, ତା' ବିଷୟରେ ଚିନ୍ତା କରିନଥିଲେ । ଅନୁପମା ତାହା ସ୍ମରଣ କରାଇ ଦେଇଛନ୍ତି । ସେ ଯାହା କହୁଛନ୍ତି ତାଙ୍କ ହୃଦୟରେ ପ୍ରକୃତରେ ଯଦି ସେଇଆ ଥାଏ, ତେବେ ଧରିନେବାକୁ ହେବ, ଅନୁପମାଙ୍କ ମନରେ ପରିବର୍ତ୍ତନ ଆସିଛି ।

ବୃଦ୍ଧକାଳେ ଯୁବତୀ ପତ୍ନୀ ଗ୍ରହଣ କରିଛନ୍ତି ବୋଲି, ଜମିଦାରଙ୍କ ମନରେ ଯେଉଁ ଲଜ୍ଜା, ଅନୁଶୋଚନା ଥିଲା, ତାହା ସେହି ମୁହୂର୍ତ୍ତରେ ଦୂର ହେଲା ।

ତଥାପି, ଅନୁପମା ନାରୀ, ଅଳ୍ପବୟସ୍କା । କନ୍ୟା ହେଲେବି ପଦ୍ମାର ସମସାମୟିକା । ନାରୀ ମନ ଉପରେ ତା' ବୟସର ପ୍ରଭାବ ସବୁଠାରୁ ଅଧିକ ପଡ଼ିଥାଏ । ଏହାକୁ ଅସ୍ୱୀକାର କରି ହେବନାହିଁ ।

ଧ୍ୟାନ ଭଙ୍ଗ କଲେ ଅନୁପମା···

: କ'ଣ ଭାବୁଛ ? ମତେ ଅବିଶ୍ୱାସ କରୁଛ ବୋଧ ହୁଏ ?

: ନା, ଅନୁ··· ନା । ପ୍ରକୃତରେ ମୁଁ ତୁମ କଥା ଭାବୁଥିଲି । ଗନ୍ଧା ପାଇଁ ତୁମର ଚିନ୍ତା ଯୁକ୍ତିଯୁକ୍ତ । ତୁମେ ବରପାତ୍ରର ସଂଧାନ ନିଅ । ମୁଁ ବିବାହର ଆୟୋଜନ କରୁଛି ।

ଅନୁପମାଙ୍କ ଅଧରରେ ସ୍ମିତ ହାସ୍ୟ ଫୁଟି ଉଠିଲା ।

କୁଟୀଳ... ଉଦ୍ଦେଶ୍ୟ ମୂଳକ... ଯାହା ବୁଝିବା ଜମିଦାରଙ୍କ ସାମର୍ଥ୍ୟର ବାହାରେ ଥିଲା ।

: ହଁ, ଖାଲି ସେତିକି ନୁହେଁ, ଆଗରୁ କହି ରଖୁଛି, ମୋ ନିର୍ବାଚନକୁ ତୁମେ ବରଖାସ୍ତ କରିବ ନାହିଁ । କଥାରେ କହନ୍ତି ନି, "ଆଲୋ ସଖି ଆପଣା ମହତ ଆପେ ରଖି" ? ଆମେ ଜମିଦାର, ଆମ ପାଇଁ ସେହିଭଳି ବନ୍ଧୁ ଦରକାର ।

ଆମ ଝିଅ କୌଣସି ଏକ ଜମିଦାର ଘରକୁ ବୋହୂ ହୋଇଯିବ । ସାଧାରଣ ଘରକୁ ନୁହେଁ । କ'ଣ ବୁଝି ପାରୁଛ ତ ! ଗଣନାଥ ଭଳି ଗୁମାସ୍ତା ଶ୍ରେଣୀର ଘରକୁ ନୁହେଁ... ।

ମାନଧାତା ବର୍ତ୍ତମାନ ସ୍ପଷ୍ଟ ବୁଝି ପାରିଲେ ଝିଅଙ୍କର ବିବାହ ପାଇଁ ଅନୁପମା ଏତେ ଚିନ୍ତିତ କାହିଁକି ? ସେ, ଗଣନାଥଙ୍କ ଭଳି ଏକ ସାଧାରଣ କର୍ମଚାରୀର ପୁଅ ସହିତ ସଂପର୍କ ରଖିଛି । ତା' ସହିତ ହସୁଛି, ଖେଳୁଛି । ଏହା ନିଶ୍ଚିତ ଭାବରେ ଗ୍ରାମବାସୀମାନଙ୍କର ଚକ୍ଷୁଶୂଳ ହୋଇଛି । ହେବା ସ୍ୱାଭାବିକ । ସେମାନଙ୍କ ତୁଣ୍ଡରୁ ଏ ଖବର ଆସି ଅନୁପମାଙ୍କ କାନରେ ବାଜିଛି । ଏଣୁ ଜଣେ ଜମିଦାରର ପତ୍ନୀ ହିସାବରେ ସେ ନିଜର ଅହଂକାର ସାବ୍ୟସ୍ତ କରିବାକୁ ଚାହାଁନ୍ତି ।

ଚିନ୍ତା କଲେ ମାନଧାତା...

ଅନୁପମାଙ୍କ ଅହଂକାର ଯୁକ୍ତିଯୁକ୍ତ; କିନ୍ତୁ ସେ ଯୁକ୍ତି ଭିତରେ ଯଦି କିଛି ରହସ୍ୟ ଲୁଚି ରହିଥାଏ, ତେବେ !!!

ସ୍ୱାମୀଙ୍କର ଚିନ୍ତିତ ମୁଖମଣ୍ଡଳକୁ ଚାହିଁ ଅନୁପମା ପୁଣି କହିଲେ ।

ତୁମେ ସବୁ ଏତେ ଉଦାର ଆଉ ଲଜ୍ଜାହୀନ ହୋଇଗଲେ ସଂସାର ଚଳିବ କେମିତି ? ପରିବାରର ମାନ ମର୍ଯ୍ୟାଦା ତ ପୁଣି ଅଛି ? ତିନି ତୁଣ୍ଡରେ ଛେଳି କୁକୁର ପାଲଟି ଯାଉଛି । ସଜମାଛରେ ପୋକ ପକାଇବା ପାଇଁ ଏ ଯୁଗର ଲୋକ ଅଭାବ ନାହାଁନ୍ତି । ଏଣୁ ନିଜର ମଙ୍ଗଳ ପାଇଁ ପରିବାରର ମର୍ଯ୍ୟାଦା ପାଇଁ ବେଳେ ବେଳେ ଗୃହକର୍ତ୍ତାଙ୍କୁ କଠୋର ଭାବ ଦେଖାଇବାକୁ ହୋଇଥାଏ । ତୁମେ ଜମିଦାର··· ପୁରୁଷ ଶ୍ରେଷ୍ଠ··· ତୁମକୁ ମୁଁ ଏ ବିଷୟରେ ବୁଝାଇବି ବା କ'ଣ ?

ପ୍ରକୃତିସ୍ଥ ହେଲେ ମାନଧାତା··· ।

: ମୁଁ ସବୁ ବୁଝିପାରୁଛି ଅନୁପମା···

: କିନ୍ତୁ, କାର୍ଯ୍ୟ କ୍ଷେତ୍ରରେ ଓଲଟା । ଆଜି ଗୁମାସ୍ତାଙ୍କୁ ସିଧାସଳଖ କହିଦିଅ, ସେ ତାଙ୍କ ପୁଅକୁ ଆକଟ କରନ୍ତୁ । ଆଉ ତୁମେ ମଧ୍ୟ ପଦ୍ମାକୁ ଶାସନ କର । ଘର ଛାଡ଼ି ସଦାବେଳେ ବାହାରେ ବୁଲିବା ଆମ ପାଇଁ ଶୋଭନୀୟ ନୁହେଁ । ଦିନ କେଇଟା ପରେ, ସେ ଯାଇ ଆଉ ଗୋଟାଏ ଘର ସମ୍ଭାଳିବ । ବୋହୂ ହେବାର କାଇଦା କଟକଣା କିଛିଟା ଶିଖିବା ଦରକାର । ଶାଶୁ ଘରେ ଯାଇ ଯଦି ଚଣ୍ଡୀଙ୍କ ଭଳି ହୁଏ, କାହାର ନାଁ ପଡ଼ିବ ଜାଣିଛ ତ ? ଲୋକେ ହୁଏତ ତୁମକୁ ଭୟ କରି କିଛି କହି ନପାରନ୍ତି; କିନ୍ତୁ ମାଆ ହିସାବରେ ମତେ

ସବୁକିଛି ଶୁଣିବାକୁ ପଡ଼ିବ । ଯିଏ ହେଲେ କହିବ, ସାବତ ମାଆ ଯୋଗୁ ଝିଅଟା ଏପରି ନଷ୍ଟ ହୋଇ ଯାଇଛି । ତାକୁ ଘରକରଣା କିଛି ହେଲେ ଶିକ୍ଷା ଦେଇ ନାହିଁ ।

ଆଘାତ ପାଇଲା ଗୋଟାଏ କନ୍ୟା ବତ୍ସଳ ପିତାର ହୃଦୟ···

: ଅନୁ··· ଅନୁପମା ! ! ଏ କ'ଣ କହୁଛ ?

: ଠିକ୍ କହୁଛି । ତୁମର ଅତ୍ୟଧିକ ସ୍ନେହ ତାକୁ ଜିଦ୍‌ଖୋର କରାଇ ଦେଇଛି । ଯାହା ଫଳ ଆଦୌ ଶୁଭସୂଚକ ନୁହେଁ । ମୋ କଥାରେ ଯଦି ଅବିଶ୍ୱାସ ହେଉଛି, ଯାଅ ମଣିନାଗ ମନ୍ଦିରର ପୂଜକଙ୍କୁ ପଚାର ।

ଦୀର୍ଘ ନିଃଶ୍ୱାସ ତ୍ୟାଗ କଲେ ହରଗୋବିନ୍ଦ ମାନଧାତା···

: ତୁମେ ଠିକ୍ କହିଛ ଅନୁପମା··· । ପଦ୍ମାର ବିବାହ ଖୁବ୍ ଶୀଘ୍ର ଆୟୋଜନ କରିବାକୁ ହେବ । ତୁମେ ଯାଅ, ଆଜି ରାତ୍ରୀରେ ହିଁ, ମୁଁ ତାକୁ ସାବଧାନ କରାଇ ଦେବି··· ।

ଆସନ ପରିତ୍ୟାଗ କଲେ ଅନୁପମା ।

ଚାଲି ଯାଉଥିଲେ, ପଛରୁ ଡାକିଲେ ମାନଧାତା···

: ଆରେ ହଁ, ଗୁମାସ୍ତାଙ୍କୁ ପଠାଇ ଦିଅ, ଆଉ କେତେଟା କାଗଜ ପତ୍ର ଦେଖିବାର ଅଛି ।

ମୁହଁ ବୁଲାଇ ନିଃଶବ୍ଦରେ ହସିଲେ ଅନୁପମା, ତା'ପରେ ମତ୍ତହସ୍ତୀ ଭଳି ଢ଼ଳି ଢ଼ଳି ବେଶ୍ ଆରାମରେ କକ୍ଷ ପରିତ୍ୟାଗ କଲେ ।

Digitized by
Deb's Library Corner

ଚିନ୍ତା ରାଜ୍ୟରେ ବୁଡି ଗଲେ ହରଗୋବିନ୍ଦ ।

ସାବତ ମା' ହେଲେ ବି, ଅନୁପମା ମିଥ୍ୟା କହି ନାହାଁନ୍ତି । ପଦ୍ମା ଦିନକୁ ଦିନ ଜିଦ୍‌ଖୋର ହୋଇଯାଉଛି । ଆଜିଠାରୁ ସାବଧାନ କରାଇ ନଦେଲେ, ଭବିଷ୍ୟତରେ ଉଶୃଙ୍ଖଳ ହୋଇ ଉଠିବ । ଭାବପ୍ରବଣ ହୋଇ ଯଦି କିଛି ଗୋଟାଏ କରିବସେ !!

ଭାରାକ୍ରାନ୍ତ ମନ ନେଇ କକ୍ଷ ମଧ୍ୟକୁ ପଶି ଆସିଲେ ଗୁମାସ୍ତା ଗଣନାଥ । ପୂର୍ବାସନ ଗ୍ରହଣ କରି, ପୁଣିଥରେ ଫାଇଲ ଖୋଲିଲେ ।

ମସ୍ତକ ଉତ୍ତୋଳନ କଲେ ଜମିଦାର ।

: ଗଣନାଥ !

: ମାଲିକ ?

: ଅନୁପମାଙ୍କ ବ୍ୟବହାର ତୁମକୁ ଆଘାତ ଦେଇଛି ନା ?

: ନା, ମାଲିକ । ମାଲିକାଣୀ ଯାହା କହିଗଲେ ତାହା ଏକାନ୍ତ ସତ୍ୟ । ମୁଁ ବାହାରେ ଥାଇ ସବୁ ଶୁଣିଛି । ସବୁ ମଣିଷ ସମାନ ନୁହଁ । ପୂର୍ବ ମାଲିକାଣୀ ଥିଲାବେଳେ, ପଦ୍ମା ମାଆ ସହିତ ପୀତାମ୍ବର ମିଳାମିଶାକୁ ସୁଯୋଗ ଦେଇଥିଲେ । ସେ କେବଳ ଚାହୁଁଥିଲେ ସନ୍ତାନର ସୁଖ । ସେଥିପାଇଁ ସେ ନିଜର ଆତ୍ମମର୍ଯ୍ୟାଦା ବଳି ଦେବା ପାଇଁ ମଧ୍ୟ ପ୍ରସ୍ତୁତ ଥିଲେ । ଅପରପାର୍ଶ୍ୱରେ ନୂଆ ମାଲିକାଣୀ, ସନ୍ତାନ ସୁଖ ଅପେକ୍ଷା, ଆତ୍ମସମ୍ମାନକୁ ଅଧିକ ମହତ୍ୱ ଦିଅନ୍ତି । ଏଣୁ, ପିଲାମାନଙ୍କର ଏପରି ମିଳାମିଶାକୁ ସେ ପସନ୍ଦ ନ କରିବା ସ୍ୱାଭାବିକ ।

ବକ୍ତବ୍ୟକୁ ଟିକିଏ ବିରାମ ଦେଇ ଜମିଦାରଙ୍କ ମୁହଁକୁ ଚାହିଁଲେ ଗଣନାଥ । ତାଙ୍କ ନିକଟରେ କୌଣସି ପ୍ରତିକ୍ରିୟା ପ୍ରକାଶ ନ ପାଇବାରୁ, ସେ ପୁଣି କହିଲେ···

: ବାସ୍ତବିକ ପଦ୍ମା ମା' ବିବାହଯୋଗ୍ୟା ହୋଇ ସାରିଛନ୍ତି । ଝିଅ··· ଘିଅ, କେତେବେଳେ କୋଉ କଥା । ବେଶୀଦିନ ଘରେ ସାଇତି ରଖିବା ପାଇଁ ମାଲିକାଣୀ ଚାହାଁନ୍ତି ନାହିଁ । ଏଣୁ ଯଥା ଶୀଘ୍ର ବିବାହ କାର୍ଯ୍ୟ ସାରିଦେବା କଥା···

ଜମିଦାରଙ୍କ ଗମ୍ଭୀର କଣ୍ଠସ୍ୱର ଶୁଣାଗଲା···

: ଖରାପ ଭାବିବନି ଗଣନାଥ··· ଠିକ୍ ସେହିପରି, ପୀତାମ୍ବର ମଧ୍ୟ ଆଉ ପିଲା ହୋଇ ନାହିଁ । ଏ ବୟସରେ ପଦ୍ମା ସାଥୀରେ ଖୋଲାଖୋଲି ମିଳାମିଶା କରିବାଟା ସୁନ୍ଦର ହେଉନାହିଁ । ତୁମେ ତାକୁ ଟିକିଏ ସାବଧାନ କରାଇ ଦିଅ । ପିଲାଦିନ କଥା ଅଲଗା ଥିଲା, ବର୍ତ୍ତମାନ ସେ ସବୁ ଶୋଭା ପାଏନା । ପଦ୍ମାର ମାଆ ପୀତାମ୍ବରଙ୍କୁ ବହୁତ ଆଦର କରୁଥିଲେ । ତା' ପ୍ରତି ମୋ ମନରେ ମଧ୍ୟ ଅନେକ ସ୍ନେହ ଆଦର ରହିଛି । ଏଣୁ ତୁମେ ମଧ୍ୟ ପୀତାମ୍ବର ପାଇଁ ସୁଯୋଗ୍ୟ ପାତ୍ରୀଟିଏ ଦେଖ । ପାଖାପାଖି ଦୁଇଟା ଯାକ କାର୍ଯ୍ୟ ଉଠାଇ ଦେବା ।

ନମ୍ର କଣ୍ଠରେ ଉତ୍ତର ଦେଲେ ଗଣନାଥ···

: ସେ କାମରେ ମୁଁ ହେଳା କରୁନାହିଁ ମାଲିକ । ଦୁଇ ତିନିଟା ପ୍ରସ୍ତାବ ମଧ୍ୟ ଆସିଛି । ଭାବୁଛି ସେଥିରୁ ଗୋଟିଏ ସ୍ଥିର କରିଦେବି ! ବାକି ରହିଲା ଉଭୟଙ୍କ

ମିଳାମିଶା କଥା । ତାହା ଆପଣଙ୍କ ପୂର୍ବରୁ ମୋ ଦୃଷ୍ଟି ପଥକୁ ଆସିଛି । ସେଥିପାଇଁ ମୁଁ ପୀତାମ୍ବରକୁ ବହୁଥର ସାବଧାନ କରାଇ ଦେଇଛି । କିନ୍ତୁ, ଛୁଆ ମା'ଙ୍କ ଜିଦ୍ ଯୋଗୁ ମୁଁ ଏବଂ ମୋ ପରିବାର ମଥା ପୋତିବାକୁ ବାଧ୍ୟ ହେଉଛୁ ।

: ତା'ଜିଦ୍ ମୁଁ ଆଜି ଛଡ଼ାଇ ଦେଉଛି ଗଣନାଥ । ମାତୃହରା ପିଲାଟା ବୋଲି ଟିକିଏ ଅଧିକ ସ୍ନେହ କରିଦେଲି । ତା' ପ୍ରତିଦାନ କ'ଣ ଏଇଆ ? ତୁମେ ଆଜି ଯାଅ ଗୁମାସ୍ତାଏ, ରାତି ବି ଅନେକ ହେଲାଣି । ଆଉ ଯାହା କାଗଜପତ୍ର ରହିଗଲା ସକାଳେ ଦେଖିବା ।

ଫାଇଲ ବନ୍ଦକର ଗୁମାସ୍ତା ଗଣନାଥ ରାଉତ । ଜମିଦାରଙ୍କଠାରୁ ବିଦାୟ ଗ୍ରହଣ କରି ଧିରେ ଧିରେ ନିଜ ବାସଗୃହ ଆଡ଼େ ଆଗେଇଲେ ।

ସେତେବେଳେ ତାଙ୍କ ମନରେ ଭରି ରହିଥିଲା ଅନେକ ଚିନ୍ତା ଏବଂ ଆଶଙ୍କା ।

ପୁତ୍ର ମୁଖରୁ ସମସ୍ତ ସତ୍ୟ ଶ୍ରବଣ କରିବା ପରେ ଗଣନାଥ ଚିନ୍ତିତ ହୋଇ ଉଠିଲେ ।

ପଦ୍ମାର ମା' ଥିଲାବେଳେ, ଭାବ ପ୍ରବଣତାରେ ହେଉ ଅଥବା ସତରେ ହେଉ, ଅନେକ ଥର କହିଛନ୍ତି,

ପୀତାମ୍ବରଙ୍କୁ ନିଜର ଜାମାତା କରିବା ପାଇଁ । ସେଥିପାଇଁ ସେ ନିଜର ଏକମାତ୍ର ଅଲିଅଳୀ କନ୍ୟାକୁ ପୀତାମ୍ବର ସହିତ ମିଶିବା ପାଇଁ ସ୍ୱାଧୀନତା ଦେଇଥିଲେ । ପିଲା ଦୁଇଟାଙ୍କୁ ସେ ନିଜ ଆଦର୍ଶରେ ଗଢ଼ିତୋଳୁ ଥିଲେ । କୌଣସି ପ୍ରତିବନ୍ଧକ ନଥିବା ହେତୁ ସେ ଦୁହେଁ ସମସ୍ତ ବାଧା ବନ୍ଧନ କାଟି, ଏକମନ, ଏକ ପ୍ରାଣ ହୋଇଗଲେ । ଏଥିରେ ସେମାନଙ୍କର ଦୋଷ ବା କ'ଣ ?

ଦୋଷ ହେଉଛି ପରିସ୍ଥିତିର । ସାଆନ୍ତାଣୀଙ୍କ ଅକାଳ ମୃତ୍ୟୁ ପରେ ପରିସ୍ଥିତି ଓଲଟି ଗଲା । ନିଜେ ଜନ୍ମ କରିଥିଲେ ସିନା ସେ ପଦ୍ମାର ମନକଥା ଜାଣି ପାରନ୍ତେ । ସେ କେବଳ ଜାଣନ୍ତି ନିଜ ଅହଂକାର । ତେଣେ, ମାଲିକଙ୍କ ମୁହଁ ପୁରାପୁରି ବନ୍ଦ । ବୃଦ୍ଧକାଳେ ଯୁବତୀ ପତ୍ନୀ ଘରକୁ ଆସିଲେ ଯାହା ହେବାକଥା ସେଇଆ ହୋଇଛି ।

ଅନୁପମା ସୁନ୍ଦରୀ । ପିତାଙ୍କର ପ୍ରତିପତ୍ତି ଅଛି । ସେହି ଅହଂକାରରେ ସେ ବୃଦ୍ଧ ଜମିଦାରଙ୍କୁ ପ୍ରଭାବିତ କରି ରଖିଛନ୍ତି । ପରିବାରରେ ପଦ୍ମଗନ୍ଧାର ଅଧିକାରକୁ ଅନୁପମା ସହ୍ୟ କରି ପାରନ୍ତି ନାହିଁ । କନ୍ୟାପ୍ରତି ଜମିଦାରଙ୍କ ଅତ୍ୟଧିକ ସ୍ନେହ ତାଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିଛି । ତେଣୁ ସେ ଚାହାଁନ୍ତି, ପିତା ପୁତ୍ରୀ ଭିତରେ କୌଣସି ପ୍ରକାର ବିଭେଦ ସୃଷ୍ଟି କରାଇ, ବିବାହ ଆଳରେ ଘରୁ ବାହାର କରିଦେବାକୁ ।

ଅନୁପମା ଜାଣନ୍ତି ପଦ୍ମଗନ୍ଧା ଗଙ୍ଗା ଜଳପରି ପବିତ୍ର । ତା' ଚରିତ୍ରରେ କୌଣସି ମଇଳା ନାହିଁ । ଏଣୁ ଅସତ୍ୟକୁ ସତ୍ୟରେ ପରିଣତ କରିବା ପାଇଁ ବଳିଷ୍ଠ ପ୍ରମାଣ ଦରକାର । ତା' ନହେଲେ ମାନଧାତାଙ୍କ ମନରୁ କନ୍ୟାପ୍ରୀତି ବାହାର କରି ହେବନାହିଁ ।

ଏଣୁ ନିଜ ଉଦ୍ଦେଶ୍ୟ ସାଧନ ପାଇଁ ସେ ପୀତାମ୍ବରଙ୍କୁ ଏକ ମାଧ୍ୟମ ରୂପେ ବ୍ୟବହାର କରିଛନ୍ତି । ବଂଶ ମର୍ଯ୍ୟାଦା ଆଳରେ କନ୍ୟାକୁ ଶାସନ କରିବା ପାଇଁ ଜମିଦାରଙ୍କୁ ପରାମର୍ଶ ଦେଇଛନ୍ତି । ଅତି ସୁନ୍ଦର ଭାବେ ପଦ୍ମଗନ୍ଧାର ବିବାହ ପ୍ରସ୍ତାବ ଉପସ୍ଥାପନା କରି ନିଜେ ବରପାତ୍ର ଖୋଜିବାର ଦାଇତ୍ୱ ଗ୍ରହଣ କରିଛନ୍ତି ।

ଚିନ୍ତା କରୁଥିଲେ ଗଣନାଥ ରାଉତ···

ପୀତାମ୍ବର ତାଙ୍କ ଔରସ ଜାତ ସନ୍ତାନ । ନିଜ ଆଦର୍ଶରେ ସେ ତାକୁ ଗଢ଼ିଛନ୍ତି, ସେ ଜାଣନ୍ତି ତା'ର ଚରିତ୍ର ଆଉ ସ୍ୱଭାବ କ'ଣ ।

ପଦ୍ମଗନ୍ଧା ସହିତ ପୀତାମ୍ବରର ମିଳାମିଶା ଆଜିର ନୁହେଁ । ପିଲାଦିନର ଧୂଳିଖେଳ ବୟସରୁ ସେମାନେ ଏକାଠି ହୋଇ ଆସିଛନ୍ତି ଏବଂ ତାଙ୍କୁ ସେ ସୁଯୋଗ ଖୋଦ ଜମିଦାର ଏବଂ ତାଙ୍କର ପ୍ରଥମ ପତ୍ନୀ ଦେଇଥିଲେ ।

ହୁଏତ, ସେ ସୁଯୋଗ ବଡ଼ଲୋକି ମନର ଗୋଟାଏ ଚପଳ ଖିଆଲ ହୋଇପାରେ; କିନ୍ତୁ ସେ ଖିଆଲର ପାଖୁଡ଼ା ସାଉଁଟି, ଦୁଇଟି ଅପରିପକ୍ୱ କଳିକା

ଆଜି ସଂପୂର୍ଣ୍ଣ ପ୍ରୁଷ୍ମରେ ପରିଣତ ହୋଇ ସାରିଛନ୍ତି । ଏଥିରେ ସେ ଦୁହିଁଙ୍କର ଦୋଷ କ'ଣ ? ଆଜି ଅଚାନକ କୌଣସି କାରଣ ନଥାଇ ଦୁଇଟି ମିଳନାତ୍ମକ ଆତ୍ମାର ବିଚ୍ଛେଦ ଘଟାଇବା କେତେ କଷ୍ଟ ଏବଂ ଯନ୍ତ୍ରଣା ଦାୟକ ତାହା କେବଳ ଅନୁଭବୀ ଜାଣିବ ସିନା, ଏ ଆତ୍ମ ଅହଂକାରୀ ବଡ଼ ଲୋକମାନେ କ'ଣ ଜାଣିବେ ?

ଅନୁପମା ଦେବୀ ଲୋକ ଅପବାଦ ଉପାଖ୍ୟାନ ଯାହା ଶୁଣାଇଲେ ତାହା ସଂପୂର୍ଣ୍ଣ ମିଥ୍ୟା । ଖାଲି ଏଇ ଗାଁ ନୁହେଁ, ଇଲାକାଟା ଯାକ ଜାଣନ୍ତି ପଦ୍ମଗନ୍ଧା ଆଉ ପୀତାମ୍ବରର ସଂପର୍କ କେତେ ପବିତ୍ର । ସେଇଥି ପାଇଁ ତ ଯୁବକ ଯୁବତୀ ସେ ଦୁହିଁଙ୍କୁ ନିଜର ଆଦର୍ଶ ରୂପେ ବାଛି ନେଇଛନ୍ତି । ସେ ଦୁହେଁ ମଣିଷ ନୁହଁନ୍ତି । ଦୁଇଟି ଅଭିଶପ୍ତ ଗନ୍ଧର୍ବ । ଦେବ ଅଭିଶାପ ପାଇ ମର୍ତ୍ତ୍ୟ ଲୋକରେ ଜନ୍ମ ଗ୍ରହଣ କରିଛନ୍ତି ।

ପଦ୍ମ ଆଉ ପୀତାମ୍ବରର ମିଳନକୁ ଗ୍ରାମବାସୀ ସ୍ୱାଗତ ଜଣାନ୍ତି । ମନ୍ଦିରର ପୂଜକ ଆଶୀର୍ବାଦ ଦିଅନ୍ତି । ତାଙ୍କ ପଛରେ ସମସ୍ତଙ୍କର ପୂର୍ଣ୍ଣ ସମର୍ଥନ ଅଛି । ତଥାପି !!

ତଥାପି ସେମାନଙ୍କର ମିଳନ ହୋଇ ପାରିବ ନାହିଁ । ସେ ଦୁହିଁଙ୍କୁ ଅଲଗା ହେବାକୁ ହେବ । ରାଜା ସହିତ ରଙ୍କର ମିଳନ ଅସମ୍ଭବ । ମାଲିକ କେବେ ଭୃତ୍ୟର ସନ୍ତାନକୁ ଜାମାତା ରୂପେ ଗ୍ରହଣ କରି ନିଜ ଆତ୍ମ ସମ୍ମାନକୁ କ୍ଷୁର୍ଣ୍ଣ କରିବେ ନାହିଁ ।

ଗଣନାଥଙ୍କ ମନରେ ଏକ ଝଡ଼ ଉଠେଇଥିଲା । ଦ୍ୱିଧାର ଝଡ଼…

ଏକ ପାର୍ଶ୍ୱରେ ପୁତ୍ରର ମମତା, ଅନ୍ୟ ପାର୍ଶ୍ୱରେ ମାଲିକଙ୍କ ପ୍ରତି କର୍ତ୍ତବ୍ୟ । ନିଜପୁତ୍ରର ମନ ରଖିବାକୁ ହେଲେ ମାଲିକଙ୍କ ସହିତ ବିଶ୍ୱାସ ଘାତକତା କରିବାକୁ ହେବ ।

ପାଣିରେ ଘର କରି କୁମ୍ଭୀର ସହିତ ବାଦକଲେ ନିଜେ ଧ୍ୱଂସ ପାଇ ଯିବାଟା ସାର ହେବ ।

ଜମିଦାରଙ୍କ ଅନ୍ନରେ ପ୍ରତିପାଳିତ ହେଉଛନ୍ତି ଗଣନାଥଙ୍କ ପରିବାର । ଗାଁ'ର ପିଲାମାନଙ୍କୁ ଶିକ୍ଷିତ କରାଇବା ପାଇଁ ସେ ଚାଟଶାଳୀ ବସାଇଛନ୍ତି । ଆଉ ସେଥିରେ ନିଯୁକ୍ତି ଦେଇଛନ୍ତି ପିତାମ୍ବରଙ୍କୁ । ସ୍ୱାଧୀନତା ପରେ ଦେଶ ପ୍ରଗତିପଥରେ ଆଗେଇଛି । କେତେ ଦିନ ପରେ ଚାଟଶାଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପରିଣତ ହେବ । ପୀତାମ୍ବର ହେବ ତା'ର ସ୍ଥାୟୀ ସରକାରୀ ଶିକ୍ଷକ । ମୋଟା ଦରମା, ମାନ, ସମ୍ମାନ, ପ୍ରତିଷ୍ଠା ସବୁ କିଛି ମିଳିବ । ସବୁ ସମ୍ଭବ ହେବ କେବଳ ଜମିଦାରଙ୍କ ପାଇଁ ।

ତାଙ୍କ ସହିତ ଶତ୍ରୁତା କଲେ, ପ୍ରତିଯୋଗିତା କଲେ, ପୀତାମ୍ବରର ଭବିଷ୍ୟତ ନଷ୍ଟ ହୋଇଯିବ । ଖାଲି ସେତିକି ନୁହେଁ, ଜମିଦାରଙ୍କ କୋନଳରେ ଗଣନାଥଙ୍କ ସୁନାର ସଂସାର ମଧ୍ୟ ମାଟିରେ ମିଶିଯିବ । ଖାଇବା

ପାଇଁ ମୁଠାଏ ଅନ୍ନ, ପିନ୍ଧିବା ପାଇଁ ଖଣ୍ଡେ କନା ସୁଦ୍ଧା ମିଳିବ ନାହିଁ ।

ପୀତାମ୍ବର କୋଟିକରେ ଗୋଟିଏ । ତା'ଭଳି ପୁତ୍ର ଜନ୍ମ କରିଥିବାରୁ ଗଣନାଥ ଓ ତାଙ୍କ ସ୍ତ୍ରୀ ନିଜକୁ ଧନ୍ୟ ମନେ କରନ୍ତି । ଏ ଭଳି ପୁତ୍ର ପାଇଁ ଶିକ୍ଷିତା ଏବଂ ସୁନ୍ଦର କୁଳୀନ କନ୍ୟା ଅଭାବ ହେବ ନାହିଁ ।

ଏପରିସ୍ଥଳେ, ପଦ୍ମଗନ୍ଧା ଭଳି ଏକ ଜିଦ୍‌ଖୋର ଝିଅକୁ ବୋହୂ କଲେ ଲାଭ କ'ଣ ? ବରଂ ସେ ସବୁକୁ ଗୋଟାଏ ଦୁଃସ୍ୱପ୍ନ ଭାବି ମନରୁ ଭୁଲିଯିବାକୁ ହେବ ।

ଯିଏ 'ଅନିଶ୍ଚିତ' ପଛରେ ଧାଏଁ ସେ 'ଅନିଶ୍ଚିତ' ହରାଇବା ସହିତ 'ନିଶ୍ଚିତ'କୁ ମଧ୍ୟ ହରାଇଥାଏ । ଯାହାର ଅସ୍ତିତ୍ୱ କେବଳ ଗୁଡ଼ାଏ କଳ୍ପନା ଭିତରେ ସୀମିତ, ସେ ଯେତେ ମୂଲ୍ୟବାନ ହେଲେ ବି, ତାକୁ ଆଶା କରିବା ଅବିବେକୀର ପରିଚୟ ଦିଏ ।

ପିତାଙ୍କର ପ୍ରତ୍ୟେକ ଯୁକ୍ତିକୁ ମନ ଭିତରେ ସମୀକ୍ଷା କଲା ପୀତାମ୍ବର ।

ପିତା ଜନ୍ମଦାତା । ତା'ର ଆଦର୍ଶ ଭବିଷ୍ୟତ ଗଣନା କଲାପରି, ସେ ଯାହା କହନ୍ତି, ତାହା ପରବର୍ତ୍ତୀ କାଳରେ ସତ୍ୟ ସାବ୍ୟସ୍ତ ହୋଇଥାଏ । ତାଙ୍କ ଦୂରଦୃଷ୍ଟି ଅତି ତୀକ୍ଷ୍ଣ ।

ପଦ୍ମଗନ୍ଧାକୁ ପତ୍ନୀ ରୂପରେ ପାଇଲେ ପୀତାମ୍ବରର ଜୀବନ ଧନ୍ୟ ହୋଇପାରନ୍ତା । ଜିଦ୍‌ଖୋର ହେଲେ ସୁଦ୍ଧା ସେ ଏକ ଦେବୀ ପ୍ରତୀମା । ବାଲ୍ୟ କାଳରୁ ଦୁହେଁ

ଦୁହିଁଙ୍କ ମନ, ପ୍ରାଣ ସମର୍ପି ଦେଇଛନ୍ତି । ଆଜି ପର୍ଯ୍ୟନ୍ତ ଜଣେ ଜଣକୁ ବାଦ୍ କରି କେବେ ଚିନ୍ତା କରିନାହିଁ । ସ୍ୱପ୍ନ ଦେଖି ନାହିଁ ।

ସବୁଠାରୁ ବଳିଷ୍ଠ ଆକର୍ଷଣ ହେଲା ଏକଦା ପଦ୍ମଗନ୍ଧା ତା'ଜୀବନ ରକ୍ଷା କରିଥିଲା । ସେହି ଦିନଠାରୁ ସେ ତା' ପ୍ରେମର ଦୃଢ଼ତାକୁ ପ୍ରମାଣ କରି ଆସିଛି । ପୀତା ପାଇଁ ସଂସାରର ସବୁ ଐଶ୍ୱର୍ଯ୍ୟକୁ ସେ ତୁଚ୍ଛ ମନେ କରିଛି ।

ଏପରି ସ୍ଥଳେ ତାଙ୍କୁ ଉପେକ୍ଷା କଲେ, 'ପ୍ରେମ' ନାମକ ଏକ ପବିତ୍ର ଶବ୍ଦରେ କଳଙ୍କ ଲାଗିବ । ପ୍ରେମ ଉପରୁ ପ୍ରତ୍ୟେକ ଯୁବକ ଯୁବତୀଙ୍କର ଆସ୍ଥା ଉଠିଯିବ ।

ବିବ୍ରତ ହୋଇପଡ଼ିଲା ପୀତାମ୍ବର···

ସେ ଚିନ୍ତା କଲା ନିଜ କର୍ତ୍ତବ୍ୟ ସଂପର୍କରେ···

ଭଲ ପାଇବା ଏକ ପବିତ୍ର ବସ୍ତୁ । ଆତ୍ମା ସହିତ ଆତ୍ମାର ମିଳନ ହିଁ ପ୍ରେମ । ବିବାହ ଏକ ସଂସ୍କାର ହୋଇପାରେ; କିନ୍ତୁ ତା'ର ମୂଳ ଆଧାର ହେଉଛି ଦୁଇଟି ଶରୀରର ମିଳନ ।

ପଦ୍ମଗନ୍ଧାକୁ ବିବାହ କରିନପାରିଲେ, ତା' ପ୍ରେମ ଯେ ମରିଯିବ, କଳଙ୍କିତ ହୋଇଯିବ, ସେମିତି ଚିନ୍ତାକରିବାର କୌଣସି କାରଣ ନାହିଁ । ବିବାହ ଏକ ସାମାଜିକ ସ୍ୱୀକୃତି । ଦୁଇଟି ପାର୍ଥିବ, ପାପାସକ୍ତ ଶରୀରର ମିଳନ ମାତ୍ର । ପ୍ରେମ ସହିତ ବିବାହକୁ ମିଶେଇ

ଦେଖିଲେ ଈଶ୍ୱରଙ୍କ ଅମୂଲ୍ୟ ଦାନକୁ ମୂଲ୍ୟାୟନ କରି ହୁଏନା ।

ଜୋର କରି ପଦ୍ମଗନ୍ଧାର ପିତା ତା'ର ବିବାହ ଅନ୍ୟତ୍ର କରି ଦେଇ ପାରନ୍ତି । କିନ୍ତୁ, ତା' ମନଭିତରୁ ଯେତେ ଜୋର କଲେ ସୁଦ୍ଧା ପୀତାମ୍ବରର ସ୍ମୃତିକୁ ବାହାର କରି ପାରିବେ ନାହିଁ । ପଦ୍ମର ପ୍ରେମକୁ ସେ ସମ୍ମାନ ଦେଇ ଆସିଛି । ସାରା ଜୀବନ ଦେବ, ଏଥିରେ ତିଳେ ମାତ୍ର ଦ୍ୱିଧା ନାହିଁ । ସେ କେବଳ ପ୍ରେମ ପାଇଁ ଜନ୍ମ ହୋଇଛି । ପ୍ରେମକୁ ବିବାହରେ ବଦଳାଇବାକୁ ହେଲେ ପୀତାମ୍ବରକୁ ଏ ସମାଜ ପରିତ୍ୟାଗ କରିବାକୁ ହେବ । ପିତା, ମାତା, ଭାଇ, ବନ୍ଧୁଙ୍କ ବିଶ୍ୱାସରେ ବିଷ ଦେବାକୁ ହେବ ।

ବହୁଚିନ୍ତା କରି ପୀତାମ୍ବର ଶେଷରେ ସ୍ଥିର କଲା, ଯେମିତି ହେଉ ପଦ୍ମଗନ୍ଧାକୁ ସାକ୍ଷାତ କରି, ତାକୁ ପରିସ୍ଥିତି ସଂପର୍କରେ ଅବଗତ କରାଇବାକୁ ହେବ । ସେ, ଜିଦ୍‌ଖୋର ହେଲେ ବି ମୂର୍ଖ ନୁହେଁ, କି ଅବୁଝା ନୁହେଁ ।

ପୁରୁଷ ନିଜ ବ୍ୟକ୍ତିତ୍ୱ ବଳରେ ନିଜ ଭାଗ୍ୟ ଗଠନ କରେ । ଯେଉଁ ପୁରୁଷର ବ୍ୟକ୍ତିତ୍ୱ ଯେତେ ବିକଶିତ, ତା'ର ଭାଗ୍ୟ ସେତେ ଉଜ୍ଜଳ । କିନ୍ତୁ ନାରୀ ପାଇଁ ଭାଗ୍ୟ ଏକ କ୍ରିଡ଼ନକ ବସ୍ତୁ । ତା' ଭାଗ୍ୟ, ତା' ପିତା ମାତା, ଅଭିଭାବକମାନଙ୍କ ହାତରେ ଖେଳନା ହୋଇ ରହିଯାଏ । ସେ ନିଜେ ଚାହିଁଲେ ବି ତା'ର ବିକାଶ କରିପାରେ ନାହିଁ । ପିତା ମାତା, ଅଭିଭାବକମାନେ ଯାହା ଚାହିଁବେ, ସେଇଆ କରିବେ ।

ପଦ୍ମଗନ୍ଧା ଯଦି ଜିଦ୍ ଧରି, ପିତା ମାତାଙ୍କର ଅବାଧ୍ୟ ହୁଏ ତେବେ ହୁଏତ ଠିକ୍ ହେବ ନାହିଁ । ନିଜ ଜୀବନକୁ ନଷ୍ଟ କରିବା ସହିତ, ପୀତାମ୍ବରର ଉଜ୍ଜଳ ଭବିଷ୍ୟତକୁ ଅନ୍ଧାର କରିଦେବ । କେବଳ ସେତିକି ନୁହେଁ, ଦୁଇ ପରିବାର ଭିତରେ ଥିବା ଆନ୍ତରିକତା, ସ୍ନେହ, ବିଶ୍ୱାସ ସବୁକିଛି ବିଷାକ୍ତ ହୋଇଯିବ ।

ଜିଦ୍ ନାରୀ ପାଇଁ ଶୋଭନୀୟ ନୁହେଁ । ଅତ୍ୟଧିକ ଅଭିମାନ, ଜିଦ୍‌ଖୋର ପ୍ରକୃତି ନାରୀ ଜୀବନକୁ କଣ୍ଟକିତ କରିଦିଏ । ଅତ୍ୟଧିକ ବିଶ୍ୱାସ ଏବଂ ଅହଂଭାବ ନାରୀକୁ ଧ୍ୱଂସ ମୁଖକୁ ଟାଣି ନିଏ ।

ପଦ୍ମଗନ୍ଧା ଜିଦ୍‌ଧରି, ପିତା ମାତାଙ୍କର ଅବାଧ୍ୟ ହୋଇ, ନିଜ ଜୀବନକୁ ନଷ୍ଟ କରିବା ସହିତ, ପୀତାମ୍ବରର ଉଜ୍ଜଳ ଭବିଷ୍ୟତକୁ ମଧ୍ୟ ଅନ୍ଧକାର କରିଦେବ । କେବଳ ଏତିକି ନୁହେଁ, ଦୁଇ ପରିବାର ଭିତରେ ଥିବା ଆନ୍ତରୀକତା, ସ୍ନେହ, ବିଶ୍ୱାସ ସବୁ କିଛି ସବୁଦିନ ପାଇଁ ଲୋପ ପାଇଯିବ ।

ଶତଚେଷ୍ଟା କରି ସେଦିନ ରାତ୍ରରେ ଶୋଇ ପାରିଲା ନାହିଁ ପୀତାମ୍ବର । ଆଖିବନ୍ଦ କରି ଦେଲାମାତ୍ରେ ମାନସ ଚକ୍ଷୁରେ ନାଚି ଉଠୁଥିଲା ଗନ୍ଧାର ମୁଖ ମଣ୍ଡଳ ।

କେତେବେଳେ ଶାନ୍ତ ସୁନ୍ଦର, କେତେବେଳେ ରୁକ୍ଷ, ଉଦାସ ।

କର୍ଣ୍ଣ ଗହ୍ୱରରେ ପ୍ରତିଧ୍ୱନିତ ହୋଇ ଉଠୁଥିଲା ତା'ର ସେଇକଥା କେଇପଦ...

"ପୀତାମ୍ବର " ତୁମେ ଭୀରୁ, କା'ପୁରୁଷ । ମତେ ପତ୍ନୀ ବନେଇବାର ଶକ୍ତି ତୁମ ପାଖରେ ନାହିଁ ଯେତେବେଳେ, ଏତେ ଆଶାବାନ୍ଧି ଦେଇଥିଲ କାହିଁକି ? ଏତେ ପ୍ରେମ ସର୍ଜନା କରୁଥିଲ କାହିଁକି ? ତୁମର ପ୍ରେମ, ଭଲ ପାଇବା ସବୁ କ'ଣ କେବଳ ଛଳନା ଥିଲା··· ? ଅଭିନୟ ଥିଲା··· ?

ହେଲେ ମନେ ରଖିଥାଅ, ମୁଁ ନାଗକନ୍ୟା, ନାଗ ଦେବତାଙ୍କୁ ପୂଜା କରି ତୁମକୁ ପାଇଛି । ମୁଁ ନାଗୁଣୀ, ଆଉ ତୁମେ ମୋର ନାଗ । ନାଗୁଣୀ ପାଖରୁ ତା' ନାଗକୁ କେହି ଛଡ଼ାଇ ନେଇ ପାରିବେ ନାହିଁ । ଯିଏ ଛଡ଼ାଇ ନେବାକୁ ଚେଷ୍ଟା କରିବ ମୁଁ ତାକୁ ଦଂଶନ କରିବି । ମୁଁ କେବଳ ତୁମ ପାଇଁ ବଞ୍ଚିଛି ପୀତାମ୍ବର, ଆଉ ତୁମେ ଯଦି ବଞ୍ଚିବ, କେବଳ ମୋରି ପାଇଁ···।

ଦୁଇ ହାତରେ ମୁହଁକୁ ଲୁଚାଇ ଅସ୍ପଷ୍ଟ ଚିତ୍କାର କଲା ପୀତାମ୍ବର···

"ପଦ୍ମଗନ୍ଧା ! ମତେ ବିଶ୍ୱାସ କର, ତୁମକୁ ଅଲଗା କରି, ଅଜିସୁଦ୍ଧା ମୁଁ ନିଜସ୍ୱ ଚିନ୍ତା କେବେ କରି ନାହିଁ । ତୁମକୁ ପାଇବା ପାଇଁ ମୋ ମନ ଭିତରେ କେତେ ଆଶା ଅଛି, ଅଭିଳାଷ ଅଛି । ତାହା ତୁମେ ନିଜେ ସୁଦ୍ଧା କଳ୍ପନା କରିପାରିବ ନାହିଁ । ତୁମକୁ ପତ୍ନୀ ରୂପରେ ପାଇଲେ ଭାବିନେବି ତାହା ହୁଏତ ମୋ ପୂର୍ବ ଜନ୍ମର କୌଣସି ତପସ୍ୟାର ଫଳ । କିନ୍ତୁ ବାସ୍ତବରେ ମୁଁ ଦୁର୍ବଳ

ପଦ୍ମା, ମୁଁ ଭୀରୁ, ମୁଁ କା'ପୁରୁଷ । ସମାଜ ତଥା ପାରିବାରିକ ନୀତି, ନିୟମ ନିକଟରୁ ଛଡ଼ାଇ ଆଣିବା ପାଇଁ ମୋର ଆଦୌ ଶକ୍ତି ନାହିଁ... ସାହାସ ନାହିଁ... । କେବଳ ନିଜ ଉପରେ ମୋର ଅଧିକାର ଅଛି ସିନା, ମୋ ପରିବାର ଉପରେ କୌଣସି ଅଧିକାର ନାହିଁ । କେଉଁ ସାହାସରେ ମୁଁ ମୋ ପରିବାରକୁ ଧ୍ୱଂସ ମୁଖକୁ ଟାଣିନେବି ? ତୁମେ ତୁମ ଜିଦ୍ ପରିତ୍ୟାଗ କର ପଦ୍ମା । ତୁମ ପିତା ମାତା ସ୍ୱାର୍ଥପର, ସେଇଥିପାଇଁ ସେମାନଙ୍କ ପ୍ରତି ତୁମର କୌଣସି ମମତା ଥାଇନପାରେ, କିନ୍ତୁ ବିନା କାରଣରେ ମୁଁ ମୋ ପିତା ମାତାଙ୍କୁ ଦଣ୍ଡ ଦେବି କାହିଁକି ? କାହିଁକି କ୍ଷୁର୍ଣ୍ଣ କରିବି, ସେମାନଙ୍କ ଅଗାଧ ବିଶ୍ୱାସକୁ ?"

ନିଜକୁ ଖୁବ୍ ଅସହାୟ ମନେ କଲା ପୀତାମ୍ବର...

ତା'ର ଭୟାଳୁ ଆତ୍ମା କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ସାହସ କରିନପାରି, କେବଳ ଈଶ୍ୱରଙ୍କୁ ପ୍ରାର୍ଥନା କରିବାରେ ଲାଗିଲା– "ହେ, ପ୍ରଭୁ !! ମତେ ମୃତ୍ୟୁ ଦିଅ... । ମୋ ଉପରେ ପଦ୍ମଗନ୍ଧାର ବିଶ୍ୱାସ ଯେତିକି ମୂଲ୍ୟବାନ, ପିତା ମାତାଙ୍କ ଭରସା ତା'ଠାରୁ କୌଣସି ମୂଲ୍ୟରେ ଊଣା ନୁହେଁ । ଏପରି ସ୍ଥଳେ ମୋ ଭଳି ଏକ ସରଳ ମନୁଷ୍ୟ ପାଇଁ ସଂସାର ତ୍ୟାଗ କରିବା ବ୍ୟତୀତ ଦ୍ୱିତୀୟ ପନ୍ଥା ଆଉ କ'ଣ ଥାଇପାରେ ? ମତେ ତୁମ ପାଖକୁ ନେଇ ଯାଅ ପ୍ରଭୁ, ମତେ ମୁକ୍ତି ଦିଅ... ଶାନ୍ତି ଦିଅ... ମୃତ୍ୟୁ ଦିଅ... ।"

ପଦ୍ମଗନ୍ଧା କାନ୍ଦୁ ଥିଲା···

ଠିକ୍ ଗୋଟାଏ ଆଷାଢ଼ିଆ ନଦୀପରି ଫୁଲି ଫୁଲି କାନ୍ଦୁଥିଲା··· ସେ, ମଧ୍ୟ କାନ୍ଦୁଥିଲେ··· । ଲୁଚେଇ ଲୁଚେଇ ପଣତ କାନିରେ ଲୁହ ପୋଛୁ ଥିଲେ ।

ଭାବୁଥିଲେ···

ବଡ଼ ମାଲିକାଣୀ ମଲାବେଳେ, ତାଙ୍କରି କୋଳକୁ ଟେକି ଦେଇଥିଲେ ଏଇ ଅଭାଗିନୀକୁ । ସେଦିନର ବାଳିକା ଆଜି ଯୁବତୀରେ ପରିଣତ ହୋଇଛି । ଏଇ ଝିଅଟିର ସ୍ନେହ ମମତା ବାନ୍ଧି ରଖିଛି ବୋଲି, ସେ ଜମିଦାରଙ୍କ ପରିବାର ଛାଡ଼ି ଅନ୍ୟତ୍ର ଚାଲି ଯାଇପାରୁ ନାହାଁନ୍ତି । ତା' ନହେଲେ, ନୂଆ ମାଲିକାଣୀଙ୍କ ବ୍ୟବହାର ଯେମିତି କଦର୍ଯ୍ୟ କେଉଁ ଦିନଠାରୁ ସେ ବିଦାୟ ନେଇ ସାରନ୍ତେଣି··· ।

ଝିଅଟାକୁ ଛାଡ଼ି ଯାଇ ହେଉଛି ବା କେଉଁଠି ?

ଜନ୍ମ ସିନା ଦେଇ ନାହାଁନ୍ତି, ହେଲେ କୋଳରେ କାଖେଇ ବଢ଼ାଇ ସବୁ ଅଳି ଅର୍ଦ୍ଦଳି ବୁଝି ଛୋଟରୁ ବଡ଼ କରିଛନ୍ତି । ତା' ବଦଳରେ ପାଇଛନ୍ତି ସନ୍ତାନ ସୁଖ ଓ ବାତ୍ସଲ୍ୟ ମମତା ।

Digitized by
Deb's Library Corner

ପଦ୍ମା ଜମିଦାରଙ୍କ ଝିଅ ନୁହେଁ, ତାଙ୍କ ନିଜ ଝିଅ ଯେମିତି । ବେଳେ ବେଳେ ମନ ହୁଏ, ଏଇ ଝିଅଟିକୁ ଧରି ସବୁଦିନ ପାଇଁ ଚାଲି ଯାଆନ୍ତେ ଦୂରକୁ । ବହୁତ ଦୂରକୁ । ଯେଉଁଠି ନଥାଆନ୍ତା ବଡ଼ଲୋକର ମିଛ ଅହଂକାର ଆଉ ସମାଜର ଧରାବନ୍ଧା ଆଇନ୍ କାନୁନ୍… ।

ସେଇଠି ସେ ପୀତାମ୍ବରକୁ ଡାକି ଆଣି, ତା' ହାତରେ ଛନ୍ଦି ଦିଅନ୍ତେ ଏଇ ସୁନା ପ୍ରତିମାଟିକୁ ।

କିନ୍ତୁ, ଖାଲି କଳ୍ପନା ହିଁ ସାର… ।

ସେ ମାଆ ନୁହଁନ୍ତି, ଧାଇ ମାଆ । ପିଲା ବଡ଼ ହୋଇଯିବା ପରେ, ଧାଈର ଆଉ ଆବଶ୍ୟକତା ରହେ ନାହିଁ । ତାଙ୍କୁ ରଖିବା, ନରଖିବା, ଗୃହ କର୍ତ୍ତାଙ୍କ ମର୍ଜି ଉପରେ ନିର୍ଭର କରେ ।

ଏହି ଆଳରେ, ଅନୁପମା ତାଙ୍କୁ ଘରୁ ବାହାର କରି ଦେବାପାଇଁ ଯୋଜନା କରୁଥିଲା; କିନ୍ତୁ ଜମିଦାର ତା' ପ୍ରସ୍ତାବକୁ ଅନୁମୋଦନ କରିବାକୁ ସାହାସ କରିପାରିଲେ ନାହିଁ । କାରଣ, ଧାଈ ହେଲେ ବି, ତାଙ୍କର ଆତ୍ମସମ୍ମାନ ଅଛି, ବଂଶ ମର୍ଯ୍ୟାଦା ଅଛି । ସେ ଯୌତୁକ ସ୍ୱରୂପ, ପଦ୍ମାର ସ୍ୱର୍ଗତା ମାଆଙ୍କ ସହିତ ଏ ଘରକୁ ଆସିଥିଲେ ।

ପଦ୍ମାର ଆକର୍ଷଣ ନଥିଲେ, ସେ ହୁଏତ ନିଜ ଘରକୁ ଫେରି ଯାଇଥାଆନ୍ତେ । କିନ୍ତୁ ଜମିଦାରଙ୍କ ଆଦେଶ କ୍ରମେ ପଦ୍ମା ଦାୟିତ୍ୱ ବୁଝିବା ପାଇଁ ରହୁ ରହୁ ଅନେକ ଦିନ ରହିଗଲେ । ତାଙ୍କୁ ଘରୁ ବାହାର କରିଦେବାଟା

ଅମଣିଷର ପରିଚୟ ଦେବା ସହିତ ନୈତିକହୀନ ହେବ । ଲୋକ ମଧ୍ୟ ସମାଲୋଚନା କରିବା ପାଇଁ ସୁଯୋଗ ପାଇଯିବେ ।

ଲୋକ ସ୍ୱାର୍ଥୀ, ଲୋଭୀ, ଅପରିଣାମଦର୍ଶୀ କହିବେ ।

ନୂଆ ମାଲିକାଣୀ ଜାଣନ୍ତି, ପଦ୍ମଗନ୍ଧା ଉପରେ ଧାଈ ମା'ର ଅଖଣ୍ଡ ଅଧିକାର । ଅପରପକ୍ଷେ ଧାଈ ମା' ପଦ୍ମାର ଜୀବନ । ସେମାନଙ୍କୁ ସହଜରେ ଅଲଗା କରି ହେବ ନାହିଁ । ଏଣୁ ସବୁ ଆକ୍ରୋସକୁ ମନ ଭିତରେ ଚାପି ରଖିବାକୁ ବାଧ୍ୟ ହୁଅନ୍ତି, ଆଉ ସମୟ ପାଇଲେ ସମାଲୋଚନା କରନ୍ତି ।

କଥା ଛଳରେ କହନ୍ତି "ଏଇ ବୁଢ଼ୀଟା, ଗନ୍ଧାକୁ ନଷ୍ଟ କରିଦେଇଛି ।" ସେ ଦୁହିଁଙ୍କୁ ପରସ୍ପର ଠାରୁ ଅଲଗା କରିଦେଲେ ଭଲ ହୁଅନ୍ତା । ହେଲେ ଏ ଜୋକ ମୁହଁକୁ ଅଲଗା କରିବ କିଏ··· ? ଇତ୍ୟାଦି··· ଇତ୍ୟାଦି··· କେତେ କ'ଣ··· ।

ପୀତାମ୍ବର ଉପରେ ଅନୁପମାଙ୍କର କୌଣସି ଚାରିତ୍ରିକ ଆକ୍ଷେପ ନଥିଲା । ଆକ୍ଷେପ ଥିଲା ଧନୀଗରିବର ପାର୍ଥକ୍ୟତା । ପୀତାମ୍ବର, ତାଙ୍କ ଅଧିନରେ କାମ କରୁଥିବା ଜଣେ ସମାନ୍ୟ ଗୁମାସ୍ତାର ପୁଅ । ତାକୁ ଜୋଇଁ କଲେ ଜମିଦାର ବଂଶର ମାନସମ୍ମାନରେ ଆଞ୍ଚ ଆସିବ । ଜମିଦାର କନ୍ୟା ଜମିଦାର ଘରେ ବିବାହ କଲେ ସୁନ୍ଦର

ବିଶେ । ଉପଯୁକ୍ତ ବନ୍ଧୁ ସମ୍ମାନ ମିଳେ । ସାମାଜିକ ପ୍ରତିଷ୍ଠା ଦୃଢ଼ ହୁଏ ।

ପୀତାମ୍ବର ଚରିତ୍ରବାନ ହୋଇପାରେ; କିନ୍ତୁ ବଢ଼ିଲା ବୟସର ଦୁଇଟି ପୁଅ ଝିଅ ଖୋଲା ଖୋଲି ଭାବରେ ଖେଳ ମଉଜ୍ କଲେ, ତାହା ଅନ୍ୟମାନଙ୍କ ଚକ୍ଷୁରେ ଭିନ୍ନ ରୂପନିଏ । ଆଉ ଝିଅ ଥରେ ବଦ୍‌ନାମ ହୋଇଗଲେ, ତା' ପାଇଁ ଉପଯୁକ୍ତ ବରପାତ୍ର ମିଳିବା କଷ୍ଟକର ହୋଇପଡ଼େ । ଏଇଥିଲା ଅନୁପମାଙ୍କ ଯୁକ୍ତି ।

ଆଉ ଏଇ ଯୁକ୍ତିବଳରେ ସେ ସ୍ୱାମୀଙ୍କୁ ସନ୍ତୁଷ୍ଟ କରି ପାରିଥିଲେ । ତାଙ୍କ ମିଠା କଥାରେ ଭୁଲି, ଜମିଦାର ମାନଧାତା ନିଜ ଅଲିଅଳୀ କନ୍ୟାର ଭାଗ୍ୟଡ଼ୋରୀ ଛାଡ଼ି ଦେଲେ ଅନୁପମାଙ୍କ ଭଳି ଏକ କୁଟୀଳା, ହୀନମନା ଯୁବତୀ ହାତରେ··· ।

ସେ ଭୁଲରେ ଥରେ ପରଖିବା ପାଇଁ ଚେଷ୍ଟା କଲେ ନାହିଁ । ରାତାରାତି ଅନୁପମା ଏତେ ଉଦାର ଏବଂ ମହିୟସୀ ପାଲଟିଗଲେ କେମିତି ?

ଅନୁପମା ପଦ୍ମଗନ୍ଧାକୁ ଥୋପକରି ଏକ ଭୟଙ୍କର ଚକ୍ରାନ୍ତ କରି ବସିଲେ । ତାଙ୍କର ମୂଳ ଉଦ୍ଦେଶ୍ୟ ଥିଲା, ନିଜର ଏକ ସଂପର୍କୀୟ ଭାଇ ସହିତ ପଦ୍ମାକୁ ବିବାହ ଦେବା ।

ସେ ଭାଇ ଦୂର ସଂପର୍କୀୟ ହେଲେ ବି, ଅନୁପମାଙ୍କ ପରିବାର ସହିତ ପରିଚିତ । ଜମିଦାର ବଂଶଜ । ଅମାପ ଧନ ସଂପଦର ଅଧିକାରୀ । କେବଳ

ଅର୍ଥ ସଂପଦ ଓ ଭୋଗ ଲାଳସା ପାଇଁ ଅନୁପମା ସେହି ସଂପର୍କୀୟ ଜମିଦାର ଭାଇ ସହିତ ପିଲାଦିନୁ ସଂପର୍କ ରଖିଥିଲେ ।

ଚରିତ୍ର ଠାରୁ ନାଁ କିନ୍ତୁ ଥିଲା ସଂପୂର୍ଣ୍ଣ ଓଲଟା ।

ଜମିଦାର ଆର୍ତ୍ତବଲ୍ଲଭ ସାମନ୍ତରାୟ...

ଆର୍ତ୍ତବଲ୍ଲଭଙ୍କ ଜମିଦାରୀ, ମାନଧାତାଙ୍କ ଠାରୁ ବହୁ ମୂଲ୍ୟରେ ଅଧିକ ଥିଲା । ଘରେ ତାଙ୍କର ପିତ୍ତଳ ହଣ୍ଡାରେ, ହଣ୍ଡା ହଣ୍ଡା ପୋତା ସୁନା ଅଛି ବୋଲି ଲୋକ ମୁହଁରୁ ଶୁଣାଯାଏ । ଚାକର, ଚାକରାଣୀ, ଘରଦ୍ୱାର, କୋଠାବାଡ଼ି କେଉଁଥିରେ ହେଲେ ଅଭାବ ନାହିଁ ।

ଏକଦା, ଆର୍ତ୍ତବଲ୍ଲଭଙ୍କ ପତ୍ନୀ ସାଜିବା ପାଇଁ ଅନୁପମାଙ୍କ ମନରେ ପ୍ରବଳ ଆଗ୍ରହ ଥିଲା । କିନ୍ତୁ ତାଙ୍କର ପିତା ରାଜି ହୋଇନଥିଲେ । ରାଜି ନହେବାର କାରଣ ଆର୍ତ୍ତବଲ୍ଲଭ ଯେ କିଛିଟା ବୟସ୍କ ତା' ନୁହେଁ, ଅସଲ କଥା ହେଲା ଯେ, ସେ ଲଂପଟ, ଚରିତ୍ରହୀନ, ମଦ୍ୟପ ଓ ବେଶ୍ୟାସକ୍ତ । ତାଙ୍କର ପ୍ରଥମ ପତ୍ନୀ ସ୍ୱାମୀଙ୍କର ଅତ୍ୟାଚାର ସହି ନପାରି ଗଳାରେ ରସି ଲଗାଇ ଆତ୍ମହତ୍ୟା କରିଥିଲେ । ଦ୍ୱିତୀୟ ପତ୍ନୀ ବିବାହର ଛଅମାସ ପରେ ବାପ ଘରକୁ ଗଲେ ଯେ ଆଉ ଫେରିଲେ ନାହିଁ ।

ଏହି ଭଳି ଏକ ପୁରୁଷ ପ୍ରତି ଅନୁପମାଙ୍କର ଆସକ୍ତି ଥିଲା ।

ଏହି ଦୃଷ୍ଟିରୁ ସହଜେ ଅନୁମାନ କରିହୁଏ, ଅନୁପମାଙ୍କ ଜୀବନର ଅର୍ଥ ସଂପଦର ମହତ୍ୱ ହିଁ ସବୁଠାରୁ ଅଧିକ । ଅର୍ଥ ପାଇଁ ପ୍ରତ୍ୟେକ ଅନର୍ଥ ସୃଷ୍ଟି କରିବା ତାଙ୍କର ଅଭ୍ୟାସ । ତାଙ୍କ ପାଖରେ ମାନବିକତା, ସ୍ନେହ, ପ୍ରେମ, ପ୍ରୀତି ଏସବୁର ମୂଲ୍ୟ କିଛି ନାହିଁ ।

ବିବାହ ପରେ ପରେ ଅନୁପମାଙ୍କୁ ଦେଖିବା ଆଳରେ ଆର୍ତ୍ତବଲ୍ଲଭ ଥରେ ମାନଧାତାଙ୍କ ଗୃହକୁ ଆସିଥିଲେ । ଖୁବ୍ କମଦିନ ରହି ଅବଶ୍ୟ ଫେରି ଗଲେ । କିନ୍ତୁ ଗଲାବେଳେ ମନଭିତରେ ସାଇତି ନେଇ ଯାଇଥିଲେ ପଦ୍ମଗନ୍ଧାର ସୁନ୍ଦର, ଅଭୁଲା ଚିରସ୍ମରଣୀୟ ଚିତ୍ରପଟକୁ । ଯାହା ଆଜିପର୍ଯ୍ୟନ୍ତ ମନଭିତରେ ବସାବାନ୍ଧି ରହି ଯାଇଥିଲା ।

ପତ୍ନୀହରା ଆର୍ତ୍ତବଲ୍ଲଭଙ୍କ ଦଦରା ପ୍ରାଣରେ ହଠାତ୍ ପଦ୍ମାର ସ୍ମୃତି ସତେଜ ହୋଇ ଉଠିଲା । ପୁଣିଥରେ ଜୀବନର ଶୁଷ୍କ ମଣ୍ଡପରେ ବିବାହର ସାହାନାଇ ବାଜି ଉଠିଲା । ଶୟନେ, ସ୍ୱପନେ, ଜାଗରଣେ, ସେ ଖାଲି ପଦ୍ମାକୁ ସ୍ୱପ୍ନ ଦେଖିବାରେ ଲାଗିଲେ । ତାଙ୍କର ମନେ ହେଲା ତାଙ୍କ ମରୁ ଉଦ୍ୟାନରେ ପଦ୍ମଗନ୍ଧା ଭଳି ଗୋଟିଏ ସୁବାସିତ କଳିକା ଯଦି ଫୁଲ ହୋଇ ନଫୁଟେ, ତେବେ ଜୀବନରେ ଏକ ବିରାଟ ଅବଶୋଷ ରହିଯିବ ।

ବହୁଚିନ୍ତା କରି ଶେଷରେ ଆର୍ତ୍ତବଲ୍ଲଭ ଅନୁପମାଙ୍କ ଦ୍ୱାରସ୍ଥ ହେଲେ । ପୂର୍ବ ପରିଚୟର ସୁଯୋଗ ନେଇ, ସେ ନିଜ ଅଭିଳାଷକୁ ପୂର୍ଣ୍ଣ କରିବା ପାଇଁ ଅନୁପମାଙ୍କୁ

ଅସ୍ତ୍ର ରୂପେ ବ୍ୟବହାର କଲେ । ପ୍ରଥମ ପର୍ଯ୍ୟାୟରେ ଏକ ମୂଲ୍ୟବାନ୍ ହାର, ଆଭୂଷଣ ଲୋଭୀ ଅନୁପମାଙ୍କୁ ଉପହାର ସ୍ୱରୂପ ଭେଟି ଦେଇ ତାଙ୍କ ମନକୁ ଏକଦମ୍ ନିଜର କରି ନେଲେ ।

ଶକୁନିର ପଶାପାଲି ସଜାଡ଼ି ଗୋଟି ଚଳାଇବା ଆରମ୍ଭ କଲେ ଅନୁପମା । ଛସେ କୌଶଳର ଚାବିକାଠି ଆର୍ତ୍ତବଲ୍ଲଭ ଅନୁପମାଙ୍କ ହାତକୁ ବଢ଼ାଇ ଦେଲେ ଏବଂ ଲୋଭର ଅତଳ ସାଗରରେ ବୁଡାଇ ଦେଇ ପ୍ରତିଶ୍ରୁତି ଦେଲେ ଯେ, ପଦ୍ମଗନ୍ଧା ସହିତ ଯଦି ତାଙ୍କର ବିବାହ ହୋଇଯାଏ, ତେବେ ଉପହାର ସ୍ୱରୂପ ଅନୁପମା ଗୋଟିଏ ବ୍ରହ୍ମଜାତି ହୀରା ପାଇବେ । ସେ ହୀରା ଅତି ମୂଲ୍ୟବାନ ଏବଂ ଦୁର୍ଲ୍ଲଭ । ଯାହାର ମୂଲ୍ୟ ଏକ ଲକ୍ଷରୁ ଅଧିକ ।

ହୀରା ଲୋଭରେ ସରଳା, ନୀରିହା, ପଲ୍ଲୀବାଳା ପଦ୍ମକୁ ଛଳନାର ଅଗ୍ନିବ୍ୟୂହ ମଧ୍ୟକୁ ଠେଲି ଦେବା ପାଇଁ ପ୍ରସ୍ତୁତ ହୋଇପଡ଼ିଲେ ଛଳନାମୟୀ ଅନୁପମା । ଗୋଟିଏ ଢେଲାରେ ଦୁଇଟି ଚଢ଼େଇ ଶିକାର କରିବା ପାଇଁ ସେ ସମୟ ଏବଂ ସୁଯୋଗର ଅନୁସନ୍ଧାନରେ ରହିଲେ··· ।

ପୀତାମ୍ବର ସହିତ ପଦ୍ମଗନ୍ଧାର ମିଳାମିଶା ତାଙ୍କୁ ସୁଯୋଗ ଆଣିଦେଲା । ଖୁବ ଧୀର ଏବଂ ମନ୍ଥର ଗତିରେ ପଶାପାଲିର ଗୋଟି ଚାଳନା କରି ସେ ଆସ୍ତେ ଆସ୍ତେ ମାନଧାତାଙ୍କ ସୁସ୍ଥସବଳ ମନକୁ ବିଷାକ୍ତ କରିଦେଲେ ।

ମନ ଭିତରେ ରହିଥିଲା ଦୁଇଟି ଦୁରଭି ସନ୍ଧି···

ପ୍ରଥମତଃ, ସଉତୁଣୀର ଗେହ୍ଲା ଝିଅ ସବୁଦିନ ପାଇଁ ବିଦାୟ ନେବ, ଦ୍ୱିତୀୟତଃ ହାତକୁ ଆସିବ ଏକ ମୂଲ୍ୟବାନ ହୀରା··· ।

ସମସ୍ତ ସୁବିଧା ଦେଖି ଅନୁପମା ଜମିଦାରଙ୍କ ସମ୍ମୁଖରେ ନିଜ ପ୍ରସ୍ତାବ ଉପସ୍ଥାପିତ କଲେ ।

ପ୍ରଥମ ଅବସ୍ଥାରେ ମାନଧାତା ପ୍ରତିବାଦ କଲେ, କିନ୍ତୁ ପତ୍ନୀଙ୍କ ମିଠାକଥା ହିତୋପଦେଶ ଓ ଛଳନା ଆଗରେ ବେଶୀ ସମୟ ତିଷ୍ଠି ରହି ପାରିଲେ ନାହିଁ । ପତ୍ନୀଙ୍କର ପ୍ରତ୍ୟେକ ଉପଦେଶ ତାଙ୍କୁ ଯୁକ୍ତି ଯୁକ୍ତ ମନେ ହେଲା ।

ଅତି ସୁନ୍ଦର ଉପାୟରେ ନିଜର ଲକ୍ଷ୍ୟ ପଥକୁ ଆଗେଇ ଚାଲିଲେ ଅନୁପମା ।

ସେ ଯୁକ୍ତି କରିଥିଲେ ଆର୍ତ୍ତବଲ୍ଲଭ ଅମାପ ଧନ ସଂପଦର ଅଧିକାରୀ । ଏ ଖଣ୍ଡମଣ୍ଡଳରେ ତାଙ୍କ ଭଳି ବିଭବଶାଳୀ ବ୍ୟକ୍ତି ଆଉ କେହି ନାହାଁନ୍ତି । ପୂର୍ବ ଜନ୍ମରେ ଯେଉଁ ଝିଅ ପୂଣ୍ୟ କରିଥିବ ସେ ସେଇ ଘରକୁ ବୋହୂ ହୋଇଯିବ । ବଡ଼ ଲୋକମାନଙ୍କର ଚାରିତ୍ରିକ ଦୋଷତ୍ରୁଟି ଧରାଯାଏ ନାହିଁ । ମଦ୍ୟପାନ କରିବା ଆଜିକାଲି ସମାଜରେ ଗୋଟିଏ ସଉକ ଓ ସଭ୍ୟତା ହୋଇଗଲାଣି । ରାଜା, ମହାରାଜା, ଜମିଦାର ଏବଂ ରଇସମାନେ ଉପପତ୍ନୀ ରଖିବା ବିଧି ବହୁ କାଳରୁ ପ୍ରଚଳିତ ଅଛି । ସେଇଟାକୁ ଦୋଷ କୁହାଯାଇ ନପାରେ ବରଂ ଆଭିଜାତ୍ୟର ଏକ ସୋପାନ କୁହା ଯାଇପାରେ । ଯାହାଦ୍ୱାରା ସେମାନଙ୍କର ବ୍ୟକ୍ତିତ୍ୱ ଅଧିକ ବିକଶିତ ହୁଏ । ପୁରୁଷାର୍ଥର ସ୍ଥାୟୀତ୍ୱ ମୂଲ୍ୟାୟନ ହୁଏ ।

ଆର୍ତ୍ତବଲ୍ଲଭଙ୍କର ଏକମାତ୍ର ଡି-ମେରିଟ୍ ହେଉଛି, ସେ ଟିକିଏ ବୟସ୍କ । କିନ୍ତୁ ବିବାହ କ୍ଷେତ୍ରରେ ପୁରୁଷର ବୟସ ହିସାବ କରାଯାଏନା । ସୁନା ବଙ୍କା ହେଲେବି ଲକ୍ଷେଟଙ୍କା ।

ଝିଅ ପିଲାଙ୍କର ବୟସ ଖୋଜାଯାଏ । ପୁଅଙ୍କର ଖୋଜାଯାଏ ଅର୍ଥ, ସଂପଦ ଓ ରୋଜଗାର ସାମର୍ଥ୍ୟ । ନାରୀର ଅସଲ ଯୋଗ୍ୟତା ହେଲା ଚରିତ୍ର । ଯଦି ଟିକିଏ କଳଂକ ଲାଗିଗଲା, ପୁରୁଷ ବୟସ୍କ ହେଲେ ବି ଯଦି ସାମର୍ଥ୍ୟ ଅଛି ଆଖିବୁଜି ଝିଅକୁ ସେଇଠି ବାହା ଦେଇଦେବା କଥା ।

ବୟସର ଆଧିକ୍ୟ ସଂପର୍କରେ ନିଜ ବିବାହ ଉଦାହରଣ ଦେଇ ମାନଧାତାଙ୍କ ମୁହଁ ପୁରାପୁରି ବନ୍ଦ କରିଦେଲେ ଅନୁପମା । ନିଜ ଝିଅ ପାଇଁ ଯଦି ଏତେ ବୟସ ଖୋଜା ଚାଲିଛି, ତେବେ ସେଇ ବୟସରେ ମାନଧାତା ଗୋଟିଏ ଅଳ୍ପ ବୟସ୍କା ଝିଅକୁ ବିବାହ କରିଥିଲେ କିପରି ? ସେ ଝିଅର କ'ଣ ପିତାମାତା ଅନ୍ଧ ଥିଲେ ?

ଆର୍ତ୍ତବଲ୍ଲଭ ସେହି ଦୃଷ୍ଟିକୋଣରୁ ମାନଧାତାଙ୍କ ଠାରୁ ବୟସରେ ବର୍ଷେ ଦୁଇବର୍ଷେ ସାନ ହୋଇ ପାରନ୍ତି । କିନ୍ତୁ ପଦ୍ମଗନ୍ଧାର ବୟସ ଅନୁପମାଙ୍କ ସହିତ ପ୍ରାୟ ସମାନ କହିଲେ ଚଳେ । ଅନୁପମା ମଧ୍ୟ ଗନ୍ଧାଠାରୁ କୌଣସି ଗୁଣରେ ଊଣା ନଥିଲେ । ସେ ମଧ୍ୟ ଜମିଦାର ଘରର କନ୍ୟା । ତାଙ୍କ ପିତାଙ୍କର ମଧ୍ୟ ସମାଜରେ ମାନ, ସମ୍ମାନ, ପ୍ରତିଷ୍ଠା ସବୁ କିଛି ଅଛି ।

ଅନୁପମା ଯଦି ଷାଠିଏ ବର୍ଷର ବୃଦ୍ଧଙ୍କୁ ବାହା ହୋଇ ପାରିଲେ, ତାଙ୍କରି ବୟସର ଝିଅ ପଦ୍ମଗନ୍ଧାକୁ ଯଦି ଆର୍ତ୍ତବଲ୍ଲଭଙ୍କ ସହିତ ବାହା କରି ଦିଆଯାଏ, ତେବେ ଭୁଲ ରହିଲା କେଉଁଠି ?

ସେ କ'ଣ ଏତେ ଗେହ୍ଲା ! ଏତେ ସୁକୁମାରୀ !!

ପତ୍ନୀଙ୍କ ଯୁକ୍ତି ଆଗରେ ମଥା ପୋତିବାକୁ ବାଧ୍ୟ ହେଲେ ମାନଧାତା । ନ୍ୟାୟର ପରିଭାଷା ନଥାଏ । ଅନୁପମାଙ୍କ କ୍ଷେତ୍ରରେ ଯାହା, ପଦ୍ମଗନ୍ଧା କ୍ଷେତ୍ରରେ ମଧ୍ୟ ସେଇଆ । ନିଜ ଝିଅ ବୋଲି ପଦ୍ମକୁ କେଉଁ କାରଣରୁ ଅଧିକ ମହତ୍ୱ ଦିଆଯିବ ?

ତଥାପି, ହରଗୋବିନ୍ଦ ମାନଧାତା କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିଲେ ନାହିଁ । ହଠାତ୍ ପତ୍ନୀଙ୍କୁ କୌଣସି ପ୍ରତିଶ୍ରୁତି ପ୍ରଦାନ କରିପାରିଲେ ନାହିଁ । ପଦ୍ମ ଭଳି ଝିଅ ପାଇଁ ବରପାତ୍ରର ଅଭାବ ନାହିଁ । ଏଣୁ ମାତ୍ର ଗୋଟିଏ ପ୍ରସ୍ତାବ ଉପରେ ଶେଷ ନିଷ୍ପତ୍ତି ନେଇଗଲେ ଚଳିବ ନାହିଁ । ଗୁଡ଼ାଏ ପ୍ରସ୍ତାବ ଦେଖିବାକୁ ହେବ । ତୁଳନା କରି ଦେଖିବାକୁ ହେବ ।

ପଦ୍ମ ଯଦି ଭବିଷ୍ୟତରେ କୌଣସି ଅସୁବିଧାର ସମ୍ମୁଖୀନ ହୁଏ, ତେବେ ଲୋକ ଅନୁପମାଙ୍କ ଅପେକ୍ଷା ମାନଧାତାଙ୍କୁ ଅଧିକ ସମାଲୋଚନା କରିବେ । କାରଣ ଅନୁପମା, ସଂପର୍କରେ ମାଆ ହୋଇ ପାରନ୍ତି; କିନ୍ତୁ ଜନ୍ମଦାତ୍ରୀ ନୁହଁନ୍ତି ।

ମାନଧାତା ନିଷ୍ପତ୍ତି ଜଣାଇବା ପାଇଁ ଆଉ କିଛିଦିନ ସମୟ ମାଗିଲେ । ଅଧିକ ଯୁକ୍ତି କରିବା ଉଚିତ ହେବ

ନାହିଁ ମନେକରି, କିଛିଦିନ ନୀରବ ରହିଗଲେ ଅନୁପମା । ଏହି ସମୟ ଭିତରେ ନିଜେ ମାନଧାତା ଯଦି ଚେଷ୍ଟା କରିଥାଆନ୍ତେ, ହୁଏତ କନ୍ୟା ପାଇଁ ଅନ୍ୟ କୌଣସି ଭଲ ବରପାତ୍ର ଯୋଗାଡ଼ କରି ପାରିଥାନ୍ତେ । କିନ୍ତୁ ଚତୁରୀ ଅନୁପମା ତାଙ୍କୁ ସେଇ ଦିନଗୁଡ଼ାକ ଏମିତି ବାନ୍ଧି ରଖିଲେ ଯେ, ମାନଧାତା ଭୁଲିଗଲେ ତାଙ୍କର ଗୋଟିଏ କନ୍ୟା ଅଛି । ତା' ପ୍ରତି ତାଙ୍କର ଗୁରୁ ଦାୟିତ୍ୱ ରହିଛି ।

ପତ୍ନୀଙ୍କର ସ୍ନେହ, ପ୍ରେମ ଏବଂ ଶାସନ ଭିତରୁ ସେ ବାହାରକୁ ଯିବା ପାଇଁ ସୁଯୋଗ ପାଇଲେ ନାହିଁ ।

ପୁଣି ଏକ ଦୁର୍ବଳ ମୁହୂର୍ତ୍ତରେ ଆର୍ତ୍ତବଲ୍ଲଭଙ୍କ ପ୍ରସ୍ତାବ ଉପସ୍ଥାପନ କଲେ ଅନୁପମା । ସେ ମୁହୂର୍ତ୍ତଟି ଏତେ ଦୁର୍ବଳ ଥିଲା ଯେ, ଅଳ୍ପ ବୟସ୍କା, ସୁନ୍ଦରୀ ପତ୍ନୀଙ୍କ କପଟ ପଶାରେ ହାରିଗଲେ ବୃଦ୍ଧ ଜମିଦାର । ଶେଷରେ ସେ ଅନୁପମାଙ୍କ ହଁ ସହିତ ହଁ ମିଳାଇବା ପାଇଁ ବାଧ୍ୟ ହେଲେ ।

କବରୀ ବନ୍ଧା ସରିଲା…

ମୁହଁ ଫେରାଇ ଚାହିଁଲା ପଦ୍ମଗନ୍ଧା । ଆଖିରେ ଆଖିଏ ଲୁହ । ଛାତିରେ ଛାତିଏ କୋହ… ।

ଛୋଟ ଛୋଟ ଚକ୍ଷୁ ଡୋଳା ଦୁଇଟି ପଦ୍ମ ପାଖୁଡ଼ାରେ ଶିଶିର ବିନ୍ଦୁପରି ଢ଼ଳ ଢ଼ଳ । ଅଶ୍ରୁସଜଳ । କମ୍ପିତ ଅଧର ଯୁଗଳ ।

ଧାଈ ମା' ଲୁହ ପୋଛି ଦେଲେ ।

କହିଲେ : ଛି ମା' ! ତୋ ଆଖିରେ ଲୁହ ଶୋଭା ପାଏନା ।

: ଆଉ କ'ଣ ଶୋଭା ପାଇବ କହୁନ୍ ? କ'ଣ ଆଉ ବାକି ରହିଛି ମୋ ପାଇଁ ?

ଧାଈ ମା' ନୀରବ ରହିଲେ...

ଦୁଇ ହାତରେ ତାଙ୍କୁ ଠେଲାଇ ଦେଲା ପଦ୍ମ ।

: ଓହୋ ! ଧାଈ ମା... ତୁ କିଛି କହୁ ନାହୁଁ କାହିଁକି ?

: କହିବାକୁ ବହୁତ କିଛି ଅଛି ମା... ହେଲେ, କହି ପାରୁଛି କୋଉଠି ?

: ତା'ମାନେ... ତୁ କ'ଣ ଭାବୁଛୁ, ସେଇ ମଦୁଆ ବୁଢ଼ାଟା ସାଥିରେ ମୋ ବାହାଘର ହେବ ? ତା' ଅସମ୍ଭବ ଧାଈ ମା' । ମୋ ଇଚ୍ଛା ବିରୁଦ୍ଧରେ ମତେ କେହି ବିବାହ କରାଇ ପାରିବେ ନାହିଁ । ତୁ ନିଜେ କହିଲୁ ଏଇ ଧୋକଡ଼ ବୁଢ଼ା ଠାରୁ କେଉଁ ଗୁଣରେ ପୀତାମ୍ବର ଊଣା ? ତା'ର ଏକମାତ୍ର ଦୋଷ ସେ ଗରିବ । ଆମ ନୌକର ଗୁମାସ୍ତାର ପୁଅ । କିଏ ଭଲ, କିଏ ମନ୍ଦ, ତାହା କ'ଣ କେବଳ ଅର୍ଥ ସମ୍ପଦରୁ ଜଣାଯାଏ ? ଯେଉଁ ମଣିଷର ଚରିତ୍ର ବୋଲି କିଛି ନାହିଁ, ସେ କୁବେରଙ୍କ

ଠାରୁ ଅଧିକ ଧନୀ ହେଲେ ସୁଦ୍ଧା, ମୁଁ ତାକୁ ଘୃଣା କରେ । ଧନୀ, ଗରିବ ଏସବୁ ମନୁଷ୍ୟର ସୃଷ୍ଟି । ସୃଷ୍ଟି ଆରମ୍ଭରୁ ସବୁ ମଣିଷ ଧନୀ ନଥିଲେ କି ଗରିବ ନଥିଲେ । ତା' ଛଡ଼ା ସବୁ ନାରୀଙ୍କର ମନ କ'ଣ ସମାନ ? କେବଳ ପ୍ରଚୁର ଧନ ସଂପତ୍ତି ପାଇଲେ ନାରୀ କ'ଣ ସୁଖୀ ହୋଇଯାଏ ? ନା, ଧାଇ ମା··· ନା, ସେ ଭଳି ନାରୀ, ମୋ ସାବତ ମା' ହୋଇ ପାରନ୍ତି, ମୁଁ ନୁହେଁ । ସ୍ୱାମୀଙ୍କର ଚରିତ୍ର, ସୌନ୍ଦର୍ଯ୍ୟ, ମାନବିକତା ଏବଂ ଅଧ୍ୟବସାୟ ହିଁ, ବିବାହିତା ନାରୀର ସର୍ବଶ୍ରେଷ୍ଠ ସଂପତ୍ତି ! ସେ ଚାହେଁ ତା ସ୍ୱାମୀ କାର୍ତ୍ତୀକେୟଙ୍କ ଭଳି ସୁନ୍ଦର ଆଉ ଗଣେଶଙ୍କ ପରି ବିଦ୍ୱାନ ହୋଇଥାଉ । ନାରୀର ବିଶ୍ୱାସକୁ ସାକାର କରିବା ପାଇଁ ପୁରୁଷ ପାଖରେ ଶକ୍ତିଥିବା ଦରକାର, ସାମର୍ଥ୍ୟ ଥିବା ଦରକାର । କିନ୍ତୁ ସାମର୍ଥ୍ୟ କହିଲେ କେବଳ ଧନ ସମ୍ପଦକୁ ବୁଝାଏ ନାହିଁ ଧାଇ ମା' ! ତାହା ହେଉଛି ପୁରୁଷର ବ୍ୟକ୍ତିତ୍ୱ ଓ ମାନବିକତାର ବିକାଶ । ଯେଉଁ ପୁରୁଷ ନାରୀ ପ୍ରତି ବିଶ୍ୱସ୍ତ ନୁହେଁ, ଯିଏ ନାରୀର ରୁଚିକୁ ସମ୍ମାନ ଦେଇ ଜାଣେନା, ଆଦର କରି ପାରେନା, ସେ ସ୍ୱାମୀ ହେବା ପାଇଁ ଅନୁପଯୁକ୍ତ ।

ଧାଇ ମା' ପଦ୍ମଗନ୍ଧାର ମଥା ଉପରେ ନିଜ ହାତର କୋମଳ ସ୍ପର୍ଶ ଦେଲେ । ପୀତାମ୍ବର ଠାରୁ ଅଲଗା କରିଦେଲେ ତୁ ଦଣ୍ଡେ ମାତ୍ର ବଞ୍ଚି ପାରିବୁ ନାହିଁ । ତୁମେ ଦୁହେଁ ମଣିଷ ନୁହଁ, ଅଭିଶପ୍ତ ଗନ୍ଧର୍ବ । କେଉଁ ଯୁଗରେ

ଶାପଗ୍ରସ୍ତ ହୋଇ ଏ ଯୁଗରେ ଜନ୍ମ ହୋଇଛ କେବଳ ମିଳନ ପାଇଁ । ତୁମ ଦୁହିଁଙ୍କୁ କେହି ଅଲଗା କରି ପାରିବେ ନାହିଁ ।

ଭାବ ପ୍ରବଣ ହୋଇ ଉଠିଲେ ଧାଇ ମା...

ସର୍ପଦଂଶନରେ ପୀତାମ୍ବରର ଆୟୁଷ ଦିନେ ସତ୍ୟବାନ ଭଳି ସରି ଯାଇଥିଲା, ତୁ ସାବିତ୍ରୀ ସାଜି ତୋ' ବିଶ୍ୱାସ ବଳରେ ତାକୁ ଯମ ମୁଖରୁ ଫେରାଇ ଆଣିଛୁ । ସେ କେବଳ ତୋର । ଏଇ ବିଶ୍ୱାସ ପାଇଁ, ଦିନେ ତୋ' ମା' ତା'ରି ହାତରେ ଧର୍ମକୁ ସାକ୍ଷୀରଖି ତତେ ଟେକି ଦେଇଥିଲେ । ସେଇକଥା ଆଜି କେହି ନ ଜାଣିଲେ ବି ମୁଁ ଜାଣିଛି । ଭଲ ଭାବରେ ଜାଣିଛି । ଜମାୟାନୁକ୍ରମେ, ଜମିଦାର ହୁଏତ ସେ ପ୍ରତିଶ୍ରୁତି ଭୁଲି ଯାଇଛନ୍ତି । ଟୁଆ ପତ୍ନୀର ମୋହ ତାଙ୍କ ମସ୍ତିଷ୍କକୁ ବିକୃତ କରି ଦେଇଛି । ସେ ଜାଣିପାରୁ ନାହାଁନ୍ତି କେଉଁଟା ଠିକ୍ କେଉଁଟା ଭୁଲ । ତା' ହୋଇ ନଥିଲେ, ସ୍ୱର୍ଗତା ପତ୍ନୀ କରିଥିବା ସତ୍ୟକୁ ଲଙ୍ଘନ କରି ଗୋଟାଏ ବୃଦ୍ଧ, ମଦ୍ୟପ ହାତରେ ତତେ ଛନ୍ଦି ଦେବା ପାଇଁ ଇଚ୍ଛା କରନ୍ତେ ନାହିଁ । କିନ୍ତୁ, ତୁ ଆଦୌ ବ୍ୟସ୍ତ ହୁଅନା, ତୋ ଧର୍ମବଳ ଯଦି ଟାଣ ଥିବ, ତୋତେ କେହି ହେଲେ ପୀତାମ୍ବର ଠାରୁ ଅଲଗା କରି ପାରିବେ ନାହିଁ । ଆଉ ଯିଏ ଅଲଗା କରିବା ପାଇଁ ଚେଷ୍ଟା କରିବ, ସେ ନିଜେ ଧ୍ୱଂସ ପାଇଯିବ, ନଷ୍ଟ ହୋଇଯିବ । ତୁମ ଦୁହିଁଙ୍କର ମିଳନର ସର୍ବଶ୍ରେଷ୍ଠ ସାକ୍ଷୀ, ସ୍ୱୟଂ ମଣିନାଗ, ମନ୍ଦିରରେ

ବିରାଜମାନ କରୁଛନ୍ତି । ତୋ' ସ୍ୱାର୍ଥରେ ଯିଏ ବାଧା ସୃଷ୍ଟି କରିବ, ତୁ ତାକୁ ନାଗୁଣୀ ହୋଇ ଦଂଶନ କରିବୁ । ନାଗ ଦେବତାଙ୍କ ଆଶୀର୍ବାଦ ତୋ' ଉପରେ ରହିଛି ମା', ତୁ ଆଦୌ ଭୟ କରନା । କେଉଁ ପାଣି କୁଆଡ଼େ ଯାଉଛି, କେବଳ ନୀରବରେ ଦେଖି··· ଦେଖି··· ଯା··· ।

ପଦ୍ମଗନ୍ଧାର ମୁଖମଣ୍ଡଳ ଉଜ୍ଜ୍ୱଳ ଦେଖାଗଲା । ସେ ମନଭିତରେ କିଛି ଗୋଟାଏ ସମାଧିତ ଉତ୍ତର ସ୍ଥିର କରି ସାରିଥିଲା ବୋଧହୁଏ··· । ହଠାତ୍ ସେ କହିଲା : ଧାଈ ମା' ! ମତେ ଟିକିଏ ସାହାଯ୍ୟ କରିବୁ ?

: ଧାଈ ମା' ହସିଲେ···

: ପାଗଳୀ ! ଏମିତି କ'ଣ କହୁଛୁ ? କେବଳ ତୋ'ରି ପାଇଁ ମୁଁ ଏଇଠି ପଡ଼ି ରହିଛି । ତୋ' ମୁହଁରେ ହସ ଟିକିଏ ଫୁଟାଇ ପାରିଲେ, ମୋ ଆତ୍ମା କେତେ ଶାନ୍ତି ପାଏ, ତା' ତୁ କ'ଣ ଜାଣିବୁ ? କହ, କ'ଣ କରିବାକୁ ଚାହୁଁଛୁ, ମତେ ଖୋଲି କରି କହ···

ପଦ୍ମଗନ୍ଧା ଏପାଖ ସେପାଖ ଚାହିଁଲା । ପରିବେଶ ନିରୋଳା ଥିବା ଦେଖି ଚାପାଗଳାରେ କହିଲା : ଧାଈ ମା', ବାପାଙ୍କୁ ନୂଆ ମା' କିମିଆଁ କରି ଦେଇଛନ୍ତି । ତା' ନହେଲେ ସେ ଏତେ ନିଷ୍ଠୁର ହୋଇ ନଥାନ୍ତେ । ଯିଏ ପାଖରୁ ଘଡ଼ିଏ ଅନ୍ତର କରନ୍ତି ନାହିଁ, ସାଥୀରେ ନ ଖୁଆଇଲେ ଯା' ପାଟିକୁ ଅନ୍ନ ଯାଏନା, ଘଡ଼ିଏ ନ ଦେଖିଲେ ଚାରିଦିଗ ଅନ୍ଧାର ହୋଇଯାଏ, ଆଜି ଘୃଣାରେ ମୁହଁ ବୁଲାଇ ଦେଉଛନ୍ତି । ସାବତ ମା'ର ଚକ୍ରାନ୍ତରେ

ସବୁ କିଛି ଓଲଟ ପାଲଟ ହୋଇ ଯାଇଛି । ମା' ନୁହେଁ ସେ ଡାହାଣୀ । ଦିନ ରାତି ମତେ ଜଗି ବସିଛି । ମୋ କାର୍ଯ୍ୟକଳାପକୁ ଲକ୍ଷ୍ୟ ରଖିବା ପାଇଁ ଗୁଡ଼ାଏ ଲୋକଙ୍କୁ ଚାରିପଟେ ଜଗାଇ ଦେଇଛି । ମୁଁ ଯେମିତି ବାହାରକୁ ଯାଇ ପାରିବି ନାହିଁ, ପୀତାମ୍ବର ସହିତ ସାକ୍ଷାତ କରି ପାରିବି ନାହିଁ । ହେଲେ ଧାଇ ମା' ଆଜି ରାତ୍ରିରେ ମୁଁ ଯେମିତି ହେଉ ପୀତାମ୍ବରକୁ ଦେଖା କରିବାକୁ ଚାହେଁ । ତା' ସହିତ ଦୁଇପଦ ଆଲୋଚନା ନକଲେ ମୁଁ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିବି ନାହିଁ । ମୋ ରାସ୍ତା ମତେ ହିଁ ପରିଷ୍କାର କରିବାକୁ ହେବ । ତୁ ମତେ ଟିକିଏ ସାହାଯ୍ୟ କର ଧାଇ ମା', ତୋ ଛଡ଼ା ଏ ଅଶୋକ ବନରେ ବନ୍ଦିନୀ ସୀତାଙ୍କର ଆଉ କିଏ ସାହା ଭରସା ଅଛି କହିଲୁ··· ?.

ଚିନ୍ତା ରାଜ୍ୟରେ ବୁଡି ଗଲେ ଧାଇ ମା'···

ପଦ୍ମଗନ୍ଧା ପୀତାମ୍ବରକୁ ସାକ୍ଷାତ କରିବା ପାଇଁ ଚାହୁଁଛି । ଡାହାଣୀ କଟକଣା ଯୋଗୁଁ ଅନେକ ଦିନ ହେଲା ବିଚାରୀ ଘରୁ ପଦାକୁ ଗୋଡ଼ କାଢ଼ି ପାରୁନାହିଁ । ପୀତାମ୍ବର ଠାରୁ ସାହସ ନ ପାଇଲା ପର୍ଯ୍ୟନ୍ତ ସେ କୌଣସି ସିଦ୍ଧାନ୍ତ ନେଇ ପାରିବ ନାହିଁ । ଝିଅ ପିଲାଟା··· ଏକୁଟିଆ କ'ଣ ବା କରି ପାରିବ ?

ସେ ଯେମିତି ହେଉ ପୀତାମ୍ବରକୁ ସାକ୍ଷାତ କରିବା ଉଚିତ । କିନ୍ତୁ କିପରି ? ତିନିପାଖେ ମେଘନାଦ ପାଚେରୀ । ମୁଖ୍ୟ ଦ୍ୱାରରେ ଜଗୁଆଳୀ । ସେମାନଙ୍କ

ଦୃଷ୍ଟିକୁ ଏଡ଼ାଇ ବାହାରକୁ ଯିବ କେମିତି ? ଟିକିଏ ସୁରାକ ପାଇଲେ ଛଅ ନଅ କହି ଥୋଇଦେବେ । ଅପବାଦର ଡିଣ୍ଡିମ ପିଟି ଚାଲିବେ ।

ଧାଇ ମା' ଚିନ୍ତାମଗ୍ନ ହେବାର ଦେଖି ପଦ୍ମଗନ୍ଧା କହିଲା...

: ତୋର ସାହାସ ପାଉନାହିଁ ନା ? ମୁଁ ଜାଣେ ପରା, ମତେ ସାହାଯ୍ୟ କରିବା ପାଇଁ ଏତେ ବଡ଼ ସଂସାରରେ କେହି ଜଣେ ନାହାଁନ୍ତି ।

: ନା ମାଆ, ସେମିତି କହନା, ତୋ ପାଇଁ ମୋ ଜୀବନ ଚାଲିଗଲେ ସୁଦ୍ଧା ମୋର ଭୟ ନାହିଁ କି ଶୋଚନା ନାହିଁ ।

: ତେବେ, କ'ଣ ଏତେ ଭାବୁଛୁ ?

: ଭାବୁଛି ପୀତାମ୍ବର ସଂପର୍କରେ । ଭଗବାନ ନକରନ୍ତୁ ହେଲେ କଥାଟା ଯଦି ସାମାନ୍ୟ ଏପାଖ ସେପାଖ ହୋଇଯାଏ, ତା' ଅବସ୍ଥା କ'ଣ ହେବ ଚିନ୍ତା କରିଛୁ ? ତୋ' ବାପାଙ୍କ ହାତଟେକାରେ ସେ ଆଉ ତା' ପରିବାର ପ୍ରତିପାଳିତ । ତୋ' ବାପାଙ୍କ ସହିତ ପ୍ରତିଯୋଗିତା କରିବା ପାଇଁ ତା'ପାଖରେ ଶକ୍ତି ସାହାସ ଥିଲେ ତ !! ତା' ନହେଲେ...

: ତା' ପାଖରେ ନଥାଉ, ମୋ ପାଖରେ ଅଛି ଧାଇ ମା... ମୁଁ ତାକୁ ଶକ୍ତିଦେବି, ସାହାସ ଦେବି । ଆମେ ଦୁହେଁ ଦୁହିଁଙ୍କ ପାଇଁ ଜନ୍ମ ହୋଇଛୁ । ଯଦି ବଞ୍ଚିବୁ ଏକାଠି ବଞ୍ଚିବୁ, ଯଦି ମରିବୁ ଏକାଠି ମରିବୁ ।

ପିତା ମାତା, ଭାଇ ବନ୍ଧୁ, ସମାଜ କାହାପାଖରୁ ଆମର କିଛି ପାଇବାର ନାହିଁ କି ଦେବାର ନାହିଁ । ଏ ସମାଜ ଯଦି ଆମ ଭଲପାଇବାର ଛୋଟିଆ ନୀଡ଼ଟିକୁ ଭାଙ୍ଗି ଦେବା ପାଇଁ ଚାହେଁ, ସେଭଳି ସମାଜ ପ୍ରତି ଆମେ ଅନୁରକ୍ତ ରହି ଲାଭ କ'ଣ ? ମୋ ଆତ୍ମା କହୁଛି ଧାଇ ମା' ପୀତାମ୍ବର ଯଦି ମୋ ହାତ ସହିତ ହାତ ମିଳାଏ, ତେବେ ଏ ସଂସାରର କୌଣସି ବାଧା ଆମର ପ୍ରତିରୋଧ କରିପାରିବ ନାହିଁ ।

ଦୀର୍ଘ ନିଶ୍ୱାସ ତ୍ୟାଗ କଲେ ଧାଇ ମା···

: ଠିକ୍ ଅଛି, ଯେମିତି ତୋ' ଇଚ୍ଛା । ଆଜି ଯେମିତି ହେଉ, ଯେକୌଣସି ଉପାୟରେ ହେଉ ପୀତାମ୍ବର ସହିତ ମୁଁ ତୋ'ର ଭେଟ କରାଇ ଦେବି । ହେଲା !! ତେଣିକି, ତୁମେ ଦୁହେଁ ବିଚାର କରି ଯାହା ଉଚିତ ମନେ କରିବ, ସେଇଆ କରିବ । ତୁମ ଦୁହିଁଙ୍କର ପ୍ରତ୍ୟେକ କଥାରେ ମୋର ସମ୍ମତି ଅଛି । ରାତି ହେଲେ ସେ କଥା ଚିନ୍ତା କରିବା । ଏବେ ଯା, କ'ଣ ହେଲେ ଗଣ୍ଡେ ଖାଇ ନେବୁ । ସକାଳ ପ୍ରହରୁ ଏଯାଏଁ ତୁଣ୍ଡରେ ପାଣି ଟୋପାଏ ବି ଦେଇନାହୁଁ । ଆଲୋ, ଖାଇପିଇ ସୁସ୍ଥ ହେଲେ ତ କିଛି ଯାଇ ଚିନ୍ତା କରିବୁ ? ଏମିତି ଶୁଖି ଶୁଖି ନଖାଇ ନପିଇ ଘର କୋଣରେ ପଡ଼ି ରହିଲେ ତତେ ସେମାନେ ବେଦୀ ଉପରକୁ ଯୋର ଜବରଦସ୍ତି ଟାଣି ନେବେ ସିନା !

ଆବେଗରେ ଧାଇ ମା'ଙ୍କୁ ଜାବୁଡ଼ି ଧରି ତାଙ୍କ ଛାତିରେ ମୁହଁ ଲୁଚାଇ ଦେଲା ପଦ୍ମଗନ୍ଧା । ବିଚାରୀ ଜାଣିପାରିଲା ନାହିଁ, ଝରକା ଆଢୁଆଳରେ ଦଣ୍ଡାୟମାନ ହୋଇ ଗୋଟାଏ ଛାୟାମୂର୍ତ୍ତୀ ସେମାନଙ୍କ ସମସ୍ତ ଆଳାପକୁ ଶୁଣୁଥିଲା ବୋଲି ।

ସନ୍ଧ୍ୟା ନଇଁ ଆସୁଥିଲା । ଖାଇବାକୁ ଦେବା ଉଦ୍ଦେଶ୍ୟରେ ଗନ୍ଧାକୁ ସାଥୀରେ ଧରି ଧାଇ ମା' ରନ୍ଧନ ଶାଳା ଆଡ଼େ ଆଗେଇଲେ···

ପଦ୍ମଗନ୍ଧାର ହାତକୁ ଟାଣିଧରି ପୀତାମ୍ବର ଧାଇଁବାରେ ଲାଗିଥିଲେ··· । ବାଟ ଅବାଟ ନମାନି, ସେ ଦୁହେଁ କେବଳ ଧାଉଁଥିଲେ···

ଅନ୍ଧାରରେ ବାଟଘାଟ କିଛି ହେଲେ ପରିଷ୍କାର ଭାବରେ ଦେଖାଯାଉ ନଥିଲା । ତଥାପି ଆଶ୍ଚର୍ଯ୍ୟର କଥା ସେମାନଙ୍କୁ ଧାଇଁବାରେ କୌଣସି ପ୍ରକାର ଅସୁବିଧା ହେଉନଥିଲା । ସେମାନେ ଠିକ୍ ରାସ୍ତାରେ ଆଗେଇ ଚାଲିଥିଲେ ।

Digitized by
Deb's Library Corner

ମନେ ହେଉଥିଲା ସେ ଦୁହେଁ ମନୁଷ୍ୟ ନୁହଁନ୍ତି । ଦୁଇଟି କିନ୍ନର ଯୁବକ ଯୁବତୀ । ହାତ ଧରାଧରି ହୋଇ ଅନ୍ତରୀକ୍ଷରେ ବେଶ୍ ଆରାମରେ ଉଡ଼ୁଛନ୍ତି ।

ସେମାନଙ୍କ ଧାଇଁବା ଶେଷ ହେଲା ମଣିନାଗଙ୍କ ମନ୍ଦିର ପ୍ରାଙ୍ଗଣରେ । ପୂଜାରୀ ବାବା ପ୍ରତୀକ୍ଷାରେ ଥିଲେ ଯେମିତି··· । ସ୍ୱର ଶୁଣି ପ୍ରାଙ୍ଗଣକୁ ଧାଇଁ ଆସିଲେ ।

ହଠାତ୍ ପୂଜାରୀ ବାବା ହସି ଉଠିଲେ । କିନ୍ତୁ ସବୁଦିନ ଅପେକ୍ଷା ଆଜି, ତାଙ୍କ ହସରେ କିଛିଟା ବ୍ୟତିକ୍ରମ ଥିଲା । ତାଙ୍କ ମୁହଁର ହସଟା କାହିଁକି କେଜାଣି, ସ୍ୱାଭାବିକ ନ ହୋଇ ଇଚ୍ଛାକୃତ ଭଳି ମନେ ହେଉଥିଲା ।

ପୂଜାରୀ ଦୁଇହସ୍ତ ପ୍ରସାରିତ କଲେ···

: ଆସ··· ଚାଲିଆସ··· । ମୁଁ ଜାଣିଥିଲି ତୁମେ ଦୁହେଁ ଆସିବ । ଅବଶ୍ୟ ଆସିବ । କିନ୍ତୁ ଜମିଦାରଙ୍କ ଅନୁଚରମାନେ ଚାରିଦିଗରୁ ଘେରି ଯାଇଛନ୍ତି । ସାମାନ୍ୟ ସୁରାକ ପାଇଲେ ପୀତାମ୍ବର ଜୀବନ ଧରି ଫେରିବା ସମ୍ଭବ ନୁହେଁ ।

ପୀତାମ୍ବର ମୁଖମଣ୍ଡଳ ପାଣ୍ଡୁର ଦେଖାଗଲା । ଭୟ ଏବଂ ଆତଙ୍କରେ ସର୍ବାଙ୍ଗ ଶରୀର ଥରି ଉଠିଲା । ମନେ ମନେ ଭାବିଲା, ତା ଜୀବନର ଅନ୍ତିମ ସମୟ ବୋଧ ହୁଏ ପାଖେଇ ଆସିଲା ।

ସାହାସ ଦେଲେ ପୂଜାରୀ ବାବା···

: ଭୟ କରନା ପୀତାମ୍ବର··· ଆଦୌ ଭୟ କରନା । ମୁଁ ଅଛି, ତୁମମାନଙ୍କର ଇଷ୍ଟ ଦେବତା ମଣିନାଗ

ଅଛନ୍ତି । ତୁମ ଦୁହିଁଙ୍କର ଆଗମନର ସନ୍ଦେଶ ପାଇଁ ମୁଁ ଗୋଟିଏ ଗୁପ୍ତ କୋଠରୀ ସଜାଡ଼ି ରଖିଛି । ତା' ଭିତରେ ପଶି ଗଲେ କେହି ଜାଣିପାରିବେ ନାହିଁ, ସନ୍ଦେହ ମଧ୍ୟ କରି ପାରିବେ ନାହିଁ । ଆସ ବିଳମ୍ବ ହେଲେ ଅସୁବିଧାରେ ପଡ଼ିପାର··· । ଶିଘ୍ର ଆସ···

ପୂଜାରୀ ବାବା ମନ୍ଦିର ଭିତରେ ପ୍ରବେଶ କଲେ । ଅନୁସରଣ କଲେ ପୀତାମ୍ବର ଏବଂ ପଦ୍ମଗନ୍ଧା । ମନ୍ଦିରର ନିମ୍ନ ଦେଶରେ ଏତେ ସୁନ୍ଦର ଗୋଟାଏ ପ୍ରସ୍ତର ନିର୍ମିତ ଗୃହ ଥାଇପାରେ, ପ୍ରେମିକ ଯୁଗଳ ସ୍ୱପ୍ନରେ ସୁଦ୍ଧା କଳ୍ପନା କରିନଥିଲେ ।

ମନ୍ଦିରର ଗମ୍ଭୀରାରୁ ପ୍ରସ୍ତର ପାବଚ୍ଛ ଲମ୍ବିଥିଲା ଗୁପ୍ତ କୋଠରୀକୁ । ଦୁହେଁ ହାତ ଧରାଧରି ହୋଇ ପାବଚ୍ଛ ଉପରେ ପାଦ ଦେଲେ ।

ପୂଜାରୀ ବୁଝାଇ ଦେଲେ···

: ଏ ଗୁପ୍ତକୋଠରୀ ଆଜିର ନୁହେଁ । ସେଇ ଯୁଗର··· ସେଇ ସମୟର··· ଯେଉଁ ସମୟରେ ମନ୍ଦିର ନିର୍ମାଣ କରାଯାଇଥିଲା । ତନ୍ତ୍ର ସାଧନାର ସ୍ୱତନ୍ତ୍ର ଉଦ୍ଦେଶ୍ୟ ନେଇ କେଶରୀ ବଂଶର କୌଣସି ଏକ ରାଜା ଏ ଗୁପ୍ତ କୋଠରୀ ନିର୍ମାଣ କରିଥିଲେ ।

: ଏଇ ମନ୍ଦିର ପୂଜାର୍ଚ୍ଚନା ପାଇଁ ନିଯୁକ୍ତି ପାଇଥିବା ଜଣେ ତନ୍ତ୍ର ସାଧକ ଶିରୋମଣି ଓ ମହାରାଜାଙ୍କ ବ୍ୟତିତ ଆଉ କେହି ଜାଣିନଥିଲେ ଏ ଗୁପ୍ତ କୋଠରୀ ରହସ୍ୟ । ଯେଉଁ ପାଷାଣ କୋଟକ ଏଇ କୋଠରୀ ତିଆରି

କରିଥିଲା । ମନ୍ଦିର ପ୍ରତିଷ୍ଠା ପୂର୍ବରୁ ତାକୁ ଗୋପନରେ ହତ୍ୟା କରି ଦିଆଯାଇଥିଲା ।

ପୂଜାରୀ କହି ଚାଲିଥିଲେ...

: ଏହି ମନ୍ଦିରର ଏକ ଗୁପ୍ତ ଶିଳାଲେଖରୁ ମୁଁ ଏ ରହସ୍ୟ ଉଦ୍‌ଘାଟନ କରିଥିଲି । ଏଣୁ ଏ ଗୁପ୍ତ କୋଠରୀ ସଂପର୍କରେ ମୋ ଛଡ଼ା ଦ୍ୱିତୀୟ ବ୍ୟକ୍ତି କେହି ଜାଣି ନାହାଁନ୍ତି । ତୁମେ ଦୁହେଁ ଏଇଠି ଆତ୍ମ ଗୋପନ କରିଗଲେ ବାହାର ଜଗତର କୌଣସି ମନୁଷ୍ୟ ସନ୍ଧାନ ପାଇପାରିବେ ନାହିଁ ।

ଦୁହେଁ କୋଠାରୀରେ ପାଦଦେଲେ । ତା' ଭିତରକୁ ଆଲୋକ କେଉଁଠାରୁ ଆସୁଥିଲା, ତାହା ପିତାମ୍ବର ଜାଣିପାରିଲା ନାହିଁ । ଛୋଟିଆ ହେଲେ ବି ପରିଷ୍କାର, ପ୍ରଶସ୍ତ ଏବଂ ସୁନ୍ଦର ।

ସେଠାରେ ନିର୍ମାଣ କରାଯାଇଥିବା ଏକ ପ୍ରସ୍ତର ପିଣ୍ଡି ଉପରେ ଦୁହିଁଙ୍କୁ ବସିବା ପାଇଁ ନିର୍ଦ୍ଦେଶ ଦେଲେ ପୂଜାରୀ ବାବା । ସେ ଦୁହେଁ ବସିବା ପରେ ପୁଣି କହିଲେ...

: ଏକଦା ଏହି ମଣିନାଗ ମନ୍ଦିର ସବୁ ପ୍ରକାର ତନ୍ତ୍ର ସାଧନା ପାଇଁ ପ୍ରସିଦ୍ଧ ଥିଲା । ବିଶେଷ କରି ଯେଉଁ ସାଧକମାନେ, ସର୍ପତନ୍ତ୍ର ଉପରେ ସାଧନା କରୁଥିଲେ, ସେମାନେ ପ୍ରତ୍ୟେକ ବର୍ଷ ନାଗଚତୁର୍ଥୀ ଦିନ ଏହି ସ୍ଥାନକୁ ନାଗଯୁଗଳଙ୍କୁ ଆବାହନ କରୁଥିଲେ । ମଣିନାଗଙ୍କୁ ମଝିରେ ପ୍ରତିଷ୍ଠା କରାଯାଉଥିଲା ଏବଂ ତାଙ୍କୁ

ବୃତ୍ତାକାରରେ ଘେରି ଅସଂଖ୍ୟ ନାଗ ନାଗୁଣୀ କୁଣ୍ଡଳୀ ମାରି ବସୁଥିଲେ ।

ଏମାନେ ଜଙ୍ଗଲରେ ଘୁରି ବୁଲୁଥିବା ସାଧାରଣ ସର୍ପ ଜାତୀୟ ନୁହଁନ୍ତି । ଏମାନେ ସବୁ ଅଭିଶପ୍ତ ପ୍ରେମିକ ପ୍ରେମିକା । ଗତ ଜନ୍ମରେ ସେମାନେ ନର ନାରୀ ରୂପରେ ପରସ୍ପରକୁ ପ୍ରଗାଢ଼ ପ୍ରେମ କରୁଥିଲେ, କିନ୍ତୁ ସେମାନଙ୍କର ମିଳନ ହୋଇ ପାରିଲା ନାହିଁ । ସେମାନେ ପରସ୍ପର ପାଇଁ ଆତ୍ମବଳି ଦେଇଥିଲେ । ସେହି ଆତ୍ମାଘାତୀ ଯୁବକ ଯୁବତୀମାନେ ମୃତ୍ୟୁ ପରେ ମୁକ୍ତି ପାଇନଥାଆନ୍ତି । ବିଶେଷ କରି ସେହି ଭଳି ଆତ୍ମାଗୁଡ଼ିକ ସର୍ପଯୋନିରେ ପ୍ରବେଶ କରେ ଏବଂ ସେମାନେ ପରଜନ୍ମରେ କେବଳ ପ୍ରେମ ପାଇଁ ନାଗନାଗୁଣୀ ରୂପେ ଜନ୍ମ ନିଅନ୍ତି । ପୂର୍ବ ଜନ୍ମର ଅଧୁରା ମିଳନକୁ ସର୍ପଯୋନିରେ ସମାପ୍ତ କରନ୍ତି ।

ତନ୍ତ୍ର ଶକ୍ତି ବଳରେ ଏହିଭଳି ସର୍ପଯୁଗଳ ଏହି ଗୁପ୍ତ କୋଠରୀକୁ ଟାଣି ହୋଇ ଆସନ୍ତି । ସେମାନେ ଯୋଡ଼ି ଯୋଡ଼ି ହୋଇ ବସି ସାରିବାପରେ ସାଧକ ନିଜେ ଆଗେଇ ଆସି ମଣିନାଗଙ୍କ କୁଣ୍ଡଳୀ ଉପରେ ପଦ୍ମାସନରେ ବସନ୍ତି ଓ କମଣ୍ଡଳରୁ ମନ୍ତ୍ରସିଦ୍ଧ ଜଳ ବାହାର କରି ନାଗ ନାଗୁଣୀମାନଙ୍କ ଯୁଗଳ ମୂର୍ତ୍ତୀ ଉପରେ ଶିଞ୍ଚନ କରନ୍ତି ।

ଆଶ୍ଚର୍ଯ୍ୟର କଥା, ମନ୍ତ୍ର ସିଦ୍ଧିଜଳ, ଯୁଗଳ ମୂର୍ତ୍ତୀ ଗୁଡ଼ିକ ଉପରେ ପଡ଼ିବା ମାତ୍ରେ, ଆସ୍ତେ ଆସ୍ତେ ସେମାନଙ୍କ ଶରୀରରେ ପରିବର୍ତ୍ତନ ଦେଖାଯାଏ । ସର୍ପଶରୀର ଅର୍ଦ୍ଧେକ ମନୁଷ୍ୟାକୃତି ହୋଇଯାଏ । ଅର୍ଥାତ,

ସେମାନେ ପୂର୍ବ ଜନ୍ମର ମନୁଷ୍ୟ ରୂପକୁ ପ୍ରାୟ କମର ପର୍ଯ୍ୟନ୍ତ ଧାରଣ କରନ୍ତି ଏବଂ କମର ଠାରୁ ନିମ୍ନ ପର୍ଯ୍ୟନ୍ତ ପୂର୍ବଭଳି ସର୍ପ ରୂପରେ ରହିଥାଏ । ଯାହା ଏହି ଜନ୍ମର ପ୍ରଦତ୍ତ । ତା'ପରେ ସେମାନଙ୍କ ପ୍ରେମ କ୍ରିଡ଼ା ଆରମ୍ଭ ହୁଏ । ଠିକ୍ ଆଜିକାଲିର ହୋଟେଲ କିମ୍ବା କ୍ଲବ ଡ୍ୟାନସ୍ ପରି... ।

ସାଧକ ନିଜେ ମଣିନାଗଙ୍କ ଭୂମିକା ଗ୍ରହଣ କରେ ଏବଂ ମନ୍ତ୍ର ପ୍ରଭାବ ରହିଥିବା ପର୍ଯ୍ୟନ୍ତ ନାଗନାଗୁଣୀମାନଙ୍କୁ ନଚାଇଥାଏ । ଯେତିକି ସର୍ପଯୋଡ଼ା ସେଦିନ ଆସିଥାଆନ୍ତି, ସମସ୍ତଙ୍କ ପାଇଁ ପରିଷ୍କାର ମାଟିପାତ୍ରରେ ସାଧକ କିଛି ତରଳ ତଥା ସୁମିଷ୍ଟ ଖାଦ୍ୟ, ଯଥା- ଦୁଧ, କଦଳୀ, ପଣା, ଖଣ୍ଡସାର, ଲହୁଣୀ, ମିଠା, ପଇଡ଼ ଜଳ ଇତ୍ୟାଦି ଯୋଗାଡ଼ କରି ରଖିଥାଆନ୍ତି । ନୃତ୍ୟ ଶେଷରେ ପ୍ରେମିକ ଯୁଗଳ ପୁଣି ସଂପୂର୍ଣ୍ଣ ସର୍ପରୂପକୁ ଫେରି ଆସନ୍ତି ଏବଂ ସାଧକ ପ୍ରସ୍ତୁତ କରିଥିବା ଖାଦ୍ୟ ଗ୍ରହଣ କରି ସ୍ୱ ସ୍ୱ ସ୍ଥାନକୁ ପ୍ରସ୍ଥାନ କରିଥାଆନ୍ତି । ଫେରିଲା ବେଳେ ସେମାନେ ସାଧକଙ୍କୁ ମୂଲ୍ୟବାନ ସର୍ପମଣି ସବୁ ଉପହାର ଦେଇଥାଆନ୍ତି ।

ନାଗତନ୍ତ୍ର ଯୋଗୁଁ ମୂଲ୍ୟବାନ ମଣି ସଂଗ୍ରହ କରାଯିବା ସମ୍ଭବ ମନେ ହେବାରୁ ରାଜା ମହାରାଜାମାନେ ଏହି ତନ୍ତ୍ର ପୂଜା ପାଇଁ ଇଚ୍ଛୁକ ହେଲେ । ମନ୍ଦିରମାନ ପ୍ରତିଷ୍ଠା କରାଗଲା ଏବଂ ଏହିଭଳି ଏକ ଗୁପ୍ତ କୋଠରୀମାନଙ୍କରେ ଅଭିଶପ୍ତ ନାଗ ନାଗୁଣୀମାନଙ୍କୁ

ଆବାହନ କରାଗଲା । ମନ୍ଦିରର ବାହ୍ୟ ପ୍ରତିଷ୍ଠା କରାଯାଏ ଏବଂ ସେ ନାଗ ମୂର୍ତ୍ତୀର ନାମ 'ମଣିନାଗଦେବ' ନାମାଙ୍କିତ କରାଯାଏ ।

ନାଗପୂଜାର ଅନେକ ଗୁଡ଼ାଏ ପୂଜାରୁ "ନାଗଚତୁର୍ଥୀ" ଗୋଟିଏ । ସାଧାରଣତଃ ଗାଁ' ଗହଳରେ ଏ ପୂଜାକୁ "ନାଗୁଲୀ ଚଉଠୀ" ବୋଲି କୁହାଯାଏ । କାରଣ ଏହି ଦିନ ନାଗ ନାଗୁଣୀର ପୂର୍ଣ୍ଣ ମିଳନ ହୋଇଥାଏ, ଯେମିତି ମନୁଷ୍ୟମାନେ ବିବାହ ପରେ ତାଙ୍କର ବାସର ରାତିରେ ସଂପାଦନ କରିଥାଆନ୍ତି । ସୋମ ବଂଶର ପତନ ପରେ ଦେଶରୁ ଆସ୍ତେ ଆସ୍ତେ ତନ୍ତ୍ର ପୂଜାର ଆଦର କମିଗଲା । ଆଜିକାଲି ତନ୍ତ୍ର ସାଧକ ଆଦୌ ନାହାଁନ୍ତି କହିଲେ ଚଳେ । ଏଣୁ ଅତୀତର ସେ ସବୁ କାହାଣୀ, ଆଜି ମନୁଷ୍ୟ ସମାଜର ବିଶ୍ୱାସ ଭାଜନ ହୋଇନପାରି, ଅନ୍ଧବିଶ୍ୱାସରେ ପରିଣତ ହୋଇଯାଇଛି ।

ପୂଜାରୀ ବାବା ଭାଷଣ ଦେଲାଭଳି, ମନେ ହେଉଥିଲା···

ମଞ୍ଚ ଉପରେ ଠିଆ ହୋଇ ନେତାମାନେ ଭାଷଣ ଦେଲାଭଳି, ସେ ଗୁପ୍ତ କୋଠରୀର ସିଡ଼ି ଉପରେ ଠିଆ ହୋଇ ସର୍ପତନ୍ତ୍ର ଉପରେ ନିଜର ଅଭିଜ୍ଞତା ବଖାଣି ଚାଲିଥିଲେ···

: ପ୍ରକୃତରେ ଏ ଦୁନିଆରୁ ତୁମ ଦୁହିଁଙ୍କର ଯଦି କାହାଠାରୁ କିଛି ପାଇବାର ନାହିଁ, ତୁମେ ଦୁହେଁ ଯଦି କେବଳ ଦୁହିଁଙ୍କ ପାଇଁ ଜନ୍ମ ହୋଇଥାଅ, ତେବେ କେହି

ତମ୍ଭକୁ ଅଲଗା କରି ପାରିବେ ନାହିଁ । ତୁମେ ଦୁହେଁ ନାଗ ନାଗୁଣୀ ସାଜି ସବୁଦିନ ପାଇଁ ଏଇ କୋଠରୀରେ ରହିବଁ ।

ପୂଜାରୀ ବାବାଙ୍କ କଥାଶୁଣି, ଆନନ୍ଦରେ ନାଚି ଉଠିଲା ପଦ୍ମଗନ୍ଧା··· । ଛୋଟ ବାଳିକାଟିଏ ପରି ତାଳି ମାରି କହିଲା···

: ବାଃ, କେଡ଼େ ମଜା ନହେବ ସତରେ ? ପୀତମ୍ବର ନାଗ ଆଉ ମୁଁ ନାଗୁଣୀ । ଆମେ ଦୁହେଁ ଏଇ କୋଠରୀରେ ଆମ ନୂଆ ଦୁନିଆଁ ସର୍ଜନା କରିବା । ଆସ ପୀତାମ୍ବର ଏହିଠାରୁ ବଳି ସୁରକ୍ଷିତ ସ୍ଥାନ ଆମ ପାଇଁ ଆଉ କ'ଣ ଥାଇପାରେ ?

ପଦ୍ମଗନ୍ଧା ପୀତାମ୍ବରର ହାତଧରି ଟାଣିଲା···

କିନ୍ତୁ, ପୀତାମ୍ବର ମନରେ ସାମାନ୍ୟ ଭୟ ଦେଖା ଦେଲା । ଆଶଙ୍କା ମଧ୍ୟ ଦେଖାଦେଲା । ସେ ପଦ୍ମା ସହିତ ଏକମତ ହୋଇପାରୁ ନଥିଲା । ଅନ୍ଧାରୁଆ କୋଠରୀରେ ଭୋକ ଉପାସରେ କେତେ ଦିନ ରହିହେବ ? ସଢ଼ି ସଢ଼ି ମରିଯିବାଟା କେବଳ ସାର ହେବ । ଅବଶ୍ୟ ତାକୁ ପଦ୍ମା ଭରପୁର ଆନନ୍ଦ ଦେବ । ଆଦର ଦେବ, ମନ ଆଉ ଦେହର କ୍ଷୁଧା ପୂର୍ଣ୍ଣ କରିପାରିବ, ହେଲେ ପେଟର କ୍ଷୁଧା ଶାନ୍ତ କରିବ କିଏ ?

ପେଟ ଚାଖଣ୍ଡକ ପାଇଁ ତ ଏତେ ନାଟ ଲାଗିଛି । ମଣିଷ ଏ ଧରା ପୃଷ୍ଠରେ ଜନ୍ମ ହୋଇଛି ପ୍ରଥମେ ପେଟ

ପୂଜା ପାଇଁ । ଏଣୁ ପ୍ରଥମେ ପେଟ ପୂଜା, ତା'ପରେ ଯାଇ ଅନ୍ୟ ଚିନ୍ତା ।

ଅପରପାର୍ଶ୍ୱରେ ପଦ୍ମଗନ୍ଧା ଖୁବ୍ ଖୁସୀଥିଲା ପରି ମନେ ହେଲା ।

ସେ ଫୁସ୍ ଫୁସ୍ ହୋଇ ପୀତାମ୍ବର କାନରେ କହିଲା...

: ଦୁର୍ବଳ ହୋଇ ଯାଅନା ପ୍ରିୟତମ ! ଦେଖ ତୁମ ପାଇଁ ମୁଁ ସମସ୍ତ ବାଧାବନ୍ଧନକୁ ଗଳାରେ ଲଗାଇବା ପାଇଁ ପ୍ରସ୍ତୁତ ଅଛି । ଏପରିକି ମୃତ୍ୟୁ ଆସିଲେ ମଧ୍ୟ ମୁଁ ତାକୁ ସ୍ୱାଗତ ଜଣାଇବି । ମୁଁ ଯଦି ପାରିବି, ତୁମେ ପାରିବ ନାହିଁ କାହିଁକି... !!

ନ ମିଳୁ ଖାଦ୍ୟ... ନ ମିଳୁ ପାନୀୟ... ଆମେ କେବଳ ପରସ୍ପରର ସ୍ନେହ ଆଦରକୁ ପାଥେୟ କରି ଯେତେ ଦିନ ପାରିବା ବଞ୍ଚିବା । ତା'ପରେ ହସି ହସି ମରଣକୁ ବରଣ କରିବା । ମୃତ୍ୟୁ ପରେ ଆମ ପାଇଁ ଆଉ କୌଣସି ପ୍ରକାର ବାଧା ବନ୍ଧନ ରହିବ ନାହିଁ ପୀତାମ୍ବର... । ଆମେ ନାଗ ନାଗୁଣୀ ରୂପରେ ପୁଣି ଜନ୍ମ ନେବା । ଏଇ କୋଠରୀକୁ ଆସିବା କେଳି ରଚନା କରିବା ପାଇଁ । ଖୋଲା ଜଙ୍ଗଲରେ ମନ ଇଚ୍ଛା ବୁଲିବା ଖେଳିବା । ପଥର ଖୋଲରେ ବାସ ବାନ୍ଧିବା । ଆମକୁ ବାଧା ଦେବା ପାଇଁ କୌଣସି ସାମାଜିକ ପ୍ରତିବନ୍ଧକ ନଥିବ । ଅଭିଭାବକମାନଙ୍କ ଆକଟ ନଥିବ ।

ନିନ୍ଦୁକମାନଙ୍କ ସମାଲୋଚନା କି ବିଷଦୃଷ୍ଟି ନଥିବ । ବାଃ... ବାଃ... ବହୁତ ମଜା ହେବ ପୀତାମ୍ବର... ।

କୌଣସି ଉତ୍ତର ଦେଇ ପାରିଲା ନାହିଁ ପୀତାମ୍ବର...

ପଦ୍ମଗନ୍ଧା ଭଳି ତା' ଆତ୍ମା ସେତେଟା ସହଜ ଏବଂ ସରଳ ହୋଇ ପାରୁନଥିଲା । ଯାହା ହେଲେବି ସେ ଗୋଟାଏ ସୁସ୍ଥ ମସ୍ତିଷ୍କଧାରୀ ମଣିଷ ; ପାଗଳ କି ଆବ୍‌ନର୍ମାଲ ନୁହେଁ ।

ପୂଜାରୀ ବାବା ଅନ୍ଧାର ଭିତରେ କେଉଁଆଡେ ହଜିଗଲେ । ରହିଗଲେ କେବଳ ପୀତାମ୍ବର ଏବଂ ପଦ୍ମଗନ୍ଧା । ପରିବେଶ ନିରୋଳା ଦେଖି ପଦ୍ମଗନ୍ଧା ନିଜ ଛାତି ଉପରକୁ ଟାଣି ଆଣିଲା ପୀତାମ୍ବରଙ୍କୁ । ଗୋଟାଏ ସରୀସୃପ ଭଳି ତା ଦେହରେ ସଲ ସଲ ହେବାକୁ ଲାଗିଲା ।

ପୀତାମ୍ବରର ଶରୀର ରୋମାଞ୍ଚିତ ହେବା ବଦଳରେ କାହିଁକି କେଜାଣି ଥରି ଉଠିଲା । ମନରେ କେମିତି ଗୋଟାଏ ଅହେତୁକ ଭୟ ଜାଗ୍ରତ ହେଲା । ଲୋମ ସବୁ ଟାଙ୍କୁରୀ ଉଠିଲା ।

ତାକୁ ଜଣାଗଲା ତା'ର ଏକାନ୍ତ ପ୍ରେମିକା ତାକୁ ଆଲିଙ୍ଗନ କରୁନାହିଁ ବରଂ ଗୋଟାଏ ଭୟଙ୍କର ନାଗୁଣୀ ତା' ଶରୀରରେ ଦଉଡ଼ି ଭଳି ଗୁଡ଼େଇ ହୋଇ ଯାଉଛି, ପୁଣି ଫିଟି ଆସୁଛି ।

ପ୍ରେମ, ଉତ୍ତେଜନା, ଆଗ୍ରହ ବଦଳରେ ତା' ମନକୁ ଏକ ଭୟଙ୍କର ଅବିଶ୍ୱାସ ଗ୍ରାସ କରିବାରେ ଲାଗିଲା ।

ହଠାତ୍ ବାହାରେ ଗହଳି ଶୁଣାଗଲା··· ।

ବିଦ୍ୟୁତ ବେଗରେ ପଦ୍ମଗନ୍ଧାଠାରୁ ଅଲଗା ହୋଇଗଲା ପୀତାମ୍ବର । ପାବଚ୍ଛ ପାଖକୁ ଧାଇଁ ଆସି କାନ ଡେରି ଶୁଣିବାକୁ ଚେଷ୍ଟାକଲା ।

କଣ୍ଠସ୍ୱର ସବୁ ପରିଚିତ ପରି ମନେ ହେଲା । ବୋଧହୁଏ ଜମିଦାରଙ୍କ ଅନୁଚରମାନେ କୌଣସି ସୂତ୍ରରୁ ସେମାନଙ୍କ ସ୍ଥିତି ସଂପର୍କରେ ଜାଣି ପାରିଛନ୍ତି । ଜାଣିପାରିଛନ୍ତି ଯେ, ପୀତାମ୍ବର ଏବଂ ପଦ୍ମଗନ୍ଧା ଏଇଠି ଆତ୍ମଗୋପନ କରିଛନ୍ତି ବୋଲି ।

ନିଜର ଧାରଣା ସତ୍ୟ ହୋଇପାରେ ଭାବି ଚିନ୍ତିତ ହୋଇ ଉଠିଲା ପୀତାମ୍ବର ।

ଗୁପ୍ତକୋଠରୀର ମୁହଁ ଉପରୁ ତିନି ଚାରିଜଣ, ମିଳିତ ଭାବରେ ପଥର ହଟାଇବାକୁ ଚେଷ୍ଟା କରୁଥିଲେ । ସେମାନଙ୍କ ହା, ହଲ୍ଲାରୁ ସ୍ପଷ୍ଟ ଅନୁମାନ କରି ପାରିଲା ପୀତାମ୍ବର । ତା' ମନରେ ପୂଜାରୀ ବାବାଙ୍କ ଉପରେ ସନ୍ଦେହ ଦେଖା ଦେଲା । ଏ ସବୁ ତାଙ୍କର ଚକ୍ରାନ୍ତ ନୁହେଁତ !!

ମନେ ମନେ ଭାବିଲା ସେ···

ପୂଜାରୀ ବାବା ଜଣେ ନୀତିବାନ ଲୋକ । ଏ ଭଳି ପରିସ୍ଥିତିରେ କୌଣସି ସଦ୍‌ବୁଦ୍ଧି ନଦେଇ ଗୁପ୍ତକୋଠରୀକୁ ଟାଣିଆଣି ନିର୍ଭର ପ୍ରତିଶ୍ରୁତି ଦେଇଗଲେ ଏଇଠୁ ତୁମକୁ କେହି ଆବିଷ୍କାର କରିପାରିବେ ନାହିଁ ।

ଆଶ୍ୱାସନା ଦେଇନଥିଲେ ପଦ୍ମ ହୁଏତ ଏତେଟା ସାହାସ କରିପାରି ନଥାଆନ୍ତା । ଆମକୁ ଏଠାରେ ବନ୍ଦୀ

ବନାଇ ପୂଜାରୀ ଜମିଦାରଙ୍କୁ ଖବର ପଠାଇଛନ୍ତି । ଯାହା ଫଳରେ ଜମିଦାର ଅନୁଚରମାନଙ୍କ ସହିତ ଧାଇଁ ଆସିଛନ୍ତି ପଦ୍ମଗନ୍ଧାକୁ ଫେରାଇ ନେବା ପାଇଁ ।

ଯେମିତି ହେଉ ସେ ପଦ୍ମକୁ ପୁଣି ଜମିଦାର ମହଲକୁ ଫେରାଇ ନେବ । ମାନଧାତାଙ୍କୁ ବାଧା ଦେଲା ଭଳି ଶକ୍ତି ତା'ର ନାହିଁ । ଇଚ୍ଛା ନଥିଲେବି ପଦ୍ମ ଯିବାକୁ ବାଧ୍ୟ ହେବ । ପଦ୍ମ ଚାଲିଗଲା ପରେ, ତା' ଅବସ୍ଥା କ'ଣ ହେବ ?

ପୀତାମ୍ବରର ଚକ୍ଷୁ ସମ୍ମୁଖରେ ଘନ ଅନ୍ଧାର ଛାଇ ଗଲା... । ସେ କେବଳ ଚିନ୍ତା କରିବାରେ ଲାଗିଲା ପରବର୍ତ୍ତୀ ଅବସ୍ଥା ସଂପର୍କରେ ।

ପ୍ରଥମେ ଅମାନୁଷିକ ଦଣ୍ଡ, ତା'ପରେ ଅବଧାନଗିରି, ଗୁମାସ୍ତାଗିରି, ମାଲିକାନା ସତ୍ୱ, ଜାଗିରୀ ସବୁକିଛି ଛଡ଼ାଇ ନିଆଯିବ । ଲୋକେ ଛି... ଛି... କରିବେ । ଗାଲରେ ଚୁନ କଳା ବୋଳା ହେବ, ବେକରେ ଯୋତାମାଳ ପକାଇ, ଗଧ ପିଠିରେ ବସାଇ ଜମିଦାର ସାରା ଇଲାକାରେ ବୁଲାଇବେ ।

ରାଜ ଦଣ୍ଡରେ ପିତା ପୁତ୍ରଙ୍କର ଇଜ୍ଜତ ନୀଲାମ ହୋଇଯିବ...

ପଦ୍ମଗନ୍ଧା କିନ୍ତୁ ନିର୍ବିକାର ଭାବେ ପ୍ରସ୍ତର ପିଣ୍ଡି ଉପରେ ବସିଥିଲା । ଭୟ, ଅନୁଶୋଚନା ବଦଳରେ ତା' ମୁହଁରେ ଲାଖିଥିଲା ମିଠା ହସ ।

ସେ ହସ ଏକ ତାଚ୍ଛଲ୍ୟପରି ମନେ ହେଲା ପୀତାମ୍ବରକୁ । ପଦ୍ମା ଉପରେ ଭରସା ତୁଟାଇ ଦେଇ, ସେ ନିଜ ଆତ୍ମରକ୍ଷାର ଉପାୟ ଚେଷ୍ଟା କରିବାରେ ଲାଗିଲା । ହଠାତ୍ ଦୃଷ୍ଟି ପଡ଼ିଲା କୋଠରୀର ଏକ ପାର୍ଶ୍ୱରେ ଥିବା ଛୋଟ ସୁଡ଼ଙ୍ଗ ଉପରେ । ତା'ର ମନେ ହେଲା ଏହି ସୁଡ଼ଙ୍ଗଟି ନିଶ୍ଚିତ ଭାବରେ ଗୁପ୍ତ କୋଠରୀରୁ ବାହାରକୁ ଯାଇଛି ।

ପିତାମ୍ବରର ମୁଖମଣ୍ଡଳ ଉଜ୍ଜଳ ଦେଖାଗଲା···

ତା'ରି ଭିତରେ ପଶିଗଲେ ପ୍ରାଣଟା ରକ୍ଷା ପାଇ ଯାଆନ୍ତା···

ପଥର ସିଡ଼ି ପାଖରୁ ଗର୍ତ୍ତ ମୁହଁକୁ ଧାଇଁ ଆସିଲା ପୀତାମ୍ବର । ଭିତରେ ପଶିବାକୁ ଚେଷ୍ଟା କରୁଥିଲା, ଧାଇଁ ଆସି ପଦ୍ମଗନ୍ଧା ତାକୁ ଜାବୁଡ଼ି ଧରିଲା । କହିଲା : ତୁମେ ଆଦୌ ଭୟ କର ନାହିଁ ପ୍ରିୟତମ । ଡାହାଣୀର ଅନୁଚରମାନେ ଆମକୁ ଆବିଷ୍କାର କରି ସାରିଛନ୍ତି ସତ, କରନ୍ତୁ··· ସେଥିପାଇଁ ଭୟ କାହିଁକି ? ଏ ଗୁପ୍ତକୋଠରୀ ବାହାରକୁ ସେମାନେ ମତେ ନେଇ ପାରିବେ ନାହିଁ । ତୁମକୁ ଯଦି ଆଘାତ କରିବାକୁ ଆସନ୍ତି ପ୍ରଥମେ ମୁଁ ମଥାପାତି ଦେବି । ମୁଁ ବଞ୍ଚିଥିଲା ପର୍ଯ୍ୟନ୍ତ ସେମାନେ ତୁମ ଦେହରେ ଟିପ ଦେଇ ପାରିବେ ନାହିଁ । ମୁଁ ମରିଗଲା ପରେ ସେମାନେ ହୁଏତ କିଛି କରି ପାରନ୍ତି, ତା' ପୂର୍ବରୁ ନୁହେଁ ।

ଆଶ୍ୱସନା ଦେଲା ପଦ୍ମଗନ୍ଧା···

Digitized by
Deb's Library Corner

ମୁଁ ନାରୀ, ଅବଳାଟିଏ ହୋଇ ସବୁ ପ୍ରକାର ପରିସ୍ଥିତିକୁ ସାମନା କରିବା ପାଇଁ ଧୈର୍ଯ୍ୟ ବାନ୍ଧିଲାବେଳେ, ତୁମେ ପୁରୁଷଟିଏ ହୋଇ ଏତେ ଧୈର୍ଯ୍ୟ ହରା ହୋଇ ଯାଉଛ କାହିଁକି ? ମୋ ଉପରେ ବିଶ୍ୱାସ ରଖ । ଆମ ପ୍ରେମ ଉପରେ ଭରସା ରଖ । ଆଜି ନହେଲେ କାଲି ମୃତ୍ୟୁ ଆସିବ । ମୃତ୍ୟୁ ପାଇଁ ଏତେ ଚିନ୍ତା କାହିଁକି ? କେଦାର ଗୌରୀ, ଲୈଲା ମଜନୁର କାହାଣୀ ଶୁଣି ନାହଁ ? ତୁମେ ତ ମହାଜ୍ଞାନୀ, ପଣ୍ଡିତ, ତୁମକୁ କ'ଣ ମୁଁ ବୁଝେଇବି ? ଆମ ପ୍ରେମକୁ ନେଇ ସେମିତି ଗୋଟାଏ ଅଭୁଲା କାହାଣୀ ସୃଷ୍ଟି ହେବ, ହେଉ··· ଏହା କ'ଣ ଆମର ଗୌରବ ନୁହେଁ ?

ପଦ୍ମଗନ୍ଧାର ମନସ୍ତତ୍ୱକୁ ଠିକ୍ ଭାବରେ ଗ୍ରହଣ କରି ପାରୁନଥିଲା ପୀତାମ୍ବର··· ।

ସେ ଦେବତା ନୁହେଁ, ଯକ୍ଷ, କିନ୍ନର କି ଗନ୍ଧର୍ବ ନୁହେଁ । ସେ ଏକ ମଣିଷ । ନିଛକ ମଣିଷ । ଯାହା ନିକଟରେ ଭୟ, ଲୋଭ, ମାୟା, ଆସକ୍ତି ସବୁକିଛି ଭରପୂର ହୋଇ ରହିଛି ।

ଏଭଳି ପରିସ୍ଥିତିରେ ସେ ଦୁର୍ବଳ ହୋଇଯିବା ସ୍ୱାଭାବିକ୍ !

କିନ୍ତୁ ପଦ୍ମାର ମନସ୍ତତ୍ୱକୁ ଦେଖିଲେ ମନେ ହେଉଛି ସେ ଯେମିତି ମଣିଷ ନୁହେଁ, ଗୋଟିଏ ସରୀସୃପ । ତା' ମନଟା ଠିକ ସେହିପରି··· ମାନେ ଗୋଟାଏ ସରିସୃପର ମନ ପରି··· ।

ପଥର ଦ୍ୱାର ଖୋଲି କେହି ଭିତରେ ପ୍ରବେଶ କରିବା ପୂର୍ବରୁ ପଦ୍ମଗନ୍ଧାକୁ ଧକାଏ ମାରି ସୁଡ଼ଙ୍ଗ ଭିତରେ ପଶିଗଲା ପୀତାମ୍ବର । ତା'ପରେ ପ୍ରାଣ ବିକଳରେ ନଇଁ ନଇଁ... ଘୁସୁରୀ ଘୁସୁରୀ... ଆଗେଇବାରେ ଲାଗିଲା ।

କିନ୍ତୁ ବେଶୀ ଦୂର ଯାଇ ପାରିଲା ନାହିଁ ।

ତା' ମନ ଗୋଟାଏ ମଣିଷର ମନ । ସେ ମଣିଷ ମନର କୌତୂହଳ ତାକୁ ମଝିରାସ୍ତାରେ ଅଟକାଇ ରଖିଲା, ପଦ୍ମଗନ୍ଧା କେଉଁ ପରିସ୍ଥିତିର ସମ୍ମୁଖୀନ ହେଉଛି, ତାକୁ ଲକ୍ଷ୍ୟ କରିବା ପାଇଁ...

ଦୁଇଜଣ ଅନୁଚରଙ୍କ ସହିତ ଜମିଦାର ମାନଧାତା ଗୁପ୍ତକୋଠରୀରେ ପ୍ରବେଶ କଲେ ।

ଏପାଖ ସେପାଖ ଚାହିଁବା ପରେ ଜଣେ ଅନୁଚର କହିଲା...

: ମାଲିକ ସେ ଟୋକାଟାତ ଏଠାରେ ନାହିଁ ?

: ନିଶ୍ଚୟ ଥିଲା; କିନ୍ତୁ ଆମେ ଆସିବାର ଖବର ପାଇ କୌଣସି ଉପାୟରେ ଖସି ପଳାଇଛି । ତା' କଥା ପରେ ବୁଝିବା । ପ୍ରଥମେ ଏ କଳଙ୍କିନୀର ହାତ ଗୋଡ଼ ବାନ୍ଧି ପ୍ରାସାଦକୁ ନେଇଯାଅ । ବାହାଘର ନସରିଲା ପର୍ଯ୍ୟନ୍ତ ପାଣି ଟୋପାଏ ସୁଦ୍ଧା ଦେବ ନାହିଁ । ମୁଁ ଦେଖିବି ଏ ବକଟେ ପିଲାର ସାହାସ ଆଉ ଦମ୍ଭ କେତେ ? ଯିଏ ଖୋଦ ବାପ ସାଥୀରେ ଟକ୍କର ଦେବାକୁ ମଧ୍ୟ ପଛାଇ ଯାଉନାହିଁ ।

ପଦ୍ମଗନ୍ଧା ସୁଡ଼ଙ୍ଗକୁ ଆଢୁଆଳ କରି ଠିଆ ହୋଇଥିଲା । ଏଣୁ ଜମିଦାର ଓ ତାଙ୍କ ଅନୁଚରମାନେ ସୁଡ଼ଙ୍ଗର ସଂଧାନ ନେଇ ପାରିନଥିଲେ ।

ଅନୁଚର ଦ୍ୱୟ ଆଗେଇ ଆସୁଥିଲେ ପଦ୍ମଗନ୍ଧାକୁ ଧରିବା ପାଇଁ···

ପଦ୍ମଗନ୍ଧା ଚିତ୍କାର କଲା : ସାବଧାନ··· !! ମୋ ଦେହରେ ଯିଏ ଟିପ ଦେବ ତା' ଦେହରେ ହଳାହଳ··· ବିଷ ଚରିଯିବ । ମୁଁ ମଣିଷ ନୁହେଁ, ନାଗକନ୍ୟା··· ନାଗୁଣୀ । ମୋ ଅଭିପ୍ରାୟରେ କେହି ଅନ୍ତରାୟ ସୃଷ୍ଟି କରିବାକୁ ଚେଷ୍ଟା କଲେ, ମୁଁ ତାକୁ ଦଂଶନ କରିବି ।

ପଦ୍ମଗନ୍ଧାର ଭୟଙ୍କର ରୂପଦେଖି କେବଳ ଅନୁଚର ଦ୍ୱୟ କାହିଁକି, ସୁଡ଼ଙ୍ଗ ଭିତରେ ଥାଇ ପୀତାମ୍ବର ମଧ୍ୟ ଭୟରେ ଶିହରୀ ଉଠିଲା ।

ତା'ର ଚକ୍ଷୁ ଡୋଳା ଦୁଇଟା ସଂପୂର୍ଣ୍ଣ ନୀଳପଡ଼ି ଯାଇଥିଲା, ଆଉ ଜିଭଟା ସରୁଆ ହୋଇ ଲମ୍ବି ଆସିଥିଲା ବାହାରକୁ···

ଜମିଦାର ମାନଧାତା କିନ୍ତୁ ସ୍ୱାଭାବିକ ଅବସ୍ଥାରେ ଥିଲେ ।

ସେ ପୁଣିଥରେ ଗର୍ଜନ କଲେ : ତା' କଥାକୁ ମୋଟେ ଖାତିର କରନା । ସେ କାହାର କିଛି କରି ପାରିବ ନାହିଁ । ମୁଁ ଆଦେଶ ଦେଉଛି ଯାଅ··· ଟେକି

ନେଇ ଆସ ମୋ ପାଖକୁ । ତା'ପରେ ଦେଖିବି ସେ କ'ଣ କରିବ ?

ସାହାସର ସହ ଅନୁଚର ଦ୍ୱୟ ଆଗେଇଲେ··· ।

ପଛକୁ ପଛ ଘୁଞ୍ଚି ଆସୁଥିଲା ପଦ୍ମଗନ୍ଧା··· ।

କୌତୁହଳ ଏବଂ ଆଶଙ୍କାପୂର୍ଣ୍ଣ ନେତ୍ରରେ ସୁଡ଼ଙ୍ଗ ଭିତରେ ଲୁଚି ରହି ଚାହିଁଥିଲା ପୀତାମ୍ବର··· ।

ହଠାତ୍ ଏକ ଅଲୌକିକ ଘଟଣା ଘଟିଲା । ପଦ୍ମଗନ୍ଧା ଏବଂ ଅନୁଚର ଦ୍ୱୟଙ୍କ ମଝିରେ ଆର୍ବିଭାବ ହେଲା ଏକ ଭୟଙ୍କର କଳାସର୍ପ ।

ଚକ୍ଷୁସ୍ଥିର କରି ପୀତାମ୍ବର କଳା ସର୍ପକୁ ଚାହିଁଲା ।

ଅତୀତର ସ୍ମୃତି ସବୁ ହଠତ୍ ତା' ମାନସପଟରେ ଜାଗ୍ରତ ହୋଇ ଉଠିଲା । ଇଏ ସେହି ସର୍ପ, ଯେଉଁ ସର୍ପ ଏକଦା ପୀତାମ୍ବରକୁ ଦଂଶନ କରିଥିଲା ଏବଂ ପରବର୍ତ୍ତୀ କାଳରେ ଜୀବଦାନ ମଧ୍ୟ ଦେଇଥିଲା ।

ସର୍ପର ଭୟଙ୍କର ରୂପ ଦେଖି ଦଂଶନ ଭୟରେ ଜମିଦାର ଧାଇଁଲେ ସିଡ଼ି ଆଡ଼କୁ । ତାଙ୍କ ପଛେ ପଛେ ଅନୁଚର ଦ୍ୱୟ··· । ମୁହୂର୍ତ୍ତକ ମଧ୍ୟରେ ଗୁପ୍ତକୋଠରୀ ଶୂନ୍ୟ ପଡ଼ିଗଲା । କେବଳ ରହିଗଲେ ପଦ୍ମଗନ୍ଧା ଏବଂ ଆର୍ବିଭାବ ହୋଇଥିବା ଭୟଙ୍କର **କଳାସର୍ପ** ।

ପୀତାମ୍ବର ପୂର୍ବଭଳି **ସୁଡ଼ଙ୍ଗ ଭିତରେ** ରହି ଆଖି ମିଟି ମିଟି କରୁଥିଲା ।

ସେ ଭାବିଲା···

Digitized by
Deb's Library Corner

କୋଠରୀ ଭିତରୁ ସାପଟା ଚାଲି ନଗଲା ପର୍ଯ୍ୟନ୍ତ ସେ ପୁଣି ଭିତରେ ପଶିବ କେମିତି ? ପଦ୍ମଗନ୍ଧା ତ ମଣିଷ ନୁହେଁ, ଗୋଟାଏ ସରୀସୃପ । ତାକୁ ସାପର ଭୟ ନାହିଁ । ହେଲେ ସେ ମଣିଷ ।

ସାପଟା ବାହାରକୁ ନଯାଇ ଯଦି ସୁଡ଼ଙ୍ଗ ଭିତରକୁ ପଶିଆସେ ? ପୁଣି ଏକ ଆଶଙ୍କା ଜାଗି ଉଠିଲା ପୀତାମ୍ବର ମନରେ । କିନ୍ତୁ ସେପରି କିଛି ଦୁର୍ଘଟଣା ଘଟିଲା ନାହିଁ ।

କଳାସର୍ପ ସୁଡ଼ଙ୍ଗ ଆଡ଼େ ନଆସି, ପଦ୍ମଗନ୍ଧା ସାମନାରେ କୁଣ୍ଡଳୀ ମାରି ବସିଲା । ପଦ୍ମା ସେ ଭୟଙ୍କର ସର୍ପକୁ କିଛି ସମୟ ଏକ ଲୟରେ ଚାହିଁ ରହିଲା । ତା'ପରେ କ'ଣ ଭାବିଲା କେଜାଣି ଧାଇଁ ଯାଇ ତା' ଆଗରେ ଆଣ୍ଠେଇ ପଡ଼ି ତାକୁ ଦୁଇ ହାତରେ ଜାବୁଡ଼ି ଧରିଲା । ପଦ୍ମଗନ୍ଧାର କୋମଳ ଶରୀରରେ ଗୋଟାଏ ବନଲତା ଭଳି ସର୍ପଟା ଗୁଡ଼େଇ ହୋଇଗଲା ।

ଭୟରେ ଥରି ଉଠିଲା ପୀତାମ୍ବରର ଆପାଦ ମସ୍ତକ ।

ଚାହୁଁ ଚାହୁଁ ପଦ୍ମାର ଶରୀରରେ ପରିବର୍ତ୍ତନ ଦେଖାଦେଲା । ଆସ୍ତେ ଆସ୍ତେ ସେ ମଧ୍ୟ ଗୋଟାଏ ସାପ ପାଲଟି ଗଲା ।

ପ୍ରସ୍ତର ଚଟାଣ ଉପରେ ଦୁଇଟି ବିଷଧର ସର୍ପ, ଛନ୍ଦାଚନ୍ଦି ହୋଇ ନୃତ୍ୟ କରିବାରେ ଲାଗିଲେ ।

ଆର୍ତ୍ତ ଚିତ୍କାର କରି ଉଠିଲା ପିତାମ୍ବର··· ।

ପର ମୁହୂର୍ତ୍ତରେ ତା' ଆଖିପତା ଦୁଇଟା ଆପେ ଆପେ ଖୋଲିଗଲା । ପ୍ରଥମେ ସେ ନିଜକୁ ନିଜେ ବିଶ୍ୱାସ କରି ପାରିଲା ନାହିଁ । ଆଖି ଫାଡ଼ି ଫାଡ଼ି ଭଲ ଭାବରେ ଏପାଖ ସେପାଖ ଚାହିଁଲା ।

ମନ୍ଦିର ନାହିଁ, ପୂଜାରୀ ବାବା ନାହାଁନ୍ତି କି ଗୁପ୍ତ କୋଠରୀ ନାହିଁ । ସେ ଶୟନ କରିଛି ତା' ନିଜ କୋଠରୀର ପଲଙ୍କ ଉପରେ । ମୁଣ୍ଡ ପାଖରେ ଲଣ୍ଠନ ଟା' ଦିକ୍ ଦିକ୍ ହୋଇ ଜଳୁଛି । ଝରକାର ପରଦାଗୁଡ଼ାକ ପବନ ସ୍ପର୍ଶରେ ଏପାଖ ସେପାଖ ହୋଇ ଦୋହଲୁଛନ୍ତି ।

ଚିନ୍ତା କଲା ପୀତାମ୍ବର...

ତା'ମାନେ ଏତେ ସମୟ ଧରି ସେ କ'ଣ ସ୍ୱପ୍ନ ଦେଖୁଥିଲା ? ସ୍ୱପ୍ନ କ'ଣ ଏତେ ବାସ୍ତବ ହୋଇପାରେ ?

ଶଯ୍ୟାରେ ଉଠି ବସିଲା ସେ । ଦୁଇ ଆଖି ଭଲ ଭାବରେ ମଳି ଦେଇ ତଳକୁ ଓହ୍ଲାଇଲା । ସୁରେଇରୁ ଥଣ୍ଡା ପାଣି ବାହାର କରି ପେଟପୂରା ପିଇଲା । ଚଟାଣ ଉପରେ କିଛି ସମୟ ଅସ୍ଥିର ପଦଚାରଣ କଲା ।

ଶେଷରେ ପୁଣିଥରେ ଫେରି ଆସିଲା ଶଯ୍ୟା ଉପରକୁ । ହାତ ବଢ଼ାଇ ଲଣ୍ଠନକୁ ଆଉ ଟିକିଏ ତେଜି ଦେଲା ।

ଏ କୁହୁକ ରାଜ୍ୟରେ ବିଚରଣ କରୁଥିଲା ପୀତାମ୍ବରର ଭୟାଳୁ ମନଟା ।

ମନୁଷ୍ୟ କ'ଣ ଏତେ ସମୟ ଧରି ସ୍ୱପ୍ନ ଦେଖି ପାରେ ? ହୁଏତ !! କିନ୍ତୁ ସେ ଏଭଳି ଅବାସ୍ତବ ସ୍ୱପ୍ନ

ଦେଖିଲା କାହିଁକି ? ମନୁଷ୍ୟ ଜାଗ୍ରତ ଅବସ୍ଥାରେ ଯାହା ଚିନ୍ତା କରିଥାଏ, ନିଦ୍ରିତ ଅବସ୍ଥାରେ ତାହା ତା'ର ଅବଚେତନ ମନ ଉପରେ ପ୍ରଭାବ ପକାଏ । ଫଳତଃ ସେହି ଚିନ୍ତାଧାରାର ଏକ କାଳ୍ପନିକ ଦୃଶ୍ୟ ସେ ସ୍ୱପ୍ନ ମାଧ୍ୟମରେ ଦେଖିଥାଏ ।

କାଲି ପୀତାମ୍ବରର ମନ ଭଲ ନଥିଲା । ପଦ୍ମଗନ୍ଧାର ପ୍ରେମ ଏବଂ ତା'ର ଭବିଷ୍ୟତ ଏଇ ଦୁଇଟି ବିପରୀତ ମୁଖି ଅବସ୍ଥା ସଂପର୍କରେ ଚିନ୍ତାକରି ସେ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲା । ରାତ୍ରୀ ଆସିବା ମାତ୍ରେ ଏହି ଚିନ୍ତା ତାକୁ ଅଧିକ ଦୁର୍ବଳ କରି ଦେଲା । ନଖାଇ, ନପିଇ ସେ ଚାଲି ଆସିଥିଲା ଶଯ୍ୟାକୁ ବିଶ୍ରାମ ନେବା ପାଇଁ ।

ସେଇକଥା ଭାବୁ ଭାବୁ ବୋଧହୁଏ ତାକୁ ନିଦ ହୋଇଯାଇଛି ।

ସେ ଭାବୁଥିଲା ପଦ୍ମଗନ୍ଧା ସଂପର୍କରେ···

ବାଲ୍ୟକାଳରୁ ଆଜି ପର୍ଯ୍ୟନ୍ତ ତା' ଜୀବନରେ ଯାହା ଯାହା ଘଟି ଯାଇଛି, ପ୍ରତ୍ୟେକ ଘଟଣାବଳୀକୁ ସେ ବିଶ୍ଳେଷଣ କରିଥିଲା । ସେହି ବିଶ୍ଳେଷଣ ଭିତରେ ଆସିଥିଲା ଅତୀତରେ ଘଟିଥିବା ସର୍ପାଘାତ, ମଣିନାଗ ମନ୍ଦିର ଓ ପୂଜାରୀ ବାବାଙ୍କ ଉପାଖ୍ୟାନ ।

ପିଲାଦିନେ ସମୟ ମିଳିଲେ, ପଦ୍ମଗନ୍ଧା ଏବଂ ପୀତାମ୍ବର ପୂଜାରୀ ବାବାଙ୍କ ପାଖରେ ବସିଯାଆନ୍ତି କାହାଣୀ ଶୁଣିବା ପାଇଁ । ନାନା ଜାତିର କାହାଣୀ ସେ କହନ୍ତି । ତାଙ୍କ କାହାଣୀ ଗୁଡ଼ିକ ସାଧାରଣତଃ ସରୀସୃପ

ଏବଂ ଜଙ୍ଗଲର ପଶୁପକ୍ଷୀମାନଙ୍କ ଉପରେ ଆଧାରିତ ଥିଲା ।

ନାଗନାଗୁଣୀଙ୍କ ପ୍ରେମ କାହାଣୀ ପ୍ରଥମେ ସେ ପୂଜାରୀଙ୍କ ଠାରୁ ଶୁଣି ଥିଲା । ପ୍ରସଙ୍ଗ କ୍ରମେ ସେ ଅନେକ ଥର କହିଛନ୍ତି– ମଣିନାଗଙ୍କ ମନ୍ଦିର ତଳେ ଗୋଟିଏ ଗୁପ୍ତକୋଠରୀ ଅଛି । ସେଇଠି ନାଗ ନାଗୁଣୀମାନେ ବିଭିନ୍ନ ତିଥିରେ ଆସି କ୍ରୀଡ଼ା କରନ୍ତି । କ୍ଷୀର, ରସାବଳୀ ଖାଇ ଫେରି ଯାଆନ୍ତି ।

ପିଲା ବୟସରେ ସେଭଳି କାହାଣୀ ଶୁଣିବା ପାଇଁ ଭାରି ଭଲ ଲାଗେ । ସେ କାହାଣୀରେ ସତ୍ୟତା ଅଛି କି ନାହିଁ, ମନ୍ଦିର ତଳେ ଗୁପ୍ତକୋଠରୀ ଅଛି କି ନାହିଁ, ପ୍ରକୃତରେ ନାଗ ନାଗୁଣୀ ମଣିଷ ଭଳି ପ୍ରେମ କରନ୍ତି କି ନାହିଁ ଏ ସବୁ ବୁଝିବା, ଚିନ୍ତା କରିବା ବୟସ ସେତେବେଳେ ନଥିଲା । କିନ୍ତୁ ବୟସ ବଢ଼ିବା ସହିତ ଏଭଳି ଅବାସ୍ତବ କାହାଣୀ ପିତାମ୍ବରକୁ ଭଲ ଲାଗିଲା ନାହିଁ । ତେଣୁ ସେ କାହାଣୀ ଶୁଣିବା ଅଭ୍ୟାସ ଛାଡ଼ି ଦେଲା । କାରଣ ପୂଜାରୀ ବାବାଙ୍କୁ ଅନ୍ୟ ବିଷୟବସ୍ତୁ ଉପରେ କାହାଣୀ ଜଣା ନାହିଁ ।

ମନ ଗୋଟାଏ କମ୍ପ୍ୟୁଟର ଭଳି । କୌଣସି ଗୋଟାଏ ଘଟଣା ପରେ ଆମେ ତାକୁ ଭୁଲିଗଲୁ ବୋଲି ଭାବୁ; କିନ୍ତୁ ପ୍ରକୃତରେ ତାହା ମନରେ ରେକର୍ଡ଼ିଂ ହେଲା ପରି ରହି ଯାଇଥାଏ ଏବଂ ମନର ଚିନ୍ତା କରିବା ଶକ୍ତି

ଯେତେବେଳେ ଦୁର୍ବଳ ହୋଇଯାଏ, ଅତୀତର ସେହି ଘଟଣାବଳୀ ଅବଚେତନ ମନ ଉପରେ ପ୍ରଭାବ ପକାଏ ।

ସେହି ଦୃଷ୍ଟିରୁ ଆଜିର ଚିନ୍ତାଧାରା ବାଲ୍ୟକାଳର ଚିନ୍ତାଧାରା, ଆଜିର ପରିସ୍ଥିତି, ବାଲ୍ୟକାଳର ପରିସ୍ଥିତି, ମନ୍ଦିର, ପୂଜାରୀ, ନାଗଦେବତା, ଜମିଦାର, ମୃଦୁଗନ୍ଧା ସେ ନିଜେ, ଏ ସବୁକୁ ମିଶାଇ ଏକ ବିଚିତ୍ର ସ୍ୱପ୍ନ ଦେଖିଛି ପୀତାମ୍ବର ।

ଧ୍ୟାନ ଭଙ୍ଗ ହେଲା ତା'ର…

ମନେ ହେଲା ଶୟନ କକ୍ଷର ଦ୍ୱାର ଦେଶରେ କେହି ମୃଦୁ ଆଘାତ କରୁଛି… ।

ଏତେ ରାତ୍ରିରେ ଏପରି ସାଙ୍କେତିକ ଶବ୍ଦ କିଏ କରୁଛି ?

ଭ୍ରମ ନୁହେଁତ !! ପୁଣି ଥରେ କାନପାତି ଶୁଣିବାକୁ ଚେଷ୍ଟା କଲା… ନାଃ… ଭ୍ରମ ନୁହେଁ… ସତ୍ୟ ।

ଶଯ୍ୟା ତ୍ୟାଗକରି ଶଙ୍କିତ ପଦରେ ଆଗେଇ ଆସି ଦ୍ୱାର ଖୋଲିଦେଲା ପୀତାମ୍ବର । ପରକ୍ଷଣରେ ଦୁଇପାଦ ପଛକୁ ହଟି ଆସିଲା ।

ସଂପୂର୍ଣ୍ଣ କଳା ପୋଷାକରେ ନିଜକୁ ଆଚ୍ଛାଦିତ କରି କେହି ଜଣେ ଦେଓ୍ୱାଲକୁ ଲାଗି ଚୁପ୍‌ଚାପ୍ ଠିଆ ହୋଇଥିଲା ।

: କିଏ ? କିଏ ତୁମେ ?

ଚାପା ଗଳାରେ ପଚାରିଲା ପୀତାମ୍ବର… ।

କୌଣସି ଉତ୍ତର ନଦେଇ ଛାୟାମୂର୍ତ୍ତୀ ଦଳକାଏ

ପବନ ପରି କକ୍ଷ ମଧ୍ୟକୁ ପଶି ଆସିଲା । ତା'ର ପଦଶବ୍ଦ ଅତି ପରିଚିତ ମନେ ହେଲା ପୀତାମ୍ବରକୁ ।

ବିସ୍ଫାରିତ ନେତ୍ରରେ ପୀତାମ୍ବର ଚାହିଁଲା···

: ଧାଈ ମା', ତୁମେ ? ଏତେ ରାତ୍ରୀରେ··· ଖବର ପଠାଇଥିଲେ, ମୁଁ ନିଜେ ଯାଇ ତୁମକୁ ଦେଖାକରି ପାରିଥାଆନ୍ତି ।

: ନା, ସେ ସମୟ ଆଉ ନାହିଁ ପୀତାମ୍ବର । ମୁଁ ନିଶାର୍ଦ୍ଧରେ ଲୁଚି ଲୁଚି ଆସିବାରମାନେ କ'ଣ ହୋଇପାରେ ତୁମେ ଅନୁମାନ କରି ପାରୁନା ?

: ବସ, ଧାଈ ମା' । ଏମିତି ଠିଆ ହୋଇ···

: ନା, ବସିବାକୁ ସମୟ ନାହିଁ । ଶହ ଶହ ଆଖି ଆମ ଚାରି ପାଖରେ ଜଗି ରହିଛନ୍ତି । ପାଗଳୀଟାର ଦୁଃଖ ମୁଁ ଆଉ ସହି ପାରିଲି ନାହିଁ । ତୁମ ପ୍ରେମ ତାକୁ ପାଗଳ କରି ଦେଇଛି । ତୁମ ବିନା ସେ ଘଡ଼ିଏ ବଞ୍ଚି ପାରିବ ନାହିଁ ।

ପୀତାମ୍ବର କିଛି ମନ୍ତବ୍ୟ ଦେବା ପୂର୍ବରୁ ଝଡ଼ପରି ଭିତରକୁ ପଶି ଆସିଲା ପଦ୍ମଗନ୍ଧା । ଲୋଟିଗଲା ତା' ଛାତିରେ । ବର୍ଷଣ କରି ଗଲା ଚୁମ୍ବନ ପରେ ଚୁମ୍ବନ ।

ଅଳ୍ପ ସମୟ ପାଇଁ ଗୋଟିଏ ତୁମ୍ବନର ଝଡ଼ ଉଠାଇ ପର ମୁହୂର୍ତ୍ତରେ ଶାନ୍ତ ହୋଇଗଲା ଯେମିତି !!

: ପିତାମ୍ବର ! ଘରଦ୍ୱାର, ପିତା ମାତା, ବଂଶ, ଆଭିଜାତ୍ୟ ସବୁକିଛିକୁ ଜଳାଞ୍ଜଳି ଦେଇ ତୁମ କୋଳକୁ ମୁଁ ଧାଇଁ ଆସିଛି । ଆଜି ପାଇଁ ନୁହେଁ, ସବୁଦିନ ପାଇଁ, ଯୁଗ ଯୁଗ ପାଇଁ, ଜନ୍ମ ଜନ୍ମାନ୍ତର ପାଇଁ । ସେ ଘରୁ ଥରେ ପାଦ କାଢ଼ି ଚାଲି ଆସିଲା ପରେ ସେଠାକୁ ମୁଁ ଆଉ କଦାପି ଫେରି ଯାଇ ପାରିବି ନାହିଁ । ତୁମେ ଯଦି ମତେ ଗ୍ରହଣ ନକର ତା'ହେଲେ ଆତ୍ମହତ୍ୟା କରିଦେବି ସିନା, ଏ ପୋଡ଼ା ମୁହଁ ଆଉ କାହାକୁ ଦେଖାଇବି ନାହିଁ ।

ବୁଦ୍ଧି ହଜିଗଲା ପୀତାମ୍ବରର···

ପରିସ୍ଥିତି ଏତେ ଜଟିଳ ଥିଲା ଯେ, କ'ଣ କରିବାକୁ ହେବ ସେ ହଠାତ୍ ଚିନ୍ତା କରିପାରିଲା ନାହିଁ । ବାଲ୍ୟକାଳରୁ ଆଜିପର୍ଯ୍ୟନ୍ତ ଅନେକ ପ୍ରତିଶ୍ରୁତି ସେ ଦେଇଛି, ଆଶ୍ୱାସନା ଦେଇଛି, ଏକାଠି ବଞ୍ଚିବା, ଏକାଠି ମରିବାର ପଣ ସେମାନେ କରିଛନ୍ତି । ଏହାକୁ କସ୍ମିନ କାଳେ ଅସ୍ୱୀକାର କରିହେବ ନାହିଁ ।

କିନ୍ତୁ ଆଜି, ପଦ୍ମା ଯେଉଁଭଳି ଅବସ୍ଥାରେ ତା' ପାଖକୁ ଧାଇଁ ଆସିଛି···

ରିକ୍ତ ହସ୍ତରେ ସେ ଯଦି ଫେରିଯାଏ, ନିଶ୍ଚୟ ଆତ୍ମହତ୍ୟା କରିଦେବ । କାରଣ ସେ ଭାରି ଜିଦ୍‌ଖୋର । ଯାହା କହେ ତା' କରେ । ଅପର ପାର୍ଶ୍ୱରେ ସେ ନିଜେ

ଗୋଟାଏ ପୁରୁଷ । ଜୀବନକୁ ଭୟ କରି ସବୁ ବନ୍ଧନକୁ ଛିନ୍ନ କରି ତା' ପାଖକୁ ଧାଇଁ ଆସିଥିବା ତା' ପ୍ରେମରେ ପାଗଳୀ ହୋଇଥିବା, ପ୍ରେମପାଗଳୀକୁ ଯଦି ଆଶ୍ରୟ ନଦିଏ, ତେବେ ପ୍ରେମଭଳି ଏକ ପବିତ୍ର ଶବ୍ଦରେ କଳଙ୍କ ଲାଗିବ ନାହିଁ ? ଅନ୍ତର ଆତ୍ମା ଆତ୍ମାକୁ ଧିକ୍କାର କରିବ ନାହିଁ ?

କିଛି ଗୋଟାଏ କରିବାକୁ ହେବ...

କୋମଳ କଣ୍ଠରେ ପୀତାମ୍ବର କହିଲା : ଧାଈ ମା' ତୁମେ ପଦ୍ମଗନ୍ଧା ସହିତ ଏଇଠି ଅପେକ୍ଷା କର, ମୁଁ ବାପା, ମାଆଙ୍କୁ ଉଠାଉଛି । ସମସ୍ତେ ଏକାଠି ମିଶି ଧୀରେ ସୁସ୍ଥେ କିଛି ଗୋଟାଏ ସିଦ୍ଧାନ୍ତ ନେବା ।

ଧାଈ ମା' ଶୁଷ୍କ ହସ ହସିଲେ ।

: ଏ ତୁମର ନିଜସ୍ୱ ବ୍ୟାପାର ପୀତାମ୍ବର । କ'ଣ କରିବାକୁ ହେବ ନିଜେ ଚିନ୍ତାକର । ଏଥିରେ ପିତାମାତାଙ୍କୁ ଭାଗ କରୁଛ କାହିଁକି ? ତା'ଛଡ଼ା ତୁମ ବାପା କି ମତାମତ ଦେବେ ତା' ମୁଁ ଜାଣିଛି । ଜମିଦାରଙ୍କ ସହିତ ପ୍ରତିଯୋଗିତା କରିବା ସାହାସ ଗଣନାଥ ମହାଶୟଙ୍କର ନାହିଁ ।

: ଧାଈ ମା' !!

: କଟୁ ମନେ ହେଲେ ସୁଦ୍ଧା, ତୁମକୁ ମୋ କଥା ଶୁଣିବାକୁହେବ ପୀତାମ୍ବର । କାରଣ ତୁମ ନିଷ୍ପତ୍ତି ଉପରେ ଗୋଟାଏ ଝିଅର ଜୀବନ ନିର୍ଭର କରୁଛି । ଦୁହେଁ

ଯେତେବେଳେ ପରଷ୍ପରକୁ ପ୍ରେମ କରିବା ଆରମ୍ଭ କଲ, ସେତେବେଳେ କ'ଣ ପିତାମାତାଙ୍କ ଅନୁମତି ନେଇଥିଲ ? ଯଦି ନେଇଥାନ୍ତ ହୁଏତ ଆଜି ଏ ଅବସ୍ଥା ସୃଷ୍ଟି ହୋଇନଥା'ନ୍ତା ।

: ଧାଇ ମା'...

: ଛାଡ଼... । ସେ ସବୁର ହିସାବ କରି ଲାଭ ନାହିଁ । ମୁଁ ଜାଣେ ପ୍ରେମ କରାଯାଏନା, ଆପେ ଆପେ ହୋଇଯାଏ । ଥରେ ପ୍ରେମ ଜଗତରେ ପଶିଲା ପରେ ଆଉ ଅନୁଶୋଚନା କାହିଁକି, ପଛଘୁଞ୍ଚା କାହିଁକି ? ସେ ଆଜି ଘର ଛାଡ଼ିଲା ବେଳେ ତା' ପିତାମାତାଙ୍କ ଅନୁମତି ଆଣିବା ଆବଶ୍ୟକ ମନେ କରି ନାହିଁ; କାରଣ ପଦ୍ମଗନ୍ଧା ଜାଣେ, ଜମିଦାର ଆଉ ତାଙ୍କ ସୁନ୍ଦର ପତ୍ନୀ ତା' ପ୍ରସ୍ତାବରେ କେବେ ରାଜି ହେବେ ନାହିଁ । ଠିକ୍ ସେହି ପରି ତୁମେ ତୁମ ପିତାମାତାଙ୍କ ପରାମର୍ଶ ନେବାକୁ ଚାହୁଁଛ ଯେ ଯଦି ସମ୍ମତି ପ୍ରଦାନ ନ କରନ୍ତି !!

ନୀରବ ରହିଲା ପିତାମ୍ବର...

ଧାଇ ମା' ଠିକ୍ ପ୍ରଶ୍ନ ପଚାରିଛନ୍ତି । ପିତା ନିଶ୍ଚୟ ଅରାଜି ହେବେ, ତା'ପରେ ? ତା'ପରେ ସେ କ'ଣ ପଦ୍ମଗନ୍ଧାକୁ ପ୍ରତ୍ୟାଖ୍ୟାନ କରିବ ?

ଏକଦମ୍ ପାଖକୁ ଲାଗି ଆସି ଧାଇ ମା' ପିତାମ୍ବର ପିଠିରେ ହାତ ରଖିଲେ । ଆଦେଶ ଏବଂ ଅନୁରାଗ ମିଶ୍ରା କଣ୍ଠରେ କହିଲେ...

: ..ପୀତାମ୍ବର ! ତୁମେ ଦୁହେଁ ଏପରି ଏକ ଅବସ୍ଥାରେ ପାଦ ଦେଇଛ, ଯେଉଁଠି ଚିନ୍ତା କରିବା ପାଇଁ ସମୟ ନାହିଁ । ତା' ଛଡ଼ା ମୁଁ ଜାଣେ, କାହାରି ପରାମର୍ଶ ତୁମର କୌଣସି କାମରେ ଲାଗିବ ନାହିଁ । ଏଣୁ ମୋ କଥା ମାନ, ଦୁହେଁ ସିଧା ମଣିନାଗଙ୍କ ମନ୍ଦିରକୁ ଚାଲ । ପୂଜାରୀ ବାବା ଓ ଧର୍ମକୁ ସାକ୍ଷୀ ରଖି, ଗାନ୍ଧର୍ବ ମତରେ ତୁମ ଦୁହିଁଙ୍କ ବିବାହ ସଂପନ୍ନ ହେବ । ବିବାହ ପରେ ତୁମ ଦୁହିଁଙ୍କୁ ମୁଁ ମୋ ଘରକୁ ନେଇଯିବି । ସେ ସାହାସ ମୋର ଅଛି । ମୋ ଘର··· । ମୋ ଘର ମାନେ କେଉଁଟା ଜାଣିଛ ତ ? ତୁମ ଜମିଦାରଙ୍କ ଆଲିସାନ ମହଲ ନୁହେଁ, ମୋ ନିଜସ୍ୱ ବାପ ଘର··· ଅର୍ଥାତ ପଦ୍ମର ଅଜାଘର···

କିଛିଟା ସାହାସ ପାଇ ମଥା ହଲାଇଲା ପୀତାମ୍ବର···

ଧାଇ ମା' ପୁଣି କହିଲେ : ବାହାଘରଟା ହୋଇ ଗଲେ ଗଲା, ତୁମକୁ ଅଲଗା କରି ଧର୍ମଦ୍ରୋହୀ ହେବାକୁ ମାନଧାତା କେବେ ସାହାସ କରି ପାରିବେ ନାହିଁ । ବାସ୍ତବିକ ସେ ଖରାପ ମଣିଷ ନୁହଁନ୍ତି, ତାଙ୍କୁ ଗୋଟାଏ ବିଟପୀ ନାରୀ କବଳିତ କରି ରଖିଛି । ତାଙ୍କ ଆଖିରେ ଅନ୍ଧପୁଟୁଳୀ ବାନ୍ଧି ଦେଇଛି । ସମୟ ଆସିଲେ ସେ ପୁଟୁଳୀ ଆପେ ଆପେ ଖୋଲିଯିବ । ସେ ପୁଣି ତୁମକୁ ଜାମାତା ରୂପରେ ଗ୍ରହଣ କରିବେ । ସେଇଦିନ ପର୍ଯ୍ୟନ୍ତ

ମୁଁ ତୁମ ଦୁହିଁଙ୍କୁ ଲୁଚାଇ ରଖିବି । ପୁଣି ପଦ୍ମର ଅଜା ଆଉ ମାମୁଁମାନେ ଅଛନ୍ତି । ଭୟ କରୁଛ କାହିଁକି ?

ଧାଈ ମା'ଙ୍କ ନିର୍ଭର ପ୍ରତିଶ୍ରୁତି ପୀତାମ୍ବରର ଅପହୃତ ଶୌର୍ଯ୍ୟ, ବୀର୍ଯ୍ୟ ସବୁ ଫେରାଇ ଆଣିଲା । କୌଣସି ଭୂମିକା ନକରି ସେ ପଦ୍ମଗନ୍ଧାର ହାତକୁ ଖୁବ୍ ଜୋରରେ ଜାବୁଡ଼ି ଧରି ଧୀରେ ଧୀରେ ଶୟନ କକ୍ଷରୁ ବାହାରି ଆସିଲା ।

ତିନୋଟି ଛାୟାମୂର୍ତ୍ତୀ ପାଖାପାଖି ହୋଇ ମନ୍ଦିର ଅଭିମୁଖେ ଆଗେଇ ଚାଲିଲେ । ରାତ୍ରୀ ସେତେବେଳକୁ ଏକଦମ୍ ଗାଢ଼ ହୋଇ ଯାଇଥିଲା ।

ସେମାନଙ୍କ ପଛରେ ଧାଇଁଥିଲା ସେମାନଙ୍କ ଦୁର୍ଭାଗ୍ୟ...

ମନ୍ଦିର ନିକଟରେ ପହଞ୍ଚିବାକୁ ଆଉ ମାତ୍ର ଅଳ୍ପ ରାସ୍ତା ବାକି ଅଛି । ହଠାତ ଚାରିଜଣ ବଳିଷ୍ଠକାୟ ବ୍ୟକ୍ତି ସେମାନଙ୍କୁ ଘେରିଗଲେ । ପ୍ରତ୍ୟେକଙ୍କ ହାତରେ ଗୋଟାଏ ଲେଖାଁ ବାଉଁଶ ଲାଠି ଥିଲା ।

ସେମାନେ ଯେପରି ସବୁପ୍ରକାର ଅଧିକାର ପ୍ରାପ୍ତ ହୋଇ ଆସିଥିଲେ । ଶତଚେଷ୍ଟା କରି ମଧ୍ୟ ସେମାନଙ୍କ ହାତରୁ ଖସି ପାରିଲେ ନାହିଁ ପୀତାମ୍ବର, ପଦ୍ମଗନ୍ଧା ଓ ଧାଈ ମା' ।

ତିନିଜଣଯାକୁ ଭଲ ଭାବରେ ବନ୍ଧନ କରି ଅନୁଚରଗଣ ସିଧା ଉଠାଇ ଆଣିଲେ ଜମିଦାର ମହଲକୁ ।

ପ୍ରତୀକ୍ଷା କରିଥିଲେ ଜମିଦାର ମାନଧାତା । ପାଖରେ ଥିଲେ ଖଳନାୟିକା ଅନୁପମା ।

ଆସାମୀମାନଙ୍କୁ ତାଙ୍କ ସାମନାରେ ଫିଙ୍ଗିଦେଲେ ଅନୁଚରଗଣ ।

ଅନୁପମାଙ୍କ ଉପରେ ଆଖି ପଡ଼ିବା ମାତ୍ରେ ଘୃଣାରେ ମୁହଁ ବୁଲାଇ ନେଲା ପଦ୍ମଗନ୍ଧା । ଯାହାହେଲେ ବି ସେ ନାରୀ, ଅବଳା । ଚାରୋଟି ବଳିଷ୍ଠ ଅନୁଚରଙ୍କ ପାଖରେ କ'ଣ ବା କରିପାରି ଥାଆନ୍ତା ? ପୁଣି ସେମାନେ ତିନିଜଣଙ୍କର ହାତ ଭଲଭାବରେ ବାନ୍ଧି ଦେଇଥିଲେ ଓ ପାଟିରେ ମୋଟାଏ ଲେଖା କପଡ଼ା ଖେଞ୍ଚି ଦେଇଥିଲେ, ଯେପରି କୌଣସି ପ୍ରକାର ସ୍ୱର କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ ନାହିଁ ।

ମାନଧାତାଙ୍କ ଆଦେଶରେ ପ୍ରଥମେ, ଧାଈ ମା'ଙ୍କ ବନ୍ଧନ ଖୋଲି ଦିଆଗଲା । ଶୁଣାଗଲା ଜମିଦାରଙ୍କର ରୁକ୍ଷ କଣ୍ଠସ୍ୱର···

: ମାଳତୀ ! ଆଜିପର୍ଯ୍ୟନ୍ତ ତମ ଉପରେ ମୋର ଅଖଣ୍ଡ ବିଶ୍ୱାସ ଥିଲା, ଭରସା ଥିଲା । କିନ୍ତୁ ଆଜି ତୁମେ

ନିଜ ହାତରେ ସେସବୁ ଛିନ୍ନ କରି ସାରିଛ । ମୋ ଅନ୍ନରେ ପ୍ରତିପାଳିତ ହୋଇ ଶେଷରେ ମୋରି ସର୍ବନାଶ କରିବାକୁ ଯାଉଥିଲ ? ଲଜ୍ଯା ଲାଗିଲା ନାହିଁ ତୁମକୁ ? ଅନୁପମା ମୋ ଆଖି ଖୋଲି ଦେଇଥିଲେ, ତା' ହୋଇ ନଥିଲେ ତୁମେ ତୁମର ଏ ହୀନ ଚକ୍ରାନ୍ତରେ ସଫଳ ହୋଇ ଯାଇଥାଆନ୍ତ ।

କହୁ କହୁ ଉତ୍ତେଜିତ ହୋଇ ଉଠୁଥିଲେ ଜମିଦାର···

: ମାଳତୀ ! ତୁମ ସ୍ଥାନରେ ଆଉ କେହି ହୋଇଥିଲେ, ମୁଁ ଆଜି ତାକୁ ଖୋଲା ଦରବାରରେ ଚାବୁକ୍ ପ୍ରହାର କରିଥାଆନ୍ତି । କିନ୍ତୁ, ତୁମେ ଅତୀତରେ ମୋର ବହୁତ ଉପକାର କରିଛ, ସେଥିପାଇଁ କ୍ଷମା ଦେଉଛି । କିନ୍ତୁ ମନେ ରଖ, ଏ ମହଲରେ ତୁମ ପାଇଁ ଆଉ ସ୍ଥାନ ନାହିଁ । ଏଇ ମୁହୂର୍ତ୍ତରେ ଏ ମହଲ ପରିତ୍ୟାଗ କରି ଏଠାରୁ ଚାଲିଯାଅ । ପୁଣି କେବେ ଏଠାରେ ପାଦ ରଖିବା ପାଇଁ ଦୁଃସାହାସ କରିବ ନାହିଁ ।

ଧାଈ ମା' ଜମିଦାରଙ୍କୁ ସ୍ଥିର ଚକ୍ଷୁରେ ଚାହିଁଲେ । ଭୟ ବଦଳରେ ତାଙ୍କ କଣ୍ଠରେ ଫୁଟି ଉଠିଲା ତାଚ୍ଛଲ୍ୟ ଭାବ···

: ମାନଧାତା ହଜୁର ! ଆଖି ଥାଇ ବି ତୁମେ ଆଜି ଅନ୍ଧ ପାଲଟି ଯାଇଛ । ସେଇଥିପାଇଁ ତୁମକୁ ସବୁ ସିଧା ଜିନିଷ ଗୁଡ଼ାକ ଓଲଟା ଦେଖା ଯାଉଛି । ମନେରଖ ଏ ଭୁଲ ପାଇଁ ତୁମେ ଅନେକ ପ୍ରାୟଶ୍ଚିତ କରିବ, ଯେଉଁ

ପରି ପ୍ରାୟଶ୍ଚିତ ଆଜିପର୍ଯ୍ୟନ୍ତ ସଂସାରରେ କେହି କରି ନାହାଁନ୍ତି । ଘରେ ବଡ଼ିଲା ଝିଅ ଥାଉ ଥାଉ, ପାଗବାନ୍ଧି, ପଟୁଆର କରି, ଯେଉଁଦିନ ପାଲିଙ୍କିରେ ବସିଲ, ସେହି ଦିନଠାରୁ ତୁମ ନୈତିକ ପତନ ହୋଇ ସାରିଛି । ସେହିଦିନ ହିଁ ମୋର ଏ ଜମିଦାର ମହଲ ଛାଡ଼ି ଚାଲି ଯିବା ଉଚିତ ଥିଲା । କେବଳ ଏଇ ଛୁଆଟାର ମମତା ପାଇଁ...

ଅଧିକ କହିବା ପାଇଁ ସୁଯୋଗ ଦେଲେ ନାହିଁ ଅନୁପମା ।

: ଏ, ବୁଢ଼ୀ ଜମିଦାରଙ୍କ ମୁହଁରେ ପୁଣି ଜବାବ ? ମୁଁ ଜାଣିଥିଲି ପରା, ଛୋଟ ଲୋକମାନଙ୍କୁ ପ୍ରଶ୍ରୟ ଦେଲେ ସେମାନେ ଦିନେ ଏମିତି ମଥାରେ ଚଢ଼ି ବସନ୍ତି । ଆରେ, ଏଇଟା ସହଜରେ ଯିବ ନାହିଁ, ଏଇଟାକୁ ଟାଣି ଟାଣି ବାହାରକୁ ନେଇ ଯାଅ...

ଧାଈ ମା' ଠୋ, ଠୋ ହୋଇ ହସି ଉଠିଲେ ।

ତାଙ୍କୁ ଏପରି ଉନ୍ମାଦିନୀଙ୍କ ପରି ହସିବାର କେହି କେବେ ଦେଖିନଥିଲେ । ସେ, ହସ ଏତେ ଭୟଙ୍କର ଥିଲା ଯେ କୌଣସି ଅନୁଚର ପାଖକୁ ଯିବା ପାଇଁ ସାହାସ କରି ପାରିଲେ ନାହିଁ ।

ହସ ବନ୍ଦ କଲେ ଧାଈ ମା' । ସମସ୍ତଙ୍କ ଉପରେ ଏକ ତୀର୍ଯ୍ୟକ୍ ଦୃଷ୍ଟିପାତ କରି ଧୀରେ ଧୀରେ ବାହାରକୁ ଚାଲିଗଲେ ।

ଏହାପରେ ଥିଲା ପୀତାମ୍ବରର ପାଳି ।

ଜମିଦାରଙ୍କ ହାତରେ ଚାବୁକ୍ ଧରାଇ ଦେଲେ ଅନୁପମା ।

ଚିତ୍କାର କଲେ ମାନଧାତା…

: ଏଇଟାର ବନ୍ଧନ ଖୋଲିଦିଅ । ପାଣିରେ ଘର କରି କୁମ୍ଭୀର ସହିତ ଖେଳିବାର ଫଳ କ'ଣ ହୋଇପାରେ, ତାହା ସେ ଟିକିଏ ଅନୁଭବ କରୁ ।

ପଦ୍ମଗନ୍ଧାର ଚକ୍ଷୁରେ କରୁଣତା ଫୁଟି ଉଠିଲା । ତା' ଆଖି ସାମନାରେ ତା' ପ୍ରିୟତମକୁ ଚାବୁକ୍ ପ୍ରହାର କରାଯିବ । ଏହାଠାରୁବଳି ଅଧିକ ଯନ୍ତ୍ରଣା ଆଉ କ'ଣ ଥାଇପାରେ !!

ସେ ଯଦି ମୁକ୍ତ ଅବସ୍ଥାରେ ଥାଆନ୍ତା, ହୁଏତ…

ବନ୍ଧନ ଖୋଲିଦେଲେ ଅନୁଚରମାନେ ।

ଜମିଦାରଙ୍କ ହାତର ଚାବୁକ ଗର୍ଜି ଉଠିବା ପୂର୍ବରୁ ଧାଇଁ ଆସି ପୀତାମ୍ବର ତାଙ୍କ ପାଦ ଦୁଇଟାକୁ ଜାବୁଡ଼ି ଧରିଲା । ଅତି କାତର କଣ୍ଠରେ କହିଲା…

: ଏଇ ଥରକ ପାଇଁ ମତେ କ୍ଷମା କରି ଦିଅନ୍ତୁ ମାଲିକ । ମୁଁ ନିର୍ଦ୍ଦୋଷ । ଆପଣଙ୍କ କନ୍ୟା ଜିଦ୍‌ଖୋରୀ । ସେ ମୋର କୌଣସି ଉପଦେଶ ଗ୍ରହଣ କଲା ନାହିଁ । ରାତ୍ରୀ ଅର୍ଦ୍ଧରେ ଧାଇ ମା'ଙ୍କୁ ସାଥୀରେ ଧରି, ମୋ ଘରକୁ ଯାଇ ମତେ ଯୋର କରି ଟାଣି ନେଇଥିଲା ମଣିନାଗଙ୍କ ମନ୍ଦିରକୁ । ମୁଁ ମନା କରିବାରୁ ମତେ ଆତ୍ମହତ୍ୟାର ଭୟ ଦେଖାଇଲା । ମୁଁ ଅତି ସରଳ ମାଲିକ । କ'ଣ କରିବି ଚିନ୍ତା କରି ପାରିଲି ନାହିଁ । ଏଣେ ମାରିଲେ

ଗୋ' ହତ୍ୟା, ତେଣେ ମାରିଲେ ବ୍ରହ୍ମହତ୍ୟା । ବାଧ୍ୟ ହୋଇ ସାଥୀରେ ଯାଇଥିଲି… । ଆପଣ ମୋ କଥାର ସତ୍ୟତା ପରୀକ୍ଷା କରି ପାରନ୍ତି ମାଲିକ… । ମୁଁ ନିର୍ଦ୍ଦୋଷ… ମୋ ଉପରେ ଦୟା ରଖାନ୍ତୁ…

ଅଧୀର ହୋଇ କାନ୍ଦି ଉଠିଲା ପୀତାମ୍ବର ।

ପଦ୍ମଗନ୍ଧା ମଥା ଉପରେ ସମସ୍ତ ଆକାଶଟା ଚିଣ୍ଡି ପଡ଼ିଲା ଯେମିତି । ପାଦତଳୁ ପୃଥିବୀଟା ଅପସରି ଗଲା ପରି ମନେ ହେଲା ।

ଏଇ ତା' ପୀତାମ୍ବର… ? ଏଇ ତା' ପ୍ରେମ… ପ୍ରଣୟ… ପବିତ୍ର ଧର୍ମ ଗନ୍ଥି ? ?

ଏଇ କା-ପୁରୁଷଟା ପାଇଁ ସେ, ସବୁ ମମତାକୁ ଛିନ୍ନ କରି ଧାଇଁ ଯାଇଥିଲା… ସବୁଦିନ ପାଇଁ ବିବାହ ଭଳି ଏକ ପବିତ୍ର ବନ୍ଧନରେ ବାନ୍ଧି ନେବାକୁ ? ନିଜ ଜୀବନର ସବୁ କିଛି ତା' ପାଦତଳେ ସମର୍ପି ଦେବାକୁ !!

ପଦ୍ମଗନ୍ଧାର ଛୋଟ ଛୋଟ ଚକ୍ଷୁ ଦୁଇଟା ବଡ଼ ହୋଇଗଲା । ସେ ଚକ୍ଷୁରେ ଫୁଟି ଉଠିଲା ଘୃଣା… ଭୟଙ୍କର ଘୃଣା । ଅନ୍ତର ଆତ୍ମା ତୁହାଇ ତୁହାଇ କହିଲା— ଏ ଭଳି ଗୋଟାଏ ଭୀରୁ… କା-ପୁରୁଷ… ସୁବିଧାବାଦୀ, ତା'ଭଳି ଗୋଟାଏ ନାଗୁଣୀର ନାଗ ହୋଇପାରେନା ! ସେ ଗୋଟାଏ ବିଷହୀନ ସାମାନ୍ୟ ଢ଼ୋମଣା ସାପ ! ଯିଏ ଦେଖିବାକୁ ବିଶାଳକାୟ; କିନ୍ତୁ ସାମାନ୍ୟ ଶବ୍ଦ ଶୁଣିଲେ ଭୟରେ ଗର୍ତ୍ତରେ ପଶିଯାଏ ।

ସେ ନାଗକନ୍ୟା । ତା' ପାଇଁ ପୀତାମ୍ବର ଭଳି ଏକ ବିଷହୀନ ନପୁଂସକ ଉପଯୁକ୍ତ ନୁହେଁ । ସେ ପ୍ରେମ ନାଁରେ ଆଜି ପର୍ଯ୍ୟନ୍ତ ଗୋଟିଏ ଶୃଗାଳ ପଛରେ ଧାଇଁଥିଲା । ଅପାତ୍ରରେ ପ୍ରେମଦାନ କରିଥିଲା ।

ଅତି ବିକଳ ହୋଇ ପୀତାମ୍ବର କାନ୍ଦୁଥିଲା···

ଜମିଦାର ଅନୁଭବ କଲେ, ପୀତାମ୍ବର ଠିକ୍ କହିଛି । ପଦ୍ମା ବହୁମାତ୍ରାରେ ଜିଦ୍‌ଖୋରୀ । ସେ ଯାହାଭାବେ ସେଇଆ ହିଁ କରେ । ଅନ୍ୟକାହା ଉପଦେଶକୁ ଗ୍ରହଣ କରେ ନାହିଁ । ସେ ନିଜେ ତା' ଆଗରେ ବହୁଥର ପରାସ୍ତ ହୋଇଛନ୍ତି । ପୀତାମ୍ବରର ତାକତ ବା କେତେ ତାକୁ ଉପେକ୍ଷା କରିବ ? ଆପଣା ସୁନାତ ଭେଣ୍ଡି । ବଣିଆର ତ୍ରୁଟି ଧରି ଲାଭ କ'ଣ ?

ପୁନଶ୍ଚ ପୀତାମ୍ବର ପ୍ରକୃତି ସଂପର୍କରେ ସମସ୍ତେ ଜାଣନ୍ତି । ସେ ଏ ଇଲାକାର ଆଦର୍ଶ, ଏକମାତ୍ର ଶିକ୍ଷିତ ଏବଂ ଭଦ୍ର । ତାକୁ ଦଣ୍ଡ ଦେଲେ ଜନ ଆକ୍ରୋସର ଶିକାର ହେବାକୁ ପଡ଼ିବ, ସମାଲୋଚନାର ସରବ୍ୟ ହେବାକୁ ପଡ଼ିବ ।

ଶାନ୍ତ ସ୍ୱରରେ ମାନଧାତା କହିଲେ···

: ଉଠ ପୀତାମ୍ବର··· ମୁଁ ତୁମକୁ କ୍ଷମା କରିଦେଲି । କିନ୍ତୁ ମନେ ରଖ, ଭବିଷ୍ୟତରେ ଯଦି କେବେ ପଦ୍ମା ସହିତ କୌଣସି ପ୍ରକାର ସଂପର୍କ ରଖିବାକୁ ଚେଷ୍ଟା କର, ଯାହା ଶାରିରୀକ ଦଣ୍ଡ ଭୋଗ କରିବ ତ କରିବ, ତା' ସହିତ ତୁମେ ଏବଂ ତୁମର ପିତା ଆଜିପର୍ଯ୍ୟନ୍ତ

ଭୋଗ କରି ଆସୁଥିବା ସମସ୍ତ ଅଧିକାରରୁ ବଞ୍ଚିତ ହେବ । ମୋ ଜମିଦାରୀରୁ ମଧ୍ୟ ତଡ଼ା ଖାଇବ ।

: ନା, ମାଲିକ ସେ ଭୁଲ କେବେ ହେବ ନାହିଁ । ମତେ ଏଇ ଥରକ କ୍ଷମା ଦେଇ ଦିଅନ୍ତୁ ।

ମାନଧାତାଙ୍କ ଅଧରରେ ଏକ ହସ ଖେଳିଗଲା··· ।

ଆତ୍ମତୃପ୍ତିର ହସ··· । ଯାଅ, ସିଧା ସଳଖ ଘରକୁ ଫେରିଯାଅ । କିନ୍ତୁ ମନେରଖ ଆଜି ରାତ୍ରୀରେ ଯାହା ସବୁ ଘଟିଗଲା ତାକୁ ଗୋଟାଏ ଦୁଃସ୍ୱପ୍ନ ଭାବି ସବୁଦିନ ପାଇଁ ଭୁଲିଯିବାକୁ ଚେଷ୍ଟା କରିବ । ଏ ସଂପର୍କରେ କାହା ସହିତ ଭୁଲରେ ସୁଦ୍ଧା ଆଲୋଚନା କରିବ ନାହିଁ ।

: ନାଇଁ ଆଜ୍ଞା ନାଇଁ··· । ମୁଁ କଥା ଦେଉଛି, କାନକୁ ଦିକାନ ହେବ ନାହିଁ । ସବୁକିଛି ନିଜ ଭିତରେ ହଜମ କରିଦେବି ।

: ଠିକ୍ ଅଛି, ଯାଅ···

ଘାଇଲା ବାଘ ମୁହଁରୁ ଖସିଗଲା ପରି ମନେ ହେଲା ପିତାମ୍ବରକୁ । ସେଠାରେ ଆଉ ଗୋଟାଏ ମୁହୂର୍ତ୍ତ ରହିବା ଉଚିତ ମନେ ନକରି, ଏକ ମୁହାଁ ହୋଇ ଧାଇଁଲା ତା' ଗୃହାଭିମୁଖେ । ଗଲାବେଳେ ପଦ୍ମଗନ୍ଧାକୁ ଥରୁଟିଏ ଚାହିଁବା ପାଇଁ ମଧ୍ୟ ତା'ର ସାହାସ ନଥିଲା । ଅଥଚ ମୁହୂର୍ତ୍ତେ ପୂର୍ବରୁ ଏଇ ପଦ୍ମା ଥିଲା ଏକାନ୍ତ ପ୍ରେମିକା··· ତା'ର ଆତ୍ମା, ତା'ର ଜୀବନ, ହସ, କାନ୍ଦ ସବୁ କିଛି । ସେ ଦେବତାର ପାଦ ଛୁଇଁ ନିୟମ କରିଥିଲା··· ଶପଥ କରିଥିଲା··· ପ୍ରତିଶ୍ରୁତି ଦେଇଥିଲା···

ମୈଦାନ ଖାଲି ହୋଇ ଯିବାପରେ ପଦ୍ମାର ବନ୍ଧନ ଖୋଲି ଦିଆଗଲା । ସେ ଗୋଟାଏ ପ୍ରସ୍ତର ମୂର୍ତ୍ତୀ ପରି ଚୁପ୍‌ଚାପ ଠିଆ ହୋଇ ସବୁ କିଛି ଦେଖୁଥିଲା, ଆଉ ମନେ ମନେ ବିଶ୍ଳେଷଣ କରୁଥିଲା ।

ମାନଧାତା ପଚାରିଲେ...

: ଏହାପରେ, ତୋ'ର ଆଉ କିଛି କହିବାର ଅଛି ?

ଶାନ୍ତ ଏବଂ ନିର୍ବିକାର ଭାବରେ ପଦ୍ମ ଉତ୍ତର ଦେଲା...

: ନା, ବାବା, ଆଜି ପର୍ଯ୍ୟନ୍ତ ମୁଁ ଗୋଟାଏ ଭୁଲ ରାସ୍ତାରେ ଆଗେଇ ଯାଉଥିଲି । ଜାଣି ପାରିନଥିଲି, କେଉଁଟା ମୋ ପାଇଁ ଉପଯୁକ୍ତ । ପିଲାଦିନୁ ମୁଁ ମଣିନାଗଙ୍କୁ ପୂଜା କରି ଆସୁଥିଲି, ସେଇଥି ପାଇଁ ଶେଷ ମୁହୂର୍ତ୍ତରେ ନାଗଦେବତା ମୋ ଆଖି ଖୋଲି ଦେଇଛନ୍ତି । ତାଙ୍କ ନିଷ୍ପତ୍ତି ଉପରେ ମୋର ଭରସା ଅଛି । ଭବିଷ୍ୟତରେ ସେ ଯାହା ଚାହିଁବେ ଠିକ୍ ସେଇଆ ହେବ ।

ପଦ୍ମଗନ୍ଧା ନିଜ ବକ୍ତବ୍ୟରେ ତା'ର ଇଷ୍ଟ ଦେବତା ମଣିନାଗଙ୍କୁ ସମସ୍ତ ଗୁରୁତ୍ୱ ଦେଇଥିଲା । ସେଥିରେ ମାନଧାତା ବା ଅନୁପମାଙ୍କର ତିଳେ ମାତ୍ର ଭୂମିକା ନଥିଲା । ଅନୁପମା ଭାବିଥିଲେ ପଦ୍ମଗନ୍ଧା ନିଶ୍ଚିତ ଭାବରେ ତା' ଭୁଲ ପାଇଁ ପାଦ ଧରି କ୍ଷମା ମାଗିବ, ଅନୁତାପ କରିବ, ଏଭଳି ଭୁଲ ଭବିଷ୍ୟତରେ କରିବ ନାହିଁ ବୋଲି ପ୍ରତିଶ୍ରୁତି ଦେବ ।

କିନ୍ତୁ ସତ କହିବାକୁ ଗଲେ ଏବେ ସୁଦ୍ଧା ପଦ୍ମଗନ୍ଧା ତା' ଜିଦ୍‌ରେ ଅଟଳ ଥିଲା । ସେ ଆତ୍ମସମର୍ପଣ କରିଥିଲା ତା' ନାଗଦେବତାଙ୍କ ପାଖରେ । ମାନଧାତା କିମ୍ବା ଅନୁପମାଙ୍କ ପାଖରେ ନୁହେଁ । ସେ ଅନୁତାପ କରିଥିଲା ତା' ଭୁଲ ନିଷ୍ପତ୍ତି ପାଇଁ, ପୀତାମ୍ବରକୁ ପ୍ରେମ କରୁଥିବା ପାଇଁ ନୁହେଁ ।

ତା'ର ଏ ମନସ୍ତତ୍ୱକୁ ଜମିଦାର ବୁଝିପାରି ନଥିଲେ । ଠିକ୍ ବୁଝି ପାରିଥିଲେ ଚତୁରୀ ଅନୁପମା । କିନ୍ତୁ କରିବାର କିଛି ନଥିଲା । ସେ କେବଳ ମନେ ମନେ ରକ୍ତ ଚାଉଳ ଚୋବାଇବାରେ ଲାଗିଲେ ।

ଏକମାତ୍ର ଅଲିଅଳୀ କନ୍ୟା ପାଖକୁ ଆସିଲେ ମାନଧାତା । ତା' ମଥାରେ ହାତ ବୁଲେଇ ସ୍ନେହଭରା କଣ୍ଠରେ କହିଲେ : ତୁ ଠିକ୍ କହିଛୁ ମା' ! ମଣିନାଗ ଆମର ଇଷ୍ଟ ଦେବତା । ସେ କେବେ ଆମର ଅମଙ୍ଗଳ କରିବେ ନାହିଁ । ସେଇଥି ପାଇଁ ଶେଷ ମୁହୂର୍ତ୍ତରେ ସେ ତତେ ଠିକ୍ ରାସ୍ତା ଦେଖାଇ ଦେଇଛନ୍ତି । ତୁ ଅଯଥାରେ ଆମକୁ ଭୁଲ ବୁଝୁଥିଲୁ । ପିତା ମାତା କେବେ ସନ୍ତାନର ଅମଙ୍ଗଳ ଚାହାଁନ୍ତି ନାହିଁ । ତୁ ଅନୁପମାଙ୍କୁ ଅଯଥାରେ ଦୋଷାରୋପ କରୁଥିଲୁ । ଜନ୍ମ ଦେଇ ନଥିଲେ ବି ସେ ତୋ'ର ମା' । ମୋର ଧର୍ମ ପତ୍ନୀ । ଏ ବଂଶର କୂଳବୋହୂ । ସେଇଥିପାଇଁ ସେ ଚାହୁଁନଥିଲେ, ତୋ ପାଇଁ ଏ ବଂଶର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଉ । ଏବେ ଜାଣିଲୁ ତ, ତାଙ୍କ ଚିନ୍ତାଧାରା ଠିକ୍ ନା ଭୁଲ ? ବାସ୍ତବିକ

ପୀତାମ୍ବର ତୋ’ ପାଇଁ ଉପଯୁକ୍ତ ନଥିଲା । ଶୃଗାଳର ସନ୍ତାନ କେବେ ବ୍ୟାଘ୍ର ହୋଇ ପାରେନା ।

: ଥାଉ ବାବା ଥାଉ··· । ବାରମ୍ବାର ସେହି କଥାକହି ମତେ ଆଉ ଦୁଃଖ ଦିଅନା । ପିତା ହିସାବରେ ଆପଣ ଆପଣଙ୍କ କର୍ତ୍ତବ୍ୟ କରି ଚାଲନ୍ତୁ । ମୁଁ ଆଉ କେବେ ବାଧା ସୃଷ୍ଟି କରିବି ନାହିଁ । ଆପଣ ଯଦି ପ୍ରକୃତରେ ମୋର ଖୁସୀ ଚାହାଁନ୍ତି, ମୁଁ ଅଯଥାରେ ଚିନ୍ତା କରିବି କାହିଁକି ?

ମାନଧାତା ପଦ୍ମାକୁ ନିଜ ପ୍ରଶସ୍ତ ବକ୍ଷରେ ଜାବୁଡ଼ି ଧରିଲେ । ସ୍ନେହରଆତିଶଯ୍ୟରେ ତା’ ଅଳରା କେଶଗୁଡ଼ାକୁ ସାଉଁଳି ଦେଲେ । ଶୂନ୍ୟ ଲଲାଟ ପଟ୍ଟରେ ଏକ ମଧୁର ଚୁମ୍ବନ ଆଙ୍କି ଦେଲେ··· ।

ପଦ୍ମଗନ୍ଧାର ଅଧରରେ ଏକ ମିଠା ହସ ଖେଳିଗଲା···

କିନ୍ତୁ ଅନୁପମାଙ୍କୁ ମନେ ହେଲା ଯେମିତି ଗୋଟାଏ ଭୟଙ୍କର ନାଗୁଣୀ ତାଙ୍କୁ ଚୋଟ ଉପରେ ଚୋଟ ବସାଇ ଚାଲଛି, ଅଥଚ ସେ ତା’ର କିଛି କରି ପାରୁନାହାଁନ୍ତି ।

ଆଜି ପଦ୍ମଗନ୍ଧାର ବିବାହ ଉତ୍ସବ ।

ବାଜା, ପଟୁଆର, ରୋଷଣୀରେ ଚତୁର୍ଦ୍ଦିଗ ମୁଖରିତ । ହସ ଖୁସୀରେ ଗାଁ'ଦାଣ୍ଡ ଉଛୁଳି ଉଠୁଛି । ସବୁଠାରୁ ନୂତନ ଉନ୍ମାଦନା, ନୂତନ ଆଡ଼ମ୍ବର । ଆଖାପାଖ ପଚାଶ ଖଣ୍ଡ ଗ୍ରାମରୁ ଧନୀ, ମାନୀମାନେ ନିମନ୍ତ୍ରିତ ହୋଇ ଆସିଥିଲେ । ସେମାନଙ୍କ ରହିବା ଏବଂ ଖାଇବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଆତିଥେୟତାରେ ଯେପରି ତିଳେ ମାତ୍ର ତୃଟି ନହୁଏ ସେଥିପାଇଁ ସତର୍କ ଦୃଷ୍ଟି ରଖିଥିଲେ ମାନଧାତା । ମହଲର ସବୁ ଅନୁଚରମାନଙ୍କ ସହିତ, ଗ୍ରାମର ପ୍ରତି ଘରୁ ଜଣେ ଜଣେ, ଅତିଥି ଚର୍ଚ୍ଚା ପାଇଁ ନିଯୁକ୍ତି ପାଇଥିଲେ । ଦୁଇଓଳା ପାଇଁ ସମସ୍ତଙ୍କ ଘରେ ରୋଷେଇ ବନ୍ଦ କରି ଦିଆଯାଇଥିଲା । ଆବାଳ ବୃଦ୍ଧ ବନୀତା ସମସ୍ତଙ୍କ ଭୋଜନ ପାଇଁ ଜମିଦାର ସବୁ ବନ୍ଦୋବସ୍ତ କରି ଦେଇଥିଲେ ।

ସବୁଠାରୁ ଅଧିକ ବ୍ୟସ୍ତଥିଲେ ଗୁମାସ୍ତା ଗଣନାଥ । ଘରକୁ ଆସିବା ପାଇଁ ମଧ୍ୟ ସେ ସମୟ ପାଉନଥିଲେ । ଯେଉଁ ଅନୁପମା ତାଙ୍କୁ ଘୃଣା କରୁଥିଲେ, ଏଇନା ସେ ତାଙ୍କର ହାତବାରସି କରିଛନ୍ତି । ଅନୁପମାଙ୍କ ନିର୍ଦ୍ଦେଶରେ ଗଣନାଥ ମେସିନ୍ ପରି ସବୁ କାମ କରି ଚାଲୁଥିଲେ ।

କଳ୍ପନାର ଜାଲ ବୁଣୁଥିଲେ ଅନୁପମା । ବିବାହ ପ୍ରସଙ୍ଗ ସ୍ଥିରୀକୃତ ହେବା ପରଠୁ ମାନଧାତାଙ୍କ ମହଲକୁ ଆର୍ତ୍ତବଲ୍ଲଭଙ୍କର ପ୍ରାୟ ଯା, ଆସ ଲାଗିଥିଲା । ପ୍ରତ୍ୟେକ ସାକ୍ଷାତରେ ବହୁ ମୂଲ୍ୟ ଉପହାର, ଉପଢ଼ୌକନ, ହାତେଇ

ନେଇଛନ୍ତି ଅନୁରାଧା ଏବଂ ବାରମ୍ବାର ସୂଚାଇ ଦେଇ ଆସିଛନ୍ତି ବ୍ରହ୍ମଜାତି ହୀରା ସଂପର୍କରେ ।

ପ୍ରତ୍ୟେକ ଥର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ଆର୍ତ୍ତବଲ୍ଲଭ । କନ୍ୟାକୁ ଧରି ଉଆସରେ ପହଞ୍ଚିବା ମାତ୍ରେ ଏକ ବିଶ୍ୱସ୍ତ ନୌକର ହାତରେ ହୀରାଟିକୁ ଅନୁପମାଙ୍କ ପାଖକୁ ପଠାଇ ଦେବେ । ପୁରୁଣା ସଂପର୍କକୁ ନେଇ ଆର୍ତ୍ତବଲ୍ଲଭଙ୍କ ଉପରେ ଅଖଣ୍ଡ ବିଶ୍ୱାସ ଥିଲା ଅନୁପମାଙ୍କର ।

ସମୟ ଯେତିକି ଅତିକ୍ରାନ୍ତ ହେଉଥିଲା, ସେତିକି ଉତ୍କଣ୍ଠା ବଢୁଥିଲା ଜମିଦାର ଆର୍ତ୍ତବଲ୍ଲଭଙ୍କର । ସମୟକୁ ଅପେକ୍ଷା କରିବା ଧୈର୍ଯ୍ୟ ତାଙ୍କର ନଥିଲା । ଏଣୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମର ପ୍ରାୟ ଦୁଇଘଣ୍ଟା ପୂର୍ବରୁ ପଟୁଆର ବାହାର କରିବା ପାଇଁ ସେ ଅନୁଚରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ବହୁ ଆଡ଼ମ୍ବର, ବହୁଳ ପଟୁଆର...

ଏଭଳି ପଟୁଆର ଆଖପାଖ ପଚାଶ ଖଣ୍ଡ ମୌଜାରେ ପଚାଶ ବର୍ଷ ଧରି କେହି ଦେଖିନଥିଲେ । ଏହା ପୂର୍ବରୁ ଆର୍ତ୍ତବଲ୍ଲଭ, ବରବେଶ ସାଜି, ଦୁଇଥର ପଟୁଆର କରି ବିବାହ ମଣ୍ଡପକୁ ଯାଇଛନ୍ତି; କିନ୍ତୁ ଏ ପଟୁଆରରେ ସ୍ୱତନ୍ତ୍ରତା ଥିଲା, କାରଣ ବୃଦ୍ଧ ବୟସରେ ସେ ତହସିଲର ସବୁଠାରୁ ଅଳ୍ପ ବୟସ୍କା ସୁନ୍ଦରୀ କନ୍ୟା ପଦ୍ମଗନ୍ଧାକୁ ବରଣମାଳା ପିନ୍ଧାଇବା ପାଇଁ ଆସୁଛନ୍ତି ।

ଅତ୍ୟାଧୁନିକ ଆତସବାଜି, ରୋଷଣୀ, ଗ୍ୟାସଲାଇଟର ଆଲୋକ ବର୍ଣ୍ଣାଳି, କାଗଜ ଟଙ୍କାର ଫୁଲଗଛ, ପାଇକ ଆଖଡ଼ା, ଡାକବାଜିର ସଂଗୀତ, ଘୋଡ଼ା ହାତୀର ପଟୁଆର, ସୁସଜ୍ଜିତ ପାଲିଙ୍କି··· କେଉଁଥିରେ ଖୁଣି ଦେବାକୁ ନାହିଁ ।

ପ୍ରାୟ ଦୁଇଘଣ୍ଟା ପୂର୍ବରୁ ଆସି ଆର୍ତ୍ତବଲ୍ଲଭ ମାନଧାତାଙ୍କ ମହଲରେ ଉପସ୍ଥିତ ହୋଇଗଲେ । ବର ଏବଂ ବରଯାତ୍ରୀମାନଙ୍କ ସ୍ୱାଗତ, ସମ୍ବର୍ଦ୍ଧନାରେ କୌଣସି ପ୍ରକାର ତ୍ରୁଟି କଲେ ନାହିଁ ମାନଧାତା ଏବଂ ଅନୁପମା ।

ପାଖା ପାଖି ଦୁଇଟି ସୁସଜ୍ଜିତ ମଣ୍ଡପ···

ଗୋଟିଏ ବରର··· । ଗୋଟିଏ କନ୍ୟାର··· । ବରଯାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ମଣ୍ଡପର ବ୍ୟବସ୍ଥା କରାଯାଇଥିଲା ।

ଆର୍ତ୍ତବଲ୍ଲଭ ବିଦେଶରୁ ମଗାଇଥିବା ନୂଆ ମୂଲ୍ୟବାନ ହାତ ଘଣ୍ଟାକୁ ବାରମ୍ବାର ଚାହୁଁ ଥାଆନ୍ତି । ମନେ ହେଉଥାଏ, ଆଜି ବଦ୍‌ମାସ ସମୟଟା କେଉଁଠି ଯେମିତି ଅଟକି ଯାଇଛି ।

ଚାଟୁକାରମାନଙ୍କ ସହିତ ନିଜ ପାଇଁ ଉଦ୍ଦିଷ୍ଟ ଥିବା ମଣ୍ଡପରେ ଉପବେଶନ କରିଥିଲେ ଆର୍ତ୍ତବଲ୍ଲଭ । ଲଗ୍ନ ସମୟ ହୋଇ ନଥିବାରୁ ସମସ୍ତଙ୍କ ଦୃଷ୍ଟି ଥିଲା ମନୋରଞ୍ଜନ କାର୍ଯ୍ୟକ୍ରମ ଉପରେ । ନୃତ୍ୟ ପରିବେଷଣ ପାଇଁ ମାନଧାତା ଓଡ଼ିଶାରୁ ବିଭିନ୍ନ ସ୍ଥାନରୁ ଭଲଭଲ

ନାଚଦଳଙ୍କୁ ନିମନ୍ତ୍ରଣ କରି ଆଣିଥିଲେ । ସେମାନେ ନିଜ ନିଜର କାର୍ଯ୍ୟକ୍ରମ ଆରମ୍ଭ କରି ଦେଇଥିଲେ ।

ଅପେକ୍ଷା କରିବାର ଧୈର୍ଯ୍ୟ ନଥିଲା ଆର୍ତ୍ତବଲ୍ଲଭଙ୍କର । ନୃତ୍ୟ, ଗୀତ ଆମୋଦ, ପ୍ରମୋଦ, ତାଙ୍କ ମନକୁ ରସାଣିତ କରିପାରୁନଥିଲା । ସେ ଲୁଚାଇ ଲୁଚାଇ କନ୍ୟା ମଣ୍ଡପକୁ ଚାହୁଁଥିଲେ । ଇଚ୍ଛା ହେଉଥିଲା ଟିକିଏ ସୁଯୋଗ ଯଦି ମିଳନ୍ତା, କନ୍ୟା ମଣ୍ଡପକୁ ଯାଇ ପଦ୍ମା ସହିତ ରସିକତା ଆରମ୍ଭ କରି ଦିଅନ୍ତେ ।

ବିଦେଶୀ ନିଶାରେ ମସ୍‌ଗୁଲଥିଲେ ଆର୍ତ୍ତବଲ୍ଲଭ । ନିଶା ଟିକିଏ ହାଲୁକା ପଡ଼ିଗଲେ, ପାଖରେ ଥିବା ବିଶ୍ୱସ୍ତ ଅନୁଚର ବିଦେଶୀ ପାନୀୟ ପେଗ୍‌ଟେ ଧରାଇ ଦେଉଥିଲା । ପୁଣି ସଙ୍ଗେ ସଙ୍ଗେ ମୁଡ୍‌ ଫେରି ଆସୁଥିଲା ତାଙ୍କର ।

ମନେ ମନେ ଭାବିଲେ ଆର୍ତ୍ତବଲ୍ଲଭ··· । ବେଦୀକର୍ମ ବିଳମ୍ବ ଅଛି । ତା' ପୂର୍ବରୁ ଅନୁପମା ଚାହିଁଲେ ପଦ୍ମଗନ୍ଧା ସହିତ ଘଡ଼ିଏ ମିଶିବା ପାଇଁ ସୁବିଧା କରାଇ ଦେଇପାରନ୍ତେ । ବେଦୀରେ ବସିବା ପୂର୍ବରୁ ପଦ୍ମଗନ୍ଧା ସହିତ, କେତେଟା ଚୁକ୍ତି କରିନେବା ଉଚିତ । ତା' ନହେଲେ ଅନ୍ୟ ପତ୍ନୀମାନଙ୍କ ଭଳି ସେ ଯଦି ଆତ୍ମହତ୍ୟା କରିଦିଏ କିମ୍ବା ବାପ ଘରକୁ ଫେରି ଆସେ, ତେବେ ସମାଜରେ ଆଉ ମୁହଁ ଦେଖାଇ ହେବ ନାହିଁ ।

ନୃତ୍ୟ, ଗୀତରେ ସମସ୍ତେ ଭୋଳ ଥିଲା ବେଳେ ଆର୍ତ୍ତବଲ୍ଲଭ ଚୁପ୍‌ଚାପ ନିଜ ବିଶ୍ୱସ୍ତ ଅନୁଚର ସହିତ

ଲଘୁଶଂକାର ବାହାନା କରି ମଣ୍ଡପରୁ ଖସିଆସି, ଅନୁପମାଙ୍କୁ ଖୋଜିବାରେ ଲାଗିଗଲେ । ଆଜି ସବୁ ସ୍ତ୍ରୀ ଲୋକଗୁଡ଼ାକ ଏକାଭଳି ଦେଖା ଯାଉଛନ୍ତି । ଏତେ ମାଇପିରେ ଜଣକୁ ଖୋଜିବା କ'ଣ ସହଜ କଥା !!

ବଧୂବେଶରେ ପଦ୍ମଗନ୍ଧା ଠିକ୍ ଗୋଟିଏ ଦେବୀ ପ୍ରତିମା ପରି ଦେଖା ଯାଉଥିଲା । ଠିକ୍ ଗୋଟିଏ ଅନ୍ତରୀକ୍ଷର ପରୀ ପରି । ତାକୁ ମର୍ତ୍ତ୍ୟବାସୀମାନେ ଜୋର ଜବରଦସ୍ତି ଧରି ଆଣିଛନ୍ତି । ନିଜ ଲୋକ ସହିତ ବାହା କରାଇଦେବା ପାଇଁ ।

ମୁହଁରେ ପ୍ରକାଶ ନକଲେ ବି, ସ୍ଥାନୀୟ ବାସିନ୍ଦାମାନେ ମନେ ମନେ ବରକନ୍ୟାଙ୍କୁ ତୁଳନା କରି ସାରିଥିଲେ । ଏକମାତ୍ର ଅଲିଅଳୀ କନ୍ୟାର ସର୍ବନାଶକୁ ମାନଧାତା ଜାଣିଶୁଣି ନିମନ୍ତ୍ରଣ କଲେ କାହିଁକି ? ତାହା ପ୍ରତ୍ୟେକଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା । ଅବଶ୍ୟ ଆର୍ତ୍ତବଲ୍ଲଭ ଜଣେ ଧନୀ, ବିଭବଶାଳୀ ବ୍ୟକ୍ତି, ପଦ୍ମଗନ୍ଧାର ବୟସ ଓ ସୌନ୍ଦର୍ଯ୍ୟ ଆଗରେ ସେ ଅତି ତୁଚ୍ଛ··· ନଗଣ୍ୟ··· ।

କିଏ କେତେ ପ୍ରକାର ମନ୍ତବ୍ୟ ଦେଉଥିଲେ···

କିନ୍ତୁ ସମସ୍ତଙ୍କ ମନରେ ଆନନ୍ଦ ଲହରୀ ଖେଳୁଥିଲା । ସାଧାରଣ ଲୋକଙ୍କର ଭୋଜିଭାତ, ନାଚଗୀତରେ ମନ, ମାନଧାତା କେଉଁ ବିଷୟରେ ଊଣା କରିନଥିଲେ । ସେ ଝିଅକୁ ବୁଢ଼ା ହାତରେ ଦିଅନ୍ତୁ···

ମଦୁଆ ହାତରେ ଦିଅନ୍ତୁ ବା ଅନ୍ଧ, ଛୋଟାଙ୍କୁ ଦିଅନ୍ତୁ ସେଥିରେ ଅନ୍ୟମାନେ ମଥା ଖେଳାଇ ଲାଭ କ'ଣ ?

ଅଦାବେପାରୀର ଜାହାଜ ମୂଲ କରିବାରେ କୌଣସି ଆବଶ୍ୟକତା ନାହିଁ ।

ଗ୍ରାମ୍ୟ ବାଳିକାମାନଙ୍କ ଗ୍ରହଣରେ ପଦ୍ମଗନ୍ଧା ନିଜ ମଣ୍ଡପରେ ବସିଥିଲା । ତା'ର ଛୋଟ ଛୋଟ କଳା ଡୋଳା ଦୁଇଟି, ଚାରିଦିଗରେ ଘୁରି ଆସୁଥିଲା । ସେ ହସୁନଥିଲା କି କାନ୍ଦୁନଥିଲା । ତା' ମନରେ କୌଣସି ଆବେଗ, ଉତ୍କଣ୍ଠା ଥିଲା ପରି ମନେ ହେଉନଥିଲା । ସେ କେବଳ ପିତାଙ୍କ ଆଦେଶକୁ ଗୋଟାଏ କଣ୍ଢେଇ ପରି ପାଳନ କରି ଚାଲିଥିଲା ।

କେହି ତର୍ଜମା କରି ନଥିଲେ ପଦ୍ମଗନ୍ଧାର ପ୍ରକୃତ ମାନସିକ ଅବସ୍ଥାକୁ ।

ପ୍ରକୃତରେ ସେ ସାବତ ମା'ର ଚକ୍ରବ୍ୟୂହ ମଧ୍ୟକୁ ଜାଣି ଶୁଣି ଆଗେଇ ଯାଉଛି, ନା ନିଜ ଭବିଷ୍ୟତ ପାଇଁ କିଛି ଯୋଜନା ପ୍ରସ୍ତୁତ କରି ରଖିଛି ।

ଯାହା ଘଟି ଯାଇଥିଲେ ବି, ପଦ୍ମଗନ୍ଧା ଦୁର୍ବଳ ନୁହେଁ । ତା' ଶରୀରରେ ମଧ୍ୟ ଜମିଦାର ରକ୍ତ ପ୍ରବାହିତ ହେଉଛି । ସେ ସ୍ପଷ୍ଟ ଭାବରେ ଜାଣିଛି, ନିଜ ସ୍ୱାର୍ଥ ସାଧନ ପାଇଁ ସାବତ ମା' ପିତାଙ୍କୁ ପ୍ରଭାବିତ କରି, ତା' ଜୀବନକୁ ନଷ୍ଟ କରିବାକୁ ଯାଉଛନ୍ତି । ତାଙ୍କ ଭଳି ଗୋଟାଏ ନଷ୍ଟ ଚରିତ୍ରକୁ ସମ୍ମାନ ଦେଇ ଲାଭ କ'ଣ ?

ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଭରସା ରଖିଥିଲା ଇଷ୍ଟଦେବତା ମଣିନାଗ ଓ ପୂଜକ ବାବାଙ୍କ ଉପରେ । ସେମାନେ ତାକୁ କେବେ ହେଲେ ଅନ୍ୟର ଖେଳନା ହେବାକୁ ଦେବେ ନାହିଁ । ତା' ଆତ୍ମସମ୍ମାନକୁ କ୍ଷୁର୍ଣ୍ଣ କରିବେ ନାହିଁ । ନିଶ୍ଚିତ ଭାବରେ ତା' ଜିଦ୍‌କୁ ରକ୍ଷା କରିବେ ।

ଜଣେ ସଖୀ ଠାରୁ ଶୁଣିବାକୁ ପାଇଲା, ନୂଆ ମା' ଡକାଇଛନ୍ତି ଭିତରକୁ ଯିବାକୁ । କିଛି ଜରୁରୀ ଆଲୋଚନା ଅଛି··· ନିର୍ଦ୍ଦେଶ ନାମ ଅଛି··· । ପଦ୍ମଗନ୍ଧା କନ୍ୟା ମଣ୍ଡପ ପରିତ୍ୟାଗ କରି, ସଖୀ ସହିତ ଧୀରେ ଧୀରେ ନୂଆ ମା'ଙ୍କ ଶୟନ କକ୍ଷ ଆଡ଼େ ଆଗେଇଲା ।

ବିବାହ ଲଗ୍ନ ଆଉ ମାତ୍ର ଅଳ୍ପ ସମୟ ବାକି ରହି ଯାଇଥିଲା···

Digitized by
Deb's Library Corner

ଏତେ ଗୁଡ଼ାଏ ହସ ଖୁସୀ, ବାଜା ପଟୁଆର, ନୃତ୍ୟ ସଂଗୀତର ଆସର ଭିତରେ ଏକମାତ୍ର ନିରୋଳା ରହି ଯାଇଥିଲା ପୀତାମ୍ବର । ଶତଚେଷ୍ଟା କରି ସୁଦ୍ଧା ସେ ନିଜକୁ ଦୁଃଶ୍ଚିନ୍ତାରୁ ମୁକ୍ତ କରି ପାରୁନଥିଲା ।

ପଦ୍ମଗନ୍ଧାର ସ୍ମୃତି ତାକୁ ଅହରହ କ୍ଷତ ବିକ୍ଷତ କରୁଥିଲା । ମନେ ମନେ ସେ ତା'ର ବଧୂବେଶକୁ କଳ୍ପନା କରୁଥିଲା ।

ବଧୂବେଶରେ ଖୁବ୍ ସୁନ୍ଦର ଦେଖା ଯାଉଥିବ ପଦ୍ମ··· । ଠିକ୍ ଗୋଟାଏ କଣ୍ଢେଇ ପରି । ବନାରସୀ ପାଟ ପିନ୍ଧିଥିବ, ଓଢ଼ଣୀ ପକାଇଥିବ, ଅତି ଯତ୍ନରେ ଜୁଡ଼ା ବାନ୍ଧିଥିବ । ଦାସୀମାନେ ତାକୁ ପାଦରୁ ମଥା ପର୍ଯ୍ୟନ୍ତ ନାନା ଆଭୂଷଣରେ ସଜାଇ ଦେଇଥିବେ । ମଥାରେ ସିନ୍ଥି, ଗଳାରେ ଗଜମୁକୁତା, କାନରେ ଚନ୍ଦ୍ର ପେଣ୍ଡି, କଟିରେ ରୌପ୍ୟ ମେଖଳା, ପଦ୍ମପାଦ ଦୁଇଟି ଆଲକ୍ତ ରାଗରେ ରଂଜିତ ହୋଇ ଉଠିଥିବ··· ସେ ପାଦର ଶୋଭାବର୍ଦ୍ଧନ କରୁଥିବ ରୁଣ୍ଟୁଝୁଣ୍ଟୁ ନୂପୁର ଆଉ ମୀନାକରା ଝୁଣ୍ଟିଆ···

ଆଃ, ତା' ରୂପ ଆଗରେ ସ୍ୱର୍ଗର ନର୍ତ୍ତକୀମାନେ ମଧ୍ୟ ଫିକା ପଡ଼ି ଯାଉଥିବେ । ତା' ହଳଦୀ ଗୁରୁ ଗୁରୁ ହାତକୁ ଚିତ୍ର ବିଚିତ୍ର ମେହେନ୍ଦି ବେଶ୍ ଭଲ ମାନୁଥିବ, ଗୋଲ ଗୋଲ ପୋଟଳ ଚୀରା ଆଖି ଦୁଇଟା କଜ୍ଜଳ ଗାରରେ କଜ୍ଜଳିତ ହୋଇ ଉଠୁଥିବ, ଆଉ ଲାଲ ଟୁକୁ ଟୁକୁ ଗୋଲାପୀ ଅଧର ଦୁଇଟା ବିବାହ ରାଗିଣୀ ଗାଇବା ପାଇଁ ଧୀରେ ଧୀରେ କମ୍ପି ଉଠୁଥିବ···

ଏକା ସଂଗରେ, ଶତ ଶତ ବୃଶ୍ଚିକ ଦଂଶନ କଲା ଭଳି ହେଲା ପୀତାମ୍ବରକୁ ।

ଆଃ ! ତାକୁ ଦୂରରୁ ଥରେ ଦେଖି, ମନକୁ ବୁଝାଇ ଦେଲେ ହୁଅନ୍ତା ନି !

ହୁଏତ !! କିନ୍ତୁ ସେ, ସାହାସ ପୀତାମ୍ବର ପାଖରେ ନଥିଲା । ଧୈର୍ଯ୍ୟ ମଧ୍ୟ ନଥିଲା । ଏକାଠି ହସି ଖେଳି ସେମାନେ କୋଡ଼ିଏଟି ବସନ୍ତ କଟାଇ ଆସିଥିଲେ । ତା'ର ପ୍ରତ୍ୟେକଟି ସ୍ମୃତି, ଅବିସ୍ମରଣୀୟ, ମନ ଭିତରେ ସାଇତା ହୋଇ ରହିଛି··· ରହିଥିବ ।

ଅନ୍ୟକୁ ପ୍ରେମିକା ବିବାହ କରିଗଲେ, ଯେ ପ୍ରେମର ବିଚ୍ଛେଦ ହୋଇଯାଏ, ତାହା ଠିକ୍ ନୁହେଁ । ସମୟ ସୁବିଧା ଦେଖି, ସେ ପୁଣି ଅଙ୍କୁରୀତ ହୋଇ ଉଠେ । କିନ୍ତୁ ଯେଉଁ ପରିସ୍ଥିତିରେ ପଦ୍ମା ସହିତ ତା'ର ବିଚ୍ଛେଦ ଘଟିଲା ତାହା ପୁଣି ଥରେ ଅଙ୍କୁରୀତ ହେବା ଦୂରର କଥା, ଜୀବନରେ ଆଉ ଦେଖାହେବ କି ନା ସନ୍ଦେହ ।

ଦୁଃଖ କେବଳ ଏତିକି, ଯେଉଁ ପଦ୍ମର ସମସ୍ତ ମଧୁ, କେବଳ ତା' ପାଇଁ ସାଇତା ହୋଇ ରହିଥିଲା, ତାକୁ ଆଉ ଜଣେ ପାନ କରିବ । ସେ ମାଳି ହୋଇ, ଫୁଲଗଛଟିଏ ଲଗାଇଥିଲା । ତା' ବାସ୍ନା ଆଘ୍ରାଣ କରିବା ପାଇଁ, ତା' ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ; କିନ୍ତୁ ସେ ଫୁଲ ବାସ୍ନା ବିତରଣ କରିବା ପୂର୍ବରୁ ଉଡ଼ା ଭ୍ରମରଟିଏ ଆସି ତାକୁ ଗଛରୁ ଛିଣ୍ଡେଇ ନେଇ ଚାଲିଗଲା··· ।

ଆତ୍ମ ବିଳାପ କରୁଥିଲା ବେଳେ, ଅନ୍ତରାତ୍ମା ଗୋଟିଏ ପ୍ରଶ୍ନ କଲା···

: ଏଥିପାଇଁ ଦାୟୀ କିଏ ? ଭୁଲ କାହାର··· ? ତା'ର··· ନା ପଦ୍ମଗନ୍ଧାର··· ? ଉତ୍ତର ନଥିଲା ପୀତାମ୍ବର ପାଖରେ ।

ପଦ୍ମା ତା' ସହିତ ନର୍କକୁ ଯିବାପାଇଁ ପ୍ରସ୍ତୁତ ଥିଲାବେଳେ, ସେ ଏତେ ଦୁର୍ବଳ ହୋଇଗଲା କେମିତି ? କା-ପୁରୁଷ ପାଲଟିଗଲା କେମିତି ? ଅତି ବେଶରେ ଜମିଦାର ତାକୁ ହତ୍ୟା କରି ଥାଆନ୍ତେ । ତା'ର ମୃତ୍ୟୁ ହୋଇ ଥାଆନ୍ତା । ବଦଳରେ ପଦ୍ମଗନ୍ଧା ମନରେ ସବୁଦିନ ପାଇଁ ଏକ ଆଦର୍ଶ ପୁରୁଷ ହୋଇ ରହି ଯାଇ ପାରିଥାଆନ୍ତି !!

ପ୍ରେମ ତ୍ୟାଗ ଚାହେଁ, ବଳିଦାନ ଚାହେଁ । କିନ୍ତୁ ସେ ନିଜ ସ୍ୱାର୍ଥ ପାଇଁ ତା' ପବିତ୍ର ପ୍ରେମକୁ କଳୁଷିତ କରିଦେଲା ।

ସେ କ'ଣ ତେବେ ଆଜି ପର୍ଯ୍ୟନ୍ତ ବାଧ୍ୟ ବାଧକତାରେ ପଦ୍ମକୁ ପ୍ରେମ କରୁଥିଲା ? ପଦ୍ମ ପ୍ରତି ତା' ମନରେ ଟିକିଏ ସୁଦ୍ଧା ଆବେଗ ନଥିଲା··· ??

ବିଚଳିତ ହୋଇ ଉଠିଲା ପୀତାମ୍ବର···

ନିଜକୁ ନିଜେ ଧିକ୍କାର କଲା । ସତରେ ସେ ଭୀରୁ··· ସୁବିଧା ବାଦୀ··· ପଳାତକ··· । ତା'ଭଳି ପୁରୁଷର ପ୍ରେମ କରିବା ଅଧିକାର ନାହିଁ । ପଦ୍ମ ଠିକ୍ କହିଛି··· ମୁଁ··· ଶୃଗାଳ··· ମୁଁ ହୀନବୀର୍ଯ୍ୟ··· ।

ଶତଚେଷ୍ଟା କରି ମଧ୍ୟ ନିଜ ଅନ୍ତରାତ୍ମା ପାଇଁ ପିତାମ୍ବର ଏକ ନିର୍ଭର ଯୁକ୍ତି ପ୍ରସ୍ତୁତ କରି ପାରିଲା ନାହିଁ ।

ରାତ୍ରୀ ବଢ଼ି... ବଢ଼ି... ଚାଲିଲା...

ମଙ୍ଗଳ ସାହାନାଇର ମଧୁର ମୂର୍ଚ୍ଛନା ଭାସି ଆସୁଥିଲା ଜମିଦାରଙ୍କ ମହଲ ଆଡୁ...

କଳ୍ପନା କଲା ପୀତାମ୍ବର... । ଲଗ୍ନ ଉପସ୍ଥିତ । ଆର୍ତ୍ତବଲ୍ଲଭଙ୍କ ହାତ ସହିତ ପଦ୍ମାର ହାତକୁ ପରୋହିତ ମନ୍ତ୍ର ପାଠ କରି ଛନ୍ଦିଦେବେ । ପଦ୍ମା ସବୁଦିନ ପାଇଁ ଅନ୍ୟର ପତ୍ନୀ ହୋଇଯିବ । "ପର ସ୍ତ୍ରୀ ହୋଇଯିବ... ।"

ଝରକା କବାଟ ସବୁ କିଛିକୁ ଭଲ ଭାବରେ ବନ୍ଦ କରିଦେଲା ସେ । ଯେପରି ତାକୁ କିଛି ଶୁଣାଯିବ ନାହିଁ । କିନ୍ତୁ ମନ ଭିତରେ ଠକ୍ ଠକ୍ ହୋଇ ଯେଉଁ ହାତୁଡ଼ି ପ୍ରହାର ବାଜୁଥିଲା, ତାକୁ କେଉଁ ଝରକା କବାଟ ଦେଇ ବନ୍ଦ କରିଦେବ ?

ବିରକ୍ତ ହୋଇ ଉଠିଲା ପୀତାମ୍ବର ।

ଓଃ, ଝିଅ ବାହା ହେଉଛି ବୋଲି, ମଣିଷକୁ ଟିକିଏ ଶାନ୍ତିରେ ଶୁଆଇ ଦେବେ ନାହିଁ ?

ନାଃ, ତାକୁ ଶାନ୍ତି ଦରକାର । ତା' ନହେଲେ ସେ ପାଗଳ ହୋଇଯିବ । ନିଜ ଦାନ୍ତ ନିଜ ଛାତିରେ ବସାଇ, କଲିଜାକୁ ଟାଣି ବିଦାରି କ୍ଷତ ବିକ୍ଷତ କରିଦେବ । ନିଜ ରକ୍ତ ନିଜେ ପିଇଯିବ... ।

ଦ୍ୱାର ଖୋଲି, ବାହାରକୁ ଆସିଲା ସେ...

ଘରେ କେହି ନାହାଁନ୍ତି... । ଏକଦମ୍ ଶୁନ୍‌ଶାନ । ସମସ୍ତେ ଚାଲି ଯାଇଛନ୍ତି ଜମିଦାରଙ୍କ ଝିଅ ବାହାଘରରେ ଯୋଗ ଦେବା ପାଇଁ । ଗୁମାସ୍ତା ଘର କି ନା ? ସବୁ ଦାୟିତ୍ୱ ମୁଣ୍ଡ ଉପରେ । ଯିବାକୁ ତ ହେବ ।

କେବଳ ରହି ଯାଇଥିଲା ପୀତାମ୍ବର । ଜମିଦାରଙ୍କ କଥା ଛାଡ଼ । ସେ ସବୁଦିନ ପାଇଁ ବାଛନ୍ଦ କରି ଦେଇଛନ୍ତି । ପିତା, ମାତା ଆଗ୍ରହ ପ୍ରକାଶ କରି ନାହାଁନ୍ତି । ସେ ବା କୋଉ ମୁହଁରେ ଯାଇଥାଆନ୍ତା ?

ଶୟନ କକ୍ଷର ଦ୍ୱାରକୁ ଆଉଜେଇ ଦେଇ ଧୀରେ ଧୀରେ ଗୃହର ପଛ ପାଖକୁ ଆଗେଇଲା ସେ । ଏପାଖ ସେପାଖ ଚାହିଁଲା । ସବୁ ଶୂନ୍‌ଶାନ··· । ସମସ୍ତେ ଚାଲି ଯାଇଛନ୍ତି ଭୋଜି, ମଉଛବ କରିବା ପାଇଁ । କେବଳ ବିବାହ ମଣ୍ଡପରୁ କୋଳାହଳ ଭାସି ଆସୁଥିଲା । ସେହି କୋଳାହଳରୁ ରକ୍ଷା ପାଇବା ପାଇଁ, ଗୃହ ପଛ ପାଖ ରାସ୍ତାରେ ବିବାହ ମଣ୍ଡପର ବିପରୀତ ଦିଗରେ ମୁହଁ ପୋତି ଦ୍ରୁତ ଗତିରେ ଆଗେଇଲା ଆଗକୁ ।

ଗାଁ' ଶେଷ ମୁଣ୍ଡରେ ଥିବା ଏକ ନୂଆଁଣିଆ ଚାଳଘର ପାଖରେ କାହିଁକି କେଜାଣି, ଧାଉଁ ଧାଉଁ ତା' ପାଦ ଦୁଇଟା ଆପେ ଆପେ, ସେଇ ଘର ପାଖରେ ସ୍ଥିର ହୋଇଗଲା । ଯେମିତି କୌଣସି ଏକ ଚୁମ୍ବକୀୟ ଶକ୍ତି ସହିତ ତା' ମନର ସଂଯୋଗ ହୋଇଗଲା ।

ଏପାଖ ସେପାଖ ଚାହିଁ, ଗୋଟିଏ ମାର୍ଜାର ଭଳି ସେ କୁଡ଼ିଆଁର ଏକଦମ୍ ନିକଟକୁ ଚାଲି ଆସିଲା । ତା'ପରେ ଖପ୍ କିନା ଡେଇଁ ପଡ଼ିଲା ମାଟି ବାରଣ୍ଡା ଉପରକୁ । ବାଉଁଶ ଚାଞ୍ଚରାର ଆଢୁଆଳରେ ନିଜକୁ ଲୁଚାଇ ଦେଲା । ମନେ ମନେ ସନ୍ତୋଷ ହେଲା ଯେ, ତାକୁ ଏ ପର୍ଯ୍ୟନ୍ତ କେହି ଦେଖିପାରି ନାହାଁନ୍ତି ।

ସେ ଚାଳଘର ଅତି ସାଧାରଣ ହେଲେବି, ସମୟ ସମୟରେ ତୀର୍ଥ କ୍ଷେତ୍ରପରି ମନେ ହୁଏ । ଜୀବନର ରଙ୍ଗ ଫିକା ପଡ଼ିଗଲେ, ତାକୁ ସାମୟିକ ରଙ୍ଗେଇବା ପାଇଁ ଭକ୍ତମାନେ ଏଠାକୁ ଆସନ୍ତି । ଲିଭି ଆସୁଥିବା ମଶାଲ୍‌ରେ କିଛି ସମୟ ପାଇଁ ତେଲ ପକାଇ ଦେଇ ପୁଣି ଫେରି ଯାଆନ୍ତି ।

ଡାକିବା ଦରକାର ପଡ଼ିଲା ନାହିଁ...

ଅନ୍ଧାର ମୁହଁରୁ ଭାସି ଆସିଲା ଚମ୍ପାବାଈର ଖିଲି ଖିଲି ହସ ।

ଦ୍ୱାର ଦେଶରେ ମଦମାଠିଆ ଧରି ସେ ରାତିସାରା ଏମିତି ବସି ରହେ । କାହାରି ପଦଶବ୍ଦ ଶୁଣିଲେ, କେହି ଡାକିବା ପୂର୍ବରୁ ସେ ଖିଲି ଖିଲି ହସି ଉଠି ନିଜ ସ୍ଥିତି ବିଷୟରେ ଜଣାଇ ଦିଏ ।

ହସିବାଟା ତା'ର ଅଭ୍ୟାସ, ବେଉସା... ତା'ର ଧର୍ମ ।

ସେଦିନ ତା' ପାଇଁ ଗୋଟିଏ ଭଲ ଦିନ ଥିଲା । କାରଣ ଜମିଦାରଙ୍କ ଝିଅ ବାହାଘର ହେତୁ ସନ୍ଧ୍ୟା ପରଠାରୁ ଗୋଟିଏ ପରେ ଗୋଟିଏ ଗ୍ରାହକ ଧାଡ଼ି ଲଗେଇ ଥିଲେ । ଜମିଦାରଙ୍କର ପୁଣି ନିର୍ଦ୍ଦେଶ, ଯେତେ ହାଣ୍ଡି ସରୁଛି ସରୁ, ହେଲେ କାହାକୁ ନିରାଶ କରିବୁ ନାହିଁ । ଖର୍ଚ୍ଚ ପାଇଁ ମୋଟେ ଚିନ୍ତା କରିବୁ ନାହିଁ । ବାସ୍ ଥରକୁ ଥର ଗରାଖ ଆସୁଛନ୍ତି । ପୋଟାପାଣ ଟୋପାଏ, ଗଳାରେ ଢ଼ାଳି ଦେଇ ଚମ୍ପାବାଈର ପିନ୍ଧା ଲୁଗା କାନିରେ ମୁହଁ ପୋଛି ଚୁପ୍ ଚାପ୍ ଚାଲି ଯାଉଛନ୍ତି ।

ହସ ବନ୍ଦ କରି ଚମ୍ପାରାଣୀ ଚାହିଁଲା ।

ହସିବାଟା ତା'ର ଅଭ୍ୟାସ ବୋଲି ହସି ଦେଇଥିଲା ସିନା; କିନ୍ତୁ ପରମୁହୂର୍ତ୍ତରେ ପୀତାମ୍ବରକୁ ଦେଖି କଳାକାଠ ପଡ଼ିଗଲା ।

: ସାନ ଗୁମାସ୍ତା··· ତୁମେ ଏଠାରେ ? ବାଟ ଭୁଲି ଯାଇନାହଁ ତ !!

: ନା, ଚମ୍ପାବାଈ··· ଏଠାରୁ ଗଲାବେଳେ ସିନା ଲୋକେ ବାଟ ଭୁଲି ଯାଇଥାଆନ୍ତି; କିନ୍ତୁ ଆସିଲା ବେଳେ ବେଶ୍ ସୁସ୍ଥ ମସ୍ତିଷ୍କରେ ଆସି ଥାଆନ୍ତି ।

: ହେଲେ ବାବୁ ! ତୁମେ···

: ଆଃ, ବିରକ୍ତ କରନା, ଚମ୍ପାବାଈ··· ମୁଁ ପ୍ରଥମ ଥର ପାଇଁ ତୋ' ପାଖକୁ ଆସିଛି ।

ଦରଦାମ୍ କେତେ··· କ'ଣ··· ମୁଁ ଜାଣେନା । ଯାହା ନେଉଛୁ ନେ··· ହେଲେ, ମତେ·ଟିକିଏ ନିଶା ଦେ··· । ଯେମିତି ନିଶା ହେବ···

ବାରଣ୍ଡା ଉପରେ ବସି ପଡୁଥିଲା ପୀତାମ୍ବର । ଧାଇଁ ଆସି ତା' ହାତକୁ ଧରି ନେଲା ଚମ୍ପାବାଈ··· ।

: ନା, ନା, ସେଠି ନୁହେଁ, ଭିତରକୁ ଆସ ବାବୁ । ବାରନାରୀ ହେଲେ ବି, ମୋର ଗୋଟାଏ ଆତ୍ମସମ୍ମାନ ଅଛି, ମର୍ଯ୍ୟାଦା ଅଛି । ବହୁ ଗରାଖ ପ୍ରତ୍ୟେକ ଦିନ ଆସୁଛନ୍ତି··· ଯାଉଛନ୍ତି··· । ହେଲେ ତୁମେ ସେମାନଙ୍କ ଠାରୁ ଅଲଗା ବାବୁ··· ଆଜି ମୋ ପାଇଁ ଏକ ପବିତ୍ର ଦିବସ··· ଅଭୁଲା ଦିବସ··· ।

ଚମ୍ପାବାଈ ଜାଣିଥିଲା, ଯିଏ ସ୍ୱର୍ଗର ଅପ୍‌ସରାମାନଙ୍କୁ ତୁଚ୍ଛ ମନେକରେ ସେ ଆଜି ତା' ପର୍ଣ୍ଣକୁଟୀରକୁ ଚାଲିଆସିଛି କାହିଁକି ? କାରଣ ପୀତାମ୍ବର ଆଉ ପଦ୍ମଗନ୍ଧାର ପ୍ରେମ କାହାଣୀ କାହାକୁ ହେଲେ ଅଛପା ନଥିଲା । ତା' ଛଡ଼ା ଭାରି ଚତୁରୀ ସିଏ । କେରାଣ୍ଡି ଗୁନ୍ଥି, ବାଳିହା ଧରିବା କାଇଦା ତାକୁ ବେଶ୍ ଜଣା । ପୁରୁଷକୁ ଥରେ ମେଣ୍ଢା ବନେଇ ଦେଲେ ତେଣିକି ଖାଲି ପଘା ସଜାଡ଼ି ରଖିବା କଥା ।

ହାତ ଧରି ପିତାମ୍ବରକୁ ଭିତରକୁ ନେଇଗଲା ଚମ୍ପାବାଈ । ବାସି ହୋଇ ପଡ଼ିଥିବା ଶେଜକୁ ପୁଣି ସଜାଡ଼ି ଦେଲା । ଚନ୍ଦନ ଓ ଗୋଲାପ ଜଳ ଝିଞ୍ଚି ଦେଲା ।

: ଏଇଠି ବସ ବାବୁ । ତୁମ ମନ କଥା ମୁଁ ଠିକ୍ ବୁଝି ପାରୁଛି । ତୁମେ ଆପଣ... କେଉଁଥିରେ ଉଣା ଯେ ? ରୂପ ଯେମିତି, ଗୁଣ ସେମିତି । କୋଟିକରେ ଗୋଟିଏ । ଟିକିଏ ଇସାରା ମାରି ଦେଲେ ଶହ ଶହ ରାଧା ଆସି ପାଦ ଚାଟିବେ । ଗୋଟିଏ ରାଧା ପାଇଁ ଏତେ ଚିନ୍ତା କାହିଁକି ? ଯାଉ... ପାଇ ପାଇତ ଧୋକଡ଼ ବୁଢ଼ାଟିଏ ପାଇଛି । ଲକ୍ଷେ ସଂପତ୍ତି ଥିଲେ କ'ଣ ହେବ, ସଂପତ୍ତି କ'ଣ ସ୍ୱର୍ଗକୁ ନେବ ?

ଚିତ୍କାର କଲା ପୀତାମ୍ବର...

: ମଦ ପିଏଇବା ତୋ'ର କାମ... ମଦ ଦେ... । କାହାର ଚରିତ୍ର ଚିତ୍ରଣ କରିବା ଅଧିକାର ତତେ କିଏ ଦେଲା ?

ଚମ୍ପାବାଈ ହସିବାକୁ ଚେଷ୍ଟା କଲା···

: କସୁର ମାଫ୍ କର ସାନ ବାବୁ··· । ଟିକିଏ ଅପେକ୍ଷା କର । ମୁଁ ମଦ ପିଆଇ ଦେବି, ଏକ ନମ୍ବର ଜିନିଷ, ପୁରା ଖାଣ୍ଟି ଜିନିଷ··· ।

କାନ୍ଥକୁ ଆଉଜି ତକ୍ତପୋଷ ଉପରେ ଗୋଡ଼ ଲମ୍ବାଇ ଅପେକ୍ଷା କଲା ପୀତାମ୍ବର । ଚମ୍ପାବାଈ ତା' ନିଜ ବ୍ୟବହାର ପାଇଁ ରଖିଥିବା ଗୋଟାଏ ପିତଳ ଗ୍ଲାସଟୁ ଭଲଭାବରେ ମାଜି ମାଜି ସଫା କଲା, ଲାଉ ତୁମ୍ବାରୁ ମଦ ଢ଼ାଳି ଗ୍ଲାସ ବଢ଼ାଇ ଦେଲା ପିତାମ୍ବର ହାତକୁ । ଏକ ନମ୍ବର ମହୁଲୀ ମଦ··· ।

ଢ଼ୋକେ ତଣ୍ଟିରେ ଗିଳିଛି କି ନାହିଁ, କାଶି ପକାଇଲା ପୀତାମ୍ବର···

ତା' ମଥାକୁ ଥାପୁଡ଼େଇ ଦେଲା ଚମ୍ପା ।

: ପ୍ରଥମ ଥର ପାଇଁ ପିଉଛ । ଧୀରେ ସୁସ୍ତେ ପିଅ । ଏତେ ତରତର କାହିଁକି ? ସିଆଡ଼େ ଆସର ଜମି ଗଲାଣି । ଆଉ ଏଠାକୁ କେହି ଆସିବେ ନାହିଁ । ଆସିଲେ ମଧ୍ୟ ତମର ଚିନ୍ତା କରିବାର କିଛି ନାହିଁ । ମୁଁ ଦୁଆର ବନ୍ଦ କରିଦେଇଛି । ବାକି ରାତି ଯାକ ମୁଁ ତୁମରି ପାଖରେ କଟାଇ ଦେବି··· ଆରେ ଚାହିଁଲ କ'ଣ··· ପିଅ··· ହେଲେ ଧୀରେ ଧୀରେ ପିଅ··· ଆଦୌ ବିକଳ ହୁଅ ନାହିଁ··· ପିଇବାକୁ ଢ଼େର ରାତି ବାକି ଅଛି··· ।

ବାଲୁ ବାଲୁ ହୋଇ ପୀତାମ୍ବର ଚାହିଁଲା···

ଉଃ ! କି ଉତ୍କଟ ଗନ୍ଧ !! ତଥାପି ପିଇବାକୁ ହେବ । ମନଟାକୁ ବିଷାକ୍ତ କରିବା ପାଇଁ ଏହାଠାରୁ ଶସ୍ତା ବିଷ ଆଉ କ'ଣ ଥାଇପାରେ ?

ନାକଟାକୁ ଚିପି ଧରି ସବୁଯାକ ପୋଚା ମହୁଲୀ ତଣ୍ଟି ଭିତରକୁ ଢ଼ାଳିଦେଲା ପୀତାମ୍ବର । ଗ୍ଲାସ ବଢ଼ାଇ କହିଲା···

: ଆଉ··· ଆଉଦେ, ଚମ୍ପାବାଈ···

ଚମ୍ପା, ଗ୍ଲାସ ଭରି ଦେଲା···

: ଧୀରେ ସୁସ୍ଥେ ପିଅ ବାବୁ··· ମୁଁ ପରା ପାଖରେ ଅଛି··· । ସାରା ରାତି ପଡ଼ିଛି··· ଏତିକିବେଳୁ ଏମିତି ବ୍ୟସ୍ତ ହେଲେ ହେବ··· ? ନାଇଁ, ନାଇଁ ମତେ ଦିଅ ।

ବାବୁ ମୁଁ ପିଆଇ ଦେବି···

ପୀତାମ୍ବର ହାତରୁ ଗ୍ଲାସ ଆଣି, ନିଜେ ଚମ୍ପାବାଈ ତାକୁ ମହୁଲୀ ପିଆଇ ଦେଲା । ସେତିକି ମଦ ଯଥେଷ୍ଟ ଥିଲା ପୀତାମ୍ବର ପାଇଁ । କାରଣ ସେ ପୂର୍ବରୁ କେବେ କୌଣସି ପ୍ରକାର ନିଶା ସେବନ କରିନଥିଲା ।

ତା' ଦୁର୍ବଳ ମନ ଉପରେ ଉତ୍କଟ ମଦ, ଖୁବ୍ ଶୀଘ୍ର ବିସ୍ତାର କରିବାକୁ ଲାଗିଲା । ତାକୁ ମନେ ହେଲା ତା' ପାଖରେ ପଦ୍ମଗନ୍ଧା ବସିଛି । ଚମ୍ପାବାଈର ମୁହଁରେ ପଦ୍ମଗନ୍ଧାର ପ୍ରତିଛବି ଝଲସି ଉଠିଲା···

ଗୋଟିଏ ମଦ୍ୟପଙ୍କ ଭଳି ସେ କହିଲା···

: ନା, ପଦ୍ମ··· ନା··· । ତୁମେ କେବଳ ମୋର···। ମୋ ଛଡ଼ା ତୁମେ ଅନ୍ୟ କାହାର ହୋଇ

ପାରିବ ନାହିଁ, ମତେ ତୁମଠାରୁ କେହି ଛଡ଼ାଇ ନେଇ ପାରିବେ ନାହିଁ । ଆଉ ତୁମେ ନିଜେ ଯଦି ଅଲଗା ହେବାକୁ ଚେଷ୍ଟା କର... ତେବେ ମୁଁ ମରିଯିବି... ମରିଯିବି ପଦ୍ମ...

କୁଟୀଳ ନେତ୍ରରେ ଚମ୍ପାବାଈ ଚାହିଁଲା...

: ମୁଁ ପଦ୍ମ ନୁହେଁ ବାବୁ... ଚମ୍ପା... ଚମ୍ପାବାଈ... ଭଲ କରି ଦେଖ...

ଦୁଇହାତର ନେଡ଼ିରେ ଭଲଭାବେ ଆଖିକୁ ମଳି ଦେଲା ପୀତାମ୍ବର । ପୁଣିଥରେ ଭଲ କରି ଚାହିଁଲା...

: ତୁ, ଯିଏ ହୋଇଥା, ସେ କଥା ମୁଁ ଜାଣିନାହିଁ । ମୁଁ ଖାଲି ଜାଣେ ମୋ ପଦ୍ମକୁ... ପଦ୍ମ... ମତେ ଛାଡ଼ି ଚାଲି ଯାଅନା ପଦ୍ମ...

ଚମ୍ପାବାଈକୁ ଖୁବ୍ ଜୋରରେ କୁଣ୍ଢେଇ ଧରିଲା ପୀତାମ୍ବର ।

ଚମ୍ପା ମଧ୍ୟ ଏହିଭଳି ଏକ ସୁଯୋଗକୁ ଅପେକ୍ଷା କରି ରହିଥିଲା । ସେ ପୀତାମ୍ବରକୁ ଜାବୁଡ଼ି ଧରି ଲମ୍ବ ହୋଇ ତକ୍ତପୋଷ ଉପରେ ପଡ଼ିଗଲା ।

ପୁରୁଣା ଖେଳାଳୀ ସିଏ । ପୀତାମ୍ବରର ସର୍ବାଙ୍ଗରେ ଧୀରେ ଧୀରେ ହସ୍ତ ସଂଚାଳନ କରି ତା' କାନ ପାଖରେ ଫୁସ୍ ଫୁସ୍ ହୋଇ କହିଲା...

: ବୁଝିଲ ନା ବାବୁ... ପ୍ରେମ୍, ଭଲ ପାଇବା ଏଗୁଡ଼ାକ ସବୁ ଦୁର୍ବଳ ମନର ଗୋଟିଏ ଗୋଟିଏ କଳ୍ପନା । ନାରୀ ଜାତିଟା ଛଳନାମୟୀ । ଆଜି ଭଲ

ପାଉଥିବେ, ପୁଣି କାଲିକି ଭୁଲି ଯିବେ । ତାଙ୍କ ନାମକୁ ଜପାମାଳି କଲେ ନିଜେ ଖାଲି ଦୁଃଖ ପାଇବ । ହାତରେ ଧନ ଅଛିତ, ଏ ସଂସାରରେ ପ୍ରେମର ଅଭାବ ନାହିଁ । ତା' ନହେଲେ ଷାଠିଏ ବର୍ଷର ବୁଢ଼ାକୁ ବାହାହେବା ପାଇଁ ପଦ୍ମରାଣୀ ରାଜି ହୋଇ ଯାଇଥାନ୍ତେ··· ?

ଚିତ୍କାର କଲା ପୀତାମ୍ବର···

: ତା' ନାଁ ମୋ ଆଗରେ ଧରନା ଚମ୍ପା··· । ମୁଁ ପଇସା ଦେବି, ପ୍ରେମ କିଣିବି । ଆଉ ସବୁ ଦିନ ପାଇଁ ଭୁଲିଯିବି ସେ ନାଗୁଣୀକୁ··· ସବୁଦିନ ପାଇଁ ଭୁଲିଯିବି । ମତେ ଭୁଲାଇଦେ ଚମ୍ପାବାଈ···

ଚମ୍ପାବାଈ ଅଧିକ କୁହାଇ ନଦେଇ ପୀତାମ୍ବର ଓଠ ଉପରେ ନିଜ ଓଠକୁ ଚାପି ଧରିଲା । ନିଜ ଆୟତରେ ନଥିଲା ପୀତାମ୍ବର । ପ୍ରଥମ ଥର ପାଇଁ ତା' ପୌରୁଷରେ ଅଗ୍ନିଜାଳି ଦେଲା ଚମ୍ପାବାଈ । ଦୀର୍ଘ କୋଡ଼ିଏ ବର୍ଷ ଧରି ପଦ୍ମଗନ୍ଧାଠାରୁ ଯାହା ପାଇବା ପାଇଁ ଅପେକ୍ଷା କରି କରି ଶେଷରେ ଶିଶୁପାଳ ହୋଇ ଯାଇଥିଲା, ମୁହୂର୍ତ୍ତକ ମଧ୍ୟରେ ବିନାବାଧାରେ, ବେଶ୍ ସୁବିଧାରେ ଚମ୍ପାବାଈ ଠାରୁ ତାହା ମିଳି ପାରିଲା ।

ପୂର୍ଣ୍ଣ ତୃପ୍ତି ଲାଭ କରିବାପରେ ହସିଲା ପୀତାମ୍ବର···

କିନ୍ତୁ ଏ ହସଥିଲା ଏକ ପଥଭ୍ରଷ୍ଟ ଉନ୍ମାଦର··· ବେଶ୍ୟାସକ୍ତ ମଦ୍ୟପର···

ମନକୁ ମନ କହିଲା···

Digitized by
Deb's Library Corner

: ମନୁଷ୍ୟ ପ୍ରେମ କରୁଛି କାହିଁକି ? ପ୍ରେମ ପାଇଁ ପାଗଳ ହେଉଛି କାହିଁକି ? ଟଙ୍କା କେତେଟା ଫିଙ୍ଗିଲେ, ଦୁନିଆଁ ହାଟରୁ ସବୁଦିନ ନୂଆ ନୂଆ ପ୍ରେମ ଖରିଦ କରାଯାଇ ପାରିବ ।

ସଂପୂର୍ଣ୍ଣରୂପେ ମାନବିକତା ହରାଇ ସାରିଥିଲା ପୀତାମ୍ବର । ତା ଦୁର୍ବଳ ମନକୁ ସଂପୂର୍ଣ୍ଣ ରୂପେ, ପାପ, ଆସକ୍ତି ଗ୍ରାସ କରି ସାରିଥିଲା । ଯାହା କିଛି ଯୁକ୍ତି କରୁଥିଲା କେବଳ ନିଜକୁ ନିଜେ ପ୍ରତିରୋଧ କରିବା ପାଇଁ ।

ପକେଟରୁ ଧୂଳାଏ ନୋଟ ବାହାର କରି ଚମ୍ପାବାଈର ତକ୍ତପୋଷ ଉପରକୁ ଫୋପାଡ଼ି ଦେଇ ଢ଼ଳି ଢ଼ଳି ବେଶ୍ୟାଘରୁ ନିଜ ଘରକୁ ଫେରି ଆସିଲା ସେ ।

ଠିକ୍ ସେତିକି ବେଳେ ବିବାହ ମଣ୍ଡପ ଆଡୁ ଏକ ଅହେତୁକ ଗହଳି ଏବଂ ଚିତ୍କାର ଶୁଣା ଯାଉଥିଲା । କିନ୍ତୁ ତା'ର କାରଣ କ'ଣ ଜାଣିବା ପାଇଁ ପୀତାମ୍ବର ପାଖରେ ସ୍ପୃହା ନଥିଲା ।

ସେ ମୁହଁ ପୋତି ପୋତି ଦ୍ରୁତଗତିରେ ଆଗେଇ ଚାଲିଥିଲା ତା' ବାସଗୃହ ଅଭିମୁଖେ ।

ଦୂରରୁ ଗହଳି ଶୁଣା ଯାଉଥିଲା । କିନ୍ତୁ ନିଜ ଗୃହର ପରିବେଶ ନିରୋଳା ଥିଲା । ଖୁବ୍ ସତର୍କରେ

ପାଦ ଚିପି ଚିପି ନିଜ ଶୟନ କକ୍ଷରେ ପ୍ରବେଶ କଲା ପୀତାମ୍ବର ।

ମଦର ପ୍ରଭାବହେତୁ ମୁଣ୍ଡଟା ଭାରି ଭାରି ଲାଗୁଥିଲା । ସେଥିରୁ ମୁକୁଳିବା ପାଇଁ ବନ୍ଦ ଥିବା ଝରକା ଗୁଡ଼ାକ ଖୋଲିଦେଲା । ଦଲକାଏ ପବନ ଆସି ତା' ଦେହରେ ବାଜିଲା, ଆଉ ତା' ପିନ୍ଧା ପୋଷାକରୁ ଭାସି ଆସିଲା ଚମ୍ପାବାଈ ବୋଲି ଦେଇଥିବା ଶସ୍ତା ଅତରର ଭୁରୁ ଭୁରୁ ଗନ୍ଧ ।

ରୋମାଞ୍ଚକ ହୋଇ ଉଠିଲା ପୀତାମ୍ବର ମନ । ମନେ ମନେ ହସି, ଅସଳ ଭାଙ୍ଗି, ଲମ୍ବ ହୋଇ ପଡ଼ିଗଲା ପଲଙ୍କ ଉପରେ··· ।

ଶୋଇବାକୁ ଚେଷ୍ଟା କଲା; କିନ୍ତୁ ନିଦ୍ରା ବଦଳରେ ମାନସ ଚକ୍ଷୁରେ ନାଚି ଉଠିଲା ପଦ୍ମଗନ୍ଧାର ସୁନ୍ଦର ଚିତ୍ରପଟ୍ଟ । ପ୍ରେମ, ପ୍ରଣୟ ବଦଳରେ ହଠାତ ପଦ୍ମଗନ୍ଧା ସଂପର୍କରେ ପୀତାମ୍ବର ମନକୁ ଗୁଡ଼ାଏ ବିକୃତ ଚିନ୍ତା ଆସିଲା ।

ତା' ଚିନ୍ତା ଥିଲା ଲୋକ କଥାର କୁମ୍ଭୀର ଆଉ ମର୍କଟ କାହାଣୀ ପରି । କୁମ୍ଭୀରର ସ୍ତ୍ରୀ ଇଚ୍ଛା କରିଥିଲା ମର୍କଟର କଲିଜା ଖାଇବା ପାଇଁ । ଆଉ ତା'ର ଧାରଣା ଥିଲା– "ଯିଏ ଏତେ ମିଠା ବୋଲି, ମିଠା ଫଳ ଖାଉଛି, ତା' କଲିଜାଟା କେତେ ମିଠା ହୋଇ ନଥିବ ସତରେ···।"

ଚମ୍ପାବାଈ ଭଳି ଜଣେ ବହୁଭୋଗ୍ୟା ଗଣିକା ଶରୀରରେ ଯଦି ଏତେ ମିଠା ଥାଇପାରେ, ପଦ୍ମଗନ୍ଧାର ଅଦ୍ଭୁତ ଯୌବନରେ କେତେ ମିଠା ନଥିବ ସତରେ !!

ସେ ଯାହାକୁ ବିବାହ କରୁ କିଛି ଯାଏ ଆସେ ନଥିଲା । ଯୌବନ ଲାଗିବାର ଏଇ ପାଞ୍ଚବର୍ଷ ଭିତରେ ଅନ୍ତତଃ ଥରେ କିମ୍ବା ଦୁଇଥର ତାକୁ ଉପଭୋଗ କରିବାର ଥିଲା । ବେଶି ନହେଲେ ବି, ମାତ୍ର ଥରୁଟିଏ ଯଦି ତା' ଅଦ୍ଭୁତ ଯୌବନର ସ୍ୱାଦ୍ ଚଖାଯାଇ ପାରିଥାଆନ୍ତା, ଆଜି ଏତେ ଅନୁତାପ କରିବାକୁ ପଡ଼ି ନଥାଆନ୍ତା ।

ପାପ ଗ୍ରାସ କରି ନେଇଥିଲା ପୀତାମ୍ବରର ମନକୁ !

ସେ କେବଳ ଗୁଡ଼ାଏ ମୂଲ୍ୟହୀନ ଅନୁତାପ କରିବାକୁ ଲାଗିଲା ।

ସେହି ପାପ ଚିନ୍ତାର ବିକଳାଙ୍ଗ ଚିତ୍ରକୁ ମନଭିତରେ କଳ୍ପନା କରୁ କରୁ କେତେବେଳେ ତା'ର ଆଖିପତା ନଇଁଗଲା ସେ ନିଜେ ମଧ୍ୟ ଜାଣି ପାରିଲା ନାହିଁ ।

କିଛି ସମୟ ପରେ...

ସହସା ତା' ନିଦ୍ରା ଭଙ୍ଗ ହେଲା । କେତେ ଜଣ ତାକୁ ଜୋରଜବରଦସ୍ତି ଉଠାଇ ଦେଲା ପରି ମନେହେଲା । ତନ୍ଦ୍ରା ଜଡ଼ିତ ନେତ୍ରରେ ପୀତାମ୍ବର ଚାହିଁଲା । ତା' ଶଯ୍ୟା ପାଖରେ କେତେଜଣ ଠିଆ ହୋଇଥିଲେ ।

ଏମାନେ ଭିତରକୁ ଆସିଲେ କେମିତି ? ଶୋଇବା ପୂର୍ବରୁ ଦ୍ୱାର ବନ୍ଦ କରିବାକୁ ଭୁଲି ଯାଇଥିଲା ବୋଧହୁଏ ! କିନ୍ତୁ... ଏମାନେ ସବୁ କିଏ ? ପୁଣି ଗୋଟାଏ ଦୁଃସ୍ୱପ୍ନ ଦେଖୁ ନାହିଁତ !!

ସେ ଭଲ ଭାବରେ ଆଖି ଫାଡ଼ି ଫାଡ଼ି ଚାହିଁଲା...

ନିଦ୍ରା ସଂପୂର୍ଣ୍ଣ ଅପସରି ଗଲା ।

ଶଯ୍ୟା ପାଖରେ ଠିଆ ହୋଇଥିଲେ ଜମିଦାର ମାନଧାତା ଏବଂ ତାଙ୍କର କେତେଜଣ ଅନୁଚର । ସେମାନଙ୍କ ପଛ ପାଖରୁ ଗୁମାସ୍ତାଙ୍କ ମୁହଁଟା ଝାପ୍ସା ଝାପ୍ସା ଦେଖା ଯାଉଥିଲା ।

ଏମାନେ ଏଠାରେ କାହିଁକି ? ଜୀବନର ସବୁ ସ୍ୱପ୍ନ... ସବୁ ଆଶାକୁ ହତ୍ୟାକରି ଦେଲା ପରେ, ଏମାନଙ୍କର ମୋ ପାଖରେ ଆଉ କି କାମ ବାକି ରହି ଯାଇଛି ?

ମନେ ମନେ ଚିନ୍ତାକଲା ପୀତାମ୍ବର...

ଯେତେ ଦିନ ପର୍ଯ୍ୟନ୍ତ ସେ ଭଲ ମଣିଷ ଥିଲା, ତା' ଆତ୍ମା ପବିତ୍ର ଥିଲା, ପ୍ରେମ କରୁଥିଲା ପଦ୍ମଗନ୍ଧାକୁ, ସେତେ ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଅସାମାଜିକ କର୍ମପ୍ରତି ତା' ମନରେ ଭୟଥିଲା । ପଦ୍ମଗନ୍ଧାର ଖାତିରରେ ଜମିଦାରଙ୍କ ଆଗରେ ମସ୍ତକ ଅବନତ କରିବାକୁ ପଡୁଥିଲା ।

କିନ୍ତୁ, ଆଜି... ? ଆଜି ସେ ମୁକ୍ତ... ସଂପୂର୍ଣ୍ଣ ମୁକ୍ତ... । ତା' ଉପରେ କାହାର ଅଧିକାର ନାହିଁ । ଆଜି କାହା ଆଦେଶ ମାନିବାକୁ ବାଧ୍ୟ ନୁହେଁ ।

ଶୁଣାଗଲା ଜମିଦାରଙ୍କ କୋମଳ କଣ୍ଠ ସ୍ୱର...

: ଉଠ ପୀତାମ୍ବର... ଉଠ ବା...

କୌଣସି ପ୍ରତିକ୍ରିୟା ଦେଖାଗଲା ନାହିଁ ପୀତାମ୍ବର ନିକଟରେ । ସେ ପୂର୍ବଭଳି ଶଯ୍ୟାରେ ପଡ଼ି ରହି ତାଚ୍ଛଲ୍ୟ କଣ୍ଠରେ କହିଲା...

: କାହିଁକି ଜମିଦାର ସାହେବ ! କାହିଁକି ମୁଁ ଉଠିବି ? ଶାନ୍ତିରେ ଟିକିଏ ଶୋଇବା ଅଧିକାର କ'ଣ ମୋର ନାହିଁ ? କେଉଁ ଅପରାଧରେ ଆପଣ ମତେ ଉଠେଇ ନେବେ ଶୁଣେ ? ଓ... ମୁଁ ମଦ୍ୟପାନ କରିଛି, ଏଇଆ... ତ ? ମୋ ପଇସାରେ ମୁଁ ପିଇଛି । ନିଜ ରୋଜଗାର ଉପରେ ମୋର କ'ଣ ଅଧିକାର ନାହିଁ ? ନିଜ ଘରେ ଶୋଇବାର ଅଧିକାର କ'ଣ ମୋର ନାହିଁ ? ମୁଁ ମଦ୍ୟପାନ କଲେବି, କୌଣସି ସାମାଜିକ ନୀତି ନୀୟମ ଭଙ୍ଗ କରି ନାହିଁ ଜମିଦାର ସାବ୍, ଆପଣ ବିନା କାରଣରେ...

ହଠାତ୍ କ'ଣ ହେଲା କେଜାଣି, ପିଲାଙ୍କ ଭଳି କାନ୍ଦି ଉଠିଲେ ମାନଧାତା । ପୀତାମ୍ବର ପାଖରେ ଲଥ୍ କରି ବସିପଡ଼ି ତା' ହାତଉପରେ ହାତ ରଖି, କାନ୍ଦି କାନ୍ଦି କହିଲେ...

: ମତେ କ୍ଷମା କରିଦେ ପୀତାମ୍ବର, ମୁଁ କ'ଣ ତୋ'ର ବାପ ନୁହେଁ ? ପଦ୍ମର ମା' ତତେ ନିଜ ପୁଅପରି ପାଳି ନଥିଲା ? କୋଳରେ ଧରି ଭାତ ଖୁଆଇ ନଥିଲା ?

ବିସ୍ମିତ ନେତ୍ରରେ ପୀତାମ୍ବର ଚାହିଁଲା...

: କ'ଣ ହୋଇଛି ମାଲିକ ?

: ମୋ, ସଂସାର ଉଜୁଡ଼ି ଯାଇଛି ପୀତାମ୍ବର । ଛଳନାମୟୀ, ମାୟାବିନୀ, ସୁନ୍ଦରୀ ପତ୍ନୀର ଚକ୍ରାନ୍ତକୁ ବୁଝି ନପାରି ମୁଁ ଅନ୍ଧ ହୋଇଯାଇଥିଲି । ମଣିନାଗ ମୋ ଆଖି ଖୋଲି ଦେଇଛନ୍ତି । ଅଭିମାନୀ କନ୍ୟାକୁ ମୋର ରକ୍ଷାକର ବାପ ! ତୋ' ବ୍ୟତିତ କେହି ଆଉ ତାକୁ ଫେରାଇ ଆଣି ପାରିବେ ନାହିଁ ।

ବିଦ୍ୟୁତ ବେଗରେ ଉଠି ବସିଲା ପୀତାମ୍ବର ।

ଭାଗ୍ୟଚକ୍ର ଓଲଟି ଗଲାପରି ମନେ ହେଲା ।

ସେ ବ୍ୟସ୍ତ ହୋଇ ପଚାରିଲା : ପଦ୍ମ କୁଆଡ଼େ ଗଲା ମାଲିକ... ଆପଣ ସ୍ପଷ୍ଟ ଭାବରେ କହୁ ନାହାଁନ୍ତି କାହିଁକି... ?

: କହୁଛି ବାପ କହୁଛି... । ପଦ୍ମକୁ ବେଦୀକୁ ନେବା ପୂର୍ବରୁ ଏକ ଭୟଙ୍କର ସାପ କେଉଁଠୁ ବାହାରି ଆସି ଆର୍ତ୍ତବଲ୍ଲଭକୁ ଦଂଶନ କଲା । ଛଟପଟ ହୋଇ ଅଳ୍ପ ସମୟ ପରେ ସେ ଆଖି ବୁଜିଲେ । ହେଲେ ମୃତ୍ୟୁ ପୂର୍ବରୁ ସେ ସବୁ କିଛି କହି ଯାଇଛନ୍ତି ପୀତାମ୍ବର, ଗୋଟାଏ ମୂଲ୍ୟବାନ ହୀରା ଲୋଭରେ ଅନୁପମା ଆର୍ତ୍ତବଲ୍ଲଭ ବିଷୟରେ ସବୁଜାଣି ମଧ୍ୟ ପଦ୍ମ ସହିତ ବିବାହ କରିଦେବାକୁ ଚେଷ୍ଟା କରିଥିଲେ । ସେ ମୋ ମନରେ, ପଦ୍ମା ଆଉ ତୋ' ବିରୁଦ୍ଧରେ ନାନା କଥା କହି ବିଷଭରି ଦେଇଥିଲେ । ଆର୍ତ୍ତବଲ୍ଲଭ ଗୋଟାଏ

ମଦ୍ୟପ ବେଶ୍ୟାସକ୍ତ । ଜାଣି ଶୁଣି ମୁଁ ମୋ କନ୍ୟାର ସର୍ବନାଶ କରୁଥିଲି । ନିନ୍ଦା, ଅପମାନର ଜ୍ୱାଳାରେ ମୋ ମଥା ନଇଁ ଯାଉଛି ବାପ… ବାଲ୍ୟକାଳରୁ ପଦ୍ମର ମା' ଶପଥ କରିଥିଲେ ପଦ୍ମ ସହିତ ତୁମର ବିବାହ କରିବାକୁ । ସେ ଶପଥ ଭୁଲି ଯାଇ ମୁଁ ଅନୁପମାଙ୍କ କଥାରେ ପଡ଼ି… । ଶପଥ ଭଙ୍ଗ କରିବାର ଫଳ ମୁଁ ହାତେ ହାତେ ପାଇଗଲି ପୀତାମ୍ବର । ମୋ ଉପରେ ନାଗ ଦେବତାଙ୍କ ଅଭିଶାପ ପଡ଼ିଛି । ସେ ଗୋଟି ଗୋଟି କରି ସମସ୍ତଙ୍କୁ ଦଂଶନ କରିବେ । କାହାକୁ ଛାଡ଼ିବେ ନାହିଁ… କେହି ବାଦ୍ ପଡ଼ିବେ ନାହିଁ…

: ପଦ୍ମ ଏବେ କେଉଁଠି ? ପ୍ରଶ୍ନ କଲା ପୀତାମ୍ବର…

: ମୁଁ ଜାଣେନା ବାପ, ଆର୍ତ୍ତବଲ୍ଲଭଙ୍କୁ ସର୍ପ ଦଂଶନ କଲାପରେ ଆମେ ସମସ୍ତେ ତାଙ୍କ ପାଇଁ ବ୍ୟସ୍ତ ରହିଲୁ, ସେହି ଅବସରରେ…

: ଆର୍ତ୍ତବଲ୍ଲଭଙ୍କୁ ସର୍ପଦଂଶନ କଲା କାହିଁକି… ? ବିନା କାରଣରେ…

: କାରଣ ଅଛି ବାପ, କାରଣ ଅଛି । ସେ ମଦ୍ୟପ, ବେଶ୍ୟାସକ୍ତ, ଚରିତ୍ରହୀନ । ତା'ର ଏଇ ଗୁଣଯୋଗୁଁ ପ୍ରଥମ ସ୍ତ୍ରୀ ଆତ୍ମହତ୍ୟା କଲା, ଦ୍ୱିତୀୟ ସ୍ତ୍ରୀ ତାକୁ ଛାଡ଼ି ବାପ ଘରକୁ ଚାଲିଗଲା । ତା'ଭଳି ଗୋଟାଏ ଅପବିତ୍ର ମଣିଷ ପଦ୍ମଭଳି ଏକ ଦେବକନ୍ୟାର କେବେ ସ୍ୱାମୀ ହୋଇପାରେନା । ପଦ୍ମକୁ ସ୍ପର୍ଶ କରିବାର ଅଧିକାର

ମଧ୍ୟ ତା'ର ନଥିଲା, କିନ୍ତୁ ସୃଷ୍ଟିର ନୀୟମକୁ ଭଙ୍ଗ କରି ସେ ଚାହୁଁଥିଲା ପଦ୍ମକୁ ବିବାହ କରିବାକୁ । ଏଣୁ ନାଗ ଦେବତାଙ୍କ କୋପଦୃଷ୍ଟି ତା' ଉପରେ ପଡ଼ିଲା··· ।

ଖୁସୀ ହେବା ବଦଳରେ ଏକ ଅଜଣା ଭୟରେ ଶୀହରୀ ଉଠିଲା ପୀତାମ୍ବର ।

ଆର୍ତ୍ତବଲ୍ଲଭ, ମଦ୍ୟପ, ବେଶ୍ୟାସକ୍ତ । ସେ ପଦ୍ମର ଉପଯୁକ୍ତ ନଥିଲେ ଏଣୁ ତାଙ୍କୁ ସର୍ପଦଂଶନ କଲା ।

ସେହି ଦୃଷ୍ଟିକୋଣରୁ ଚିନ୍ତା କରାଗଲେ, ସେ ନିଜେ !!

ନା··· ନା··· । ସବୁ କଥା ସବୁ ପରିସ୍ଥିତି ସମାନ ନୁହେଁ ।

ନିଜକୁ ଦୃଢ଼ କଲା ପୀତାମ୍ବର । ମନର ପାପକୁ ଦୂରେଇ ଦେବା ପାଇଁ ଅନେକ ସାହାସ ସଂଚାର କଲା ।

ସୁଯୋଗ ବାରମ୍ବାର ଆସେ ନାହିଁ । ଏ ସୁଯୋଗ ହାତଛଡ଼ା କରିଦେଲେ ସାରାଜୀବନ ଅନୁତାପ କରିବାକୁ ହେବ । ଦେବଦେବୀଙ୍କ ଅଭିଶାପ ଏଗୁଡ଼ାକ ସବୁ ମିଛ କଥା, ମନର ବିକାର । କୌଣସି କାରଣ ଆର୍ତ୍ତବଲ୍ଲଭଙ୍କୁ ସର୍ପାଘାତ ହୋଇ ପାରିଥାଏ, ତାକୁ ଏମାନେ ଧର୍ମ ସହିତ ଯୋଖି ଦେଇଛନ୍ତି । ସେ ସବୁ ଦୁର୍ବଳତା ତ୍ୟାଗକରି ବର୍ତ୍ତମାନ ଯେମିତି ହେଉ ପଦ୍ମାନ୍ଧାଙ୍କୁ ହାସଲ କରିବା ପାଇଁ ହେବ । ସେ ଯେଉଁଠି ଥାଉ ତାକୁ ଖୋଜି ବାହାର କରିବାକୁ ପଡ଼ିବ··· ।

Digitized by
Deb's Library Corner

ପଦ୍ମଗନ୍ଧାର ସଜଫୁଟା ଯୌବନ ହିଁ ତା'ର ଏକମାତ୍ର କାମ୍ୟ ।

ସେ ଭୀରୁ··· କା-ପୁରୁଷ, ନପୁଂସକ··· । ସେ ଜାଣେ ଅତୀତରେ ତା' ପ୍ରତି ପଦ୍ମମନରେ ଯେଉଁ ପ୍ରେମ ଥିଲା, ତାହା ଆଜି ନାହିଁ । ଯେଉଁ ଦିନ ସେ ଜୀବନକୁ ଭୟ କରି ତାକୁ ଜମିଦାରଙ୍କ ପାଖରେ ଛାଡ଼ି ଚାଲି ଆସିଲା । ସେହିଦିନ ଠାରୁ ସେମାନଙ୍କ ପ୍ରେମମରି ଯାଇଛି । ପଦ୍ମ କେଉଁଆଡ଼େ ଚାଲି ଯାଇଛି ସତ··· କିନ୍ତୁ ତାକୁ ଖୋଜୁ ନାହିଁ ।

ଯଦି ବା ସେ ମହଲକୁ ଫେରିଆସେ··· ଯଦି ବା ସେ ପୁଣି କେବେ ବାହାହେବାକୁ ରାଜି ହୁଏ, ବିବାହ କରିବ; କିନ୍ତୁ ପୀତାମ୍ବରକୁ ନୁହେଁ···

ଆତ୍ମା ଆଉ ପରମାତ୍ମା ଭିତରେ ତର୍କ ଲାଗିଥିଲା··· ।

ବିରକ୍ତ ହୋଇ ଉଠିଲା ପୀତାମ୍ବର । ଏତେ ତର୍କରୁ କ'ଣ ମିଳିବ ? ସୁଯୋଗ ଆସିଛି ଯେତେବେଳେ, ଯେମିତି ହେଉ ପଦ୍ମଗନ୍ଧାର ଗନ୍ଧ ଆଘ୍ରାଣ କରିବାକୁ ପଡ଼ିବ । ଯେମିତ ହେଉ··· । ଥରେ ତା' ଯୌବନର ସ୍ୱାଦଚାଖି ସାରିଲା ପରେ ହଜାରେ ବିଷଧର ସର୍ପ ଆର୍ବିଭାବ ହୁଅନ୍ତୁ··· ଦୁଃଖ ନାହିଁ ।

ପଲଙ୍କ ଉପରୁ ଲଥ୍ କିନା ତଳକୁ ଡେଇଁ ପଡ଼ିଲା ପୀତାମ୍ବର । ସମସ୍ତଙ୍କୁ ଆଡ଼େଇ ଆଡ଼େଇ ବାହାରକୁ ଆଗେଇଲା । ଗୁମାସ୍ତା ଗଣନାଥ ପାଟିକଲେ···

: ପୀତାମ୍ବର… କୁଆଡ଼େ ଯାଉଛୁ ?

: ପଦ୍ମକୁ ଫେରାଇ ଆଣିବାକୁ… । ମୁଁ ଜାଣେ ସେ କେଉଁଠି ଅଛି…

: ରହ ବାପ… ଆମେ ସବୁ ତୋ' ସାଥୀରେ ଯିବୁ ।

ଏ, ଅନୁରୋଧ ଥିଲା ଜମିଦାରଙ୍କର…

ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଲା ପୀତାମ୍ବର ।

: ନା, କେହି ଯିବା ଦରକାର ନାହିଁ । ମୋ 'ସାଥୀ'ରେ ଅନ୍ୟ କାହାକୁ ଦେଖିଲେ ସେ ହୁଏତ ଫେରି ନପାରେ । କାରଣ ମୋ ଛଡ଼ା ସମସ୍ତେ ତା'ର ଶତ୍ରୁ, ଏଣୁ ଆପଣମାନେ ଏଇଠି ଅପେକ୍ଷା କରନ୍ତୁ । ମୁଁ ତାକୁ ଯେମିତି ହେଉ ବୁଝେଇ ଶୁଝେଇ ସାଥୀରେ ଧରି ଆସୁଛି ।

ପୀତାମ୍ବର ଠିକ୍ କହିଛି ବୋଲି ଜମିଦାରଙ୍କ ସହିତ ଅନ୍ୟମାନେ ଅନୁଭବ କଲେ । ଏଣୁ ସେମାନେ ତାକୁ ଏକୁଟିଆ ବିଦାୟ ଦେଲେ ।

ବାଟରେ ଚମ୍ପାବାଈର କୁଡ଼ିଆ ପଡ଼ିଲା…

ଅଟକି ଗଲା ପୀତାମ୍ବର । ଦୀର୍ଘ କୋଡ଼ିଏ ବର୍ଷ ପରେ ସେ ଗୋଟାଏ ନୂଆ କଥା କରିବାକୁ ଯାଉଛି । ସେଥିପାଇଁ କଲିଜାକୁ ପୁରାଟାଣ କରିବାକୁ ହେବ । ସନ୍ଧ୍ୟାବେଳର ନିଶାଟା ପୁରାପୁରି ଛାଡ଼ି ଗଲାଣି । ଆଉ

ଟୋପାଟେ ପକାଇ ଦେଲେ ଭଲ ହୁଅନ୍ତା । ମଦ୍ୟପାନ କଲେ କୁଆଡ଼େ ଶରୀରରେ ସିଂହଭଳି ଶକ୍ତି ଆସେ ।

କ୍ଲାନ୍ତ ହୋଇ ଚମ୍ପାବାଈ ଶୋଇ ପଡ଼ିଥିଲା । ପାଟି କରି ତାକୁ ଉଠାଇଲା ପୀତାମ୍ବର । କବାଟ ଖୋଲି ସାମ୍ନାରେ ପୀତାମ୍ବରକୁ ଦେଖି ନ ହସି ରହି ପରିଲା ନାହିଁ ।

: କ'ଣ ସାନ ଗୁମାସ୍ତାଏ ! ଏତେ ଶୀଘ୍ର ନିଶା ଛାଡ଼ିଗଲା ?

: ଅମୃତର ସ୍ୱାଦ ଥରେ ଚାଖି ଦେଲାପରେ, ତାକୁ କ'ଣ ଭୁଲି ହୁଏ ଚମ୍ପାବାଈ··· ? ଯା ଡେ଼ରି କରନା, ଆଉ ଦୁଇଗ୍ଲାସ ପିଆଇ ଦେ, ମୁଁ ଆଜି ଗଡ଼ ଜିଣିବାକୁ ଯିବି ।

ଅଳସ ଭାଙ୍ଗିଲା ଚମ୍ପାବାଈ···

: କେଉଁଗଡ଼ ମ··· ?

: ବଡ଼ ଘର ବଡ଼ ଗୁମର କଥା । ଆଲୋ ତୁ ସେଥିରୁ ପାଇବୁ କ'ଣ ? ଆଉ କ'ଣ ବାକି ରଖିଛୁ ପିଆଇଲୁ··· ମୋର ଡେରି ହେଉଛି ।

ଘର ଭିତରକୁ ଯାଇ ଚୁପ୍ ଚୁପ୍ ମଦ ଆଣି ଦେଲା ଚମ୍ପା । ଏକ ନିଶ୍ୱାସରେ ଦୁଇଗ୍ଲାସ ପିଇ ସାରିବା ପରେ ପୀତାମ୍ବର କହିଲା : ଆଃ··· ହୋଇଗଲା··· ବାସ୍ ସେତିକି ଆଉ ଚମ୍ପାବାଈ···

: ବାସ୍··· ଏତିକି··· ? ଆଉ କିଛି ଦରକାର ନାହିଁ··· ?

: ବ୍ୟସ୍ତ କାହିଁକି, ଏଇତ ଆରମ୍ଭ ଚମ୍ପାବାଈ··· । ଯାହା ଜଣାପଡୁଛି, ମତେ ଏଣିକି ସବୁଦିନ ତୋ' ସାହାଯ୍ୟ ନେବାକୁ ପଡ଼ିବ ।

ସ୍ମିତ ହସିଲା ଚମ୍ପାବାଈ···

: ବୁଝିଲି··· । ହେଲେ, ଏବେ କୁଆଡ଼େ ବାହାରିଛ କହୁନ ?

: କହିବି··· ଫେରି ଆସିଲେ ଫଳାଫଳଟା ନିଶ୍ଚୟ କହିବି··· । ତେବେ !!

: ତେବେ !!

ଏପାଖ ସେପାଖ ଚାହିଁଲା ପୀତାମ୍ବର···

: ଅନ୍ଧାର ରାସ୍ତାରେ ଯିବାକୁ ହେବ । ଭଲ ମନ୍ଦ ଅଛି । ଯଦି କିଛି ଗୋଟାଏ ଅସ୍ତ୍ର ମତେ ଦେଇ ପାରନ୍ତୁ !!

: ଅସ୍ତ୍ର··· ?

: ହଁ, ଖଣ୍ଡା··· ତଲୱାର··· ଭୁଜାଲି···

: ଖଣ୍ଡା, ତଲୱାର କୋଉଠୁ ପାଇବି ? ହେଲେ ଗୋଟାଏ ରାମପୁରୀ ଚାକୁ ଅଛି ଆଣିବି ?

: ଚାକୁ !! ପୁଣି, ରାମପୁରୀ··· ? ଦେ··· ଦେ ଚମ୍ପାବାଈ··· ମୋ ଗନ୍ତବ୍ୟ ପଥରେ ଆଜି ଯଦି କିଏ ଅନ୍ତରାୟ ସୃଷ୍ଟି କରେ, ସେ ଚାକୁହିଁ କାମରେ ଲାଗିବ । ଯା··· ଆଣିଦେ···

ଭିତରକୁ ଯାଇ ଚମ୍ପାବାଈ ଛୁରୀ ଆଣିଦେଲା । ସେଇଟିକୁ ଅଣ୍ଟାତଳେ ଗୁଞ୍ଜି ଆଗକୁ ବଢ଼ିବା ପାଇଁ

ପୀତାମ୍ବର ଉଦ୍ୟତ ହେଉଥିଲା ବେଳେ, ଟାଣି ଧରିଲା ଚମ୍ପାବାଈ…

: ଆହୁରି ଦୁଇଘଡ଼ି ରାତ୍ରୀ ଅଛି । ଯୁଆଡ଼େ ଯିବାକଥା ସକାଳେ ଗଲେ ହେବ ନାହିଁ ବାବୁ ? ସିଆଡ଼େ ପଦ୍ମର ହାତଗଣ୍ଠି ପଡ଼ିଯିବଣି । ଶେଯ ସଜାଡ଼ି ଦେଉଛି । ଆସ ହାତ ଗୋଡ଼ ଘଷିଦେବି । ଅଳସ ଭାଙ୍ଗୁ ଭାଙ୍ଗୁ ରାତି ପାହିଯିବ ।

ସନ୍ଧ୍ୟାବେଳର ଛାଡ଼ି ଯାଇଥିବା ନିଶାଟା ପୁଣି ଥରେ ଜମକ ଧରିନେଲା ।

ଠୋ ଠୋ ହୋଇ ହସି ଉଠିଲା ପୀତାମ୍ବର । କିନ୍ତୁ ଏଥରକର ହସରେ ପୂର୍ବର ସେ ଆତ୍ମନିବେଦନ ନଥିଲା । ଥିଲା ଅହଙ୍କାର, ଆତ୍ମବଡ଼ିମା ।

ରାଜକୀୟ କାଇଦାରେ କହିଲା—

: ବାଈଜୀ… ଅନ୍ୟର ପୋଷା ଚଢ଼େଇଟା ଭୁଲରେ ଥରେ ବାଟ ଭୁଲି ତୋ' ଚାଳ ଉପରକୁ ଥରେ ଉଡ଼ି ଆସିଥିଲା, ଆଉ ତୁ ତାକୁ ଗଦ ଶୁଙ୍ଘେଇ ଘଡ଼ିକ ପାଇଁ ବଶ କରିନେଲୁ; କିନ୍ତୁ ତାକୁ ସବୁଦିନ ପାଇଁ ବାନ୍ଧି ରଖିବାର ସ୍ୱପ୍ନ ଆଦୌ ଦେଖ୍ନା… !

ଚମ୍ପାବାଈର ପ୍ରତିକ୍ରିୟାକୁ ଅପେକ୍ଷା ନକରି ଆଗକୁ ଆଗେଇ ଗଲା ପୀତାମ୍ବର… । କିଛି ବାଟ ଚାଲିଲା… ତା'ପରେ ଏକ ମୁହାଁ ହୋଇ ଧାଇଁଲା…

ଚମକି ଉଠିଲା ସେ...

ମନ୍ଦିରର ପ୍ରବେଶ ଦ୍ୱାର ଖୋଲା ଅଛି, ଭିତରେ ପ୍ରଦୀପଟିଏ ଜଳୁଛି, କିନ୍ତୁ...

ଭିତରେ ପାଦଦେଲା ପୀତାମ୍ବର ।

ପ୍ରଦୀପ ତୈଳପୂର୍ଣ୍ଣ ଅଛି । କିଏ ଯେମିତି ଅଳ୍ପ ସମୟ ପୂର୍ବେ ତାହା ପ୍ରଜ୍ୱଳିତ କରିଛି ।

ପୂଜାରୀ ବାବା ନିଶ୍ଚୟ ।

କିନ୍ତୁ, ସେ ଗଲେ କେଉଁ ଆଡ଼େ ?

ଏପାଖ ସେପାଖ ଚାହିଁଲା ସେ । ଚାପା କଣ୍ଠରେ ଡାକିଲା । କୌଣସି ଉତ୍ତର ମିଳିଲା ନାହିଁ ।

ହଠାତ୍ ତା'ର ଦୃଷ୍ଟି ପଡ଼ିଲା ଗମ୍ଭୀରାରେ । ମଣିନାଗଙ୍କ ତମ୍ବା ମୂର୍ତ୍ତୀ ନାହିଁ । ଖାଲି ମଣିନାଗ ନୁହଁନ୍ତି, ତାଙ୍କ ପାଖରେ ଥିବା ଛୋଟ ଛୋଟ ମୂର୍ତ୍ତୀ ଗୁଡ଼ିକ ମଧ୍ୟ ନାହିଁ ।

ଆଶ୍ଚର୍ଯ୍ୟ ହେଲା ପୀତାମ୍ବର ।

ହଠାତ୍ ମଣିବାବା ଅନ୍ତର୍ଦ୍ଧାନ ହୋଇଗଲେ କାହିଁକି ? ତାଙ୍କୁ କ'ଣ କିଏ ମନ୍ଦିର ଭିତରୁ ଅନ୍ୟତ୍ର ନେଇଗଲା ?

Digitized by
Deb's Library Corner

ମଦ ନିଶାରେ ପାଦ ତା'ର ଟଳମଳ ହେଉଥିଲା । ଭାବିଲା ନିଶା ବାଉଳାରେ ସବୁ ଓଲଟ ପାଲଟ ଦେଖା ଯାଉନାହିଁ ତ ! ଭଲ ଭାବରେ ଦେଖିବାକୁ ହେବ ।

ଦୃଢ଼ ଭାବରେ ଠିଆ ହୋଇ ବଡ଼ ବଡ଼ ଆଖି କରି ପୀତାମ୍ବର ଚାହିଁଲା । ଗମ୍ଭୀରାର ଏକଦମ୍ ନିକଟକୁ ଚାଲିଯାଇ ପୁଣିଥରେ ପରୀକ୍ଷା କଲା ।

ନାଃ, ସେ ଠିକ୍ ଦେଖୁଛି ଏବଂ ଠିକ୍ ଜାଣୁଛି । ମନ୍ଦିରରେ ନାଗ ଦେବତା ନାହାଁନ୍ତି । ତେବେ ନାଗ ଦେବତା ସତରେ କ'ଣ ନାଗରୂପ ଧରି ବିବାହ ମଣ୍ଡପକୁ ଯାଇଛନ୍ତି··· ? ଆର୍ତ୍ତବଲ୍ଲଭଙ୍କୁ ଦଂଶନ କଲାପରେ ଅନ୍ୟମାନଙ୍କୁ ଦଂଶନ କରିବା ପାଇଁ ଖୋଜୁଛନ୍ତି ? ସେଇଥି ପାଇଁ ଏ ପର୍ଯ୍ୟନ୍ତ ଫେରି ନାହାଁନ୍ତି ମନ୍ଦିରକୁ··· ?

ନାଃ, ଏ ଯୁଗରେ ଏହା ସମ୍ଭବ ନୁହେଁ । ସବୁ କପୋଳକଳ୍ପିତ । ସମ୍ଭବତଃ, ପୂଜାରୀ ବାବା ନାଗମୂର୍ତ୍ତୀ ଆଉ ପଦ୍ମଗନ୍ଧାକୁ ଧରି କେଉଁଠି ଲୁଚି ଯାଇଛନ୍ତି ।

ପଦ୍ମଗନ୍ଧା ସିନା ତାକୁ ବାବା ବାବା କହି ଦିନକୁ ଅଠର ଥର ମୁଣ୍ଡିଆ ମାରେ, ହେଲେ ତା' ମତି ଗତି, ପୀତାମ୍ବରକୁ ଆଦୌଭଲ ଲାଗୁନଥିଲା । ମନ୍ଦିରକୁ ଆସିଲା ମାତ୍ରେ ଗୋଡ଼େ ଗୋଡ଼େ ଜଗି ରହେ ପଦ୍ମକୁ । ତା'ରି ଯୋଗୁ ସେ ପଦ୍ମ ସହିତ ଟିକେ ମନ ଖୋଲା କଥା ହୋଇ ପାରେନା । ସବୁବେଳେ ଉପଦେଶ··· ଦର୍ଶନ ଶାସ୍ତ୍ର··· । ସତେ ଯେମିତି ଶହେ ବର୍ଷର ଗୋଟାଏ

ଶାସ୍ତ୍ରଜ୍ଞ ପଣ୍ଡିତ । ମେଞ୍ଚାଏ ନିଶ, ଦାଢ଼ୀ, ବାଳ ରଖି ଚେହେରାଟା ଲୁଚାଇ ଅଶୀ ବର୍ଷର ସାଧକ ବୋଲାଉଛି ସିନା ହେଲେ ତା' ଆଖି ଆଉ ଚାହାଣୀ କହି ଦେଉଛି, ଅତି ବେଶିରେ ତା' ବୟସ ତିରିଶି ପଇଁତିରିଶିରୁ ଅଧିକ ହେବ ନାହିଁ ।

ସେଇଟା ଗୋଟେ ପୂଜକ ନୁହେଁ··· ଗୋଟାଏ ଭଣ୍ଡ··· । ମା··· ମା··· କହି ପଦ୍ମକୁ କେମିତି ଘୁରି ଘୁରି ଚାହୁଁଥିଲା··· । ଆଜି ସୁଯୋଗ ମିଳିବାରୁ, ଦେବୀ ଦେବତା ସମସ୍ତଙ୍କୁ ଉଠାଇ ଛୁ, ମନ୍ତର କରି ଦେଇଛି ।

ମନେ ମନେ ଗୁଡ଼ାଏ ମଦ୍ୟପ ସଂଳାପ ଗାଇଯିବା ପରେ, ବଇଠା ଉପରୁ ଜ୍ୱଳନ୍ତ ପ୍ରଦୀପକୁ ଉଠାଇ ହାତରେ ଧରି ଗମ୍ଭୀରାକୁ ତନ୍ନ ତନ୍ନ କରି ପରୀକ୍ଷା କରିବାରେ ଲାଗିଗଲା ପୀତାମ୍ବର ।

ଗମ୍ଭୀରାର ଠିକ୍ ମଝିରେ ଯେଉଁଠି ମଣିନାଗ ଉପବେଶନ କରୁଥିଲେ ଫୁଲ ଏବଂ ବେଲପତ୍ରର ଆଢୁଆଳରେ କିଛି ଗୋଟାଏ ଚିକ୍ ଚିକ୍ କରୁଥିଲା । କୌତୁହଳ ହୋଇ ଫୁଲ, ବେଲପତ୍ର ଆଡ଼େଇ ଦେବାପରେ ପୀତାମ୍ବର ଦେଖିବାକୁ ପାଇଲା ଗୋଟାଏ ଲୁହାବଳା ।

ମନରେ ସନ୍ଦେହ ହେଲା ତା'ର । ପ୍ରଦୀପକୁ ତଳେ ଥୋଇ ଦେଇ, ଅଣ୍ଟେଇ ପଡ଼ି ଦୁଇ ହାତରେ ଲୁହାବଳାକୁ ଧରି ସେ ଖୁବ୍ ଜୋରରେ ଟାଣିବାରେ

ଲାଗିଲା ।

ଝରକା ଫାଳଭଳି ବର୍ଗାକାର ପଥର ଚଟାଣଟେ, ଛିଟିକି ଆସିଲା ଉପରକୁ । ତା' ଆଘାତରେ ପଛକୁ କଚାଡ଼ି ହୋଇ ପଡ଼ିଲା ପୀତାମ୍ବର । ଟିକିଏ ଥକ୍କାମାରିଲା ସେ, ତା'ପରେ ପ୍ରଦୀପ ଟେକି ଧରି, ଉଠି ଆସିଥିବା ଚଟାଣର ନିମ୍ନ ଦେଶକୁ ଆଲୋକ ନିକ୍ଷେପ କଲା ।

ଗୁପ୍ତ କୋଠରୀ...

ଛୋଟ ଛୋଟ ପଥର ପାହାଚ ଲମ୍ବି ଯାଇଥିଲା ତଳକୁ । ଭିତରୁ କ୍ଷୀଣ ଆଲୋକର ଛିଟା ଉପରକୁ ଦେଖା ଯାଉଥିଲା । ପୂଜାରୀ ଠାରୁ ପିଲାଦିନେ ସେ ଯେଉଁ ଗୁପ୍ତ କୋଠରୀ କଥା ଶୁଣିଥିଲା ତାହା ଯେ ସତ୍ୟ, ଏଥିରେ ଆଉ ଦ୍ୱି-ମତ ନଥିଲା । ଏହା ସହିତ ପୀତାମ୍ବରର ଧାରଣା ସ୍ପଷ୍ଟ ହେଲା ଯେ, ଏହି ଗୁପ୍ତ କୋଠରୀ ଭିତରେ ନିଶ୍ଚିତ ଭାବରେ ସେ ଭଣ୍ଡ ପୂଜାରୀ ଏବଂ ପଦ୍ମଗନ୍ଧା ଅଛନ୍ତି ।

ଆର୍ତ୍ତବଲ୍ଲଭଙ୍କୁ ସର୍ପ ଦଂଶନ କରିବା ପରେ, ମନରେ ବିତୃଷ୍ଣା ଭାବ ନେଇ ପଦ୍ମ ଧାଇଁ ଆସିଥିଲା ମନ୍ଦିରକୁ । ହୁଏତ ମାନସିକ ଶାନ୍ତି ପାଇଁ ଅଥବା ବିଶ୍ରାମ ପାଇଁ, ଆଉ ସେହି ସୁଯୋଗରେ ଧୂର୍ତ୍ତ ପୂଜାରୀ ତାକୁ ଅପହରଣ କରି ନେଇଛି ଗୁପ୍ତ ଗହ୍ୱରକୁ ।

ଯେମିତି ହେଉ ପଦ୍ମକୁ ବଞ୍ଚାଇ ପାଇଁ ହେବ ।

ମଦ୍ୟପ ମନର କଦର୍ଯ୍ୟ ରାକ୍ଷାସଟା କମର କସିଲା । ହାତ ମାରି ଦେଖିଲା ରାମପୁରୀ ଚାକୁ ସୁରକ୍ଷିତ

ଅଛି । ମଥା ଗଳାଇ ଖୁବ ସର୍ତ୍ତକରେ ଗହ୍ୱର ଭିତରେ ପ୍ରବେଶ କଲା ।

ଗୁପ୍ତକୋଠରୀର ଶେଷ ପାହାଚରେପାଦ ଦେଇ ଚାରି ଆଡ଼କୁ ଚାହିଁଲା ପୀତାମ୍ବର । ଠିକ୍ ସେହି ଦୃଶ୍ୟ... ସେହି ପରିବେଶ... ଯାହାକୁ ସେ ଅଳ୍ପଦିନ ତଳେ ସ୍ୱପ୍ନରେ ଦେଖିଥିଲା ।

ପ୍ରସ୍ତର ପିଣ୍ଡି ଉପରେ ବିରାଟ ଏକ ପିତ୍ତଳ ଦିପାଳି ଜଳୁଥିଲା । ତା' ଆଲୋକରେ ଗୁପ୍ତ କୋଠରୀର ପ୍ରତ୍ୟେକ ଦୃଶ୍ୟ ସ୍ପଷ୍ଟ ଦେଖା ଯାଉଥିଲା ।

ଖାଲି ଚଟାଣଟା ଉପରେ କାନି ପାରି ଶୋଇ ଯାଇଥିଲା ପଦ୍ମଗନ୍ଧା । ଚକ୍ଷୁ ପଲ୍ଲବ ଦ୍ୱୟ ମୁଦ୍ରିତ ଅବସ୍ଥାରେ ଥିଲେ । ଘନ କବରୀ ମୁକୁଳି ଯାଇଥିଲା । ମଥାରେ ସିନ୍ଥି, ପାଦରେ ଝୁଣ୍ଟିଆ କି ଶରୀରରେ କୌଣସି ଆଭୂଷଣ ନଥିଲା ।

ବୋଧହୁଏ ଗୃହ ପରିତ୍ୟାଗ କଲା ବେଳେ, ବିବାହ ବେଦୀରେ ବଧୂବେଶକୁ ଛାଡ଼ିଦେଇ ଚାଲି ଆସିଛି ଅଭିମାନୀ ପଦ୍ମ । କେବଳ ଦେହରେ ଥିଲା ପାଟଶାଢ଼ୀ ଖଣ୍ଡିକ, ଆଉ ହାତରେ ଚୁଡ଼ି କେଇପଟ ।

ବେଶ୍ ଶାନ୍ତିରେ ଶୋଇ ଯାଇଥିଲା ପଦ୍ମଗନ୍ଧା । ତା' ଗୋଲାପୀ ଅଧରରେ ଲାଖିଥିଲା ମିଠା ହସ ସେଇ ମିଠାହସ ଚେନାକ ସୂଚାଇ ଦେଉଥିଲା, ଆର୍ତ୍ତବଲ୍ଲଭଙ୍କ ମୃତ୍ୟୁ ତା' ଉପରେ କୌଣସି ପ୍ରଭାବ ପକାଇ ପାରି ନାହିଁ ।

ଚକ୍ଷୁସ୍ଥିର କରି ମୁଗ୍ଧ ନେତ୍ରରେ ପୀତାମ୍ବର ଚାହିଁଲା, ତା' ଅଭିମାନୀ ପ୍ରିୟତମାକୁ । ମନେ ମନେ ଭାବିଲା- ବିନା ଆଭୂଷଣରେ, ଆଜି ପଦ୍ମ ଯଦି ଏତେ ସୁନ୍ଦର ଦେଖାଯାଉଛି, ବଧୂବେଶରେ ବିବାହ ମଣ୍ଡପ ଉପରେ ବସିଥିଲା ବେଳେ, କେତେ ସୁନ୍ଦର ଦେଖା ଯାଉନଥିବ··· ?

ଚକ୍ଷୁ ଫେରାଇ ପାରୁନଥିଲା ସେ । ମନେ ହେଉଥିଲା ତାକୁ କୁଞ୍ଜର ଆଢୁଆଳରେ ବନ ମୟୂରୀଟିଏ, ନାଚି ନାଚି ଥକିଲା ହୋଇଗଲା ପରେ, ବେଶ ଶାନ୍ତିରେ ଶୋଇ ଯାଇଛି ।

ପ୍ରକୃତିସ୍ଥ ହେଲା ପୀତାମ୍ବର । ଚିନ୍ତା କରିବାକୁ ସମୟ ନାହିଁ । ଯେମିତି ହେଉ ଏଇ ରାତ୍ରୀରେ ବୁଝେଇ ଶୁଝେଇ ପଦ୍ମଗନ୍ଧାକୁ ଫେରାଇ ନେବାକୁ ହେବ । ଯଦି ସେ ବୁଝି ଯାଏ, ରାତ୍ରୀ ପାହି ଆସୁ ନଥିଲେ, ଆଜି ନିଶ୍ଚୟ ତା' ସହିତ ବାହାଘର ହେବ । ତରୁଣୀ କନ୍ୟାକୁ ବେଶି ସମୟ ରଖି ପାରିବେ ନାହିଁ ଜମିଦାର ମାନଧାତା ।

: ଯଦି ସେ ବିବାହ ମଣ୍ଡପକୁ ଫେରି ଯିବା ପାଇଁ ରାଜି ନହୁଏ ?

ହଠାତ୍ ଅନ୍ତରାତ୍ମା ପ୍ରଶ୍ନ କଲା ଆତ୍ମାକୁ···

ଆତ୍ମା ବିରକ୍ତ ହୋଇ ଛୋଟିଆ ଉତ୍ତରଟିଏ ଦେଲା···

: ସିଧା ଆଙ୍ଗୁଳିରେ ଘିଅ ନ ବାହାରିଲେ, ଅଙ୍ଗୁଳି ଟେଢ଼ା କରିବାକୁ ହେବ ।

ଅନ୍ତରମ୍ମା ଚୁପ୍ ହୋଇଗଲା··· ।

ଧୀରେ ଧୀରେ ଆଗେଇ ଆସି, ପୀତାମ୍ବର ଚଟାଣ ଉପରେ ପଦ୍ମଗନ୍ଧା ପାଖରେ ବସିଲା । ଅପଲକ ନେତ୍ରରେ ଚାହିଁଲା । ପଦ୍ମଗନ୍ଧାର ମୁହଁ ଉପରେ ସେ ଦେଖିବାକୁ ପାଇଲା ଚମ୍ପାବାଇର ଢ଼ଳଢ଼ଳ ମଦୁଆ ଆଖି ଦୁଇଟାକୁ ।

ଆସ୍ତେ ଆସ୍ତେ ପୀତାମ୍ବରର ତୃଷାର୍ତ୍ତ ମନ ନଇଁ ଯାଉଥିଲା, ପଦ୍ମଗନ୍ଧାର ଫୁଲିଲା ଫୁଲିଲା ଗୋଲାପୀ ଗଣ୍ଡ ଉପରକୁ···

ତା'ପୂର୍ବରୁ ଶୁଣାଗଲା ଖିଲି ଖିଲି ହସ··· ।

ସେ ହସଥିଲା ରୂପସୀ ପଦ୍ମଗନ୍ଧାର···

ଟାଟକା ହୋଇ ପୀତାମ୍ବର ଚାହିଁଲା । ପଚାରିଲା···

: ତୁମେ ଶୋଇନ ତା' ହାଲେ ?

: ନା, ଏପରି ଅବସ୍ଥାରେ କିଏ କ'ଣ ଶୋଇପାରେ ?

ଏକଦମ୍ ପାଖକୁ ଲାଗି ଆସିଲା ପୀତାମ୍ବର···

: ଏ ଜନ୍ମରେ ତୁମକୁ ପାଇବି, ଏ ଆଶା ମୋର ନଥିଲା ପଦ୍ମଗନ୍ଧା । କିନ୍ତୁ ଆଜି ବୁଝୁଛି, ପ୍ରକୃତ ପ୍ରେମର ନିଦାନ ନଥାଏ । ଆମକୁ କେହି ହେଲେ ଅଲଗା କରିପାରିବେ ନାହିଁ ।

କହୁ କହୁ, ପଦ୍ମ ପାଖରେ ଲମ୍ବ ହୋଇ ପଡ଼ିଗଲା ସେ ।

ପଦ୍ମଗନ୍ଧା ଅଧରରେ ଏକ ରହସ୍ୟମୟ ହସ ଖେଳିଗଲା...

: ପ୍ରକୃତ ପ୍ରେମ... !! ତମେ ତା' ହେଲେ ମତେ ଖୁବ୍ ଭଲ ପାଅ...

: ଖୁବ୍...

ପଦ୍ମଗନ୍ଧା ସହିତ ଘନିଷ୍ଠ ହେବାକୁ ଚେଷ୍ଟା କଲା ପୀତାମ୍ବର । ଆସ୍ତେ ଆସ୍ତେ ସେ ପଦ୍ମଗନ୍ଧା ଉପରେ ହାତ ରଖିଲା...

କର ଲେଉଟାଇଲା ପଦ୍ମଗନ୍ଧା ।

: ଯା ଭିତରେ ତୁମେ ଖୁବ୍ ସାହାସୀ ହୋଇ ଯାଇଛ ବୋଧ ହୁଏ ?

: ସବୁ ନାଗ ଦେବତାଙ୍କ ଇଚ୍ଛା । ବୁଢ଼ା ଜମିଦାରକୁ ସର୍ପ ଦଂଶନ କରିନଥିଲେ ହୁଏତ... !!

ପଦ୍ମଗନ୍ଧା ପୀତାମ୍ବରକୁ ଚାହିଁଲା । ବର୍ତ୍ତମାନ ଦୁହେଁ ସାମନା ସାମନି ହୋଇ ଶୋଇଥିଲେ । ପୀତାମ୍ବର ଆଖିରେ ଆଖି ରଖି ସେ କହିଲା...

: ତାଙ୍କୁ ସର୍ପ ଦଂଶନ କଲା କାହିଁକି ଜାଣିଛ ?

: ସେ ମଦ୍ୟପ, ବେଶ୍ୟାସକ୍ତ, ତୁମ ପାଇଁ ଅଯୋଗ୍ୟ, ଅନୁପଯୁକ୍ତ, ସେଇଥିପାଇଁ...

: ଖାଲି ସେତିକି ନୁହେଁ, ଭାରି ରସିକ ମଧ୍ୟ । ତାଙ୍କ ଦେହରୁ ଠିକ୍ ତୁମ ଦେହ ପରି କେତକୀ ଅତରର ଗନ୍ଧ ଭାସି ଆସୁଥିଲା । ତୁମେ ଏ ଶସ୍ତା ଅତର କେଉଁଠୁ ଲଗାଇଲ ?

'ଚମକି ଉଠିଲା ପୀତାମ୍ବର··· । କିଛି ଉତ୍ତର ଦେଇ ପାରିଲାନି ।

ହସିଲା ପଦ୍ମଗନ୍ଧା : ତୁମେ ମଦ ପିଇଛ ନା ? ସେ ବୁଢ଼ାଟା ମଧ୍ୟ ଆଜିପରା ଦିନରେ ମଦ ପିଇଥିଲା । ମୋ ଅପେକ୍ଷା ମଦରେ କ'ଣ ଅଧିକ ନିଶା ଅଛି ?

ଧରା ପଡ଼ିଯାଇଥିଲା ପୀତାମ୍ବର···

ନିଜକୁ ଲୁଚାଇବା ପାଇଁ କହିଲା : ନା', ମାନେ··· ତୁମେ ଜାଣିଛ ଏଇ ସରୀସୃପ ଗୁଡ଼ାକୁ ମୋର ଭାରିଭୟ । ତୁମକୁ ଖୋଜିବା ପାଇଁ ଯେତେବେଳେ ବାହାରିଲି···

: ଓ··· ସର୍ପକୁ ଭାରିଭୟ··· ସେଇଥି ପାଇଁ ମଦ ପିଇଦେଲ··· ମନରୁ ସର୍ପଭୟ ଛାଡ଼ିଯିବ । ହେଲେ ସେ ସର୍ପଟା ଯଦି ବର୍ତ୍ତମାନ ଏଇଠି ଦେଖା ଦିଏ !!

: ଭୟ ନାହିଁ··· । ମୋର କିଛି କରିପାରିବ ନାହିଁ । ମୁଁ ପ୍ରସ୍ତୁତ ଅଛି···

: ମାନେ··· ?

: ମୋ ପାଖରେ ଛୁରୀ ଅଛି । ତୁମ ପାଇଁ ମୁଁ ଆଜି ପ୍ରତ୍ୟେକ ପ୍ରତିବନ୍ଧକ ସହିତ ସଂଗ୍ରାମ କରିବା ପାଇଁ ପ୍ରସ୍ତୁତ ହୋଇ ଆସିଛି ।

Digitized by
Deb's Library Corner

: ଆଛା… । ଏଇ ସାହାସ ଟିକକ ସେଦିନ ଯଦି ତୁମ ପାଖରେ ରହି ଥାଆନ୍ତା…

: ଛି ପଦ୍ମ, ଆଉ ପଛକଥାକୁ ମନେ ପକାଇ ଲାଭ କ'ଣ ? ଆମେ ଦୁହେଁ ଏକାଠି ହୋଇ ପାରିଛେ । ସେଇ କ'ଣ ଯଥେଷ୍ଟ ନୁହେଁ ?

ଦୀର୍ଘ ନିଶ୍ୱାସ ତ୍ୟାଗ କଲା ପଦ୍ମଗନ୍ଧା ।

: ଅବଶ୍ୟ ! କିନ୍ତୁ… ପୀତାମ୍ବର ଆର୍ତ୍ତବଲ୍ଲଭଙ୍କୁ ସର୍ପ ଦଂଶନ କରି ନାହିଁ…

ପୁଣି ଏକ ଚମକ…

ପ୍ରସଙ୍ଗ ବଦଳାଇବା ପାଇଁ ଚେଷ୍ଟାକଲା ପୀତାମ୍ବର…

: ଓହୋ, ସେ ବାଜେ କଥାରୁ କ'ଣ ମିଳୁଛି ? ଯେମିତି ବି ହେଉ ସେ ମରିଛନ୍ତି । ଆମର ସମସ୍ତ ପ୍ରତିବନ୍ଧକ ଆପେ ଆପେ ଦୂର ହୋଇଯାଇଛି ।

ପଦ୍ମଗନ୍ଧା ହସିବାକୁ ଚେଷ୍ଟା କଲା…

: ହସିଲ ଯେ !

: ତୁମ ପାଇଁ ଆଉ କୌଣସି ପ୍ରତିବନ୍ଧକ ନାହିଁ; କିନ୍ତୁ ମୋ ପାଇଁ ଅଛି !

ବିସ୍ମୟ ନେତ୍ରରେ ପୀତାମ୍ବର ଚାହିଁଲା… ।

: ତୁମେ ସେଇ ପୀତାମ୍ବର ନୁହଁ । ଯାହାକୁ ମନ, ପ୍ରାଣ ଦେଇ ଭଲ ପାଉଥିଲି… ପ୍ରେମ କରୁଥିଲି ।

ତୁମେ ଗୋଟାଏ ମଦ୍ୟପ··· ବେଶ୍ୟାସକ୍ତ··· ଆଉ ବଲ୍ଲଭ ଆଉ ତୁମ ଭିତରେ କୌଣସି ପାର୍ଥକ୍ୟ ନାହିଁ ।

ସମୟ ହାତରୁ ଖସିଯିବାକୁ ଚେଷ୍ଟା କରୁଛି, ଜାଣି ପାରିଲା ପୀତାମ୍ବର । ଯେମିତି ହେଉ ତାକୁ ବାନ୍ଧି ରଖିବାକୁହେବ, ସେ କହିଲା···

: ମତେ ଏ ସବୁ କହିବାକୁ ତୁମକୁ ଲଜ୍ୟା ଲାଗିଲା ନାହିଁ । କାହା ସହିତ୍ କାହାକୁ ତୁଳନା କରୁଛ ?

ଉତ୍ତରରେ ପଦ୍ମଗନ୍ଧା ହସିଲା··· । ହସଟା ଅତି ଅସ୍ୱାଭାବିକ ମନେ ହେଲା ପୀତାମ୍ବରକୁ । ସମୟ ଅତି ମୂଲ୍ୟବାନ । ହାତରୁ ଖସିଯିବା ପୂର୍ବରୁ ତା'ର ସଦ୍‌ବ୍ୟବହାର କରିବାକୁ ହେବ ।

ସେ ପଦ୍ମଗନ୍ଧାକୁ ନିଜ ଛାତି ଉପରେ ଖୁବ୍ ଜୋରରେ ଟାଣି ଧରିବାକୁ ଚେଷ୍ଟା କଲା ଏବଂ କଣ୍ଠରେ ରସିକତା ଫୁଟାଇ କହିଲା···

: ଛି, ସୁନାଟା ପରା ! ଅବୁଝା ହୁଅନା । ପିଲାଦିନର ସମସ୍ତ ସ୍ମୃତି କ'ଣ ଏଇ ଦିନ କେତେଟାରେ ବିଲୁପ୍ତ ହୋଇଗଲା ? ତୁମେ ପରା ନାଗୁଣୀ, ମୁଁ ତୁମର ନାଗ, ମୋ ଦେହରେ ଯିଏ ଚାପ ମାରିବ, ତୁମେ ତାକୁ ଦଂଶନ କରିଦେବ··· ?

: ହଁ··· । ମୁଁ ମଧ୍ୟ ସେଇକଥା କହୁଛି । ମୁଁ ନାଗୁଣୀ··· । ମୋ ବିଶ୍ୱାସକୁ ଯିଏ ହତ୍ୟା କରିବ, ମୁଁ ତାକୁ ନିଶ୍ଚୟ ଦଂଶନ କରିବି···

: ମାନେ··· ?

: ଆର୍ତ୍ତବଲ୍ଲଭଙ୍କୁ ସର୍ପଦଂଶନ କରିନାହିଁ··· । ମୁଁ ଦଂଶନ କରିଛି···

ପୀତାମ୍ବରର ବନ୍ଧନ ଢିଲା ପଡ଼ିଗଲା···

ପଦ୍ମା ପୁଣି କହିଲା···

: ବିଶ୍ୱାସ ହେଉ ନାହିଁ ? ଶୁଣ··· । ଆର୍ତ୍ତବଲ୍ଲଭ ମୋ ସାବତ ମା'କୁ ପ୍ରଲୋଭିତ କରାଇ, ବେଦୀରେ ବସିବା ପୂର୍ବରୁ, ମୋ ସହିତ ଟିକିଏ ରସିକତା କରିବାକୁ ଚାହୁଁଥିଲା । ରାକ୍ଷାସୀ ମା' ତା' କଥା ରକ୍ଷାକରି ଆମ ଦୁହିଁଙ୍କ ସାକ୍ଷାତ ପାଇଁ ତାଙ୍କ ଶୟନ କକ୍ଷ ଛାଡ଼ି ଚାଲିଗଲେ । ଆର୍ତ୍ତବଲ୍ଲଭ ମତେ କ'ଣ ସବୁ ପଚାରିଲେ, ଆଉ ମୁଁ କ'ଣ ଉତ୍ତର ଦେଲି ସେ ସବୁ ମୋର ମନେ ନାହିଁ, ହେଲେ ତାକୁ ଦେଖିଲା ପରଠାରୁ ମୁଁ ରାଗରେ ଏକଦମ୍ ପାଚି ଯାଇଥିଲି । ମନେ ମନେ ଶପଥ କରିଥିଲି ବେଦୀରେ ବସିବା ପୂର୍ବରୁ ସେ ଯଦି ମତେ ଛୁଇଁବାକୁ ଚେଷ୍ଟା କରେ ମୁଁ ତାକୁ ଦଂଶନ କରିବି । ମାତ୍ର ଦୁଇ ଚାରି ପଦ କଥାବାର୍ତ୍ତା ପରେ ମୁଁ ଫେରି ଆସୁଥିଲି, ସେ ମୋ ହାତଟାକୁ ଧରି ପକାଇଲା । ମୁଁ ଯେତେ ଅନୁରୋଧ କଲି ମୋ ହାତ ଛାଡ଼ିଦିଅ, ଛାଡ଼ିଲାନି । ରସିକତା କରି କହିଲା– ଆଉ ଘଡ଼ିକ ପରେ ତୁମେ ମୋର ପତ୍ନୀ ହେବ, ଏତେ ଲଜ୍ୟା କାହିଁକି··· ଖାଲି ଗୋଟେ ଚୁମା··· ଚୁମା ଦେଇଦେଲେ ମୁଁ ସୁନା

ପିଲାଟି ପରି ଚାଲିଯିବି । ସେ ସିନା ସୁନାପିଲା ହେବାକୁ ଚାହୁଁଥିଲା··· ମୋ ରାଗ ଚରମ ସୀମାରେ ପହଞ୍ଚି ଯାଇଥିଲା । ମୁଁ ତା' ହାତକୁ ଖୁବ୍ ଜୋରରେ କାମୁଡ଼ି ଦେଲି ।

: ଭଲ କରିଛ ପଦ୍ମଗନ୍ଧା··· ଖୁବ୍ ଭଲ କରିଛ । ଯାହା ହେଲେ ବି, ଲୋକଟାର ଟିକିଏ ସୁଦ୍ଧା ନୈତିକତା ନାହିଁ ? ହୁଁ··· ତା'ପରେ ?

: ମୋ ଦନ୍ତାଘାତ ଏତେ ତୀବ୍ର ଥିଲା ଯେ, ସେ ଫଟ କିନା ହାତ ଛାଡ଼ିଦେଲା । ମୁଁ ଧାଇଁ ଆସିଲି କନ୍ୟା ମଣ୍ଡପକୁ । ବିଚାରା ଆର୍ତ୍ତଚିତ୍କାର କରି, ଛଟପଟ ହେବାକୁ ଲାଗିଲା । ତା' ଚିତ୍କାର ଶୁଣି ବାପା, ନୂଆମା' ଅନୁଚର, ସମସ୍ତେ ଧାଇଁଲେ । ସେତେବେଳକୁ ସେ ହାତକୁ ଚିପିଧରି ବାହାରକୁ ଚାଲି ଆସିଥିଲେ । ହେଲେ ଲଜ୍ଜ୍ୟାବଶତଃ ମୁଁ କାମୁଡ଼ିଛି ବୋଲି କହି ପାରିଲେ ନାହିଁ । କହିଲେ ଗୋଟାଏ ବିଷାକ୍ତ ସର୍ପ ତାଙ୍କୁ ଦଂଶନ କରିଦେଲା··· ।

ପୀତାମ୍ବରର ମଦନିଶା ପୁରାପୁରି ଛାଡ଼ି ଯାଇଥିଲା ସେତେବେଳେ । ନିଶା ଛାଡ଼ିଯିବା ଫଳରେ ତା' ସାହାସ ମଧ୍ୟ କମି ଯାଇଥିଲା । ତେଲ ସରି ଆସୁଥିବା ପ୍ରଦୀପ ଭଳି ଖାଲି ଦିକ୍··· ଦିକ୍ ହେଉଥିଲା···

ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲା : ତୁମେ କାମୁଡ଼ି ଦେବାରୁ ସେ ମରିଗଲେ ?

: କେମିତି ନ ମରିବେ ? ମଣିଷର ମଧ୍ୟ ବିଷଦାନ୍ତ ଅଛି ପିତାମ୍ବର । ଗୋଟାଏ ନାଗୁଣୀ··· ନାଗଦେବତାଙ୍କ କନ୍ୟା··· ନାଗକନ୍ୟା···।

ପଦ୍ମଗନ୍ଧା ପାଖରୁ ଘୁଞ୍ଚି ଆସୁଥିଲା ପୀତାମ୍ବର··· ଓଲଟା ପଦ୍ମଗନ୍ଧା ତାକୁ ଟାଣି ଧରିଲା···

: ଆରେ କ'ଣ ହେଲା··· ? ମୋ କଥାକୁ ବିଶ୍ୱାସ ହେଉନାହିଁ ନା ? ମନୁଷ୍ୟର ମଧ୍ୟ ବିଷ ଅଛି ପୀତାମ୍ବର, ଆଉ ସେ ବିଷ ସବୁଠାରୁ ଭୟଙ୍କର । ଦେଖିବ ସେ ବିଷଦନ୍ତକୁ··· ?

ପୀତାମ୍ବରକୁ ଭୟଗ୍ରାସ କରିସାରିଥିଲା···

: ନା··· ଆଉ ପଦ୍ମଗନ୍ଧା, ସେ ସବୁର ଆଲୋଚନା ବର୍ତ୍ତମାନ ନକଲେ ଭଲ ହୁଅନ୍ତା ।

: ଆରେ ଏତେଭୟ କରୁଛ କାହାକୁ ? ମୁଁ ପରା ପାଖରେ ଅଛି । ତୁମ ପ୍ରିୟତମା··· ତୁମ ଜନ୍ମ ଜନ୍ମାନ୍ତର ସାଥି··· ତୁମ ପଦ୍ମଗନ୍ଧା···

ପୀତାମ୍ବରକୁ ନିଜ ଆଡ଼କୁ ଟାଣି ଆଣି ପଦ୍ମଗନ୍ଧା ପୁଣି କହିଲା···

: ଉପର ମାଢ଼ିର ବାହାରକୁ ଦେଖା ଯାଉଥିବା ଦନ୍ତପନ୍ତିର ଦୁଇ ପାଖରେ ଦୁଇଟା ଗୋଜିଆ ଦାନ୍ତ ଅଛି । ତା'ର ସାମନା ଭାଗ ଟିକିଏ ବଙ୍କା । ମନୁଷ୍ୟ ଅତ୍ୟଧିକ ରାଗିଥିବା ଅବସ୍ଥାରେ ସେ ଦାନ୍ତ ଦୁଇଟା ଯଦି କାହା ଦେହରେ ବସାଇ ଦିଏ, ତାହା ସର୍ପ ଦଂଶନ ପରି

କାମକରେ । ସେଇ ଦାନ୍ତ ଦୁଇଟାକୁ ମୁଁ ବୁଢ଼ା ହାତରେ ବସାଇ ଦେଲି । ଜାଣି ପାରୁ ନାହଁ ନା··· ? ମୋ ଦାନ୍ତ ଗୁଡ଼ାକୁ ଦେଖ, ଠିକ୍ ଜାଣି ପାରିବ ।

ପୀତାମ୍ବରର ସମସ୍ତ ଆଗ୍ରହ ମରି ଯାଇଥିଲା । ତା ବଦଳରେ ସ୍ଥାନ ସର୍ପ ଦଂଶନର ଭୟ ।

କିନ୍ତୁ ପଦ୍ମଗନ୍ଧା ନଛୋଡ଼ବନ୍ଧା ।

ଖସିଯିବାକୁ ଚେଷ୍ଟା କରୁଥିବା ପୀତାମ୍ବରକୁ ଖୁବ୍ ଜୋରରେ ନିଜ ବାହୁ ବନ୍ଧନ ଭିତରେ ବାନ୍ଧିରଖି, ସେ ପାଟିମେଲା କଲା । ଆସ୍ତେ ଆସ୍ତେ ତା' ପାଟିକୁ, ପୀତାମ୍ବରର ମୁହଁ ପାଖକୁ ଆଣିଲା ।

ସେ ବୁଝାଇ ଦେବାକୁ ଚାହୁଁଥିଲା, କେଉଁ ଦାନ୍ତରେ ବିଷଅଛି । କେଉଁ ଦାନ୍ତ ବସାଇ ସେ ଆର୍ତ୍ତବଲ୍ଲଭଙ୍କୁ ହତ୍ୟା କରିଛି ।

କିନ୍ତୁ, ପିତାମ୍ବରର ମନେ ହେଲା ଯେମିତି ଗୋଟାଏ ଭୟଙ୍କର ନାଗୁଣୀ ଫଣା ଉତ୍ତୋଳନ କରି, ପାଟି ମେଲାକରି ତା'ର ଗୋଜିଆ ଗୋଜିଆ ବିଷଦାନ୍ତ ଦୁଇଟାକୁ··· ତା' ମୁହଁରେ ବସାଇବା ପାଇଁ ଆଗେଇ ଆସୁଛି ।

ସମସ୍ତ ଶକ୍ତି ସଂଚାର କରି ସେ ପଦ୍ମଗନ୍ଧାକୁ ଧକ୍କାଏ ମାରି ଜୀବନ ବିକଳରେ ଧାଇଁ ଆସିଲା ପଥର ସିଢ଼ିର ପାଦ ଦେଶକୁ । ତା'ପରେ ପଡ଼ି, ଉଠି, ଛୋଟ ଛୋଟ ପାହାଚଗୁଡ଼ିକ ଅତିକ୍ରମ କରି ଆସିଲା ଗମ୍ଭୀରାକୁ ।

ଗମ୍ଭୀରାରେ ଥିବା ପ୍ରଦୀପଟି ଲିଭି ଯାଇଥିଲା କି ସେଠାରେ ନଥିଲା । ତାହା ଜାଣି ପାରିଲା ନାହିଁ ପୀତାମ୍ବର । ଅନ୍ଧାର ଭିତରେ ଯୁଆଡ଼େ ଚାହିଁଲା ସିଆଡ଼େ ମାଳ ମାଳ ସାପ ଦେଖାଗଲା ।

ଜୀବନ ବିକଳରେ ବାହାରକୁ ଆସି ଏକ ମୁହାଁ ସେ ଧାଇଁବାରେ ଲାଗିଗଲା··· ।

ସେ ଶୁଣି ପାରୁଥିଲା ପଦ୍ମଗନ୍ଧାର ଅଟ୍ଟହାସ୍ୟ ।

ସେ ଅଟ୍ଟହାସ୍ୟ ତା' ପଛରେ ଧାଉଁଥିଲା ଯେମିତି ଏକ ନିଶ୍ୱାସରେ ଅନେକ ଗୁଡ଼ିଏ ରାସ୍ତା ଆଗେଇବା ପରେ ହଠାତ୍ କ'ଣ ଗୋଟାଏ ଝୁଣ୍ଟିବାରୁ ତଳେ କଚାଡ଼ି ହୋଇ ପଡ଼ିଲା ସେ ।

ଯନ୍ତ୍ରଣା ଜଡ଼ିତ ଗଁ··· ଗଁ··· ଶବ୍ଦଶୁଣି, ତଳେ ପଡ଼ିଥିବା ଜିନିଷଟି କ'ଣ ଦେଖିବା ପାଇଁ, ଗୁରୁଣ୍ଡି ଗୁରୁଣ୍ଡି ତା' ପାଖରେ ପହଞ୍ଚିଲା ସେ । ଆଣ୍ଠୁ ମାଡ଼ି ତାକୁ ଚାହିଁଲା ।

ତାହା ଥିଲା ଚମ୍ପାବାଈର ଉଲଗ୍ନ ଶରୀର··· । ମୁହଁରୁ ତା'ର ମେଞ୍ଚା ମେଞ୍ଚା ଫେଣ ମିଶା ଗରଳ ବାହାରି ଆସୁଥିଲା । ପୀତାମ୍ବରକୁ ଦେଖି ଆଖି ଖୋଲିଲା··· ଅସ୍ପଷ୍ଟ ସ୍ୱରରେ କହିଲା···

: ମତେ ସର୍ପ ଦଂଶନ କରିଛି ବାବୁ··· । ମରି ସାରନ୍ତେଣି କେତେବେଳୁ ଖାଲି ଅପେକ୍ଷା କରିଥିଲି ତୁମକୁ । ତୁମେ··· ଆସିଗଲ, ଏଥର ଆମେ ଶାନ୍ତିରେ ମରିପାରିବା··· ନର୍କକୁ ଏକାଠି ଯାଇ ପାରିବା···

ଚିତ୍କାର କଲା ପୀତାମ୍ବର...

: ଆମେ... ନର୍କ... ଏସବୁ କ'ଣ କହୁଛୁ ଚମ୍ପା... ?

କିଛି ଉତ୍ତର ଦେଲା ନାହିଁ ଚମ୍ପାବାଈ । ଦୁଇ ହାତ ପ୍ରସାରଣ କରି ପୀତାମ୍ବରକୁ ଖୁବ୍ ଜୋରରେ ଟାଣି ଆଣିଲା ତା' ଆଡ଼କୁ । ତା'ପରେ ତା' ଗରଳ ମିଶା ଓଠକୁ ଚାପି ଧରିଲା ପୀତାମ୍ବରର ମଦୁଆ ଓଠ ଉପରେ... ।

ଆସ୍ତେ ଆସ୍ତେ ତା' ବନ୍ଧନ ଢ଼ିଲା ପଡ଼ିଗଲା...

କିନ୍ତୁ ସେତେ ବେଳକୁ କେହି ଜୀବିତ ନଥିଲେ ।

Digitized by
Deb's Library Corner

ଶେଷପର୍ବ

ପୀତାମ୍ବର ଚାଲିଯିବା ପରେ, ଚଟାଣ ଉପରୁ ଉଠି ପିଣ୍ଡି ଉପରେ ବସିଲା ପଦ୍ମଗନ୍ଧା । ଅଧରକୁ ତା'ର ମଣ୍ଡନ କରିଥିଲା ଏକ କୁଟୀଳ ହସ ।

ପାଟିରୁ ତା'ର ଆପେ... ଆପେ ବାହାରି ଆସିଲା...

: ଭୀରୁ··· କାପୁରୁଷ··· ଇଏ ପୁଣି ନାଗୁଣୀର ନାଗହେବ । ଯା' ପାଇଁ ନର୍କର ଦ୍ୱାର ଖୋଲା ହୋଇ ରହିଛି, ସେ ପୁଣି ସ୍ୱର୍ଗକୁ ଯିବ ? ତୋ' ପାଇଁ ଉପଯୁକ୍ତ ହେଉଛି, ଚମ୍ପା ଶୁଣିଆଣି··· ମୁଁ ନୁହେଁ··· ଜାରଜ··· ନ-ପୁଂସକ··· ।

ଠିକ୍ ସେତିକିବେଳେ ସୁଡ଼ଙ୍ଗ ଭିତରୁ ଆତ୍ମ ପ୍ରକାଶ କଲେ ପୂଜାରୀ ବାବା ।

ଆସୁ ଆସୁ କହିଲେ : ସବୁ ପ୍ରସ୍ତୁତି ସରିଛି ପଦ୍ମଗନ୍ଧା । ମୁଁ ନାଗଦେବତାଙ୍କୁ ଏକ ସୁରକ୍ଷିତ ସ୍ଥାନରେ ରଖି ଦେଇ ଆସିଛି । ଆମେ ଏଇ ସୁଡ଼ଙ୍ଗ ରାସ୍ତା ଦେଇ ଆଗେଇଲେ, ଜଙ୍ଗଲ ମଝିରେ ବାହାରିବା । ସେଠାରୁ ପ୍ରାୟ ପାଞ୍ଚ କିଲୋମିଟର ଆଗକୁ ଚାଲି ଚାଲି ଗଲାପରେ ଆମେ ଏକ ଭଙ୍ଗା ମନ୍ଦିର ନିକଟରେ ପହଞ୍ଚିବା । ପାଖରେ ନଈଟିଏ ଅଛି । ଚାରି ପାଖରେ ପର୍ବତ ଶ୍ରେଣୀ । ବେଶ୍ ମନଲୋଭା ପରିବେଶ, ମନ୍ଦିରଟିଏ ଅଛି । ଚାରିପାଖରେ ପର୍ବତ ଶ୍ରେଣୀ । ବେଶ୍ ମନଲୋଭା ପରିବେଶ । ମନ୍ଦିରଟି ପୁରୁଣା ହେଲେବି ଠିକ୍ ଭାବରେ ଦେଖାଶୁଣା କଲେ ସେ ପୁଣି ନୂଆ ହୋଇଯିବ । ଆମେ ମଣିନାଗଙ୍କୁ ପୁଣିଥରେ ସେଇଠି ପ୍ରତିଷ୍ଠା କରିବା । ଧାଇ ମା'ଙ୍କୁ ଖବର ପଠାଇବା, ମୋର ବିଶ୍ୱାସ ସେ ଖବର ପାଇଲା ମାତ୍ରେ ତୁମ ପାଖକୁ ଧାଇଁ ଆସିବେ ।

: ନିଶ୍ଚୟ ଆସିବେ ବାବା··· ସେ ବିଶ୍ୱାସ ମୋର ଅଛି ।

: ଜାଣେ··· । କିନ୍ତୁ, ତୁମେ ଶେଷଥର ପାଇଁ ଚିନ୍ତାକର··· ଭଲ ଭାବରେ ଚିନ୍ତାକର··· ମତେ ଗ୍ରହଣ କରି ତୁମେ ସୁଖୀ ହୋଇ ପାରିବ ତ ? କାରଣ···

ପଦ୍ମଗନ୍ଧା ପୂଜାରୀଙ୍କ ପାଦତଳେ ମଥା ଲଗାଇ ପ୍ରଣାମ କଲା । କୋମଳ ଏବଂ ଶାନ୍ତ ସ୍ୱରରେ କହିଲା : ବାବା ! ମତେ ଯାହା ସହିତ ବିବାହ ଦିଆ ଯାଉଥିଲା, ସେ ଆପଣଙ୍କ ଠାରୁ ଆହୁରି ବୟସ୍କ । ମୁଁ ବୟସ ଖୋଜେ ନା, ମୁଁ ଖୋଜେ ମୋର ସ୍ୱାମୀ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଧାରୀ ମନୁଷ୍ୟ ହୋଇଥା'ନ୍ତୁ । ତାଙ୍କୁ ସଂସାରର ସବୁ ବିଦ୍ୟା ଗୋଚର ଥାଉ । ସେ ମୋ ବିଶ୍ୱାସକୁ ଠିକ୍ ଭାବେ ମୂଲ୍ୟ ଦେଇ ପାରନ୍ତୁ । ଆପଣ ମୋର ସ୍ୱାମୀ··· ମୋର ଦେବତା··· । ଆପଣଙ୍କ ପାଖେ ପାଖେ ରହି ମୁଁ ମଣିନାଗଙ୍କ ସେବା କରିବି, ସର୍ପତନ୍ତ୍ର ଉପରେ ଯେତେ ରହସ୍ୟ ଅଛି ତାକୁ ଶିକ୍ଷା କରିବି । ଆପଣ ହିଁ ମୋର ନାଗ··· ଆଉ ମୁଁ ଆପଣଙ୍କ ନାଗୁଣୀ । ମୋର ଏକମାତ୍ର ପରିଚୟ ହେବ, ମୁଁ ମଣିନାଗଙ୍କ ମାନସ କନ୍ୟା, "ନାଗକନ୍ୟା" ।

ପଦ୍ମଗନ୍ଧାକୁ ପାଦ ଦେଶରୁ ଉଠାଇ, ଛାତିରେ ଚୋଳି ଧରିଲେ ପୂଜାରି ବାବା । ତା' ଲଲାଟ ଉପରେ ଏକ ମଧୁର ଚୁମ୍ବନ ଆଙ୍କି ଦେଇ କହିଲେ···

: ସତରେ, ତୁମେ ହିଁ ମୋର ନାଗୁଣୀ ପଦ୍ମଗନ୍ଧା । ପୂର୍ବ ଜନ୍ମରେ ଆମେ ଦୁହେଁ ପ୍ରେମିକ ପ୍ରେମିକା ଥିଲେ ।

ଆମର ମିଳନ ହୋଇ ପାରିନଥିଲା । ମଣିନାଗଙ୍କ କୃପାରୁ ସେ ରହସ୍ୟ ମୁଁ ଜାଣି ପାରିଛି । ତୁମ ସହିତ ଏକାଠି ହେବା ପାଇଁ ମୁଁ ଏଠାକୁ ଆସି ତୁମ ବାବାଙ୍କ ସହ ଯୋଗରେ ଏଠାରେ ଥିବା ଏହି ପୁରୁଣା ମନ୍ଦିରକୁ ସଂସ୍କାର କରି, ଏଠାରେ ମଣିନାଗଙ୍କୁ ପ୍ରତିଷ୍ଠା କରିଥିଲି । ଅବଶ୍ୟ ଏ ମନ୍ଦିରର ଐତିହ୍ୟ ଥିଲା; କିନ୍ତୁ ପ୍ରତିଷ୍ଠା ନଥିଲା । ସାଧନା ବଳରେ ମୁଁ ଦିନୁ ତୁମକୁ ଚିହ୍ନି ପାରିଥିଲି; କିନ୍ତୁ ତୁମେ ମତେ ଚିହ୍ନି ପାରିନଥିଲ । ସେଥି ପାଇଁ ସାତାମ୍ବର ସହିତ ତୁମର ମିଳାମିଶାକୁ ମୁଁ କେବେ ଉପେକ୍ଷା କରି ନାହିଁ, କି ସନ୍ଦେହ ଚକ୍ଷୁରେ ଦେଖିନାହିଁ । ବରଂ ସ୍ନେହ, ଶ୍ରଦ୍ଧା ଦେଖାଇଛି । ତୁମର ଖୁସୀ ପାଇଁ ମୁଁ ମଧ୍ୟ ତାକୁ ଏକଦା ଜୀବନଦାନ ଦେଇଛି । କାରଣ ମୁଁ ଜାଣିଥିଲି, ଯାହା ଘଟିଗଲେ ମଧ୍ୟ, ତୁମେ ବିବାହ ପୂର୍ବରୁ ମୋ ପାଖକୁ ଫେରି ଆସିବ । ମଣିନାଗଙ୍କ ଦୟାରୁ ଠିକ୍ ସେଇଆ ହୋଇଛି ।

ଏଇଥିଲା ନାଗକନ୍ୟା ଜୀବନର ଅସଲ ରହସ୍ୟ । ଯାହା ସାଧକ, ପୂଜାରୀ ବାବା ବର୍ଣ୍ଣନା କରିଗଲେ ।

ଶେଷରେ ସେ ନିଜେ କାହାଣୀର ଯବନିକା ଟାଣିଲେ । କହିଲେ...

: ଧର୍ମକୁ ସାକ୍ଷୀ ରଖି, ମୁଁ ତୁମକୁ ପତ୍ନୀ ରୂପରେ ଗ୍ରହଣ କଲି ପଦ୍ମଗନ୍ଧା । ଆମେ ଦୁହେଁ ଆମର ଅବଶିଷ୍ଟ ଜୀବନ ନାଗ ଦେବତାଙ୍କୁ ଆରାଧନା କରି ତନ୍ତ୍ର

ସାଧନାରେ କଟାଇ ଦେବା । ଦେବତାଙ୍କ କୃପାରୁ ତୁମେ ମଧ୍ୟ ତୁମ ଅତୀତ ଜୀବନ ସଂପର୍କରେ ସବୁଜାଣି ପାରିବ ।

ତିନୋଟି ଜୀବନ ଦେଇ ଆମେ ଆଗେଇ ଆସିଛେ । ହେଲେ ଆମର ମିଳନ ହୋଇ ପାରିନଥିଲା । ଗତ ଜନ୍ମରେ ଆମେ ଦୁହେଁ ନାଗ ନାଗୁଣୀ ହୋଇ ଜନ୍ମ ନେଇଥିଲେ । ଦୁହେଁ ଗୋଟିଏ ବୃକ୍ଷଛାୟା ତଳେ ପ୍ରେମାଳାପ କରୁଥିଲା ବେଳେ, ଏଇ ଆର୍ତ୍ତବଲ୍ଲଭ, ଯିଏ କି ଶବର ଘରେ ଜନ୍ମ ହୋଇଥିଲା, ତୀର ମାରି ତୁମକୁ ହତ୍ୟା କଲା । ତୁମକୁ ଝୁରି ଝୁରି ମୁଁ ମଧ୍ୟ ପ୍ରାଣ ତ୍ୟାଗ କଲି ।

ଆମର ପୁଣି ପୁର୍ନଃଜନ୍ମ ହେଲା ମନୁଷ୍ୟ ରୂପରେ । ମୁଁ ଜାଣିଥିଲି, ଏଇଟା ଆମର ଶେଷ ଜନ୍ମ । ଏହାପରେ ଆମ ଆତ୍ମା ମୁକ୍ତି ପାଇବ । ତୁମେ ନିଜ ଅଜ୍ଞାତରେ ଆର୍ତ୍ତବଲ୍ଲବଠାରୁ ପ୍ରତିଶୋଧ ନେଇ ସାରିଛ । ଆଉ ମୁଁ··· ପୀତାମ୍ବର ଓ ଚମ୍ପାବାଇକୁ ଉଚିତ ଶିକ୍ଷା ଦେଇ ସାରିଛି । ଚମ୍ପା, ପୀତାମ୍ବରକୁ ମଇଳା କରିଥିଲା, ଆଉ ପୀତାମ୍ବର ଚାହୁଁଥିଲା ତୁମକୁ ମଇଳା କରିବାକୁ···

ଆଶ୍ଚର୍ଯ୍ୟ ନେତ୍ରରେ ପଦ୍ମଗନ୍ଧା ଚାହିଁଲା···

: ଆପଣ··· ମାନେ··· ତୁମେ··· ?

ସ୍ମିତ ହସିଲେ ପୂଜାରୀ···

: ହଁ, ମୁଁ··· । ନାଗଦେବତାଙ୍କ ଦୟାରୁ ସର୍ପ ରୂପ ଧାରଣ କରିବା କ୍ଷମତା ମୋର ଅଛି । ଆଉ ମୋ

ସ୍ପର୍ଶ ପାଇଲେ ତୁମେ ମଧ୍ୟ ଗୋଟିଏ ସର୍ପ ପାଲଟି ଯିବ ।

ହସ୍ତ ପ୍ରସାର କରି ପଦ୍ମଗନ୍ଧାକୁ ଆଲିଙ୍ଗନ କଲେ ପୂଜାରୀ ।

ପରକ୍ଷଣରେ ଦୁହେଁ ଦୁଇଟି ସୁନ୍ଦର ସର୍ପ ପାଲଟି ଗଲେ । ଜଣେ ନାଗ ଆଉ ଜଣେ ନାଗୁଣୀ । ଦୁହେଁ ଛନ୍ଦା ଛନ୍ଦି ହୋଇ ସୁଡ଼ଙ୍ଗ ଭିତରେ ପଶିଗଲେ··· ।

ରାତ୍ରୀ ପାହିବାକୁ ଆଉ ମାତ୍ର ଗୋଟିଏ ପ୍ରହର ବାକି ରହି ଯାଇଥିଲା ସେତେବେଳେ ।

Digitized by
Deb's Library Corner
At/P.O.-Tambahara
Via-Harichandanpur
Dist-Kendujhar
State-Odisha,Pin-758028
Email-debaraj.123456789@gmail.com
Contact:-9556804309
Telegram Link :- https://t.me/debslibrarycorner

Book Contributed by Raghunath Sethy,Tambahara